ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୩୧/୨୦୨୧ (୮+୮=୧୬ ପୃଷ୍ଠା+ଛୁଟିଦିନ) | Sambalpur, Sunday, October 31/2021 | ★★

୧୭ଶ ଭାଗ ୩୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଟାବ୍ରେଜ ସାମ୍‌ସି ପ୍ଲେୟର ଅଫ୍ ଦି ମ୍ୟାଚ୍**

ଶ୍ରୀଲଙ୍କା ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ଦକ୍ଷିଣ ଆଫ୍ରିକା ରିଷ୍ଟ ସ୍ପିନର ଟାବ୍ରେଜ ସାମ୍‌ସି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୦୮

୦୭

**ଜାନୁୟାରୀରେ ରାଜକୁମାରଙ୍କ 'ବଧାଇ ଦୋ'**

ଆସନ୍ତା ଜାନୁୟାରୀରେ ଅଭିନେତା ରାଜକୁମାର ରାଓଙ୍କ ପାରିବାରିକ କମେଡି ଫିଲ୍ମ ସିନେମା ହଲରେ ମୁକ୍ତିଲାଭ କରିବ।








**ଆଜିର ସମ୍ପାଦକୀୟ**

## ଅଧିକାର ନାହିଁ

**ଆଜିର ମନ୍ତବ୍ୟ**

" କଂଗ୍ରେସକୁ ଫେରିବା ନେଇ ପ୍ରକାଶ ପାଉଥିବା ରିପୋର୍ଟର କୌଣସି ଆଧାର ନାହିଁ। ଦଳ ସହ ଆଲୋଚନାର ସମୟ ସରିଯାଇଛି।

**-ଅମରିନ୍ଦର ସିଂ, ପଞ୍ଜାବ ପୂର୍ବତନ ମୁଖ୍ୟମନ୍ତ୍ରୀ**

# ପେଟ୍ରୋଲ ୩୫, ଡିଜେଲ ୩୮ ପଇସା ବଢ଼ିଲା



**ଭୁବନେଶ୍ୱର/ନୂଆଦିଲ୍ଲୀ,୩୦।୧୦**

ଲଗାତର ୪ର୍ଥ ଦିନ ପାଇଁ ସାରା ଦେଶରେ ତୈଳ ଦର ବୃଦ୍ଧି ପାଇଛି। ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ୩୫ ପଇସା ଏବଂ ଡିଜେଲ ୩୮ ପଇସା ବୃଦ୍ଧି ଘଟିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୯.୯୬ ଟଙ୍କା ଏବଂ ଡିଜେଲ ୧୦୬.୬୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକରେ ଡିଜେଲ ଲିଟର ୧୦୬.୯୪ ଓ ପେଟ୍ରୋଲ ୧୧୦.୩୨ ଟଙ୍କାରେ ପହଞ୍ଚିଛି। ୨୪ ସେପ୍ଟେମ୍ବରରୁ ୩୦ଅକ୍ଟୋବର ମଧ୍ୟରେ ଡିଜେଲ ପ୍ରାୟ ୧୦ ଟଙ୍କା (୯.୯୯ଟଙ୍କା) ଏବଂ ପେଟ୍ରୋଲ ୭.୯୨ ଟଙ୍କା ବୃଦ୍ଧି ପାଇଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନର ସମ୍ପାଦକ ସଞ୍ଜୟ ଲାଠ ସୂଚନା ଦେଇଛନ୍ତି।

# ଦରବୃଦ୍ଧିକୁ ବିଜେଡିର ବିରୋଧ

**ଭୁବନେଶ୍ୱର,୩୦।୧୦(ବ୍ୟୁରୋ)**

ପେଟ୍ରୋଲ, ଡିଜେଲ ଓ ଏଲ୍‌ପିଜି ସମେତ ଆବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ଘଟିଛି। ଏହା ବିରୋଧରେ ବିଜୁ ଜନତା ଦଳ ଯୁଦ୍ଧଂ ଦେହି ଡାକରା ଦେଇଛି । ରାଜଧାନୀଠାରୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଦଳ ପକ୍ଷରୁ ପ୍ରତିବାଦ କରାଯିବ ବୋଲି ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ ଓ ପ୍ରମିଳା ମଲ୍ଲିକ ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ବିଜେଡି ନେତା କହିଛନ୍ତି ଯେ ପେଟ୍ରୋଲ, ଡିଜେଲ ଓ ଏଲ୍‌ପିଜି ଦର ସମେତ ଆବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ଯୋଗୁ ଓଡ଼ିଶା ତଥା ସମଗ୍ର ଦେଶର ସାଧାରଣ ଜନତା ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। କେନ୍ଦ୍ରରେ କ୍ଷମତାସୀନ ଭାଜପା ସରକାର ଏହି ଦରଦାମ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଦର ବୃଦ୍ଧି ପ୍ରତିବାଦରେ ରବିବାର ବିଜୁ ମହିଳା ଜନତା ଦଳ ପକ୍ଷରୁ

### ଆଜି ରାଜଭବନ ସମ୍ମୁଖରେ ବିକ୍ଷୋଭ

### ୧ରେ ନିର୍ବାଚନମଣ୍ଡଳୀ ସ୍ତରରେ ପ୍ରତିବାଦ

ରାଜଭବନ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯିବ । କେନ୍ଦ୍ରର ଭାଜପା ସରକାର ଦ୍ୱାରା ପେଟ୍ରୋଲ, ଡିଜେଲ, ଏଲ୍‌ପିଜି, ଖାଇବାତେଲ, ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ହ୍ରାସ ଦାବିରେ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ । ସେହିପରି ନଭେମ୍ବର ୧ ତାରିଖରେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରରେ ବିଜୁ ଜନତା ଦଳ ପକ୍ଷରୁ ପ୍ରତିବାଦ କରାଯିବା ସହିତ ଜିଲାପାଳ, ଉପଜିଲାପାଳ, ବିଡିଓ କିମ୍ବା ଅନ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି ।





TCL
GLOBAL TOP 2 TV BRAND IN Q2 2020 BY OMDIA
MADE IN INDIA
Mini LED QLED
TCL DIWALI DHAMAKA
Up To 50% OFF* | Easy EMI | Up To ₹10,000 Cashback*
*T&C Apply
QLED TV AI-IN C715
3 YEARS WARRANTY*
QLED
Dolby VISION·ATMOS
HANDS-FREE VOICE CONTROL
Full Screen+ Metallic Frame
Available Sizes: 50, 55 & 65
EMI Starts from: ₹ 4,699
4K UHD androidtv AI-IN P615
3 YEARS WARRANTY*
4K HDR
2GB + 16GB RAM & ROM
Google Assistant
Dolby Audio 24W SPEAKER
Available Sizes: 43, 50, 55, 65 & 75
EMI Starts from: ₹ 2,799
FHD/HD androidtv AI-IN S5200/S5201
2 YEARS WARRANTY*
HDR
androidtv
Google Assistant
Dolby Audio 20W SPEAKER
Available Sizes: 32 & 43
EMI Starts from: ₹ 1,416*
Healthy Smart AC Ocarina Series
Bacteria Eliminating Rate >98.66%
Bipolar Ionic Generator
Gentle Breeze
40% Energy Saving
60°C High Ambient Cooling
1.5 TON ₹ 35,990
AI Ultra-Inverter AC Elite Series
Vitamin C Filter
50% Energy Saving
Titan Gold Evaporator & Condenser
30 Sec Fast Cooling
1 TON ₹ 27,990
1.5 TON ₹ 32,990
Fully Automatic Front Load Washing Machine
95° Hot Water Wash
Honeycomb Crystal Drum
16 Wash Programs
Energy Efficient
Starting Price: ₹ 23,990
Fully Automatic Top Load Washing Machine
Auto Drum Clean
Honeycomb Crystal Drum
8 wash programs
Energy Efficient
Starting Price: ₹ 20,990
0% DOWN PAYMENT Easy EMI Available:
kotak
BAJAJ FINSERV
HDB FINANCIAL SERVICES
www.tcl.com
/TheCreativeLifeIndia
Toll Free: 1800 419 0622
Available At
Reliance digital
Great Eastern RETAIL
GUPTA DISTRIBUTORS
PATRA
Authorised Distributor
Unitouch Trade, Contact - N. Das - 8917479869, Tilochan- 9583067676, Umesh-7978657656, Pintu- 7790018637
SAMBHALPUR: Sumit Bi-Tech- 8738001234, Vyas Digital- 7894455846
FOR TRADE & ENQUIRY - BRANCH MANAGER: ABHISHEK KUMAR - 8697900100, TRADE MARKETING: BISWA MOHANTY - 9669698152

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୭୦,୦୯,୭୧୦ | ୫୦,୦୮,୬୮୪ | ୨୨,୩୭,୨୨,୮୨୨ |
| ଭାରତ | ୩,୪୨,୭୨,୨୬୦ | ୪,୫୮,୨୧୩ | ୩,୩୬,୪୭,୦୫୫ |
| ଓଡ଼ିଶା | ୧୦,୪୦,୯୬୯ | ୮୩୨୯(+୫୩) | ୧୦,୨୮,୬୯୭ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର







# ସ୍ୱତନ୍ତ୍ର ଶିକ୍ଷକ ପଦବୀ ପୂରଣ କର

**ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଆୟୋଗଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ଦେଶରେ ସ୍ୱତନ୍ତ୍ର ବ୍ୟବସ୍ଥା ଆବଶ୍ୟକ କରୁଥିବା ପିଲାଙ୍କ ପାଇଁ ନିୟମିତ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଜରୁରୀ ହୋଇପଡ଼ିଛି। ତେଣୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ସ୍ୱତନ୍ତ୍ର ଶିକ୍ଷକ ପଦବୀ ପୂରଣ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରିହାବିଲିଟେଶନ କାଉନ୍‌ସିଲ ଅଫ୍ ଇଣ୍ଡିଆ ନିକଟରେ ସ୍ୱତନ୍ତ୍ର ଶିକ୍ଷକ ପଦବୀ ପାଇଁ ୧,୨୦,୭୨୧ ଜଣ ନାମ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କ ମଧ୍ୟରେ ଓଡ଼ିଶାରୁ ୫,୯୬୬ ରହିଛନ୍ତି। ପିଲା ଓ ଶିକ୍ଷକ ଆନୁପାତିକ ହାରରେ ସ୍ୱତନ୍ତ୍ର ଶିକ୍ଷକଙ୍କୁ ନିୟମିତ ନିଯୁକ୍ତି ଦେବାକୁ ରାଜ୍ୟଗୁଡ଼ିକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ନ୍ୟାଶନାଲ କାଉନ୍‌ସିଲ ଅଫ୍ ଟିଚର୍ସ ଏଜୁକେଶନ(ଏନ୍‌ସିଟିଇ) ଦ୍ୱାରା ପଞ୍ଜୀକୃତ ଏବଂ ସ୍ୱୀକୃତିପ୍ରାପ୍ତ ଶିକ୍ଷକଙ୍କ ଥଇଥାନ ଜରୁରୀ ହୋଇପଡ଼ିଛି। ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନ୍‌ଫର୍ମେଶନ ସିଷ୍ଟମରୁ ମିଳିଥିବା ତଥ୍ୟ ଅନୁସାରେ ସାରା ଦେଶରେ ୨୨.୫ଲକ୍ଷ ସ୍ୱତନ୍ତ୍ର ବ୍ୟବସ୍ଥା ଆବଶ୍ୟକ କରୁଥିବା ପିଲା(ସିଡବ୍ଲ୍ୟୁଏସ୍ଏନ୍) ଅଛନ୍ତି। ସେମାନଙ୍କ ପାଇଁ ମାତ୍ର ୪.୩୩ଲକ୍ଷ ସାଧାରଣ ଶିକ୍ଷକ ପ୍ରଶିକ୍ଷଣ ପାଇଛନ୍ତି। ଏହା ସହିତ ଏହି ଶିକ୍ଷକମାନେ ସାଧାରଣ ପିଲାଙ୍କୁ ମଧ୍ୟ ପଢ଼ାଉଛନ୍ତି। ଅନ୍ୟପକ୍ଷରେ ସିଡବ୍ଲ୍ୟୁଏସ୍ଏନ୍‌ଙ୍କ ପାଇଁ ଦେଶରେ ଏବେ ମାତ୍ର ୨୮,୫୩୫ ସ୍ୱତନ୍ତ୍ର ଶିକ୍ଷକ ରହିଛନ୍ତି, ଯାହାକି ଆବଶ୍ୟକଠାରୁ ବହୁତ କମ୍ ବୋଲି ବିଚାରପତି ଏ.ଏମ୍.ଖାନ୍‌ୱିଲ୍‌କର,



ଦୀନେଶ ମାହେଶ୍ୱରୀ ଏବଂ ସି.ଟି. ରବିକୁମାରଙ୍କ ନେଇ ଗଠିତ ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ ଦିଆଯାଉଥିବା ଏହି ନିର୍ଦ୍ଦେଶକୁ ଯେପରି ଠିକ୍ ଭାବେ କାର୍ଯ୍ୟକାରୀ କରାଯିବ ଏବଂ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କୁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବାକୁ ସୁପାରିସ କରାଯିବା ସହ ଆସନ୍ତା ଫେବୃୟାରୀ ଶେଷ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟ ଆୟୋଗଙ୍କୁ ଖଣ୍ଡପୀଠ କହିଛନ୍ତି। ଏପରି କି ଭିତ୍ତିଭୂମି ଥିବା ସାଧାରଣ ବିଦ୍ୟାଳୟଗୁଡ଼ିକରେ ସିଡବ୍ଲ୍ୟୁଏସ୍ଏନ୍ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ଦାନ ଏବଂ ଏଥିପାଇଁ ଶିକ୍ଷକ ଓ କର୍ମଚାରୀଙ୍କୁ ଯେପରି ବାଧ୍ୟତାମୂଳକ ପ୍ରଶିକ୍ଷଣ ଦିଆଯାଇପାରିବ ସେନେଇ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

# ୧ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

୨୦୨୨ ଜାନୁୟାରୀ ୧ ତାରିଖକୁ ଯୋଗ୍ୟତାଭିତ୍ତିକ ତାରିଖ ଭାବେ ଗ୍ରହଣ କରି ଭାରତ ନିର୍ବାଚନ ଆୟୋଗ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକାର ସଂଶୋଧନ କାର୍ଯ୍ୟକ୍ରମ କରିବାକୁ ଯାଉଛନ୍ତି । ଶନିବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ୨୦୨୧ ନଭେମ୍ବର ୧ ତାରିଖରେ ରାଜ୍ୟର ସମସ୍ତ ୩୭,୬୦୬ଟି ଭୋଟଗଣତି କେନ୍ଦ୍ର ସହ ୫୮ଟି ଉପଜିଲାପାଳ ତଥା ଭୋଟ ପଞ୍ଜୀକରଣ ଅଧିକାରୀ ଓ ୩୦ଟି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ଭୋଟ ପଞ୍ଜୀକରଣ ଅଧିକାରୀ ମାଗଣାରେ ସମସ୍ତ ଜାତୀୟ ଓ ରାଜ୍ୟସ୍ତରର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ଚିଠା ଭୋଟର ତାଲିକାର କପି ପ୍ରଦାନ କରିବେ। ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନେ ନିର୍ଦ୍ଧାରିତ ମୂଲ୍ୟ ଦେଇ ଭୋଟର ତାଲିକାର କପି ନେଇପାରିବେ ।

ଭୋଟରମାନେ ମଧ୍ୟ ଏହାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍‌ସାଇଟ www. ceoorissa.nic.in ମାଧ୍ୟମରେ ଭୋଟର ତାଲିକାରେ ସେମାନଙ୍କ ନାମ ଯୋଗ ବା ବାଦ୍ ଦେବା କିମ୍ବା ତ୍ରୁଟି ସଂଶୋଧନ ନିମନ୍ତେ ଦାବି ଓ ଆପତ୍ତି ସଂପୃକ୍ତ ଭୋଟ ପଞ୍ଜୀକରଣ ଅଧିକାରୀଙ୍କୁ ନିର୍ଦ୍ଧାରିତ ଫର୍ମ ମାଧ୍ୟମରେ ଜଣାଇପାରିବେ ।

ଏହାଛଡ଼ା ନାଗରିକମାନେ ମଧ୍ୟ ବୁଥ୍‌ସ୍ତରୀୟ ଅଧିକାରୀ ସାଧାରଣତଃ ଶିକ୍ଷକ କିମ୍ବା ଅଙ୍ଗନୱାଡି କର୍ମୀ ଦାୟିତ୍ୱରେ ଥାଆନ୍ତି, ସେମାନଙ୍କୁ ମଧ୍ୟ ନିର୍ଦ୍ଧାରିତ ଫର୍ମ ପୂରଣ କରି ଦାବି ଓ ଆପତ୍ତି ସମ୍ପର୍କରେ ନଭେମ୍ବର ୧ ରୁ ୩୦ ତାରିଖ ମଧ୍ୟରେ ଜଣାଇପାରିବେ। ଏହାଛଡ଼ା ଭାରତ ନିର୍ବାଚନ ଆୟୋଗ ଏକ ନାଗରିକ ଅନୁକୂଳ ଆପ୍ ଭୋଟର ହେଲ୍‌ପଲାଇନ ଆପ୍ ଏବଂ nvsp. in ଆପ୍ ପ୍ରଚଳନ କରିଛନ୍ତି। ଏହାଦ୍ୱାରା ନାଗରିକମାନେ ଭୋଟର ତାଲିକାରେ ସେମାନଙ୍କର ନାମ ଯୋଗ ବା ବାଦ୍ ଦେବା କିମ୍ବା ତ୍ରୁଟି ସଂଶୋଧନ ନିମନ୍ତେ ଦାବି ଓ ଆପତ୍ତି ସଂପୃକ୍ତ ଭୋଟ ପଞ୍ଜୀକରଣ ଅଧିକାରୀଙ୍କୁ ନିର୍ଦ୍ଧାରିତ ଫର୍ମ ମାଧ୍ୟମରେ ଜଣାଇପାରିବେ ।

ଏହାଛଡ଼ା ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଧାରିତ ଫର୍ମ ପୂରଣ କରି ଦାବି ଓ ଆପତ୍ତି ସମ୍ପର୍କରେ ନଭେମ୍ବର ୧ ତାରିଖଠାରୁ ନଭେମ୍ବର ୩୦ ତାରିଖ ମଧ୍ୟରେ ଜଣାଇପାରିବେ । ଭୋଟର ତାଲିକାରେ ନୂତନ ଭାବେ ନାମ ପଞ୍ଜୀକରଣ ନିମନ୍ତେ ଫର୍ମ ନଂ-୬, ଭୋଟର ତାଲିକାରୁ ନାମ ବାଦ୍ ଦେବା ନିମନ୍ତେ ଫର୍ମ ନଂ-୭ ଓ ଭୋଟର ତାଲିକାରେ ନାମ, ଠିକଣା ଓ ବୟସ ଇତ୍ୟାଦିରେ ତ୍ରୁଟି ଥିଲେ ଫର୍ମ ନଂ-୮ରେ ଆବେଦନ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଗୋଟିଏ ନିର୍ବାଚନମଣ୍ଡଳୀ ମଧ୍ୟରେ ଅନ୍ୟ ଏକ ସ୍ଥାନ ପରିବର୍ତ୍ତନ କରିବାକୁ ହେଲେ ଫର୍ମ ନଂ-୮(କ)ରେ ଆବେଦନ କରିବାକୁ ହେବ। ନିର୍ଦ୍ଧାରିତ ଆପ୍ ଡାଉନଲୋଡ୍ କରି ସାରିବା ପରେ ଫର୍ମ ପୂରଣ କରିବାକୁ ହେବ। ବାସସ୍ଥାନ ଠିକଣା ନିମନ୍ତେ ବିଦ୍ୟୁତ ବିଲ୍, ଟେଲିଫୋନ୍ ବିଲ୍, ଜମିଜମା ଦସ୍ତାବିଜ ସ୍କାନ୍ କପି ଅପଲୋଡ୍ କରିବାକୁ ହେବ । ସେହିପରି ଜନ୍ମତାରିଖ ପ୍ରମାଣିତ କରିବା ନିମନ୍ତେ ଜନ୍ମ ପ୍ରମାଣପତ୍ର, ପାସପୋର୍ଟ, ପାନ୍‌କାର୍ଡ, ମାଟ୍ରିକ୍ ସାର୍ଟିଫିକେଟ୍, ଡ୍ରାଇଭିଂ ଲାଇସେନ୍ସର ସ୍କାନ୍ କପି ସହ ପାସପୋର୍ଟ ସାଇଜ୍ ଫଟୋ ଅପ୍‌ଲୋଡ କରିବାକୁ ହେବ । ଏଥିରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ନାଗରିକ ନିଜେ ନିଜର ଫର୍ମ ପୂରଣ କରୁଥିବାରୁ ତ୍ରୁଟିଶୂନ୍ୟ ଭୋଟର ତାଲିକା ବା ଫଟୋ ପରିଚୟପତ୍ର ହୋଇପାରିବ । ଉଭୟ ଇଂଲିଶ ଏବଂ ଓଡ଼ିଆରେ ନିଜର ନାମ, ଠିକଣା ଓ ବୟସ ଇତ୍ୟାଦି ଭୋଟର ପରିଚୟପତ୍ର ଓ ଭୋଟର ତାଲିକାରେ ତ୍ରୁଟିଶୂନ୍ୟ ହୋଇପାରିବ ।

ଜିଲାସ୍ତରରେ ସମସ୍ତ ରାଜନୈତିକ ଦଳମାନଙ୍କ ସହ ବୈଠକ କରାଯାଇ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି କରାଯିବ। ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତିରେ ଭୋଟ ପଞ୍ଜୀକରଣ ଅଧିକାରୀଙ୍କୁ ସହାୟତା କରିବେ। ଯେପରି ଜଣେ ଯୋଗ୍ୟ ଭୋଟର ବାଦ୍ ନ ପଡ଼ନ୍ତି ସେଥିନିମନ୍ତେ ନଭେମ୍ବର ମାସର ପ୍ରଥମ ଓ ତୃତୀୟ ରବିବାର ଅର୍ଥାତ୍ ନଭେମ୍ବର ୭ ତାରିଖ ଓ ନଭେମ୍ବର ୨୧ ତାରିଖରେ ସବୁ ବୁଥ୍‌ରେ 'ସ୍ୱତନ୍ତ୍ର ଅଭିଯାନ' ଆରମ୍ଭ ହେବ। ଉକ୍ତ ଦିନ ବୁଥ୍‌ସ୍ତରୀୟ ଅଧିକାରୀମାନେ ସକାଳ ୧୦ଟାଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଉପସ୍ଥିତ ରହି ନାଗରିକମାନଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରିବେ।

ଏହି କାର୍ଯ୍ୟକ୍ରମକୁ ତଦାରଖ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ୯ ଜଣ ବରିଷ୍ଠ ଅଧିକାରୀଙ୍କୁ ରୋଲ୍ ଅବଜରଭର ଭାବେ ନିଯୁକ୍ତ କରାଯାଇଛି । ରୋଲ୍ ଅବଜରଭରମାନେ ଜିଲାକୁ ଜିଲା ଗସ୍ତ କରି ଏ ସମସ୍ତ କାର୍ଯ୍ୟର ତଦାରଖ କରି ଜିଲା ନିର୍ବାଚନ ଅଧିକାରୀଙ୍କୁ ଜଣାଇବେ । ଡିସେମ୍ବର ୨୦ ତାରିଖ ସୁଦ୍ଧା ସମସ୍ତ ଆପତ୍ତି ଅଭିଯୋଗଗୁଡ଼ିକର ଫଇସଲା ହେବ ଓ ଚୂଡ଼ାନ୍ତ ଭୋଟର ତାଲିକା ୨୦୨୨ ଜାନୁୟାରୀ ୫ ତାରିଖରେ ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି ।

ଭୋଟରମାନଙ୍କ ଘରକୁ ଭୋଟ ପରିଚୟପତ୍ର ସ୍ପିଡ୍‌ପୋଷ୍ଟ ମାଧ୍ୟମରେ ପଠାଇବା ନିମନ୍ତେ ଭାରତ ନିର୍ବାଚନ ଆୟୋଗ ଯୋଜନା ପ୍ରସ୍ତୁତ କରିଛନ୍ତି । ଏଥି ନିମନ୍ତେ ଫର୍ମ ପୂରଣ ସମୟରେ ଠିକ୍ ଡାକ ଠିକଣା ସହ ଏକକ ମୋବାଇଲ୍ ନମ୍ବର ଦେବାକୁ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି ।

# ୯ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍‌ର ଅଣସଂରକ୍ଷିତ ଟିକେଟରେ ଯାତ୍ରାକୁ ଅନୁମତି

ଭୁବନେଶ୍ୱର,୩୦।୧୦

ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୯ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍‌ର ଅଣସଂରକ୍ଷିତ ବଗିରେ ଅଣସଂରକ୍ଷିତ ଟିକେଟ୍ ଦ୍ୱାରା ଯାତ୍ରୀ ଯାତ୍ରା କରିପାରିବେ ବୋଲି ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ନଭେମ୍ବର ପହିଲାରୁ ପୂର୍ବତଟ ରେଳପଥ ୬ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍‌ରେ ଥିବା ସମ୍ପୂର୍ଣ୍ଣ ସଂରକ୍ଷିତ କୋଚ୍‌ଗୁଡିକ ମଧ୍ୟରୁ ପ୍ରତ୍ୟେକ ୩ଟି ଲେଖାଏ କୋଚ୍‌କୁ ଅଣସଂରକ୍ଷିତ ବଗି ଭାବେ ଚିହ୍ନଟ କରାଯାଇଛି। ଏହା ସହ ଗାର୍ଡ ତଥା ଲଗେଜ ଭ୍ୟାନ୍ କୋଚ୍‌ଗୁଡ଼ିକୁ ମଧ୍ୟ ଅଣସଂରକ୍ଷିତ ଯାତ୍ରା ପାଇଁ ରେଳପଥ ପକ୍ଷରୁ ଉପଲବ୍ଧ କରାଯାଇଛି। ଏହି ଟ୍ରେନ୍‌ଗୁଡିକରେ ଅଣସଂରକ୍ଷିତ ମେଲ୍ ,ଏକ୍ସପ୍ରେସ୍ ଭଡ଼ା ଆଦାୟ ହେବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ଅନୁମତି ମିଳିଥିବା ଟ୍ରେନ୍‌ଗୁଡିକ ହେଉଛି ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର, ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟର ସିଟି, ପୁରୀ-ଗୁଣପୁର-ପୁରୀ, ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି, ବିଶାଖାପାଟଣା-ରାୟଗଡ଼ା-ବିଶାଖାପାଟଣା, ଭୁବନେଶ୍ୱର-ପାଲାସା-ଭୁବନେଶ୍ୱର, ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ସ୍ପେଶାଲରେ କୋଚ୍ ନମ୍ବର ଡି- ୭, ୮ ଓ ୯ ; ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ସ୍ପେଶାଲରେ କୋଚ୍ ନମ୍ବର ଡି- ୫, ୬ ଓ ୭; ପୁରୀ-ଗୁଣପୁର-ପୁରୀ ବିଶେଷ ଟ୍ରେନ୍‌ରେ କୋଚ୍ ନମ୍ବର ଡି-୫, ୬ ଓ ୭ ; ଭୁବନେଶ୍ୱର-ବାଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ସ୍ପେଶାଲରେ କୋଚ୍ ନମ୍ବର ଡି-୪, ୫ ଓ ୬; ବିଶାଖାପାଟଣା-ରାୟଗଡା-ବିଶାଖାପାଟଣା ସ୍ପେଶାଲରେ କୋଚ୍ ନମ୍ବର ଡି- ୮, ୯ ଓ ୧୦ ଏବଂ ଭୁବନେଶ୍ୱର-ପାଲାସା-ଭୁବନେଶ୍ୱର ସ୍ପେଶାଲରେ କୋଚ୍ ନମ୍ବର ଡି-୭, ୮ ଓ ୯ କୁ ଅଣସଂରକ୍ଷିତ କୋଚ୍‌ରେ ପରିଣତ କରାଯାଇଛି। ସେହିଭଳି ୩ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍‌କୁ ମଧ୍ୟ ସମ୍ପୂର୍ଣ୍ଣ ଅଣସଂରକ୍ଷିତ ଟ୍ରେନ୍ ଭାବେ ନଭେମ୍ବର ୧ରୁ ଚଳାଚଳ କରାଇବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଟ୍ରେନ୍‌ଗୁଡିକ ହେଉଛି ବିଶାଖାପାଟଣା-ପଲାସା-ବିଶାଖାପାଟଣା, ପୁରୀ-ପାରାଦୀପ-ପୁରୀ, ଭୁବନେଶ୍ୱର-ନୟାଗଡ଼ ଟାଉନ୍-ଭୁବନେଶ୍ୱର ବିଶେଷ ଟ୍ରେନ ରହିଛି।

# ୨ କାନ୍ଥ ମଝିରେ ଶିଶୁକନ୍ୟା: ୨ ଘଣ୍ଟା ପରେ ଉଦ୍ଧାର



ଉଦ୍ଧାର ଶିଶୁକନ୍ୟା ସାଇପ୍ରିୟା

ଚୌଦ୍ୱାର, ୩୦।୧୦(ଡି.ଏନ୍.ଏ.)

କଟକ ଜିଲା ଚୌଦ୍ୱାର ଥାନା ଅଧୀନ ତଳ ବଜାର ଅଞ୍ଚଳରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଅପରାହ୍ନ ୫ଟାରେ ଉକ୍ତ ଅଞ୍ଚଳର ଅମରେଶ ସାହୁଙ୍କ ସ୍ତ୍ରୀ ପୂଜା ଓ ତାଙ୍କ ଅଢ଼େଇ ବର୍ଷର ଝିଅ ସାଇପ୍ରିୟା ସହିତ ଘରର ଏକ ମହଲା ଛାତ ଉପରକୁ ଯାଇଥିଲେ। ସେ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ସାଇପ୍ରିୟା ଛାତ ଧାରକୁ ଚାଲି ଯାଇଥିଲେ। ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ସାଇପ୍ରିୟା ୧୧ଫୁଟ ତଳକୁ ଖସିପଡି ଅମରେଶଙ୍କ କୋଠା ଓ ପଡ଼ୋଶୀଙ୍କ କୋଠା ମଝିରେ ଥିବା ୬ଇଞ୍ଚର ଫାଙ୍କରେ ଅଟକି ରହିଥିଲେ। ପରେ ଅମରେଶଙ୍କ ପରିବାର ଓ ସ୍ଥାନୀୟ ଲୋକେ ସାଇପ୍ରିୟାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ଡ୍ରିଲ୍ ମେଶିନ ସାହାଯ୍ୟରେ ଘରର ତଳପାର୍ଶ୍ୱ କାନ୍ଥ କଣାକରି ସାଇପ୍ରିୟାଙ୍କୁ ଉଦ୍ଧାର କରିଥିଲେ। ପ୍ରାୟ ୨ ଘଣ୍ଟା ଧରି ସେ କାନ୍ଥ ମଝିରେ ଚାପିହୋଇ ରହିଥିବାରୁ ଚିକିତ୍ସାଲାଗି ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲ ପରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଦୁର୍ଘଟଣା ପରେ ସାଇପ୍ରିୟାଙ୍କ ମା' ବାରମ୍ବାର ଚେତାଶୂନ୍ୟ ହେଉଥିବା ଦେଖିବାକୁ ମିଳିଥିଲା।

# ରାୟଗଡ଼ାରେ ହେବ ମଝିଘରିଆଣୀ ଲୋକକଳା ମହୋତ୍ସବ

**ଲୋକକଳା ସଂଘ ଓ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କଲେ ସଂସ୍କୃତି ନିର୍ଦ୍ଦେଶକ**

ରାୟଗଡ଼ା ଅଫିସ,୩୦।୧୦

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ, ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ କୁମାର ମିଶ୍ର ଶନିବାର ଦିନିକିଆ ରାୟଗଡ଼ା ଗସ୍ତରେ ଆସି ଲୋକକଳା ସଂଘ ଓ ସଂସ୍କୃତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରଛନ୍ତି। କାର୍ଯ୍ୟକ୍ରମରେ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ନାମରେ ମଝିଘରିଆଣୀ ଲୋକକଳା ମହୋତ୍ସବ ସ୍ୱତନ୍ତ୍ର ଭାବରେ ପ୍ରତିବର୍ଷ ହେବ ବୋଲି ବିଭାଗୀୟ ନିର୍ଦ୍ଦେଶକ ଘୋଷଣା କରିଛନ୍ତି। ଅପରାହ୍ନରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଆୟୋଜିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାୟଗଡ଼ାରେ କିଭଳି ଭାବେ ଲୋକକଳା ଓ ସଂସ୍କୃତି, ଭାଗବତ ଟୁଙ୍ଗି, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ରାଶି, ପାଠାଗାର ଆଦି ସମସ୍ତ ବିଭବ ଠିକ୍ ଭାବେ କ୍ରିୟାଶୀଳ ହେବ ସେ ନେଇ ପରାମର୍ଶ ଦେଇଥିଲେ। ଜିଲାରେ ଥିବା ସଉରା ଓ ଇଡତାଲ ସମ୍ପ୍ରଦାୟ ବସବାସ କରୁଥିବା ଗ୍ରାମରେ ଆଗାମୀ ଦିନରେ ଲଳିତ କଳା ଏକାଡେମୀ ପକ୍ଷରୁ ସଉରା ଚିତ୍ର ପ୍ରଦର୍ଶନୀ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ ବୋଲି କହିଥିଲେ। ସେହିପରି ଲୋକକଳା ଗ୍ରାମ ଗେଟିପଡ଼ାରେ ଲୋକକଳା ମଞ୍ଚ, ଐତିହ୍ୟ, ତୋରଣ, ଲୋକକଳା କାନ୍ଥ ଏବଂ ଗ୍ରାମର ସୌନ୍ଦର୍ଯ୍ୟକରଣ କରାଯାଇ ଉଭୟ ପର୍ଯ୍ୟଟନ ଓ ସାଂସ୍କୃତିକ ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ସଂଘର ଉପସଭାପତି ଓ କଳାକାରମାନେ ସଂଘକୁ ଓ ଲୋକକଳାକୁ ସୁଦୃଢ଼ୀକରଣ କରାଯିବା ପାଇଁ ଲୋକକଳାରେ ମାନ୍ୟତା ଲାଭ କରିଥିବା ଆଦର୍ଶ ଜିଲା ଢେଙ୍କାନାଳକୁ ଦେଖିବା ଓ ଶିଖିବା ପାଇଁ ନଭେମ୍ବର ମାସରେ ପରିଦର୍ଶନରେ ଯିବେ ବୋଲି ନିର୍ଦ୍ଦେଶକ ଘୋଷଣା କରିଥିଲେ। ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଶାସନ ଜିଲାର ଲୋକକଳା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସହ ଜିଲାର ସାଂସ୍କୃତିକ ବିଭବଗୁଡ଼ିକର ବିକାଶ ପାଇଁ କାମ କରୁଛି ବୋଲି କହିଥିଲେ। ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ କୁମାର ମିଶ୍ର ଯୋଗଦେଇ ଜିଲା ଓ ବ୍ଲକ ସ୍ତରରେ ସଂଘର କାର୍ଯ୍ୟାଳୟ ଏବଂ କଳାକାରମାନଙ୍କର ଆର୍ଥିକ ସୁବିଧା ନମନ୍ତେ ସୂଚନା, ଶିକ୍ଷା ଓ ଯୋଗାଯୋଗ ପାଣ୍ଠିକୁ ଜିଲାରେ ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ। ସଭା ପରେ ଗେଟିପଡ଼ାର କଳାକାରମାନେ କଳା ପରିଦର୍ଶନ କରିଥିଲେ। ଏହି ଅବସରରେ ଗେଟିପଡ଼ା ଗ୍ରାମର ଭାଗବତ ଟୁଙ୍ଗି ପରିଦର୍ଶନରେ ଯାଇଥିବାବେଳେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଶିବମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ମୋବାଇଲ ଫୋନ୍ ଚୋର କୋର୍ଟଚାଲାଣ

ଜଟଣୀ,୩୦।୧୦(ଡି.ଏନ୍.ଏ.): ଜଟଣୀ ଥାନା ପୋଲିସ ଜଣେ ମୋବାଇଲ ଫୋନ ଚୋରକୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଗଡ଼ହଳଦିଆ କୁଆପୁଟ ଗ୍ରାମର ସଞ୍ଜୟ ମହାପାତ୍ର। ଜଟଣୀ ସହର ମୁଖ୍ୟ ରାସ୍ତାରେ ଥିବା ଏସସ୍‌ବିଆଇ ଶାଖା ପ୍ରବନ୍ଧଙ୍କ ଟେବୁଲରେ ଥିବା ମୋବାଇଲକୁ ଅଭିଯୁକ୍ତ ଧରି ଚମ୍ପଟ ମାରିଥିଲା।

# ବିଜୁ ଶ୍ରମିକ ସାମ୍ମୁଖ୍ୟରେ ମିଶିଲେ ହଜାରେ ଶ୍ରମିକ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

୪୨ଟି ସ୍ଥାନୀୟ ଓ ରାଜ୍ୟସ୍ତରୀୟ ଟ୍ରେଡ୍ ୟୁନିୟନର ପ୍ରାୟ ୧ ହଜାର ଶ୍ରମିକ ଓ କର୍ମଚାରୀ ଶ୍ରମିକ ନେତା ନବ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଶନିବାର ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ବିଜେଡି ସାଂଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଶ୍ରମିକ ନେତା ଓ କର୍ମଚାରୀ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରମିକ କଲ୍ୟାଣ ନୀତି ଓ ଶ୍ରମିକ କର୍ମଚାରୀମାନଙ୍କ ପାଇଁ ନେଉଥିବା ପଦକ୍ଷେପକୁ ସ୍ୱାଗତ କରି ଶ୍ରମିକମାନଙ୍କର ସାମୂହିକ ବିକାଶ ପାଇଁ କାର୍ଯ୍ୟ କରିବାକୁ ଇଚ୍ଛାପ୍ରକାଶ କରି ଉକ୍ତ ସଙ୍ଗଠନ ଅଧୀନରେ କାର୍ଯ୍ୟ କରିଥିବା ଶତାଧିକ ସଂଗଠନ ଓ ଏଥିରେ ସମ୍ପୃକ୍ତ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ କର୍ମଚାରୀ ବିଜୁ ଶ୍ରମିକ ସାମ୍ମୁଖ୍ୟକୁ ଶକ୍ତିଶାଳୀ କରିବା ପାଇଁ କାର୍ଯ୍ୟକରିବେ ବୋଲି ଘୋଷଣା କରିଛନ୍ତି। ସାମିଲ ହୋଇଥିବା ସଙ୍ଗଠନଗୁଡ଼ିକ ମଧ୍ୟରେ ବିଡିଏ ୱାର୍କର୍ସ ୟୁନିୟନ, ଘରୋଇ ମେଡିକାଲରେ କାର୍ଯ୍ୟରତ କର୍ମଚାରୀ ସଂଘ, ଭୁବନେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ୱାର୍କର୍ସ ୟୁନିୟନ୍, ଉତ୍କଳ ୟୁନିଭରସିଟି ୱାର୍କର୍ସ ୟୁନିୟନ, ରାଜଧାନୀ ଆମ୍ବୁଲାନ୍ସ ଡ୍ରାଇଭର୍ସ ଆସୋସିଏଶନ, ରାଜଧାନୀ ଟାକ୍ସି ଓ ଅଟୋଚାଳକ ମହାସଂଘ, ରାଜଧାନୀ ହୋଟେଲ କର୍ମଚାରୀ ସଂଘ, ସିଫା ଶ୍ରମିକ ସଂଘ, ରାଜଧାନୀ ପରିବହନ କର୍ମଚାରୀ ସଂଘ, କଳିଙ୍ଗ ଷ୍ଟୁଡିଓ କର୍ମଚାରୀ ସଂଘ, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ୱାର୍କର୍ସ ୟୁନିୟନ୍, ସିକ୍ୟୁରିଟି ସର୍ଭିସ ଏମ୍ପ୍ଲଇଜ ୟୁନିୟନ୍, ଓଡ଼ିଶା ସେତୁ ନିଗମ କର୍ମଚାରୀ ସଂଘ, ରାଜଧାନୀ ହୋଟେଲ କର୍ମଚାରୀ ସଂଘ, ଷ୍ଟେଟ କୋଅପରେଟିଭ୍ ବ୍ୟାଙ୍କ ୱାର୍କର୍ସ ୟୁନିୟନ୍‌ଗୁଡ଼ିକ ଅଛନ୍ତି। ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ମହାସଚିବ ରାଜ୍ୟ ସଭା ସଦସ୍ୟ ସୁବାସ ସିଂହଙ୍କ ସମେତ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସଭାପତି ରାଜେନ୍ଦ୍ର ପ୍ରସାଦ ସିଂହ, ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# classifieds

**Everyday 0674-2580101, 2549302**





## BRIDE WANTED

Age-35, Unmarried ପୁଅ ପାଇଁ any caste ଝିଅ ଆବଶ୍ୟକ। (widow & Divorced) accepted, ଘରଜ୍ୱାଇଁ ପ୍ରଯୁଜ୍ୟ। 7077547512. D-22118

## GROOM WANTED

High School Teacher, ଦରମା 54000/- ବୟସ 46 ଅବିବାହିତା ଖଣ୍ଡାୟତ ଜାତିର ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7894489867. D-22067

46 ବୟସ୍କା କରଣ ବିଧବା 5'3" ଘରୋଇ ଚାକିରି କରୁଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବର ଆବଶ୍ୟକ। 7606067313. D-22116

Groom required for Gudia girl. PGDM, D.O.B.-22.11.1991, 5'0" Mobile. 9778642153, 7751840747. D-22084

Wanted Software Engineer groom for beautiful Brahmin girl 1989 5'7" B.Tech Serving Software Engineer TCS "Sunasansar". 9937512659, 8249969649. D-22113





## SALE

**ଭୁବନେଶ୍ୱର, ପଟିଆ ବିଗ୍‌ବଜାରରୁ 3 Km. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ମିଳୁଛି। 6370960168.** D-71727

Ready to move 3/2BHK flat available near V2 Showroom Patrapada, Bhubaneswar. 9861037729, 9040337729. D-71432

**ଭୁବନେଶ୍ୱର ଗଙ୍ଗପଡ଼ା tollgateରୁ 900mtr ଦୂରତାରେ ଘର ଉପଯୋଗୀ ପ୍ଲଟ୍ ମିଳୁଛି। 8908122121.** D-71729

4000sqft. free hold plot for sale Sahid Nagar, Bhubaneswar. 7978388025. D-22112

**ଭୁବନେଶ୍ୱର Sum Hospitalରୁ 4km distance gharabari plot ମିଳୁଛି। Owner: 9090963952.** D-71730

New duplex sale at Attala, BBSR. Contact: 8249818817. D-22064

**Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929.** D-71722

କଟକ ସଦର ବ୍ଲକ୍‌ର ବିରିବାଟୀରେ N.H. ୫୫ର ନିକଟବର୍ତ୍ତୀ କୃଷି ଜମି ହୋମ-ଶେଡ୍ ଜମିରେ ପରିଣତ ହୋଇଛି। ଆଗ୍ରହୀ କ୍ରୟକାରୀମାନେ ଜମି କ୍ରୟ ପାଇଁ ଯୋଗାଯୋଗ କରିପାରିବେ। ମୋବାଇଲ ନଂ.- ୯୮୬୧୦୩୩୯୯୦। ଧ-୨୨୧୦୯

**Double storied 4BR House at Nageswar Tangi, 73decimals land 4500 Built-up. 9437928245 (11AM-7PM).** D-71192

6BHK duplex finishing Hanspal (Bank finance available), Plot Atala-9090970137. D70961

Gharabari Yellowzone BDA Plot Sale at Ravitalkies, Bhubaneswar. 6371040313, 8658264988. D-22115

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22126

Private plot sale Patrapada near DN Regalia Mall & Infocity-II, Bhubaneswar 999/- sqft., 9437335686, 7008487006. D-22040

**Duplex for sale At-Pokhariput, land area: 2400sqft., construction area: 3600sqft. Contact: 7653927969.** D-22078

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71189

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-22041

C.V. Raman College ପାଖରେ 27000sqft. plot ବିକ୍ରିହେବ। Contact: 9937910363. D-70249





Tolet semifurnished Airconditioned 2BHK/ Car parking/ 8500/ Oldtown, Bhubaneswar. 9437388990. D-70753

A duplex bungalow with 3 Bedroom, Drawing room, Dining Hall with Modular Kitchen, Puja Room and Garage with 24hour Water Supply and security at Shri Jagannath Villa, Radhakrushna Nagar, Garage Chhaka, Lewis Road, BBSR. Contact No.- 9437138889. D-67638

2 BHK with Garage in ID Market for Office/ Godown. Contact: 7978703042. D-35850

750sqft. furnished house, suitable for branch Office at District Centre, Chandrasekharpur-7008520089, 8637263323. D-22098

"2 BHK, 2nd Floor, Bharat Villa, Hanspal, Near Metro Satellite 9437241031". D-22065

**2200sqft., 1200sqft. space for Official purpose and 150sqft. for Parlour/Saloon purpose available at P.C. Plaza, Cuttack road, Bhubaneswar. Contact: 9437048080, 9437048283.** D-21912

Residential/ educational/ institution at Sailashreevihar, DAV main road. 9437988244. D-22091

Kalinga Nagar Sum Hospital back 25X25 for Pharma/ Micro Office business. 9338089477. D-22090

1200sqft. open space stock yard/ godown Gudiapokhari, Bhubaneswar. 9937443656. D-70751

Single room for Office/Residence attached Toilet and Kitchen, 5000/month, 5,Kharvelnagar near Keshari Talkies, Bhubaneswar. 9238647661. D-71008

Double storied Bungalow measuring 2000sqft. over 6500sqft. plot with boundary, basic amenities, Swimingpool, Parking, Garden available at-Banguary, near Pahala for rent Contact for Shooting/ Guest House/ Residential Office. Mob: 91- 7093157143, 91- 9861294159. D-22101

3BHK Marbled modern flat main road Soubhagyanagar Unit-8. Mob 9000004523. D-22123





Ashirvaad Saloon and SPA get good massage for your health tha best therapy. 7077181074. D-71808

Newly open full body massage ladies and gents. 8327740003. D-71805

DIWALI OFFER Saikrupa Spa @899/- health benefits with Expert. 8984068077. D-22060

Refreshing your mind and body with the best therapy. 7873794731. D-71191

Take one hour any therapy just @800 only. Call- 9078484455. D-71430

Newly open SPA Center, Diwali Offer 599/-, smart therapist. 8455987557. D-71431





ଅଞ୍ଜନୀୟ ଜାତକ ଦର୍ପଣ ଯୋଗାଯୋଗ ଜ୍ୟୋତିଃବିଦ୍ ଶ୍ରୀମତୀ ରଶ୍ମିରେଖା, ଜୟଦେବ କଲେଜ ରୋଡ୍, ଜଗନ୍ନାଥ ଟେମ୍ପୁଲ ଲେନ୍ ନହରକଣ୍ଟା, ବାଲିଅନ୍ତା, ଭୁବନେଶ୍ୱର। Mob: 9437387288, 7735050533. D-71810

## AFFIDAVIT

I, Utkala Keshari Jena changed my name to Utkal Keshari Jena vide affidavit dated 22.12.2020 sworn before Notary N.K. Sahoo, BBSR. D-71809

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫଳ ଗଛକୁ ବୋଝ ନୁହେଁ,
ଫଳନ୍ତି ଗଛ ଫୋପଡ଼ ସହେ ।**

ଗଛରେ ଫଳ ଯେତେ ଅଧିକ ହେଲେ ମଧ୍ୟ ଗଛ ପ୍ରତି ତାହା ବୋଝ ହୋଇ ନ ଥାଏ। ସେହିପରି ପିଲା ଯେତେ ଅଧିକ ହେଲେ ମଧ୍ୟ ମା'କୁ କଷ୍ଟ ହୋଇ ନ ଥାଏ। ଜ୍ଞାନୀ ବିନା ପ୍ରତିବାଦରେ ଆଘାତ ସହିଥାଏ। ଧନ, ମାନ ଓ ଗୁଣ ଥିବା ଲୋକକୁ ବହୁ ସହିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଫଗୁଣ ଗୁଣ୍ଡି
ମାରିବୁ ହେଣ୍ଡି ।**

ସାଧାରଣତଃ ଚାଳଘରେ ରହୁଥିବା ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ସମୟରେ ଚାଳ ଛପର କରୁଥିବାର ଦେଖିବାକୁ ମିଳିଥାଏ। ତେବେ ଫାଲଗୁନ ମାସରେ ଘର ଛାଉଣି କଲେ ବର୍ଷା ଓ ପବନକୁ ଭୟ ରହେ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଝିଅ ଆଗରେ ନଦୀକୁ ଡେଇଁ ଜୀବନ ହାରିଲେ ବାପା

ମାଲକାନଗିରି, ୩୦।୧୦(ଡି.ଏନ୍.ଏ.)

ଦାରିଦ୍ରତା ଉଜାଡ଼ି ଦେଇଛି ଗୋଟେ ପରିବାର। ପରିସ୍ଥିତି ଏପରି ହୋଇଛି ଶେଷରେ ଝିଅ ଆଗରେ ନଦୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି ବାପା। ଏପରି ଦୁଃଖଦ ଘଟଣା ଘଟିଯାଇଛି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ପଣସପୁଟ ପଞ୍ଚାୟତରେ। ଖବରରୁ ଜଣାପଡ଼ିଛି ଏହି ପଞ୍ଚାୟତ ସିଙ୍ଗଇ ଗ୍ରାମରେ ମନ୍ଦ ପାଙ୍ଗୀ ପରିବାର ସହ ବସବାସ କରନ୍ତି। ସ୍ତ୍ରୀଙ୍କ ମୃତ୍ୟୁ ପରେ ଛୋଟ ଝିଅ ମିଲି(୪)ର ଲାଳନପାଳନ କରିଆସୁଥିଲେ ମନ୍ଦ। ଝିଅକୁ ଛାଡ଼ି କୌଣସି କାମ କରିବାକୁ ଯାଇପାରୁ ନ ଥିଲେ ସେ। ଫଳରେ କିପରି ଚଳିବେ ଏବଂ ଝିଅକୁ ଚଳାଇବେ ସେନେଇ ଅଧିକାଂଶ ସମୟ ଚିନ୍ତାରେ ରହୁଥିଲେ। ଶେଷରେ ଗତ ମଙ୍ଗଳବାର ସନ୍ଧ୍ୟାରେ ମନ୍ଦ ଝିଅ ମିଲିକୁ ନଦୀ କୂଳରେ ଛାଡ଼ିଦେଇ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହା ଦେଖି ଝିଅ ଗ୍ରାମକୁ ଫେରି କାନ୍ଦିକାନ୍ଦି ତାର ସାଙ୍ଗସାଥୀ ଓ ଗ୍ରାମବାସୀଙ୍କୁ ଜଣାଇଥିଲା। ଏହା ଜାଣିବା ପରେ ଗ୍ରାମବାସୀ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ମନ୍ଦଙ୍କୁ ପାଇ ନ ଥିଲେ। ଅଗ୍ନିଶମ ବାହିନୀକୁ ଖବର ଦେବାପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୁଇଦିନ ହେଲା ଖୋଜାଖୋଜି ଜାରି ରଖିଥିଲେ। ଶନିବାର କର୍ମଚାରୀମାନେ ଅନେକ ସମୟ ଖୋଜିବା କରି ମନ୍ଦଙ୍କ ମୃତଦେହ ପାଣିରୁ ଉଦ୍ଧାର କରିଥିଲେ। ସୂଚନାଯୋଗ୍ୟ ମିଲି ଏବେ ଗ୍ରାମରେ ମନ୍ଦଙ୍କ ଜଣେ ସମ୍ପର୍କୀୟଙ୍କ ଘରେ ରହୁଛନ୍ତି।

# ସ୍ୱାମୀ ଆକ୍ରମଣରେ ସ୍ତ୍ରୀ ମୃତ

ସମ୍ବଲପୁର,୩୦।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବଇଦାର ନୂଆଁପାଲି ଆଟପଡ଼ାରେ ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀ ବିମଳ ଖଡିଆଙ୍କ ଲୁହା ପାଇପ୍ ଆକ୍ରମଣରେ ସ୍ତ୍ରୀ ସୁରମା ଖଡିଆଙ୍କ ମୃତ୍ୟୁ ଘଟିଛି। ପୋଲିସ ଲୁହା ପାଇପ୍ ଜବତ କରିବା ସହ ଅଭିଯୁକ୍ତ ବିମଳଙ୍କୁ ଥାନାରେ ଅଟକ ରଖିଥିବା ଥାନା ଅଧିକାରୀ ଯୋଗେଶ ପଣ୍ଡା କହିଛନ୍ତି। ସୂଚନା ଅନୁସାରେ ୧୩ ବର୍ଷ ପୂର୍ବେ ବିମଳ ଓ ସୁରମାଙ୍କ ବିବାହ ହୋଇଥିଲା। ସେମାନଙ୍କର ୩ ଝିଅ ଅଛନ୍ତି। ଛୋଟ ଛୋଟ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟରେ ଗଣ୍ଡଗୋଳ ହେଉଥିଲା। ଶୁକ୍ରବାର କୌଣସି କାମରେ ସୁରମା ବାହାରକୁ ଯାଇ ରାତି ୧୦ଟାରେ ଘରକୁ ଫେରିଥିଲେ। ବିମଳ ଏ ସମ୍ପର୍କରେ ପଚାରିବା ସମୟରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାରପିଟ ହୋଇଥିଲା। ହଠାତ୍ ବିମଳ ଏକ ଲୁହା ପାଇପ୍‌ରେ ସୁରମାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ହେଲେ ରାତିରେ ବିମଳ ତାଙ୍କୁ ମେଡିକାଲ ନ ନେଇ ଶୋଇପଡିଥିଲେ। ଶନିବାର ସକାଳେ ସୁରମା ଆଉ ଉଠି ନ ଥିଲେ। ତାଙ୍କୁ ଜିଲା ସଦର ଡାକ୍ତରଖାନାକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ଏକ ହତ୍ୟା ମାମଲା (ନଂ.୫୭୦/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସହକର୍ମୀଙ୍କ ଅସହଯୋଗ କାରଣରୁ ମାନସିକ ଅବସ୍ଥା ଭଲ ରହିବ ନାହିଁ। ଜମିଜମା, ସ୍ତ୍ରୀ/ସ୍ୱାମୀଙ୍କ ସ୍ୱାସ୍ଥ୍ୟ, ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା ବ୍ୟବସାୟିକ ବିଫଳତାରୁ ଚିନ୍ତିତ ରହିବେ। ପଡ଼ୋଶୀଙ୍କ ସହାୟତାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂର ହେବ। ବିବାଦୀୟ ବିଷୟକୁ ନେଇ ପଡ଼ୋଶୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**ବୃଷ** ଘରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବେ। ଯେତେ ଅନୁନୟ ତଥା ବିନୟର ସହ କହିଲେ ମଧ୍ୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ।

**ମିଥୁନ** କଳେବଳେ କୌଶଳେ ଅର୍ଥ ପାଇବା ସକାଶେ ଚେଷ୍ଟା କରି ଆଶାକୁ ଚରିତାର୍ଥ କରିବେ। ଅସୁବିଧାରେ ପଡ଼ିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ଅନ୍ୟମାନଙ୍କ ପ୍ରଶଂସାଭାଜନ ହେବେ। ସହକର୍ମୀଙ୍କ ସାହାଯ୍ୟ ବିନା କାମଟିକୁ ହାସଲ କରିବା କଷ୍ଟକର ହେବ। ଆନୁଷ୍ଠାନିକ କ୍ଷେତ୍ରରେ ଉଚ୍ଚବର୍ଗର ଲୋକମାନଙ୍କ ସଂସ୍ପର୍ଶରେ ଆସିପାରନ୍ତି।

**କର୍କଟ** ପରିବର୍ତ୍ତିତ ପରିସ୍ଥିତିରେ ପଡ଼ି ଦୁଃସାହସିକ କାମକରିବେ ଓ ସଫଳତା ପାଇବେ। କର୍ମକ୍ଷେତ୍ର କିମ୍ବା ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ମାଲିମକଦ୍ଦମାରେ ପରିସ୍ଥିତିକୁ ଯେତେ ଜଟିଳ ମଣୁଛନ୍ତି ସେପରି କିଛି ହେବନି।

**ସିଂହ** ସମସ୍ତ ସୁବିଧା ଥାଇ ମଧ୍ୟ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ଋଣ ପରିଶୋଧର ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଦାମ୍ପତ୍ୟ ଜୀବନ ସମ୍ପର୍କରେ ତିକ୍ତତା ଦେଖାଦେଇପାରେ। ସଭା ସମିତିରେ ସମ୍ମାନିତ ହେବେ, କିନ୍ତୁ ଏଥିପାଇଁ ଲବି କରିବାକୁ ପଡ଼ିପାରେ।

**କନ୍ୟା** ପାରିବାରିକ ଅଶାନ୍ତି କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପାଖ ଲୋକଟି ଆପଣଙ୍କ ବହୁତ ଉପକାରରେ ଆସିବ। ବ୍ୟବସାୟରେ ଆଶା ଅନୁରୂପ ଫଳ ପାଇବେ, କିନ୍ତୁ ଆଶାନୁରୂପ ନ ହୋଇପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ସହକର୍ମୀଙ୍କ ଉଦାରତା ମୁଖ୍ୟ ଭୂମିକା ଗ୍ରହଣ କରିବ।

**ତୁଳା** ଭୁଲ୍ ବୁଝାମଣାରୁ ପାରିବାରିକ କଳହର ସମ୍ଭାବନା ରହିଛି। ଆଜିର ଯାତ୍ରା କାଳରେ କୌଣସି ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ମାଲିମକଦ୍ଦମାରେ ସଫଳତା ମିଳିବା ସାଙ୍ଗକୁ ପ୍ରଶାସନିକ ସ୍ତରରେ ଆଲୋଚନା ଫଳପ୍ରଦ ହେବ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବ। ପରିସ୍ଥିତିରେ ପଡ଼ି ଅନାବଶ୍ୟକ ଭାବରେ ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବା ପଛରେ ପାରିବାରିକ ମତାନ୍ତର ହିଁ ମୁଖ୍ୟ କାରଣ ହେବ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। କୌଣସି ବିବାଦୀୟ ପରିସ୍ଥିତିରେ ଆପଣଙ୍କର ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପ୍ରେରଣା ଲାଭ କରି ଉପକୃତ ହେବେ। ପଡ଼ୋଶୀ କଣ୍ଟାବାଡ଼ରେ ଲୁଗା ପକାଇ କଳହ କରିବାର ଉପକ୍ରମ କରିପାରନ୍ତି ।

**ମକର** ଆପଣ ଯେଉଁ ଆଶଙ୍କା କରୁଛନ୍ତି, ସେପରି କିଛି ଅସୁବିଧା ହେବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ବାହାର ସ୍ଥାନରେ କାହାକୁ ଅପେକ୍ଷା କରି ବିରକ୍ତ ହେବେ ଏବଂ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ଅନୁଭବ କରିବେ।

**କୁମ୍ଭ** ପ୍ରତ୍ୟେକ କାମରେ କିଛି ନା କିଛି ଅସୁବିଧା ରହିଥିବାର ଉପଲବ୍ଧି କରିବେ। ସତର୍କତା ଅଭାବରୁ ବାଦବିବାଦ, ଧନହାନି ଓ ବିଭିନ୍ନ ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବା ସାଙ୍ଗକୁ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଆଜିର କର୍ମକ୍ଷେତ୍ରରେ ଏବଂ ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଅପରାହ୍ନେ ବିଳାସବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ବିଭିନ୍ନ ଦିଗରୁ ଲାଭବାନ୍ ହେବେ, କିନ୍ତୁ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ।

# ମା'ଙ୍କୁ କିରୋସିନ ଢାଳି ଜାଳିଦେଲେ ପୁଅ

ପବିତ୍ରନଗର, ୩୦।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଅନ୍ତର୍ଗତ ଶରଧାପୁର ଗ୍ରାମରେ ଶୁକ୍ରବାର ରାତିରେ ଅଭାବନୀୟ କାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ନିଶାସକ୍ତ ପୁଅ ମା'ଙ୍କୁ କିରୋସିନ ଢାଳି ଜାଳିଦେଇଛନ୍ତି। ଗୁରୁତର ଅବସ୍ଥାରେ ମହିଳାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ପୁଅକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ ସୂଚନା ଅନୁଯାୟୀ, ଶରଧାପୁର ଗ୍ରାମର ସରୋଜ ସାହୁ ମଦ୍ୟପାନ କରି ପରିବାରରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ଶୁକ୍ରବାର ରାତିରେ କୌଣସି କାରଣରୁ ମା ସୁଲୋଚନା ସାହୁଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସରୋଜ ମା'ଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଚିତ୍କାର ଶୁଣି ଘର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଣ୍ଟ୍ରାଲ ହସ୍ପିଟାଲ ଏବଂ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ବାପାଙ୍କ ଅଭିଯୋଗକ୍ରମେ ନଂ. ୨୪୧/୨୧ରେ ମାମଲା ରୁଜୁ କରିଛି।

## ସେନା ବିରୋଧରେ ବିକ୍ଷୋଭ: ୨ ନିହତ

ସୁଦାନରେ କ୍ଷମତା ହାତକୁ ନେବାକୁ ଉଦ୍ୟମ କରୁଥିବା ସେନା ବିରୋଧରେ ଦେଶବ୍ୟାପୀ ଲୋକେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିକ୍ଷୋଭ ପ୍ରତିହତ କରିବା ପାଇଁ ସୁରକ୍ଷା ବଳ ପକ୍ଷରୁ ଆନ୍ଦୋଳନକାରୀଙ୍କ ଉପରେ ଶନିବାର ଗୁଳିଚାଳନା ଯୋଗୁ ଦୁଇ ଜଣଙ୍କ ମୃତ୍ୟୁଘଟିଛି। ସେନାକୁ ନେଇ ଗଠିତ ନାଗରିକ ସରକାରକୁ ପୁନଃସ୍ଥାପିତ କରିବା ଏବଂ ବରିଷ୍ଠ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ସେନା ତୁରନ୍ତ ମୁକ୍ତ କରିବା ଦାବିରେ ସାରା ଦେଶରେ ବିରୋଧ ପ୍ରଦର୍ଶନ କରାଯାଇଛି।

**ସଂକ୍ଷେପରେ**

## ପୁନିଥ୍‌ଙ୍କ ପରଲୋକ ଖବରରେ ୨ ପ୍ରଶଂସକଙ୍କ ମୃତ୍ୟୁ

ବେଙ୍ଗାଲୁରୁ, ୩୦।୧୦: କନ୍ନଡ଼ ସୁପରଷ୍ଟାର ପୁନିଥ୍ ରାଜକୁମାରଙ୍କ ପରଲୋକ ଖବରରେ ମର୍ମାହତ ଦୁଇଜଣ ପ୍ରଶଂସକଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। କର୍ନାଟକର ବେଲଗାଭି ଜିଲା ଅନ୍ତର୍ଗତ ଶିଡୋଲି ଗ୍ରାମରେ ପ୍ରଶଂସକ ପରଶୁରାମ ଦେବମାନଭରଙ୍କର ଶୁକ୍ରବାର ରାତି ୧୧ଟାରେ ମୃତ୍ୟୁ ହୋଇଛି। ୪୬ ବର୍ଷୀୟ ପୁନିଥ୍‌ଙ୍କ ପରଲୋକ ଖବର ଶୁଣିବା ପରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ହସ୍ପିଟାଲରେ ପହଞ୍ଚିବା ପରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ସେହିପରି ଚାମରାଜନଗର ଜିଲା ମାରୁର ଗ୍ରାମର ମୁନିୟାପ୍ପା (୩୦) ପ୍ରିୟ ଅଭିନେତାଙ୍କ ପରଲୋକ ଖବରରେ ମ୍ରିୟମାଣ ହୋଇପଡ଼ିଥିଲେ। ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ଅଭିନେତା ପୁନିଥ୍‌ଙ୍କର ପରଲୋକ ହୋଇଥିଲା। ରବିବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

## ଏସ୍‌ଏଚ୍‌ଜି ମହିଳାଙ୍କ ଆୟ ବୃଦ୍ଧି ଲାଗି ଗ୍ରାମାଞ୍ଚଳ ବିକାଶ ଯୋଜନା

ନୂଆଦିଲ୍ଲୀ, ୩୦।୧୦(ପି.ଟି.): ମହିଳା ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସହ ସମ୍ପୃକ୍ତ ମହିଳାମାନଙ୍କ ବାର୍ଷିକ ଆୟ ୧ ଲକ୍ଷ ଟଙ୍କାରେ ପହଞ୍ଚାଇବାକୁ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଗ୍ରାମାଞ୍ଚଳ ବିକାଶ ଯୋଜନାରେ ସେମାନଙ୍କୁ ସାମିଲ କରାଯିବ। ଆଗାମୀ ୨ ବର୍ଷରେ ଏସ୍‌ଏଚ୍‌ଜି ସହ ସମ୍ପୃକ୍ତ ୨.୫ କୋଟି ଗ୍ରାମାଞ୍ଚଳ ମହିଳାଙ୍କ ଆୟ ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଛି। ସେମାନଙ୍କୁ ଏଥିପାଇଁ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ସହାୟତା ଯୋଗାଇ ଦେବ। ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମଡେଲ ଆଧାରରେ ରାଜ୍ୟ ସରକାରମାନଙ୍କୁ ସବିଶେଷ ଆଡଭାଇଜରି ଜାରି କରାଯାଇଛି। ଜାତୀୟ ଗ୍ରାମାଞ୍ଚଳ ଜୀବିକା ମିଶନରେ ୭.୭ କୋଟି ମହିଳା ୭୦ ଲକ୍ଷ ଏସ୍‌ଏଚ୍‌ଜିରେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ବର୍ଷକୁ ୮୦ ହଜାର କୋଟି ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଆସାମ, ପଶ୍ଚିମବଙ୍ଗରେ ବଢ଼ୁଛି ସଂକ୍ରମଣ

## କଟକଣା ବଢ଼ାଇବାକୁ କେନ୍ଦ୍ରର ପରାମର୍ଶ

ନୂଆଦିଲ୍ଲୀ, ୩୦।୧୦: ଆସାମ ଓ ପଶ୍ଚିମବଙ୍ଗରେ ପୁଣିଥରେ କରୋନା ସଂକ୍ରମଣ ବୃଦ୍ଧି ପାଇଛି। ସାପ୍ତାହିକ ପଜିଟିଭିଟି ହାର ବଢ଼ିବା ସାଙ୍ଗକୁ କୋଭିଡ୍ ପରୀକ୍ଷା କମିଥିବା ଦେଖାଯାଇଛି। ସ୍ଥିତି ସମୀକ୍ଷା କରିବା ସହ କୋଭିଡ୍ କଟକଣାକୁ ପୁଣିଥରେ କଡ଼ାକଡ଼ି ଲାଗୁ କରିବା ପାଇଁ କେନ୍ଦ୍ର ସରକାର ଉଭୟ ରାଜ୍ୟକୁ ପରାମର୍ଶ ଦେଇଛନ୍ତି। ଗତ ୨୬ ତାରିଖରେ ଅତିରିକ୍ତ ସ୍ୱାସ୍ଥ୍ୟ ସଚିବ ଆରତୀ ଆହୁଜା ଆସାମ ଓ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ପୂର୍ବ ସପ୍ତାହ ତୁଳନାରେ ସଂକ୍ରମଣ ୪୧ ପ୍ରତିଶତ ବୃଦ୍ଧି ପାଇଥିବା ସମ୍ପର୍କରେ ଜଣାଇଥିଲେ। ୪ ସପ୍ତାହ ମଧ୍ୟରେ ସେଠାରେ ପଜିଟିଭିଟି ହାର ୧.୮୯ରୁ ୨.୨୨ ପ୍ରତିଶତକୁ ବୃଦ୍ଧି ପାଇଛି। ଦୁର୍ଗାପୂଜା ପରେ କୋଲକାତାରେ ସଂକ୍ରମଣ ବଢ଼ିଥିବାରୁ ଗତ ୨୨ ତାରିଖରେ ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ପଶ୍ଚିମବଙ୍ଗ ସରକାରଙ୍କୁ ପତ୍ର ଲେଖି ଉଦ୍‌ବେଗ ପ୍ରକାଶ କରିଥିଲେ।



କୃଷି ଆଇନ ପ୍ରତ୍ୟାହାର ଦାବିରେ ତାମିଲନାଡୁର ତ୍ରିଚିଠାରେ ଚାଷୀମାନଙ୍କ ଅନଶନ ଶନିବାର ୧୯ ଦିନରେ ପହଞ୍ଚିଛି।




ଆଫଗାନିସ୍ତାନରେ ମହିଳାଙ୍କ ପ୍ରତି ହିଂସା ବିରୋଧରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଆଫଗାନ ଶରଣାର୍ଥୀ ମହିଳା ସଂଘ ପକ୍ଷରୁ ଝିଅମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# 'ସହମତିରେ ଯୌନ ସମ୍ପର୍କ ଅପରାଧ ନୁହେଁ'

### ଗଣବଳାତ୍କାର ମାମଲା: ଅଭିଯୁକ୍ତଙ୍କ ଜାମିନ ଆବେଦନ ଆଲ୍ଲାହାବାଦ ହାଇକୋର୍ଟରେ ଖାରଜ

ପ୍ରୟାଗରାଜ, ୩୦।୧୦(ଆଇଏଏନ୍‌ଏସ୍)

ସହମତିରେ ପ୍ରାପ୍ତବୟସ୍କଙ୍କ ମଧ୍ୟରେ ଯୌନ ସମ୍ପର୍କ ଅପରାଧ ନୁହେଁ କିନ୍ତୁ ଏହା ଅନୈତିକ ଏବଂ ଭାରତୀୟ ପରମ୍ପରା ବିରୋଧୀ ବୋଲି ଆଲ୍ଲାହାବାଦ ହାଇକୋର୍ଟ ଶନିବାର କହିଛନ୍ତି। ଏକ ଗଣବଳାତ୍କାର ମାମଲାରେ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଅଦାଲତ ଖାରଜ କରିଦେବା ଅବସରରେ ଉପରୋକ୍ତ ମତ ରଖିଛନ୍ତି। ମାମଲାର ୪ ଅଭିଯୁକ୍ତଙ୍କ ମଧ୍ୟରୁ ଜାମିନ ପାଇଁ ଆବେଦନ କରିଥିବା ଯୁବକ ନିଜକୁ ନାବାଳିକାଙ୍କ ବୟଫ୍ରେଣ୍ଡ ବୋଲି ଦାବି କରିଥିଲେ। ପୀଡ଼ିତା ତାଙ୍କର ପ୍ରେମିକା ହୋଇଥିବାରୁ ଅନ୍ୟ ଅଭିଯୁକ୍ତମାନେ ବଳାତ୍କାର କରୁଥିବାବେଳେ ତାଙ୍କ ମର୍ଯ୍ୟାଦା ଓ ସମ୍ମାନର ସୁରକ୍ଷା କରିବା ପୁରୁଷବନ୍ଧୁଙ୍କ କର୍ତ୍ତବ୍ୟ ଥିଲା ବୋଲି ଜଷ୍ଟିସ୍ ରାହୁଲ ଚତୁର୍ବେଦୀ କହିଛନ୍ତି। ପୀଡ଼ିତା ସାବାଳିକା ହୋଇଥିଲେ ତାଙ୍କ ସହମତିରେ ଯୌନ ସମ୍ପର୍କକୁ ଅପରାଧ ଭାବେ ଗ୍ରହଣ କରାଯାଇ ନ ଥାନ୍ତା, ତେବେ ଏହା ଅନୈତିକ ଓ ଭାରତୀୟ ସମାଜ ବ୍ୟବସ୍ଥାରେ ଗ୍ରହଣୀୟ ନୁହେଁ ବୋଲି ବିଚାରପତି କହିଛନ୍ତି। ଆବେଦନକାରୀଙ୍କ କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ । ଅନ୍ୟ ଅଭିଯୁକ୍ତମାନେ ତାଙ୍କ ସମ୍ମୁଖରେ ପ୍ରେମିକାଙ୍କୁ ବୀଭତ୍ସ ଭାବେ ବଳାତ୍କାର କରୁଥିବାବେଳେ ସେ ନୀରବ ଦର୍ଶକ ସାଜିଥିଲେ। ତେଣୁ ସେ ପୁରୁଷବନ୍ଧୁ ପରିଚୟ ହରାଇଥିବା ଖଣ୍ଡପୀଠ କହିଛନ୍ତି।



ଏତଲା ଅନୁଯାୟୀ ଗତ ଫେବୃୟାରୀ ୧୯ରେ ଉତ୍ତରପ୍ରଦେଶ କୌଶାମ୍ବୀ ଜିଲାର ୧୫ ବର୍ଷୀୟା ପୀଡ଼ିତା ଏକ ଶିକ୍ଷାନୁଷ୍ଠାନକୁ ସିଲେଇ ଶିକ୍ଷା କରିବାକୁ ଯାଇଥିଲେ। ସେ ତାଙ୍କ ପୁରୁଷ ବନ୍ଧୁଙ୍କ ସହ କଥା ହୋଇଥିଲେ ଏବଂ ଯୋଜନା ଅନୁଯାୟୀ ଉଭୟ ନଦୀକୂଳର ଏକ ନିଛାଟିଆ ସ୍ଥାନରେ ପରସ୍ପରକୁ ଭେଟିଥିଲେ। ଏହି ସମୟରେ ଅନ୍ୟ ୩ ଜଣ ଆସି ସେମାନଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ଓ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ତା' ପରଦିନ ପୀଡ଼ିତାଙ୍କ ପକ୍ଷରୁ ୪ ଅଭିଯୁକ୍ତଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। କୌଶାମ୍ବୀ ଜିଲାର ଅକିଲ ସରାଇ ଥାନାରେ ଅଭିଯୁକ୍ତମାନଙ୍କ ବିରୋଧରେ ବଳାତ୍କାର, ଆକ୍ରମଣ ଓ ଆଇପିସିର ବିଭିନ୍ନ ଧାରା ସମେତ ପୋକ୍ସୋ ଆଇନା ଧାରା ୫ ଓ ୬ରେ ମାମଲା ରୁଜୁ ହୋଇଥିଲା।

## ବିସ୍ଫୋରଣରେ ୨ ଯବାନ ଶହୀଦ

ଜମ୍ମୁ, ୩୦।୧୦(ପି.ଟି.)

ଜମ୍ମୁ-କଶ୍ମୀରର ରାଜୌରୀ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟ ଆଗୁଆ ଘାଟିରେ ଶନିବାର ବିସ୍ଫୋରଣରେ ଜଣେ ସେନା ଅଫିସର ଓ ଜଣେ ଯବାନ ଶହୀଦ ହୋଇଛନ୍ତି। ନୌଶେରା ସେକ୍ଟର ଅନ୍ତର୍ଗତ କଲାଲ ଅଞ୍ଚଳରେ ଯବାନମାନେ ପାଟ୍ରୋଲିଂ କରୁଥିବାବେଳେ ବିସ୍ଫୋରଣ ଘଟିଥିଲା। ଅନୁପ୍ରବେଶ ରୋକିବା ପାଇଁ ସେନା ପକ୍ଷରୁ ଉକ୍ତ ଅଞ୍ଚଳରେ ଲ୍ୟାଣ୍ଡମାଇନ ଖଞ୍ଜା ଯାଇଥିଲା। ତେବେ ଉକ୍ତ ଲ୍ୟାଣ୍ଡମାଇନ କିମ୍ବା ଆତଙ୍କବାଦୀ ଖଞ୍ଜିଥିବା ଆଇଇଡି ବିସ୍ଫୋରଣ ଘଟିଛି, ତାହା ସ୍ପଷ୍ଟ ହୋଇନାହିଁ।

## ଭାରତୀୟ ବଂଶୋଦ୍ଭବ ଫାର୍ମା ସିଇଓଙ୍କୁ ହତ୍ୟା

ନ୍ୟୁୟର୍କ, ୩୦।୧୦

ଆମେରିକାରେ ଏକ ଫାର୍ମାସ୍ୟୁଟିକାଲ କମ୍ପାନୀରେ ସିଇଓ ଥିବା ଭାରତୀୟ ବଂଶୋଦ୍ଭବ ଶ୍ରୀ ରଙ୍ଗା ଅରବାପଲ୍ଲି(୫୪)ଙ୍କୁ ଗୁଳି କରି ହତ୍ୟା କରାଯାଇଛି। ସେ ଫିଲାଡେଲଫିଆ ନିକଟ ଏକ କାସିନୋରୁ ୧୦ ହଜାର ଡଲାର ଜିତିବା ପରେ ମଙ୍ଗଳବାର ସ୍ଥାନୀୟ ସମୟ ପ୍ରାୟ ସାଢ଼େ ୩ଟାରେ ନ୍ୟୁଜର୍ସି ସ୍ଥିତ ଘରକୁ ଫେରୁଥିଲେ। ସେଠାରୁ ପ୍ରାୟ ୮୦ କି.ମି. ପର୍ଯ୍ୟନ୍ତ ଜଣେ ଦୁର୍ବୃତ୍ତ ତାଙ୍କ ପିଛା କରିଥିଲେ। ଘରେ ପହଞ୍ଚିବା ପରେ ସେ ଅରବାପଲ୍ଲିଙ୍କୁ ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଗୁଳି ମାରିଥିଲେ। ପୋଲିସ ଅଭିଯୁକ୍ତ ଜେକାଇ ରେଡ୍-ଜନ୍‌ଙ୍କୁ ଗିରଫ କରି ଫାଷ୍ଟ-ଡିଗ୍ରୀ ମର୍ଡର ମାମଲା ରୁଜୁ କରିଛି।



ତୈଳ ଦର ବୃଦ୍ଧି ପ୍ରତିବାଦରେ ସାମାଜିକ କର୍ମୀମାନେ କୋଲକାତାରେ ମାନବଶୃଙ୍ଖଳ ସୃଷ୍ଟି କରିଛନ୍ତି।

## ପୋପ୍‌ଙ୍କୁ ଭେଟିଲେ ମୋଦି

### ଭାରତ ଆସିବାକୁ ଆମନ୍ତ୍ରଣ

ରୋମ୍, ୩୦।୧୦

ଜି-୨୦ ସମିଟ୍‌ରେ ଯୋଗଦେବା ପାଇଁ ଇଟାଲୀ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ପୋପ୍ ଫ୍ରାନ୍ସିସ୍‌ଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପୃଥିବୀକୁ ଉତ୍ତମ କରିବା ଲକ୍ଷ୍ୟରେ ଉଭୟଙ୍କ ମଧ୍ୟରେ ପ୍ରଥମ ସାକ୍ଷାତରେ ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ଦାରିଦ୍ର୍ୟ ଦୂରୀକରଣ ଉପରେ ଆଲୋଚନା ହୋଇଥିଲା। ପୋପ୍‌ଙ୍କ ସହ ବୈଠକ ପାଇଁ ମାତ୍ର ୨୦ ମିନିଟ ସମୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଘଣ୍ଟାଏ ପର୍ଯ୍ୟନ୍ତ ଆଲୋଚନା ଚାଲିଥିଲା। ଫ୍ରାନ୍ସିସ୍ ୨୦୧୩ରେ ପୋପ୍ ହେବା ପରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ମୋଦି ତାଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ପୋପ୍‌ଙ୍କୁ ଭାରତ ଆସିବା ଲାଗି ଆମନ୍ତ୍ରଣ କରିଛନ୍ତି। ୧୯୯୯ରେ ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବାବେଳେ ପୋପ୍ ଜନ୍ ପଲ୍ ଦ୍ୱିତୀୟ ଭାରତ ଭ୍ରମଣରେ ଆସିଥିଲେ।

ପ୍ରଧାନମନ୍ତ୍ରୀଙ୍କ ସହ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଭାଟିକାନ୍ ସିଟି ଷ୍ଟେଟ୍‌ର ପରରାଷ୍ଟ୍ର ସଚିବ କାର୍ଡିନାଲ ପିଏଟ୍ରୋ ପାରୋଲିନ୍‌ଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଜି-୨୦ ସମ୍ମିଳନୀରେ ଯୋଗଦେବା ସହ ପ୍ରଧାନମନ୍ତ୍ରୀ ମୋଦି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରୋଁ ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପୋପ୍ ଫ୍ରାନ୍ସିସ୍ ।

## ୫ରୁ ୧୧ ବର୍ଷର ପିଲା ନେବେ ଫାଇଜର ଟିକା

ୱାଶିଂଟନ, ୩୦।୧୦

ଆମେରିକାର ଖାଦ୍ୟ ଓ ଔଷଧ ପ୍ରଶାସନ (ଏଫ୍‌ଡିଏ) ଫାଇଜର-ବାୟୋଏନ୍‌ଟେକ୍ ପ୍ରସ୍ତୁତ କୋଭିଡ୍ ଟିକାକୁ ୫ରୁ ୧୧ ବର୍ଷ ବୟସ ବର୍ଗର ପିଲାମାନଙ୍କ ନିମନ୍ତେ ଜରୁରୀ ବ୍ୟବହାର ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ବୟସବର୍ଗର ପିଲାଙ୍କୁ କୋଭିଡ୍ ସଂକ୍ରମଣରୁ ସୁରକ୍ଷା ଦେବା ନିମନ୍ତେ ମଞ୍ଜୁରୀ ପାଇବାରେ ଫାଇଜର ପ୍ରଥମ ଟିକା। କମ୍ପାନୀର ସମସ୍ତ ତଥ୍ୟ ଅନୁଧ୍ୟାନ କରିବା ସହ ନିରପେକ୍ଷ ଉପଦେଷ୍ଟା କମିଟି ବିଶେଷଜ୍ଞମାନଙ୍କ ବିବରଣୀକୁ ତର୍ଜମା କରିବା ପରେ ଏଫ୍‌ଡିଏ ପିଲାମାନଙ୍କୁ ପାଇଁ ଉକ୍ତ ଟିକାକୁ ମଞ୍ଜୁରୀ ଦେବା ନିମନ୍ତେ ଭୋଟ ମାଧ୍ୟମରେ ନିଷ୍ପତ୍ତି ନେଇଥିଲା। ଦୁଇ ଡୋଜ୍ ବିଶିଷ୍ଟ ଏହି ଟିକା ୩ ସପ୍ତାହ ଅନ୍ତରରେ ପ୍ରଦାନ କରାଯିବ। ୧୨ ବର୍ଷ ଓ ତଦୂର୍ଦ୍ଧ୍ୱଙ୍କୁ ପ୍ରତି ଡୋଜ୍‌ରେ ୩୦ ମିଲିଗ୍ରାମ ଦିଆଯାଉଥିବାବେଳେ ୫ରୁ ୧୧ ବର୍ଷ ବୟସର ପିଲାଙ୍କୁ ୧୦ ମିଲିଗ୍ରାମ ଦିଆଯିବ। କ୍ଲିନିକାଲ ପରୀକ୍ଷାରୁ ଫାଇଜର ଟିକା କୋଭିଡ୍ ସଂକ୍ରମଣ ରୋକିବାରେ ୯୦.୭ ପ୍ରତିଶତ ଫଳପ୍ରଦ ସାବ୍ୟସ୍ତ ହୋଇଥିଲା। ଏହାର ନିରାପତ୍ତାକୁ ନେଇ ପ୍ରାୟ ୩,୧୦୦ ପିଲାଙ୍କ ଉପରେ ପରୀକ୍ଷା କରାଯାଇଥିଲା। ତେବେ କୌଣସି ପିଲାଙ୍କଠାରେ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନ ଥିଲା ବୋଲି ଏଫ୍‌ଡିଏ ପକ୍ଷରୁ କୁହାଯାଇଛି।

## ୧୦୬ କୋଟି ଟପିଲା ଟିକାଦାନ

ନୂଆଦିଲ୍ଲୀ, ୩୦।୧୦(ପି.ଟି.)

ଦେଶରେ କୋଭିଡ୍ ଟିକାଦାନ ଶନିବାର ୧୦୬ କୋଟି ଅତିକ୍ରମ କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଶନିବାର ରାତି ୭ଟା ସୁଦ୍ଧା ୬୧,୯୯,୪୨୯ ଡୋଜ୍ ଟିକା ଦିଆଯାଇଛି। ଜାନୁୟାରୀ ୧୬ରୁ ଦେଶରେ କୋଭିଡ୍ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିଲା। ମେ' ୧ରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଟିକାଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ଅକ୍ଟୋବର ୨୨ରେ ଦେଶରେ ଟିକାକରଣ ୧୦୦ କୋଟି ଅତିକ୍ରମ କରି ଇତିହାସ ସୃଷ୍ଟି କରିଥିଲା।

## କୃଷିକୁ ନୂଆ ଦିଗ ଦେବ ବିଜ୍ଞାନ

ନୂଆଦିଲ୍ଲୀ, ୩୦।୧୦ (ନ୍ୟୁ ଇଣ୍ଡିଆ ସମାଚାର)

ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନର ପ୍ରୋତ୍ସାହନ ଦ୍ୱାରା ପରମ୍ପରାର ଆଦିମ ଅଭ୍ୟାସକୁ ବଦଳାଇ ଭାରତକୁ ଆତ୍ମନିର୍ଭର କରାଇବା ଦିଗରେ କେନ୍ଦ୍ର ସରକାର ଅଗ୍ରସର ହେଉଛନ୍ତି । ବିଶେଷକରି କୃଷି ଏଭଳି ଏକ କ୍ଷେତ୍ର, ଯାହାର ଅଭିନବତା ଦ୍ୱାରା ପ୍ରଗତି ପାଇଁ ଅସୀମ ସମ୍ଭାବନା ରହିଛି। ଏହାକୁ ଧ୍ୟାନରେ ରଖି ପ୍ରଥମେ ଜୈବ ପୋଷଣଯୁକ୍ତ ୭୦ଟି ଉନ୍ନତ କିସମର ବିହନ କୃଷକମାନଙ୍କ ପାଇଁ ଉପଲବ୍ଧ କରାଯାଇଛି। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱତନ୍ତ୍ର ଗୁଣବତ୍ତାର ୩୫ଟି କିସମର ବିହନକୁ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହି ବିହନ ଜଳବାୟୁ ପରିବର୍ତ୍ତନର ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ସହ କୁପୋଷଣକୁ ଦୂର କରିବା ପାଇଁ ସକ୍ଷମ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ବିଜ୍ଞାନର ଉପଯୋଗ ମାଧ୍ୟମରେ ପାରମ୍ପରିକ ଅଭ୍ୟାସକୁ ପରିବର୍ତ୍ତନ କରାଯାଇପାରିବ। ଭାରତ ୭ ବର୍ଷ ହେବ ଏହି ପଥରେ ଅଗ୍ରସର ହେଉଛି। ଆଇସିଏଆର ଦ୍ୱାରା ବିକଶିତ ୩୫ଟି ସ୍ୱତନ୍ତ୍ର ଗୁଣବତ୍ତାଯୁକ୍ତ ଉନ୍ନତ କିସମର ଫସଲକୁ ସେପ୍ଟେମ୍ବର ୨୮ରେ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରି ପ୍ରଧାନମନ୍ତ୍ରୀ କହିଥିଲେ, ବିଜ୍ଞାନ, ସରକାର ଏବଂ ସମାଜ ମିଳିତ ଭାବରେ କାର୍ଯ୍ୟ କଲେ ଏହାର ଫଳାଫଳ ଉନ୍ନତ ହେବ। ଅନେକ ଗବେଷଣା ପରେ ଭାରତୀୟ କୃଷି ଗବେଷଣା ପରିଷଦ ଦ୍ୱାରା ଏଭଳି କିସମର ବିହନ ବିକଶିତ କରାଯାଇଛି। ପ୍ରଧାନମନ୍ତ୍ରୀ ରାୟପୁରଠାରେ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ ବାୟୋଲୋଜିକାଲ ଷ୍ଟ୍ରେସ ମ୍ୟାନେଜମେଣ୍ଟର ନବନିର୍ମିତ ପରିସର ଉଦ୍‌ଘାଟନ କରିଥିଲେ। ମୌଳିକ ଏବଂ ନୀତିଗତ ଗବେଷଣା, ମାନବ ସମ୍ବଳର ବିକାଶ ଏବଂ ଜୈବିକ ସମସ୍ୟାର ସମାଧାନ ପାଇଁ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ଏହି ପ୍ରତିଷ୍ଠାନ ସ୍ଥାପନ କରାଯାଇଛି।

# ଉପନିର୍ବାଚନ: ୫୦ରୁ ୭୩% ମତଦାନ

ନୂଆଦିଲ୍ଲୀ, ୩୦।୧୦(ପି.ଟି.)

୧୩ ରାଜ୍ୟର ୩ ଲୋକ ସଭା ଓ ୨୯ ବିଧାନସଭା ଆସନ ଲାଗି ଶନିବାର ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣ ହୋଇଥିବାବେଳେ ୫୦ରୁ ୭୩ ପ୍ରତିଶତ ପର୍ଯ୍ୟନ୍ତ ମତଦାନ ହୋଇଥିବା ଜଣାପଡ଼ିଛି। ଏହି ଉପନିର୍ବାଚନରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଆଇଏନ୍‌ଏଲ୍‌ଡି ନେତା ଅଭୟ ଚୌତାଲା, ଦିବଙ୍ଗତ ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂଙ୍କ ସ୍ତ୍ରୀ ପ୍ରତିଭା ସିଂ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଥିଲେ। ବୁଥ୍‌ଗୁଡ଼ିକରେ କରୋନା କଟକଣା ମଧ୍ୟରେ ଭୋଟ ଗ୍ରହଣ କରାଯାଇଥିଲା। ହିମାଚଳପ୍ରଦେଶର ମଣ୍ଡି ଲୋକ ସଭା ଆସନରୁ ପ୍ରତିଭା ସିଂ ପ୍ରାର୍ଥୀ ହୋଇଥିବାବେଳେ ସେଠାରେ ଅପରାହ୍ଣ ୫ଟା ସୁଦ୍ଧା ୪୯.୮୩ ପ୍ରତିଶତ ମତଦାନ ହୋଇଥିଲା। ତାଙ୍କ ବିପକ୍ଷରେ ଭାଜପାରୁ ଖୁଶଲ ସିଂ ଠାକୁର ନିର୍ବାଚନ ଲଢ଼ୁଛନ୍ତି। ମାର୍ଚ୍ଚରେ ଭାଜପା ଏମ୍‌ପି ରାମସ୍ୱରୂପ ଶର୍ମାଙ୍କ ପରଲୋକ ଯୋଗୁ ଏହି ଆସନ ଖାଲି ପଡ଼ିଥିଲା।



ହିମାଚଳ ପ୍ରଦେଶ ମଣ୍ଡି ନିର୍ବାଚନ ତସିଗଙ୍ଗ ବୁଥ୍‌ରେ ଭୋଟ ଦେଇସାରିବା ପରେ ଭୋଟରମାନେ ଗ୍ରୁପ୍ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

ହିମାଚଳପ୍ରଦେଶର ଫତେପୁର, ଅର୍କି ଏବଂ ଜୁବାଲ-କୋଟଖାଇ ବିଧାନସଭା ଆସନରେ ଯଥାକ୍ରମେ ୬୨.୪, ୬୧.୩୩ ଏବଂ ୬୬.୧ ପ୍ରତିଶତ ମତଦାନ ହୋଇଛି। ଏହା ବ୍ୟତୀତ ଆସାମର ୫ ଆସନ, ପଶ୍ଚିମବଙ୍ଗର ୪, ମଧ୍ୟପ୍ରଦେଶ, ମେଘାଳୟର ୩ଟି ଲେଖାଏ ଆସନ, ବିହାର, କର୍ନାଟକ, ରାଜସ୍ଥାନର ୨ଟି ଲେଖାଏ ଆସନ ଏବଂ ଆନ୍ଧ୍ରପ୍ରଦେଶ, ହରିୟାଣା, ମହାରାଷ୍ଟ୍ର, ମିଜୋରାମ ଓ ତେଲଙ୍ଗାନାର ଗୋଟିଏ ଲେଖାଏ ଆସନରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ଆସନଗୁଡ଼ିକ ମଧ୍ୟରୁ ୬ଟି ଭାଜପା ନିୟନ୍ତ୍ରଣରେ ଥିବାବେଳେ ୯ଟିରେ କଂଗ୍ରେସ ଓ ଅନ୍ୟ ଆସନଗୁଡ଼ିକ ଆଞ୍ଚଳିକ ଦଳ ଅଧୀନରେ ରହିଥିଲା। ନଭେମ୍ବର ୨ରେ ଭୋଟଗଣନା ଅନୁଷ୍ଠିତ ହେବ।

ହରିୟାଣାର ଏଲେନାବାଦ ବିଧାନସଭା ଆସନରେ ୭୩ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାନ ହୋଇଛି। ଦାଦ୍ରା ଓ ନଗର ହାଭେଲି ଲୋକ ସଭା ଅସାନରେ ଅପରାହ୍ଣ ୫ଟା ସୁଦ୍ଧା ୬୬ ପ୍ରତିଶତ ଭୋଟ ପଡ଼ିଥିବା ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ମଧ୍ୟପ୍ରଦେଶର ଖଣ୍ଡୱା ଲୋକ ସଭା ଆସନରେ ୬୩.୮୮ ପ୍ରତିଶତ ମତଦାନ ହୋଇଥିବାବେଳେ ରାଜ୍ୟର ୩ ବିଧାନସଭା ଆସନରେ ୬୪.୬୦ ପ୍ରତିଶତ ଭୋଟଗ୍ରହଣ ହୋଇଛି।

> ବିଶ୍ୱର ମଙ୍ଗଳ ପାଇଁ ଭାରତବର୍ଷକୁ ରକ୍ଷା କରିବାକୁ ହେବ। କାରଣ ଭାରତ ହିଁ ଏକାକୀ ବିଶ୍ୱ ପାଇଁ ଶାନ୍ତି ଏବଂ ଏକ ନୂତନ ଜୀବନଧାରାର ବାର୍ତ୍ତା ଦେଇ ପାରେ। -ଶ୍ରୀମା



# ଅଧିକାର ନାହିଁ



ଆକାର ପଟେଲ

ସମୀର ୱାଙ୍ଖଡେଙ୍କ ଅନୁସୂଚିତ ଜାତି(ଏସ୍‌ସି) ପ୍ରମାଣପତ୍ର ସମ୍ପର୍କରେ ଉଠିଥିବା ବିବାଦ ଆମକୁ ଦୁଇଟି ବିଷୟରେ ଅନୁଧ୍ୟାନ କରିବାକୁ ସୁଯୋଗ ଦେଇଛି। ପ୍ରଥମଟି ସଂରକ୍ଷଣ ଓ ଅନ୍ୟଟି ଧାର୍ମିକ ସ୍ୱାଧୀନତା। ଭାରତ ହିନ୍ଦୁ, ଶିଖ, ବୌଦ୍ଧଧର୍ମର ଦଳିତଙ୍କୁ ଅନୁସୂଚିତ ଜାତି ସଂରକ୍ଷଣ ଦେଇଥିବାବେଳେ ଖ୍ରୀଷ୍ଟିଆନ ଓ ମୁସଲମାନ ଦଳିତଙ୍କୁ ତାହା ଦେଇନାହିଁ। ପୂର୍ବତନ ବିଚାରପତି ରାଜିନ୍ଦର ସାଚ୍ଚାରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ମୁସଲମାନ ଦଳିତଙ୍କ ସମେତ ସମସ୍ତ ଦଳିତଙ୍କୁ ସଂରକ୍ଷଣ ସୁବିଧା ଦେବା ପାଇଁ ସୁପାରିସ କରିଥିଲା। ହେଲେ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ଅବଶ୍ୟ ଏବେ ଭାରତରେ ମୁସଲମାନଙ୍କର କୌଣସି ରାଜନୈତିକ ଏଜେନ୍ସି ନାହିଁ ଏବଂ ସେମାନେ ଏହି ସଂରକ୍ଷଣ ପାଇଁ ଦାବି କରିପାରୁନାହାନ୍ତି। ଅନ୍ୟପକ୍ଷରେ ଭାରତରେ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗରେ ମୁସଲମାନ ଏବଂ ଖ୍ରୀଷ୍ଟିଆନ ସମେତ ସବୁ ଧର୍ମର ଜନଜାତି ଲୋକଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରାଯାଇଛି। ମୁସଲମାନ ଏବଂ ଖ୍ରୀଷ୍ଟିଆନଙ୍କର ଅନ୍ୟ ପଛୁଆ ବର୍ଗ(ଓବିସି)ଙ୍କ ପାଇଁ ମଧ୍ୟ ସଂରକ୍ଷଣ ସୁବିଧା ଉପଲବ୍ଧ। କେବଳ ଏସ୍‌ସି ବର୍ଗ, ଯେଉଁଥିରେ ସମୀର ୱାଙ୍ଖଡେ ଆବେଦନ କରିଥିଲେ, ତାହା ମୁସଲମାନ୍‌ଙ୍କୁ ଦିଆଯାଇନାହିଁ। ୱାଙ୍ଖଡେଙ୍କ ପିତା ଦଳିତ ଓ ମାତା ମୁସଲମାନ। ଅଭିଯୋଗ ହେଉଛି ଯେ, ସେ ନିଜେ ଜଣେ ଦଳିତ ହୋଇଥିବାରୁ ଏସ୍‌ସି ବର୍ଗରେ ତାଙ୍କ ଦରଖାସ୍ତ ଆଇନଗତ ଭାବେ ଗ୍ରହଣୀୟ ନୁହେଁ।

ଭାରତରେ ଯେଉଁ ଦଳିତ ଓ ଆଦିବାସୀ ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟଧର୍ମ ଗ୍ରହଣ କରୁଛନ୍ତି ସେମାନେ ଅସୁବିଧାରେ ରହିଛନ୍ତି। କାରଣ, ସରକାର ପ୍ରମାଣପତ୍ରରେ ସେମାନଙ୍କୁ 'ଖ୍ରୀଷ୍ଟିଆନ ଆଦିବାସୀ' ଭାବେ ପଞ୍ଜୀକୃତ କରିବାକୁ ବାଧ୍ୟ କରୁଛନ୍ତି। ଏହାଦ୍ୱାରା ଏମାନଙ୍କୁ ସଂରକ୍ଷଣ ସହ ଅନ୍ୟ ଅଧିକାର ପାଇବା ସହଜ ହେଉନାହିଁ। ସରକାର ଅନ୍ୟାୟ ଭାବେ ସେମାନଙ୍କୁ ଅଧିକାର ଦେବାକୁ ମନା କରିଛନ୍ତି। ଏହାକୁ ଲକ୍ଷ୍ୟକରି ଗୁଜରାଟରେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିବା କେତେଜଣ ଦଳିତ ସରକାରୀ ସ୍ତରରେ ସେମାନଙ୍କ ହିନ୍ଦୁ ଧର୍ମ ବଜାୟ ରଖିଛନ୍ତି। ପରିସ୍ଥିତିରେ ପଡ଼ି ସରକାରଙ୍କଠାରୁ ଅଧିକାର ପାଇବାକୁ ଦଳିତମାନେ ଏଭଳି ଉପାୟ କରୁଛନ୍ତି। ଧର୍ମାନ୍ତରୀକରଣ ବନ୍ଦ କରିବା ଲାଗି ସଂରକ୍ଷଣ ଘଟଣାକୁ ନେଇ ଭାରତୀୟ ଜନତା ପାର୍ଟି(ଭାଜପା) ସରକାର ଗୁଜରାଟୀ ଦଳିତ ଓ ଆଦିବାସୀ ଖ୍ରୀଷ୍ଟିଆନଙ୍କ ପଛରେ ଲାଗିଯାଇଛନ୍ତି। ୭ ମାର୍ଚ୍ଚ ୨୦୧୧ରେ ପୂର୍ବରୁ ପାଉଥିବା ସୁବିଧା ଉପଲବ୍ଧ ପାଇଁ ନିମେଶ ଜାଭେରି ନାମକ ଜଣେ ଦଳିତଙ୍କ ଆବେଦନକୁ ଗୁଜରାଟ ହାଇକୋର୍ଟ ନାକଚ କରିଦେଇଥିଲେ। ସେହି ବ୍ୟକ୍ତି ଧର୍ମ ପରିବର୍ତ୍ତନ କରିଥିବା ସରକାର ଯୁକ୍ତି ବାଢ଼ିବା ପରେ ଏହା ହୋଇଥିଲା। କୋର୍ଟ କହିଥିଲେ, ସରକାର ସେମାନଙ୍କୁ ପ୍ରମାଣପତ୍ର ଦେଇଥିବା ସତ୍ତ୍ୱେ ନିମେଶ ଏବଂ ତାଙ୍କ ପରିବାର ଦଳିତ ଭାବେ ପାଉଥିବା ଅଧିକାର ପାଇବେ ନାହିଁ। ଅନେକେ ହୁଏତ ଜାଣିନାହାନ୍ତି ଯେ, ଧର୍ମ ପରିବର୍ତ୍ତନ କରିଥିବା ଅନୁସୂଚିତ ଜାତି ଏବଂ ଜନଜାତିର ପୁରୁଷ ଓ ମହିଳାମାନେ ଧର୍ମ ପରିବର୍ତ୍ତନ କରିଥିବା ଅନ୍ୟ ବର୍ଗର ଲୋକମାନଙ୍କଠାରୁ କଠୋର ଦଣ୍ଡ ପାଉଛନ୍ତି। ୨୦୧୮ ପରେ ଭାଜପା ଶାସିତ ରାଜ୍ୟଗୁଡ଼ିକ ବିଶେଷକରି ବିବାହ ସହ ଜଡ଼ିତ ଧର୍ମାନ୍ତରୀକରଣ ରୋକିବା ଲାଗି କଡ଼ା ଆଇନ ପ୍ରଣୟନ କରିବା ଆରମ୍ଭ କରିଦେଲେ। ଭାରତ ଏକ ରକ୍ଷଣଶୀଳ ସାଂସ୍କୃତିକ ସମାଜ। ଏଠାରେ ଅଧିକାଂଶ ପରିବାର ଘରେ ଧାର୍ମିକ ପ୍ରଥା ଓ ପରମ୍ପରା ପାଳନ କରନ୍ତି ଏବଂ ଏଭଳି ପରିବାରରେ ଦୁଇଟି ଭିନ୍ନ ଧର୍ମର ଲୋକ ରହିବା ସମ୍ପୂର୍ଣ୍ଣ ଅସାଧାରଣ। ସ୍ପେଶିଆଲ ମ୍ୟାରେଜ ଆକ୍ଟରେ ଅଲଗା ଧର୍ମର ଦୁଇ ଜଣ ବ୍ୟକ୍ତି ବିବାହ କରିବା ସମ୍ଭବ, କିନ୍ତୁ ଏଥିରେ ସମସ୍ୟା ରହିଛି, ଯାହା ଏଠାରେ ଆମେ ବ୍ୟାଖ୍ୟା କରିବାକୁ ଆବଶ୍ୟକ ମନେ କରୁନାହୁଁ। ଉତ୍ତରାଖଣ୍ଡ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ, ୨୦୧୮ ଥିଲା ପ୍ରଥମ ତଥା ନୂଆ 'ଲଭ୍ ଜିହାଦ' ଆଇନ। ଏହା ଏକ ବିଚିତ୍ର ଆଇନ। ଯେଉଁମାନେ ଧର୍ମପରିବର୍ତ୍ତନ କରି ହିନ୍ଦୁ (ଯାହାକୁ ପୂର୍ବପୁରୁଷଙ୍କ ଧର୍ମ ବୋଲି କୁହାଯାଇଛି) ହୋଇଛନ୍ତି ସେମାନଙ୍କୁ ଏହି ଆଇନରେ ବାଦ୍ ଦିଆଯାଇଛି। ଅର୍ଥାତ୍ ଜଣେ ହିନ୍ଦୁ ବିବାହ ପାଇଁ ଧର୍ମ ପରିବର୍ତ୍ତନ କରି ମୁସଲମାନ ହୋଇପାରିବ ନାହିଁ, କିନ୍ତୁ ଏଥିପାଇଁ ଜଣେ ମୁସଲମାନ ହିନ୍ଦୁ ହୋଇପାରିବ। ଉତ୍ତରପ୍ରଦେଶ ବିଧି ବିରୁଦ୍ଧ ଧର୍ମ ସମ୍ପରିବର୍ତ୍ତନ ପ୍ରତିଷେଧ ଅଧ୍ୟାଦେଶ, ୨୦୨୦ରେ ଅଭିଯୁକ୍ତ ନିଜ ଆଡୁ ଦୋଷମୁକ୍ତ ବୋଲି ପ୍ରମାଣିତ କରିବାକୁ ହେବ। ମଧ୍ୟପ୍ରଦେଶ ଧର୍ମ ସ୍ୱାତନ୍ତ୍ର୍ୟ ଅଧ୍ୟାଦେଶ, ୨୦୨୦ ବିବାହ ମାଧ୍ୟମରେ ଧର୍ମ ପରିବର୍ତ୍ତନ କାର୍ଯ୍ୟ ଲାଗି ୧୦ ବର୍ଷ ଜେଲ୍‌ଦଣ୍ଡ ପ୍ରାବଧାନ କରିଛି। ଏପରି କି ଦମ୍ପତିଙ୍କର ସନ୍ତାନ ଥିଲେ ବି ଏଭଳି ବିବାହକୁ ରଦ୍ଦ କରିବାର ବ୍ୟବସ୍ଥା ରହିଛି। ଗୁଜରାଟ ଫ୍ରିଡମ ଅଫ୍ ରିଲିଜିଅନ୍ ଆମେଣ୍ଡ୍‌ମେଣ୍ଟ ଆକ୍ଟ, ୨୦୨୧ରେ ମଧ୍ୟ ୧୦ ବର୍ଷର ଜେଲ୍‌ଦଣ୍ଡ ରଖାଯାଇଛି। ଭାଜପା ଶାସିତ କର୍ଣ୍ଣାଟକ ଓ ହରିୟାଣା ଖୁବ୍ ଶୀଘ୍ର ଏଭଳି ଆଇନ ଆଣିବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଇନ କ୍ଷେତ୍ରରେ ପ୍ରଗତି ହେବା ପରିବର୍ତ୍ତେ ଅଧୋଗତି ହେଉଛି।

ଧର୍ମ ଗ୍ରହଣ, ପାଳନ ଓ ପ୍ରସାର କରିବା ଭାରତୀୟଙ୍କ ମୌଳିକ ଅଧିକାର। ସାମ୍ବିଧାନିକ ସଭାରେ ଖ୍ରୀଷ୍ଟିଆନମାନଙ୍କ ଧର୍ମ ପରିବର୍ତ୍ତନ ଅଧିକାରକୁ ନେଇ ଜୋର୍‌ସୋର୍ ବିତର୍କ ହୋଇଥିଲା। ସାମ୍ବିଧାନିକ ସଭାର କମିଟିକୁ ଆମ୍ବେଦକର ଦେଇଥିବା ମୂଳ ଚିଠାରେ ଲେଖାଥିଲା ଯେ, ସାର୍ବଜନୀନ ବ୍ୟବସ୍ଥା ଏବଂ ନୈତିକତା ଆଧାରରେ ଏକ ଅନୁକୂଳ ସୀମା ମଧ୍ୟରେ ଧର୍ମ ଗ୍ରହଣ, ପ୍ରଚାର ଓ ପରିବର୍ତ୍ତନ ଅଧିକାର ରହିବ। କିନ୍ତୁ ଏଥିରେ ଶବ୍ଦ ପରିବର୍ତ୍ତନ କରି ପ୍ରୋପାଗେଟ ବା ପ୍ରସାର ଶବ୍ଦ ଯୋଡ଼ାଯିବା ପରେ ସେ କିଛି ମନ୍ତବ୍ୟ ଦେଇ ନ ଥିଲେ, କାରଣ ଭାରତରେ ଧର୍ମ ପ୍ରସାର କହିଲେ ତାହା ଧର୍ମ ପରିବର୍ତ୍ତନ ବୋଲି ବୁଝିଥିଲେ ଓ ସେଥିରେ ସନ୍ତୁଷ୍ଟ ଥିଲେ। କିନ୍ତୁ ଏବେ ଧର୍ମ ପ୍ରସାର କିମ୍ବା ପରିବର୍ତ୍ତନର କୌଣସି ଅଧିକାର ନାହିଁ। ଏହା କରିବା ଲାଗି ଜଣଙ୍କୁ ଫର୍ମ ପୂରଣ କରିବାକୁ ହେବ ଏବଂ ଜଣେ ଧର୍ମ ପରିବର୍ତ୍ତନ କରିବେ କି ନାହିଁ ତାହା ସରକାର ସ୍ଥିର କରିବେ। ଆମ ସାର୍ବଭୌମ ଗଣତନ୍ତ୍ରରେ ଏହା ଏକ ଅଜବ ବିଷୟ। ଧର୍ମ ଗ୍ରହଣ, ପାଳନ ଏବଂ ପ୍ରସାର ଆମର ମୌଳିକ ଅଧିକାର। ଏଥିରେ ଜଣେ ସବୁଠୁ ସୁରକ୍ଷିତ ମଣିବା କଥା କିନ୍ତୁ ଦଣ୍ଡନୀୟ ଅପରାଧରେ ଛନ୍ଦି ହୋଇଯାଉଛି।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | | 5 | | | 4 |
| 2 | | 3 | | 8 | | 7 | | 5 |
| | | 6 | | | | | | |
| | 9 | 8 | | | | | | |
| | 3 | | | 9 | | | | |
| 4 | | | | | | | 6 | |
| | | | | 5 | 9 | | 4 | 1 |
| | | | | 1 | 8 | | | 3 |
| 9 | | 4 | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 8 | 1 | 5 | 2 | 7 | 3 | 6 |
| 5 | 3 | 1 | 7 | 4 | 6 | 8 | 9 | 2 |
| 2 | 6 | 7 | 9 | 8 | 3 | 5 | 1 | 4 |
| 3 | 1 | 4 | 6 | 2 | 5 | 9 | 8 | 7 |
| 6 | 8 | 5 | 3 | 9 | 7 | 4 | 2 | 1 |
| 9 | 7 | 2 | 8 | 1 | 4 | 3 | 6 | 5 |
| 7 | 5 | 6 | 2 | 3 | 9 | 1 | 4 | 8 |
| 8 | 2 | 9 | 4 | 7 | 1 | 6 | 5 | 3 |
| 1 | 4 | 3 | 5 | 6 | 8 | 2 | 7 | 9 |

ଗତକାଲିର ଉତ୍ତର

# ଚାହିଁଥିବା ଜଳକା



ସହଦେବ ସାହୁ

ରାଷ୍ଟ୍ରପତି ବାଇଡେନ୍ ବଡ଼ ସହଜରେ କହିଦେଲେ, ''ଆଫ୍‌ଗାନିସ୍ତାନରୁ ୟୁଏସ୍ ଫୋର୍ସକୁ ଫେରାଇଆଣିବା ଯୁକ୍ତିଯୁକ୍ତ; ଯାହା ହୋଇଛି ତାହାଠାରୁ ବେଶି କିଛି ହେବାର ନାହିଁ।'' ୨୦ ବର୍ଷ, ୨ ଟ୍ରିଲିଅନ୍ ଡଲାର ଓ ୨୪୪୮ ମାର୍କିନ୍ ସୈନିକଙ୍କ ଜୀବନ: ଆମେରିକା ଯୁକ୍ତରାଷ୍ଟ୍ର କେବଳ ଏତିକି ହରାଇଲା ନାହିଁ, ୪୭,୦୦୦ ବେସାମରିକ ଲୋକଙ୍କ ଜୀବନ ବି ଗଲା। ଏତେ ବୋଝ ବୋହି ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକା ଇସ୍‌ଲାମୀୟ ସନ୍ତ୍ରାସବାଦ ଉପରେ ସାମାନ୍ୟତମ ନିୟନ୍ତ୍ରଣ ପାଇପାରି ନାହିଁ। ୨୦ ବର୍ଷ ଧରି କଳବଳ ସବୁ ଲଗାଇ ମଧ୍ୟ ଆମେରିକା ଯାଉଛି ବୋଲି କହିବାର କେଇଟା ଦିନରେ ତାଲିବାନ୍ ସାରା ଆଫ୍‌ଗାନିସ୍ତାନକୁ ଦଖଲ କରିନେଲା। 'ତାଲିବାନ୍' ନ ନେଇଥିଲେ 'ଭ୍ରଷ୍ଟାଚାର' ଆଫ୍‌ଗାନିସ୍ତାନକୁ ରସାତଳକୁ ନେଇଯାଇଥାନ୍ତା। ତାଲିବାନ୍ ବିନା ବାଧାରେ ଆମେରିକା ଛାଡ଼ିଯାଇଥିବା ଅସ୍ତ୍ରଶସ୍ତ୍ର ଗୁଡ଼ାଏ ପାଇଗଲା। ଇତିହାସ କହେ, ଆମେରିକା ଯେଉଁଠି ସାମରିକ ହସ୍ତକ୍ଷେପ କରିଛି; ଏମିତି ଅପମାନଜନକ ପରିସ୍ଥିତିରେ ଘରକୁ ଫେରିଛି।

ଯିଏ ଆମେରିକାକୁ ସାହାଯ୍ୟ କରିଛି, ସିଏ ବି ତାଲିବାନ୍‌ର କ୍ରୋଧର ଶିକାର ହୋଇଛି। ପ୍ରାୟ ୧୮,୦୦୦ ଆଫ୍‌ଗାନ୍ ଯେଉଁମାନେ ଆମେରିକାନ୍‌ମାନଙ୍କ ପାଇଁ କାମ କରୁଥିଲେ; ଇଣ୍ଟରପ୍ରିଟର୍, ଡ୍ରାଇଭର, ଇଞ୍ଜିନିଅର, ସିକ୍ୟୁରିଟି ଗାର୍ଡ, ମରାମତି କର୍ମଚାରୀ, କ୍ଲର୍କ; ସେମାନଙ୍କ ପରିବାର, ପ୍ରାୟ ୭୦,୦୦୦ ଲୋକଙ୍କୁ ଫେରାଇବା ଆରମ୍ଭ ନ କରୁଣୁ ତାଲିବାନ୍ ମାଡ଼ିଆସିଲା। ତଳୁ ଉପରଯାଏ କେହି ଏ ପ୍ରକାରର ସମ୍ଭାବନା ଭାବି ପାରିଲେ ନାହିଁ; ଭିଏତନାମ୍‌ରେ ୧୯୭୫ରେ ଏମିତି ଘଟିଥିଲା। ୧,୩୦,୦୦୦ ଭିଏତ୍‌ନାମୀଙ୍କୁ ଆମେରିକାକୁ ଆଣିବାକୁ ପଡ଼ିଲା ସିନା, ପ୍ରେସିଡେଣ୍ଟ ଜେରାଲ୍ଡ ଫୋର୍ଡ ପୁନର୍ବାସନ ବ୍ୟବସ୍ଥା ସୁଚାରୁ ରୂପେ କରିପାରିଲେ ନାହିଁ। କେତେକ ମାର୍କିନ୍ ସମାଲୋଚକ କହୁଛନ୍ତି, ଆମେ ଆଫ୍‌ଗାନିସ୍ତାନକୁ ଆକ୍ରମଣ କଲୁ, ଏବେ ଆଫ୍‌ଗାନିସ୍ତାନ ଆମକୁ ଆକ୍ରମଣ କରୁଛି। ଯୁକ୍ତରାଷ୍ଟ୍ର କେବଳ ପୁନର୍ବାସନ କରିବ ନାହିଁ, ରିପାରେଶନ୍ (ଯୁଦ୍ଧ ଯୋଗୁ ହୋଇଥିବା କ୍ଷତିର ଭରଣା ଅର୍ଥ) ଦେବ, ତାହା ହିଁ ତ ପରାସ୍ତ ରାଷ୍ଟ୍ର କରିଥାଏ। ଲୋକଙ୍କୁ ଦିଏ ନାହିଁ, ସରକାରକୁ ଦିଏ।

ଆମେରିକା ଯୁକ୍ତରାଷ୍ଟ୍ର ସାଙ୍ଗରେ ରହିଥିବା କାରଣରୁ ଭାରତ ସଂଘଦୋଷରେ ପୀଡ଼ିତ। ତାଲିବାନ୍‌ର ଆଚରଣରେ କିଛି ଖୁସି ଖବର ଏଯାଏ ଭାରତ ପାଇନାହିଁ। ତାଲିବାନ୍ ଯାହା କହୁଛି ଓ ଯାହା କରୁଛି, ତା' ଭିତରେ ବହୁତ ଫାଙ୍କ। ତେଣୁ ପଡ଼ୋଶୀ ରାଷ୍ଟ୍ରମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଉତ୍ତର ଦିଗର ଯେଉଁ ସୀମାନ୍ତ ଆଫ୍‌ଗାନିସ୍ତାନକୁ ଭାରତ ସହ ଯୋଡ଼ିଥିଲା, ତାହା ତ ପାକିସ୍ତାନ ଚାଇନାକୁ ଦେଇଦେଇଛି, ତାକୁ ଛଡ଼ାଇ ଆଣିବାକୁ ଭାରତ ଯୁଦ୍ଧ ଆରମ୍ଭ କରିବାକୁ ଚାହୁଁନାହିଁ। କାବୁଲ ଅଧିକାର କଲା ପରେ ପରେ ତାଲିବାନ୍ ଖୁବ୍ ସାବଧାନ ସହକାରେ ଘୋଷଣା କରୁଥିଲା ଯେ, ସବୁ ବର୍ଗର ଲୋକଙ୍କୁ ଘେନି ସରକାର ଗଢ଼ିବ। ସେପ୍ଟେମ୍ବର ୨ୟ ସପ୍ତାହରେ ତାଲିବାନ୍ ଯେଉଁ ସରକାର ଗଢ଼ିଲା, ତାହା ଦେଖି ଲୋକେ ଜାଣିଲେ ଯେ ଏ ଏକ କଡ଼ା ତାଲିବାନୀମାନଙ୍କ ସରକାର, କେବଳ ପୁରୁଷମାନଙ୍କ ସରକାର। ତାଙ୍କ ଦେଶର ବଡ଼ ସଂଖ୍ୟାଲଘୁ ସମ୍ପ୍ରଦାୟ, ହାଜରା, ନାରୀମାନଙ୍କ ଭଳି ପ୍ରତିନିଧିତ୍ୱ ପାଇନାହିଁ। ପୁରୁଣା ସରକାରରେ ଯେଉଁମାନେ ଥିଲେ ସେମାନଙ୍କ ଭିତରୁ ଜଣେ ହେଲେ ନାହିଁ। ଏପରିକି ଆଗ ସରକାରର ଯେଉଁ ଓଜନଦାର ଲୋକେ ଗୁଲ୍‌ବୁଦ୍ଦିନ୍ ହେକ୍‌ମାତ୍ୟାର୍, ଡଃ ଅବଦୁଲ୍ଲା ଅବଦୁଲ୍ଲା, ହମିଦ୍ କାରଜାଇ ଏବଂ ଓମାର ଜାଖିୱାଲ୍ ସେମାନଙ୍କ ଭିତରୁ ଜଣେ ହେଲେ ନାହିଁ।

ଆମେରିକା ଛାଡ଼ି ପଳାଇଲା ବୋଲି କେବଳ ଇରାନ୍ ବେଶି ଖୁସି ନୁହେଁ, ପାକସ୍ତାନ ବି ଖୁସି। ମନେପକାଇବା କଥା ଯେ, ଆଗର ତାଲିବାନ୍ ସରକାର ସମୟରେ କାବୁଲ୍‌ରେ ଯେଉଁ ୪ଟା ଏମ୍ବାସି (ରାଷ୍ଟ୍ରଦୂତ ଅଫିସ୍) କାମ କରୁଥିଲା, ତାହା ହେଉଛି ଇରାନ୍, ପାକିସ୍ତାନ, ଚାଇନା ଓ ରୁଷିଆ। ଏବେ ସେହି ୪ଟା ଏମ୍ବାସି କାମ କରୁଛି, କିନ୍ତୁ ସେମାନେ ଆଫ୍‌ଗାନିସ୍ତାନର ନୂଆ ସରକାରକୁ ସ୍ୱୀକୃତି ଦେଇନାହାନ୍ତି। ବଡ଼ କାରଣ ହେଉଛି ଯେ, ଆନ୍ତର୍ଜାତିକ ସ୍ତରରେ ସନ୍ତ୍ରାସବାଦୀ ରୂପେ ଜାତିସଂଘ ନିରାପତ୍ତା ପରିଷଦ ଘୋଷଣା କରିଥିବା ତାଲିବାନୀ ନେତା ଏ ଆଫ୍‌ଗାନୀ ଇସ୍‌ଲାମିକ୍ ଏମିରେଟ୍ ସରକାରରେ ଅଛନ୍ତି। ୟୁଏସ୍ ସାମରିକ ବାହିନୀ ଉପରେ ଆକ୍ରମଣ କରିଥିବାରୁ ଯୁକ୍ତରାଷ୍ଟ୍ର ଆମେରିକା ସରକାରଙ୍କ କଳା ତାଲିକାରେ ଥିବା କୁଖ୍ୟାତ ସନ୍ତ୍ରାସବାଦୀମାନଙ୍କ ଭିତରୁ କେତେକ ତାଲିବାନ୍ ସରକାର ଗଢ଼ିଛନ୍ତି। ସରକାରର ମୁଖ୍ୟ ମୁଲ୍ଲା ମହମ୍ମଦ ପାସାନ୍ ଅଖୁଣ୍ଡ ତ ଜାତିସଂଘର କଳା ତାଲିକାରେ ଏବଂ ଇଣ୍ଟେରିଅର୍ ମିନିଷ୍ଟର ସିରାଜୁଦ୍ଦିନ୍ ହାକ୍କାନି ତ ଏଫ୍‌ବିଆଇର ନିରୁଦ୍ଦିଷ୍ଟ ତାଲିକାରେ!

ପୁଣି ଚାଇନାର ରାଗ ଯେ, ଯେଉଁ ଇଷ୍ଟ ଟର୍କେସ୍ତାନ୍ ଇସ୍‌ଲାମିକ୍ ମୁଭ୍‌ମେଣ୍ଟ (ଇଟିଆଇଏମ୍) ଚାଇନାର ଉଇଗୁରୁ ସଶସ୍ତ୍ର ବିଦ୍ରୋହୀମାନଙ୍କ ସହ ସମ୍ପର୍କ ରଖିଛି, ତାହାକୁ ତାଲିବାନ୍ ସାହାଯ୍ୟ କରୁଛି। ତାଲିବାନ୍‌କୁ ତହିଁରୁ ନିବୃତ୍ତ କରିବାକୁ ଗତ ଜୁଲାଇ ୨୮ରେ ଚାଇନା ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଆଫ୍‌ଗାନିସ୍ତାନର ବୈଦେଶିକ ବ୍ୟାପାର ମନ୍ତ୍ରୀ ମୁଲ୍ଲା ଅବ୍ଦୁଲ ଗନି ବରଦାରଙ୍କ ସହ ଆଲୋଚନା କରିଥିଲେ। ଚାଇନା-ପାକିସ୍ତାନ ଇକ୍‌ନମିକ୍ କରିଡର୍ (ସିପିଇସି)ର ପତାକା ତଳେ କାମ କରୁଥିବା ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ଯୋଜନା ଭିତରେ ଆଫ୍‌ଗାନିସ୍ତାନ ରହିବାକୁ ଚାହୁଁଛି। ପାକିସ୍ତାନ ଚାହୁଁଛି ଆଫ୍‌ଗାନିସ୍ତାନ ସହ ତାହାର ବାଣିଜ୍ୟ କାରବାର ବଢୁ, ଆମେରିକା ଆଧିପତ୍ୟ ଥିବା ବେଳେ ୭୯୦ ମିଲିଅନ୍ ଡଲାର୍ ହୋଇଥିଲା (ଆଗରେ ୨ ବିଲିଅନ୍ ଥିଲା)। ଆଫ୍‌ଗାନିସ୍ତାନ ଅସ୍ଥିର ହେଲେ ପାକିସ୍ତାନର ସୀମା ସନ୍ତ୍ରାସବାଦୀମାନଙ୍କ କ୍ରୀଡ଼ାକ୍ଷେତ୍ର ହୋଇପଡ଼ିବ। ତେଣୁ ପାକିସ୍ତାନରେ ଶିୟା-ସୁନ୍ନି ବିବାଦ ବଢ଼ିବ ବୋଲି ପାକିସ୍ତାନ ସତର୍କ ରହୁଛି। ତେହରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି) ନାମକ ସଶସ୍ତ୍ର ସନ୍ତ୍ରାସବାଦୀ ସଂସ୍ଥା ସହାୟତାରେ ପ୍ରାୟ ୮୦,୦୦୦ ପାକିସ୍ତାନୀ ନିହତ ହୋଇଛନ୍ତି। ତାହାର ଯେପରି ପୁନରାବୃତ୍ତି ନ ହୁଏ, ସେହି ଲକ୍ଷ୍ୟରେ ପାକିସ୍ତାନ ତାଲିବାନ୍ ସରକାରକୁ ସାହାଯ୍ୟ କରୁଛି, ସ୍ୱୀକାର ବି କରିଛି। ଆଫ୍‌ଗାନିସ୍ତାନର ବଡ଼ ପଡ଼ୋଶୀ ରାଷ୍ଟ୍ର ରୁଷିଆ ଚିନ୍ତିତ ଯେ ଆଫ୍‌ଗାନିସ୍ତାନର ଇସ୍‌ଲାମ ଏମିରେଟ୍ ଅସ୍ଥିର ହୋଇ ରହିଲେ ରୁଷିଆର ସେଣ୍ଟ୍ରାଲ୍ ଏସିଆନ୍ ମୈତ୍ର ରାଷ୍ଟ୍ରଗୁଡ଼ିକରେ, ବିଶେଷତଃ ତାଜିକ୍‌ସ୍ତାନ୍, ଉଜ୍‌ବେକିସ୍ତାନ ଓ ତୁର୍କମେନିସ୍ତାନରେ ଗଣ୍ଡଗୋଳ ବଢ଼ିବ; ତେଣୁ ସେ ତାଲିବାନକୁ ସ୍ୱୀକୃତି ଦେଉଛି।

କିନ୍ତୁ ସେତକ ସ୍ୱୀକୃତି ଯଥେଷ୍ଟ ନୁହେଁ ବୋଲି ତାଲିବାନ୍ ପରିଚାଳିତ ଇସ୍‌ଲାମିକ୍ ଏମିରେଟ୍ ଚାହୁଁଛି ପୃଥିବୀର ସବୁ ଦେଶ, ଅନ୍ତତଃ ଅଧିକାଂଶ ରାଷ୍ଟ୍ର ତାଙ୍କୁ ସ୍ୱୀକାର କରନ୍ତୁ। କାରଣ ବୈଧତା, ସମ୍ମାନ ଓ ବାଣିଜ୍ୟ ପାଇଁ ତାହା ଦରକାର। ଦେଶ-ଦେଶ ଭିତରେ ସମ୍ପର୍କକୁ ୧୯୩୩ର ମଣ୍ଟେଭିଡିଓ କନଭେନ୍‌ସନ୍ ଅନ୍ ଦି ରାଇଟ୍‌ସ ଆଣ୍ଡ ଡ୍ୟୁଟିଜ୍ ଅଫ୍ ଷ୍ଟେଟ୍‌ସ ନିୟନ୍ତ୍ରିତ କରିଥାଏ। କିନ୍ତୁ ଯେଉଁ ଯୁକ୍ତରାଷ୍ଟ୍ର ଆମେରିକା 'ଦି ଇସ୍‌ଲାମିକ୍ ଏମିରେଟ୍ ଅଫ୍ ଆଫ୍‌ଗାନିସ୍ତାନ'କୁ ସ୍ୱୀକୃତି ଦେଉନାହିଁ, ସେହି ୟୁଏସ୍ କାତାର ରାଜଧାନୀ ଦୋହାଠାରେ ତାଲିବାନ୍‌ମାନଙ୍କ ସହ ସମ୍ଝୌତା କଲା ଯେ ସେମାନେ ଶାନ୍ତିପୂର୍ଣ୍ଣ ଭାବରେ ଆଫ୍‌ଗାନିସ୍ତାନକୁ ଆସନ୍ତୁ। ଅଥଚ ଯେଉଁମାନେ ଆମେରିକା ପ୍ରଭାବରେ ଶାସନ କରୁଥିଲେ, ସେମାନେ ତ ଗାଦିରେ ଅଛନ୍ତି, ଦେଶାନ୍ତର ପଳାୟନ କରିନାହାନ୍ତି। ତାଲିବାନକୁ ସ୍ୱୀକାର କରୁଛ, କିନ୍ତୁ ତା' ସରକାରକୁ ନୁହେଁ: ଏ ଅଜବ କାରବାର ଭାରତ ସରକାରକୁ ଅଡୁଆରେ ପକାଇଛି।

ଅନ୍ତର୍ଜାତୀୟ ରାଜନୀତି ଓ ପାୱାର ପ୍ଲେ ଯୋଗୁ ଏମିତି କେତେ ଦେଶ ଅଛନ୍ତି, ଯେଉଁମାନେ ସାର୍ବଭୌମତ୍ୱ ଜାହିର କରୁଛନ୍ତି; କିନ୍ତୁ ସେମାନଙ୍କୁ ଅନ୍ୟ ଦେଶଗୁଡ଼ିକ ସ୍ୱୀକାର କରୁନାହାନ୍ତି। ଜାତିସଂଘର ସଭ୍ୟପଦ ଏ ସମସ୍ୟାର ସମାଧାନ ନୁହେଁ। କାରଣ ଜାତିସଂଘ ତ ଗୋଟିଏ ରାଷ୍ଟ୍ର ନୁହେଁ ଯେ ଅନ୍ୟ ରାଷ୍ଟ୍ରକୁ ସ୍ୱୀକୃତି ଦେବ? ତାଇୱାନ୍ ଜାତିସଂଘର ମେମ୍ବର ନୁହେଁ, କିନ୍ତୁ ତାକୁ ବହୁତ ରାଷ୍ଟ୍ର ସ୍ୱୀକାର କରନ୍ତି। ଭେନେଜୁଏଲା ମେମ୍ବର, କିନ୍ତୁ ତାର ନିକୋଲାସ୍ ମଦୁରୋ ସରକାରକୁ ଆମେରିକା ସ୍ୱୀକାର କରେ ନାହିଁ। ମ୍ୟାନ୍‌ମାର୍ ଦେଶ ମେମ୍ବର, କିନ୍ତୁ ଫେବୃୟାରୀରେ କ୍ଷମତା ଦଖଲ କରିଥିବା ମିଲିଟାରୀ ଯନ୍ତାର ସରକାର ସ୍ୱୀକୃତି ହରାଇଛି। ବର୍ଣ୍ଣବିଦ୍ୱେଷ ନୀତି ଯୋଗୁ ଦକ୍ଷିଣ ଆଫ୍ରିକା ୧୯୭୪ରେ ଜାତିସଂଘରେ ତା'ର ଆସନ ହରାଇଲା। ୨୦ ବର୍ଷ ପରେ ଆପାରଥେଡ୍ ଉଠିଗଲା ପରେ ଆସନ ଫେରିପାଇଲା। ପ୍ରତି ବର୍ଷ ଆରମ୍ଭରେ ସାଧାରଣ ଆସେମ୍ବ୍ଲି ଏକ ୯-ମେମ୍ବରବାଲା କ୍ରିଡେନ୍‌ସିଆଲ୍ କମିଟି ନିଯୁକ୍ତ କରେ, ତାହାର କାମ ହେଲା ପ୍ରତି ରାଷ୍ଟ୍ରଦୂତ ପ୍ରକୃତ (ବୋନାଫାଇଡ୍) ତ ତାହା ପରୀକ୍ଷା କରେ, କେବେକେବେ ମାସ ମାସ ନେଇଥାଏ।

ଏ ପରିସ୍ଥିତିରେ ଶହ ଶହ କୋଟି ଟଙ୍କାର ପ୍ରକଳ୍ପମାନ ଚାଲୁ କରିଥିବା ଭାରତ ଜଳକା ହୋଇ ଚାହିଁରହିଛି। ସଡ଼କ, ସ୍କୁଲ୍, ହସ୍ପିଟାଲ୍, ନଦୀବନ୍ଧ ଓ ଆହୁରି ଅନେକ ଜରୁରୀ କାମ ହାତକୁ ନେଇଥିଲା। ତାଲିବାନ୍‌ମାନଙ୍କର ଆଚରଣ କଶ୍ମୀରରେ ହିଂସାକାଣ୍ଡ ବଢ଼ାଉଛି ବୋଲି ଭାରତର ଆଶଙ୍କା। ରାଷ୍ଟ୍ରଦୂତାବାସର ସମସ୍ତ କର୍ମଚାରୀ ଓ ଆଫ୍‌ଗାନିସ୍ତାନରେ ଥିବା ଭାରତୀୟ ନାଗରିକମାନଙ୍କୁ ଫେରାଇ ଆଣିଛି। ତେଣୁ ଏକମାତ୍ର ବିକଳ୍ପ ହେଉଛି ଅପେକ୍ଷା କରିବା କେବେ ଆଫ୍‌ଗାନିସ୍ତାନରେ ସ୍ଥିରତା ଆସିଯିବ ତ ଭାରତ ସରକାର କଥାବାର୍ତ୍ତା ଆରମ୍ଭ କରିବେ। କାତାର ସରକାରଙ୍କ ନିମନ୍ତ୍ରଣ ଯୋଗୁ ମୋଦି ସରକାର ଦୋହାଠାରେ ରିଜିଓନାଲ୍ ଟକ୍‌ରେ ଯୋଗ ଦେଇଥିଲେ, କିନ୍ତୁ ବଡ଼ ବଡ଼ ରାଷ୍ଟ୍ରଗୁଡ଼ିକ ଭାରତକୁ ପଚାରୁନଥିଲେ। ତେଣୁ ଆମେ ଜଳକା ହୋଇ ଚାହିଁରହିବା ଛଡ଼ା ଆଉ କ'ଣ କରିପାରିବା?

sahadevas@yahoo.com

# ପ୍ରଫେସରରୁ ପ୍ରତିରକ୍ଷା ମନ୍ତ୍ରୀ

ପ୍ରତିରକ୍ଷା ଦାୟିତ୍ୱ ପୁରୁଷଙ୍କର ବୋଲି ଧାରଣା ରହିଆସିଥିଲା। ସେଥିପାଇଁ ମନ୍ତ୍ରୀ, ସେନାଧ୍ୟକ୍ଷ ହୁଅନ୍ତୁ ବା ସୈନ୍ୟଙ୍କ କ୍ଷେତ୍ରରେ ଜଣେ ମହିଳାଙ୍କ ଉପସ୍ଥିତି ଅସହଜ ମନେହେଉଥିଲା। ସମୟକ୍ରମେ ସେଥିରେ ଅନେକ ପରିବର୍ତ୍ତନ ଆସିଲାଣି। କେବଳ ଶାରୀରିକ ଗଠନ ଦୃଷ୍ଟିରୁ ମହିଳାଙ୍କୁ କୋମଳ ଓ ଦୁର୍ବଳ ଆଖ୍ୟା ଦିଆଯାଇଥାଏ। କିନ୍ତୁ ଅନେକ ମହିଳା ସେମାନଙ୍କ ବିଚକ୍ଷଣ ବୁଦ୍ଧି ଓ କୌଶଳ ଅନୁସରଣ କରି ପ୍ରତିରକ୍ଷା କ୍ଷେତ୍ରରେ ପାରଦର୍ଶିତା ଦେଖାଇପାରନ୍ତି ବୋଲି ତାହାର ଅନେକ ପ୍ରମାଣ ଭାରତ ସମେତ ବିଶ୍ୱବ୍ୟାପୀ ଦେଖାଗଲାଣି। ନିକଟରେ ଭାରତୀୟ ବଂଶୋଦ୍ଭବ ଅନିତା ଆନନ୍ଦ କାନାଡ଼ାର ପ୍ରତିରକ୍ଷା ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ସଦ୍ୟ ଦୃଷ୍ଟାନ୍ତ ଭାବେ ଉଭା ହୋଇଛନ୍ତି। କାନାଡ଼ାର ପୂର୍ବତନ ପ୍ରଧାନମନ୍ତ୍ରୀ କିମ୍ କାମ୍ପବେଲ୍ ୧୯୯୩ରେ ପାଞ୍ଚ ମାସ ପାଇଁ ପ୍ରତିରକ୍ଷା ଦାୟିତ୍ୱ ତୁଲାଇଥିଲେ। ଅନିତା ଦ୍ୱିତୀୟ ମହିଳା ଭାବେ ସେଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଧାରଣ କରିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିବା ସ୍ୱାଭାବିକ।

ବ୍ୟକ୍ତିତ୍ୱ



ଅନିତା ଆନନ୍ଦ

କାନାଡ଼ାର ନୋଭା ସ୍କୋଟିଆ ପ୍ରଦେଶରେ ୧୯୬୭ରେ ଅନିତା ଜନ୍ମଗ୍ରହଣ କରିଥିଲେ। ପିତା ଏସ୍.ଭି. ଆନନ୍ଦ ତାମିଲନାଡୁ ବାସିନ୍ଦା ହୋଇଥିବା ବେଳେ ମାତା ସ୍ୱର୍ଗତା ସରୋଜ ଡି. ରାମ ପଞ୍ଜାବର। ଅନିତାଙ୍କ ଦୁଇ ଭଉଣୀ ଗୀତା ଆନନ୍ଦ ଟରଣ୍ଟୋରେ ଆଇନଜୀବୀ ଥିବା ବେଳେ ସୋନିଆ ଆନନ୍ଦ ଡାକ୍ତର ତଥା ମିକ୍‌ମାଷ୍ଟର ବିଶ୍ୱବିଦ୍ୟାଳୟର ଗବେଷିକା ଅଛନ୍ତି। ଅନିତା ତାଙ୍କ ସ୍ୱାମୀ ଜନ୍ ଓ ୪ ସନ୍ତାନକୁ ନେଇ ଓକ୍‌ଭିଲ୍ଲରେ ରହୁଛନ୍ତି। ତାଙ୍କ କ୍ୟାରିୟର ଦେଖିଲେ ସେ ରାଜନୀତି ବିଜ୍ଞାନରେ ସ୍ନାତକ ଏବଂ ଆଇନରେ ସ୍ନାତକୋତ୍ତର କରିଛନ୍ତି। କର୍ପୋରେଟ୍ ଆଣ୍ଡ୍ ସିକ୍ୟୁରିଟିଜ୍ ଆଇନ, ରେଗୁଲେଶନ ଅଫ୍ କ୍ୟାପିଟାଲ ମାର୍କେଟ ଆଦି ବିଷୟରେ ଅଭିଜ୍ଞତା ଅର୍ଜନ କରିଥିବା ଅନିତା ରାଜନୀତିକୁ ଆସିବା ପୂର୍ବରୁ ଏହିସବୁ କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ସେ କୁଇନ୍ସ ୟୁନିଭର୍ସିଟିର ଫାକଲ୍ଟି ଅଫ୍ ଲ' ଏବଂ ୟୁନିଭର୍ସିଟି ଅଫ୍ ଟରଣ୍ଟୋର କର୍ପୋରେଟ୍ ଗଭର୍ନାନ୍ସର ପ୍ରଫେସର ଭଳି ବହୁ ମର୍ଯ୍ୟାଦାଜନକ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତେବେ ଓକ୍‌ଭିଲ୍ଲରେ ୧୭ ବର୍ଷ ରହିବା ଭିତରେ ସେ ସ୍ଥାନୀୟ ଲୋକଙ୍କ ପାଇଁ ଅନେକ କାର୍ଯ୍ୟ କରିବାରୁ ତାଙ୍କୁ ଜନସେବା ଲାଗି ସୁଯୋଗ ମିଳିଥିଲା। ଫଳରେ ୨୦୧୯ରେ ସେ ଓକ୍‌ଭିଲ୍ଲରୁ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ। ଦୁଇ ଭଉଣୀ ଗୀତା ଓ ସୋନିଆ ନିର୍ବାଚନ ପ୍ରଚାରରେ ସାମିଲ ହୋଇ ଅନିତାଙ୍କୁ ଜଣେ ରାଜନେତା ଭାବେ ଦେଖିବାର ଯେଉଁ ପ୍ରୟାସ କରିଥିଲେ, ତାହା ସଫଳ ହେବା ପରେ ପରିବାରବର୍ଗ ଭାବବିହ୍ୱଳ ହୋଇଯାଇଥିଲେ। ନିଜର ଉଚ୍ଚ ବ୍ୟକ୍ତିତ୍ୱ ଯୋଗୁ ତାଙ୍କୁ ପବ୍ଲିକ୍ ସର୍ଭିସ ଆଣ୍ଡ୍ ପ୍ରୋକ୍ୟୁରମେଣ୍ଟ ମନ୍ତ୍ରଣାଳୟ ମିଳିଥିଲା। କାର୍ଯ୍ୟକାଳ ଭିତରେ ସେ କୋଭିଡ୍-୧୯ ଟିକା ସଂଗ୍ରହ କରିବାରେ ଲାଗି ପଡ଼ିଥିଲେ। ମହାମାରୀରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିବାରୁ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପ୍‌ମେଣ୍ଟ (ପିପିଇ) ସହ ଅନ୍ୟାନ୍ୟ ଡାକ୍ତରୀ ସାମଗ୍ରୀ ଯୋଗାଡ଼ କରି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିଦେଇଥିଲେ। ମହାମାରୀ ଦୂରୀକରଣ ଦିଗରେ ଆବଶ୍ୟକ ପଦକ୍ଷେପ ନେଇ ନିଜର ପାରଙ୍ଗମତା ପ୍ରଦର୍ଶନ କରିଥିଲେ। ଉଲ୍ଲେଖଯୋଗ୍ୟ, ସଂଘୀୟ ସରକାର ୩୦ ସେପ୍ଟେମ୍ବର ୨୦୨୧ ସୁଦ୍ଧା ଦେଶବାସୀଙ୍କୁ ଦୁଇ ଡୋଜ୍ ଟିକା ଦେବାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ହେଲେ ନିର୍ଦ୍ଧାରିତ ସମୟର ଦୁଇ ମାସ ପୂର୍ବରୁ ଏହି ଲକ୍ଷ୍ୟ ପୂରଣ ହେବା ଅନିତାଙ୍କ ଦୃଢ଼ ଅଙ୍ଗୀକାରବଦ୍ଧତାର ପରିଚୟ ଦେଇଛି। ଫଳସ୍ୱରୂପ, ପ୍ରଥମ ହିନ୍ଦୁ କାନାଡ଼ା ମନ୍ତ୍ରୀ ହେବାରେ ଗୌରବ ଅର୍ଜନ କରିଥିବା ଅନିତାଙ୍କୁ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ୨୬ ଅକ୍ଟୋବର ୨୦୨୧ରେ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ ଅର୍ପଣ କରିଛନ୍ତି। ଏବେ ଏହି ମନ୍ତ୍ରଣାଳୟ ତାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି। କାନାଡ଼ା ସଶସ୍ତ୍ର ବାହିନୀର ଉଚ୍ଚ ଅଧିକାରୀଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆସିଥିବାରୁ ମନ୍ତ୍ରଣାଳୟ ବିବାଦୀୟ ହୋଇପଡ଼ିଛି। ତେବେ ଦାୟିତ୍ୱ ଗ୍ରହଣ କରିବା ପରେ ଅନିତା କହିଛନ୍ତି, ସେ ଉଠିଥିବା ସଙ୍କଟକୁ ସମାଧାନ କରିବା ଦିଗରେ ସମସ୍ତ ଶକ୍ତି ଖଟାଇବେ। ସଶସ୍ତ୍ର ସେନାରେ ପ୍ରତ୍ୟେକେ ଯେଭଳି ନିଜକୁ ସୁରକ୍ଷିତ ମଣିବେ ସେଥିଲାଗି ପ୍ରାଥମିକତା ଦେବେ।

ଭାରତୀୟ ବଂଶୋଦ୍ଭବ ଅନିତା ଆନନ୍ଦ ମାତ୍ର ଦୁଇ ବର୍ଷର ମନ୍ତ୍ରିତ୍ୱ କାଳ ମଧ୍ୟରେ ଯେଭଳି ଭାବେ କାର୍ଯ୍ୟ କରିଦେଖାଇଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ପ୍ରଫେସର ଥିବା ବେଳେ ସେ ଯେଭଳି ଅଧ୍ୟାପନା ପ୍ରତି ନିଷ୍ଠାର ସହ କାର୍ଯ୍ୟ କରିଥିଲେ, ପ୍ରତିରକ୍ଷା ଭଳି ଦେଶର ସୁରକ୍ଷା ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବେ ବୋଲି କହିଛନ୍ତି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଆଦିବାସୀ ଝିଅମାନଙ୍କୁ ଭଲ ଖେଳାଳି କରିବାର ପ୍ରତିବଦ୍ଧତା ଫୁଟବଲ ଖେଳାଳି ଆନନ୍ଦ କୁମାର ଗୋପେଙ୍କୁ ନୂଆ ପରିଚୟ ଦେଇଛି। ରାଞ୍ଚି ନିକଟସ୍ଥ କର୍ମା ଗାଁରେ ଆନନ୍ଦଙ୍କ ଜନ୍ମ। ଏହା ଏକ ଆଦିବାସୀବହୁଳ ଗାଁ। ପାରିବାରିକ କଟକଣା ଯୋଗୁ ଏହି ଗାଁରେ ଝିଅମାନେ କେବେ ବି ଖେଳୁ ନ ଥିଲେ। ତେବେ ମାତାପିତାଙ୍କୁ ବୁଝାଇବା ପରେ ୨୦୧୩ରେ ସେ ପ୍ରଥମେ ୧୫ ଜଣ ଝିଅଙ୍କୁ ଖେଳାଇବା ଆରମ୍ଭ କରିଥିଲେ। ସେବେଠାରୁ ଏଯାବତ ସେ ତାଙ୍କ ଗାଁର ୨୫୦ ଝିଅଙ୍କୁ ଫୁଟବଲ୍ ପ୍ରଶିକ୍ଷଣ ଦେଇସାରିଲେଣି। ଏମାନଙ୍କ ମଧ୍ୟରୁ ୬ ଜଣ ଝିଅ ୧୭ ବର୍ଷରୁ କମ୍ ବର୍ଗରେ ଜାତୀୟ ଦଳରେ ସାମିଲ ହେବା ସହ ୮ ଜଣ ଜାତୀୟ ଦଳରେ ଖେଳି ସାରିଛନ୍ତି। ଆନନ୍ଦ ରାଞ୍ଚି ଲିଗ୍ ଏବଂ ଜିଲା ସ୍ତରୀୟ ଫୁଟବଲ ଖେଳିବା ପରେ ପରିବାର ପ୍ରତିପୋଷଣ ଭାର ପଡ଼ିବାରୁ ଆଉ ଆଗକୁ ବଢ଼ିପାରିଲେ ନାହିଁ। ହେଲେ ଅନ୍ୟମାନଙ୍କ ଜୀବନରେ ଏଭଳି ନ ଘଟୁ, ସେଥିପାଇଁ ସେ ଉଦ୍ୟମ କରି ସଫଳତା ପାଇବାରେ ଲାଗିଛନ୍ତି। କର୍ମା ଗାଁରେ ପଢ଼ା ଛାଡ଼ିଥିବା କିମ୍ବା ଆଦୌ ସ୍କୁଲ ଯାଉ ନ ଥିବା ଝିଅଙ୍କୁ କମ୍ ବୟସରେ ବାହା କରିଦିଆଯାଇ ରାଜସ୍ଥାନ ଏବଂ ହରିୟାଣାକୁ ପଠାଇ ଦିଆଯାଉଥିଲା। ତେବେ ଆନନ୍ଦଙ୍କ ଉଦ୍ୟମ ଯୋଗୁ ଏହା ବନ୍ଦ ହେବା ସହ ପଢ଼ାରୁ ଦୂରେଇ ଯାଇଥିବା ଅନେକ ଝିଅଙ୍କୁ ପଢ଼ାଇବାରେ ସକ୍ଷମ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଅକ୍ଟୋବର ୧୯୯୬

- ସରକାରକୁ ଭାଙ୍ଗିବା ସକାଶେ ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ପ୍ରମୁଖ ବିଦ୍ରୋହୀ ନେତା ୱାଙ୍ଗ୍‌ଜାନ୍‌ଙ୍କୁ ଚୀନ୍‌ର ଏକ ଅଦାଲତ ୧୧ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।
- ବିଶିଷ୍ଟ ଲେଖକ ଗ୍ରାହାମ୍ ସୁଇଫ୍‌ଟଙ୍କୁ ବ୍ରିଟେନ୍‌ର ଶ୍ରେଷ୍ଠ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି।

## ଚିରନ୍ତନୀ

କମାଣରୁ ବଳି ତତାଇଲେ ଯେହ୍ନୁ ଛାତି
ମତାଇଲେ ଏହି ମରଣାପନ୍ନ ଜାତି
ଡାକିଲେ ଆସରେ ଆସ ମୋର ଦେଶ
ମୃତ୍ୟୁ ନୁହେ ତ ଜୀବନର ଶେଷ।
ଜୀବନ ମରଣ ଲୁଚକାଳି ଖେଳ ଖେଳିବା
ଆସରେ ସାଥି
ଡାକିଲେ ଉଠରେ ମରଣାପନ୍ନ ଜାତି!
(ଭାରତ ଆସିବ ଫେରି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆତଙ୍କବାଦକୁ ଦମନ କରାଯାଉ

ମହାଶୟ,

ଜମ୍ମୁ କଶ୍ମୀରରୁ ବିବାଦୀୟ ଧାରା ୩୭୦ ଉଚ୍ଛେଦ ହେବା ପରେ ଭାରତର ଭୂସ୍ୱର୍ଗ କଶ୍ମୀର ଏବେ କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ ହୋଇଛି; ଯଦ୍ଦ୍ୱାରା ଏହାର ଆଇନଶୃଙ୍ଖଳା ପରିସ୍ଥିତି ଉପରେ କେନ୍ଦ୍ର ସରକାର ନଜର ରଖି ପ୍ରତ୍ୟକ୍ଷ ତଦାରଖ କରୁଛନ୍ତି। ମାତ୍ର ସେଠାରେ ଅଣ କଶ୍ମୀର ଲୋକଙ୍କୁ ହତ୍ୟା କରାଯାଉଥିବାରୁ ପର୍ଯ୍ୟଟକଙ୍କ ମଧ୍ୟରେ ଭୟ ଓ ଆଶଙ୍କାର ବାତାବରଣ ସୃଷ୍ଟି ହୋଇଛି। ଫଳରେ ପେଟପାଟଣା ପାଇଁ ସେଠାକୁ ଯାଉଥିବା ଶ୍ରମିକ ଏବଂ ସୌନ୍ଦର୍ଯ୍ୟ ଉପଭୋଗ କରିବା ଉଦ୍ଦେଶ୍ୟରେ ଯାଉଥିବା ପର୍ଯ୍ୟଟକଙ୍କ ଜୀବନ ବିପନ୍ନ ହୋଇଛି। ଅନ୍ୟ ରାଜ୍ୟର ଲୋକଙ୍କ ଉପରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ପାଇଁ ସେଠାରେ ସଂଘୀୟ ଢାଞ୍ଚାର ଉଲ୍ଲଂଘନ ହେଉଥିବା ଏବଂ ବାହାର ରାଜ୍ୟର ଶ୍ରମିକମାନେ ଭୟଭୀତ ହୋଇ ପିଲାଛୁଆଙ୍କ ସହ ପଳାଇ ଯାଉଥିବା ଦୃଶ୍ୟ ହୃଦୟ ବିଦାରକ। ପ୍ରବାସୀ ଶ୍ରମିକମାନେ ପ୍ରାଣ ବିକଳରେ ଭଡାଘର ଛାଡ଼ି ସୁରକ୍ଷା ଶିବିରରେ ଆଶ୍ରୟ ନେଉଥିବା ଘଟଣା ଅଧିକ ହୃଦୟବିଦାରକ। କେବଳ ସେତିକି ନୁହେଁ, ବାହାର ରାଜ୍ୟର ଶ୍ରମିକମାନେ କଶ୍ମୀର ନ ଛାଡ଼ିଲେ ସେମାନଙ୍କୁ ହତ୍ୟା କରାଯିବ ବୋଲି ଆତଙ୍କବାଦୀ ସଙ୍ଗଠନ ଧମକ ଦେଉଛନ୍ତି। ଏଣୁ ଆତଙ୍କବାଦର ମୁକାବିଲା ପାଇଁ ବିସ୍ତୃତ ଆଲୋଚନା କରାଯାଇ ତାହାକୁ ଦମନ କରାଯାଉ।

-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ ଟାଉନ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ନଭେମ୍ବରରେ ୧୭ ଦିନ ବ୍ୟାଙ୍କ ଛୁଟି**

ଚଳିତ ବର୍ଷ ନଭେମ୍ବର ମାସ ଆରମ୍ଭରୁ ସାରା ଦେଶରେ ପର୍ବପର୍ବାଣି ଓ ସରକାରୀ ଛୁଟିକୁ ନଜରରେ ରଖି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ବ୍ୟାଙ୍କ ଛୁଟି ତାଲିକା ପ୍ରକାଶ କରାଯାଇଛି। ନଭେମ୍ବରରେ ଧନ୍‌ତେରସ, ଦୀପାବଳି, ଭାଇ ଦୁଜ୍, ଛଟ୍‌ପୂଜା ଏବଂ ଗୁରୁନାନକ ଜୟନ୍ତୀ ଭଳି ଅନେକ ପର୍ବପର୍ବାଣି ପଡୁଛି। ସେହିଭଳି କେତେକ ରାଜ୍ୟରେ ସେଠାକାର ସ୍ଥାନୀୟ ପର୍ବପର୍ବାଣି ଆଧାରରେ ବ୍ୟାଙ୍କ ଛୁଟି ରହିବ। ଏପରି କି ନଭେମ୍ବରରେ ୪ଟି ରବିବାର ଓ ୨ଟି ଶନିବାର ପଡୁଥିବାରୁ ସାଧାରଣ ଭାବେ ୬ଟି ବ୍ୟାଙ୍କ ଛୁଟି ରହୁଛି। ନଭେମ୍ବର ୩୦ ଦିନରୁ ମୋଟ ୧୭ ଦିନ ବ୍ୟାଙ୍କ ବନ୍ଦ ରହିବ ବୋଲି ଆର୍‌ବିଆଇ ସୂଚନା ମିଳିଛି।

## ସଂକ୍ଷେପରେ

### ସର୍କଲ କାର୍ଯ୍ୟାଳୟ ପକ୍ଷରୁ ସର୍ତକତା ସଚେତନତା ସପ୍ତାହ

**ଭୁବନେଶ୍ୱର,୩୦।୧୦:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟ ପକ୍ଷରୁ ଗତ ମଙ୍ଗଳବାର ସତର୍କତା ସଚେତନତା ସପ୍ତାହ ପାଳନ କରାଯାଇଛି। ବ୍ୟାଙ୍କ ପକ୍ଷରୁ ସପ୍ତାହବ୍ୟାପୀ ଉକ୍ତ କାର୍ଯ୍ୟକ୍ରମ ଚଳିତ ବର୍ଷ ୨୬ ଅକ୍ଟୋବରରୁ ୧ ନଭେମ୍ବର ପର୍ଯ୍ୟନ୍ତ ପାଳନ କରାଯିବ ବୋଲି ସୂଚନା ମିଳିଛି। ଏହି ଅବସରରେ ବ୍ୟାଙ୍କର ସର୍କଲ ମୁଖ୍ୟ ପରେଶ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କର ସମସ୍ତ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଦୁର୍ନୀତି ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିବା ଏବଂ ବିଭିନ୍ନ କାର୍ଯ୍ୟ କ୍ଷେତ୍ର ଓ ସଂସ୍କୃତିରେ ସ୍ୱଚ୍ଛତା ଆଣିବା ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ନିମନ୍ତେ ସ୍ଥାନୀୟ ଜନପଥ ଠାରେ ବ୍ୟାନର ଓ ପ୍ଲାକାର୍ଡ ଧରି ଏକ ମାନବଶୃଙ୍ଖଳ ତିଆରି କରାଯାଇ ସଚେତନତା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପ ସର୍କଲ ମୁଖ୍ୟ ଉମାକାନ୍ତ ଦାସ ଏବଂ ସହାୟକ ମହାପ୍ରବନ୍ଧକ ପି.କେ. ଶ୍ରୀଚନ୍ଦନଙ୍କ ସମେତ ବ୍ୟାଙ୍କର ସବୁ ବର୍ଗର କର୍ମଚାରୀ ଉପସ୍ଥିତ ଥିଲେ।

### ବୋର୍ଡ ସଦସ୍ୟଙ୍କ ଦ୍ୱାରା ରେଳ କାର୍ଯ୍ୟକ୍ରମର ସମୀକ୍ଷା

**ଭୁବନେଶ୍ୱର,୩୦।୧୦:** ଭାରତୀୟ ରେଳ ବୋର୍ଡର ସଦସ୍ୟ (ଅପରେଶନ୍ସ ଏବଂ ବିଜ୍‌ନେସ୍ ଡେଭଲପମେଣ୍ଟ) ସଞ୍ଜୟ କୁମାର ମହାନ୍ତି ଶନିବାର ସ୍ଥାନୀୟ ରେଳ ସଦନ ପରିସରରେ ଓଡ଼ିଶାର ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ରେଳ ପରିଚାଳନା କାର୍ଯ୍ୟ ଏବଂ ବ୍ୟବସାୟ ବିକାଶକୁ ନେଇ ପୂର୍ବତଟ ରେଳପଥର କାର୍ଯ୍ୟଦକ୍ଷତା ସମ୍ବନ୍ଧରେ ରେଳବାଇ ଅଧିକାରୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ପଣ୍ୟ ପରିବହନରେ ଉନ୍ନତି ଆଣିବା ସହିତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା ଏବଂ ଶିଳ୍ପ, ବନ୍ଦର ଓ କର୍ପୋରେଟ୍ ଏଜେନ୍ସିଗୁଡ଼ିକ ମଧ୍ୟରେ ମିଳିତ ସହଯୋଗ ଏବଂ ପାରସ୍ପରିକ ବୁଝାମଣା ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ମେଟାଭର୍ସର ଶେୟାର ମୂଲ୍ୟକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୩୦।୧୦




ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଫେସ୍‌ବୁକ୍'ର ପ୍ରତିଷ୍ଠାତା ମାର୍କ ଜୁକରବର୍ଗ ନିକଟରେ ଫେସ୍‌ବୁକ୍‌ର ରିବ୍ରାଣ୍ଡ କରି ଏହାର ନାମ 'ମେଟାଭର୍ସ' ରହିବ ବୋଲି ଘୋଷଣା କରିଛନ୍ତି। ବର୍ତ୍ତମାନ ଫେସ୍‌ବୁକ୍‌ର ନାମ ବଦଳି ମେଟାଭର୍ସନରେ ଉପଲବ୍ଧ ହେବ ବୋଲି ସେ ଘୋଷଣା କରିବାର କିଛି ସମୟ ପରେ ଏକ କାନାଡୀୟ କମ୍ପାନୀ ମେଟା ମାର୍ଟେରିୟଲସ୍ ଇଙ୍କ୍‌ର ଶେୟାର ମୂଲ୍ୟ ଅଚାନକ ବଜାରରେ ବଢ଼ିଯାଇଥିଲା ବୋଲି ସୂଚନା ମିଳିଛି। ବର୍ତ୍ତମାନ ଲୋକେ ମେଟା ନାମରୁ ଏହି କମ୍ପାନୀର ଶେୟାରରେ ନିବେଶ କରିବା ଏପରି ପରିସ୍ଥିତି ସୃଷ୍ଟି କରିଥିଲା। ସଂସ୍ଥାକୁ ଲୋକେ ଫେସ୍‌ବୁକ୍‌ର ରିବ୍ରାଣ୍ଡ ବୋଲି ଭାବି ନିବେଶ କରିବା ଯୋଗୁ ଅଚାନକ ଏହାର ଶେୟାର ମୂଲ୍ୟ ୨୬% ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ବଜାର କାରବାରରେ ମେଟାର ଟିକର ନେମ୍ ଏମ୍‌ଏମ୍‌ଏଟିରେ ୪.୮% ପର୍ଯ୍ୟନ୍ତ କାରବାର ବଢ଼ି ଯାଇଥିବା କୁହାଯାଇଛି। ଫଳରେ କମ୍ପାନୀର ମାର୍କେଟ କ୍ୟାପିଟାଲ ଅଚାନକ ୧.୩ ବିଲିୟନ ଡଲାରରେ ପହଞ୍ଚିଯାଇଛି। ରିବ୍ରାଣ୍ଡକୁ ନେଇ ନିଜେ ଫେସ୍‌ବୁକ୍ ଏବେ ବେଶ୍ ଆଶାୟୀ ରହିଛି, ଏଥିରେ କେବଳ ଚର୍ଚ୍ଚା ଯୋଗୁ ପାଖାପାଖି ନାମ ଥିବା କମ୍ପାନୀର ଆର୍ଥିକ ଅଭିବୃଦ୍ଧି ଫେସ୍‌ବୁକ୍ ନିଶ୍ଚିତ ଆଶାଠୁ ବି ଅଧିକ ପାଇବେ ବୋଲି ଏବେଠୁ ଚର୍ଚ୍ଚା ଜୋର ଧରିଛି। ଫେସ୍‌ବୁକ୍‌ର ରିବ୍ରାଣ୍ଡ ନେଇ ନିଜେ ଜୁକରବର୍ଗ ଶୁକ୍ରବାର ଫେସ୍‌ବୁକ୍‌ରେ ଏକ ଦୀର୍ଘ ପୋଷ୍ଟ କରିଛନ୍ତି, ଯାହା ପରଠାରୁ ସାରା ବିଶ୍ୱରେ ମେଟାଭର୍ସକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ରିବ୍ରାଣ୍ଡ ସହ ଫେସ୍‌ବୁକ୍‌ର କାୟାକଳ୍ପ ହେବାକୁ ଯାଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ଜୁକରବର୍ଗ ଇଣ୍ଟରନେଟ୍‌ର ନୂତନ ଅଧ୍ୟାୟ ବୋଲି କହିଛନ୍ତି। ମେଟାଭର୍ସର ପରିଭାଷିତ ଗୁଣମାନରେ ଏହା ଉପସ୍ଥିତିର ଭାବନା ସମ୍ପର୍କିତ ସହ କୌଣସି ଉପସ୍ଥିତି ସାମାଜିକ ପରିକଳ୍ପନା ବୋଲି କୁହାଯାଇଛି ; ଯାହାକୁ ଜୁକରବର୍ଗ ତାଙ୍କ ମେଟାଭର୍ସନରେ ବିଶ୍ୱର ଅଗଣିତ ୟୁଜରଙ୍କ ଲାଗି ଆଣିବାକୁ ଯାଉଛନ୍ତି। ଜୁକରବର୍ଗଙ୍କ ପୋଷ୍ଟ ପରେ ସାରା ବିଶ୍ୱରେ ଏବେ ଏହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏଥିରେ ନିବେଶକ ମଧ୍ୟ ବେଶ୍ ଆଶାୟୀ ଥିବାର ଏମ୍‌ଏମ୍‌ଏଟିର କାରବାର ପ୍ରମାଣିତ କରୁଛି। ତେବେ ଖୁବ୍ ଶୀଘ୍ର ଜୁକରବର୍ଗ ତାଙ୍କ ୟୁଜରଙ୍କ ଲାଗି ମେଟାଭର୍ସ ଉପସ୍ଥାପନ କରିବେ ବୋଲି ଘୋଷଣା କରିଛନ୍ତି। ଯାହାକୁ ଏବେ ବିଶ୍ୱବାସୀ ଅପେକ୍ଷା କରି ରହିଛନ୍ତି।

# ୨୧ ବାଣିଜ୍ୟିକ ଯାନ ଉନ୍ମୋଚନ କଲା ଟାଟା



ନୂଆଦିଲ୍ଲୀ,୩୦।୧୦

ଟାଟା ମୋଟର୍ସ ପକ୍ଷରୁ ବିଭିନ୍ନ ବର୍ଗରେ ୨୧ ବାଣିଜ୍ୟିକ ଯାନ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। କାର୍ଗୋ ଏବଂ ପରିବହନ ଆବଶ୍ୟକତାକୁ ଧ୍ୟାନରେ ରଖି କମ୍ପାନୀ ଏହି ମଡେଲଗୁଡ଼ିକୁ ବିକଶିତ କରିଛି। ମଡେଲଗୁଡିକରେ ଗ୍ରାହକ ଉଚ୍ଚତମ ଉତ୍ପାଦକତା ଏବଂ ନିମ୍ନ ଟୋଟାଲ କଷ୍ଟ ଅଫ୍ ଏକ୍ସପେରିଏନ୍ସ ଗ୍ରାହକ ଲାଭ କରିପାରିବେ। ଏମ୍ ଆଣ୍ଡ ଏଚ୍‌ସିଭି ବର୍ଗରେ ଅଧିକ ଇନ୍ଧନ ଦକ୍ଷତା ସହିତ ଟ୍ରାକ୍ଟର-ଟ୍ରେଲର ଏବଂ ରିଜିଡ ଟ୍ରକ୍ ରେଞ୍ଜର କନ୍‌ଷ୍ଟ୍ରାକରେ ୭ଟି ନୂତନ ଯାନ କମ୍ପାନୀ ଆଣିଛି। ଆଇ ଆଣ୍ଡ ଏଲ୍‌ସିଭି ବର୍ଗରେ ସିଏନ୍‌ଜି ପାୱାର ଟ୍ରେନ ସହିତ ବର୍ଦ୍ଧିତ ଡେକ୍ ଦୈର୍ଘ୍ୟ ଏବଂ ଆଲ୍ଟ୍ରା ସ୍ଲିକ୍ କ୍ୟାବିନ, ୪ରୁ ୧୮ ଟନ ଜିଭିଡବ୍ଲ୍ୟୁର ୫ଟି ନୂତନ ଯାନ ରହିଛି। ସେହିଭଳି ଏସ୍‌ସିଭି ବର୍ଗରେ ଶେଷ ମାଇଲ ବିତରଣରେ ଅଧିକ କ୍ଷିପ୍ରତା ପ୍ରଦାନ କରୁଥିବା ୪ଟି ମଲ୍ଟିୟୁଜ ଯାନ ଗ୍ରାହକ ପାଇପାରିବେ। ସେହିଭଳି ବସ୍ ବର୍ଗ ସେଗ୍‌ମେଣ୍ଟରେ ପ୍ରଥମ ବୈଶିଷ୍ଟ୍ୟ ଏବଂ ଯାତ୍ରୀ ପରିବହନ ପାଇଁ ସାମଗ୍ରିକ ସମାଧାନ ସହ ଏକ ଇ-ବସ୍ ସହିତ ୫ଟି ନୂତନ ଯାନ ରହିଛି। କମ୍ପାନୀର ଟାଟା ମୋଟର୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗିରୀଶ ବାଘ କହିଛନ୍ତି, ବାଣିଜ୍ୟିକ ଯାନରେ ଅଗ୍ରଣୀ ହୋଇ ଆମେ ସ୍ମାର୍ଟ, ଭବିଷ୍ୟତ-ପ୍ରସ୍ତୁତ ଉତ୍ପାଦ ଏବଂ ସେବା ପ୍ରବର୍ତନ କରି ଗ୍ରାହକଙ୍କୁ ଉନ୍ନତ ମୂଲ୍ୟର ପ୍ରସ୍ତାବ ପ୍ରଦାନ ଜାରି ରଖିଛୁ।

# ଯାଜପୁର ରୋଡ୍‌ରେ ରିଲାଏନ୍ସ ଡିଜିଟାଲ ଷ୍ଟୋର

ଯାଜପୁର ଅଫିସ,୩୦।୧୦




ଯାଜପୁର ରୋଡ୍‌ର ଚୋରଦା ବାଇପାସ୍ ନିକଟ ଭାଟିଆ ଗ୍ରାମରେ ଶନିବାର ରିଲାଏନ୍ସ ଡିଜିଟାଲର ପ୍ରଥମ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ନିମାଇଁ ଚରଣ ରାଉତ ଏବଂ ପ୍ରେମଲତା ରାଉତ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଚଳିତବର୍ଷର ପାର୍ବଣ ଓ ଦୀପାବଳି ଉପଲକ୍ଷେ ରିଲାଏନ୍ସ ଡିଜିଟାଲ ପକ୍ଷରୁ ବିଭିନ୍ନ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ରିଲାଏନ୍ସ ଡିଜିଟାଲ ଷ୍ଟୋର, ମାଇଁ ଜିଓ ଷ୍ଟୋର ଏବଂ ରିଲାଏନ୍ସ ଡିଜିଟାଲ ଡଟ୍ ଇନ୍‌ରେ ଗ୍ରାହକ ଆକର୍ଷଣୀୟ ଡିଲ୍ ଏବଂ ଡିସ୍‌କାଉଣ୍ଟ ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତି କିଣା ଉପରେ ୧୦% ତ୍ୱରିତ ରିହାତି ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ସେହିଭଳି ନିର୍ଦ୍ଦିଷ୍ଟ ବ୍ୟାଙ୍କଗୁଡ଼ିକର କ୍ରେଡିଟ ଏବଂ ଡେବିଟ୍ କାର୍ଡ ବ୍ୟବହାରରେ ମଧ୍ୟ ଏହି ସୁବିଧା ଲାଗୁ ହେବ ବୋଲି ସୂଚନା ମିଳିଛି। ଏହି ଅଫର ନଭେମ୍ବର ୭ ପର୍ଯ୍ୟନ୍ତ ଉପଲବ୍ଧ ରହିଛି।

ଯାଜପୁର ଜିଲାରେ ରିଲାଏନ୍ସର ଏହା ପ୍ରଥମ ଡିଜିଟାଲ ଷ୍ଟୋର ହୋଇଥିବାବେଳେ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ବିଭିନ୍ନ ଅଗ୍ରଣୀ କମ୍ପାନୀର ଟିଭି, ଲାପ୍‌ଟପ୍, ମୋବାଇଲ ଫୋନ୍, ୱାଶିଂମେଶିନ, ଏସି ଆଦି ଉପଲବ୍ଧ ରହିଛି ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି। ଏହି ଷ୍ଟୋର ନିକଟରେ ଗତ ୮ ତାରିଖରେ ରିଲାଏନ୍ସ ଜୁଏଲସ୍‌ର ନୂତନ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ସୁନାଗହଣା ଗଢ଼ା ମଜୁରି ଏବଂ ହୀରା ଗହଣାର କ୍ରୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ଅଫର ଆସନ୍ତା ନଭେମ୍ବର ୭ ପର୍ଯ୍ୟନ୍ତ ଉପଲବ୍ଧ ରହିଛି।

# ୟୁକୋ ବ୍ୟାଙ୍କର ନେଟ୍ ଲାଭରେ ଅଭିବୃଦ୍ଧି

ଭୁବନେଶ୍ୱର,୩୦।୧୦

ୟୁକୋ ବ୍ୟାଙ୍କର ଦ୍ୱିତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ନିକଟରେ ପ୍ରକାଶ ପାଇଛି। ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର ସୁଦ୍ଧା ଶେଷ ହୋଇଥିବା ଦ୍ୱିତୀୟ ତ୍ରୈମାସରେ ବ୍ୟାଙ୍କ ୨୦୫କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହକରି ପୂର୍ବ ବର୍ଷ ଏହି ସମୟ ତୁଳନାରେ ଶତକଡ଼ା ୫୮୪.୭% ଅଭିବୃଦ୍ଧି ହାର ହାସଲ କରିପାରିଛି। ଏହି ସମୟ ମଧ୍ୟରେ ବ୍ୟାଙ୍କର କାର୍ଯ୍ୟକାରୀ ଲାଭର ପରିମାଣ ପୂର୍ବ ଆର୍ଥିକ ବର୍ଷର ଏହି ସମୟ ତୁଳନାରେ ଶତକଡ଼ା ୨୪% ଅଭିବୃଦ୍ଧି ହାରରେ ୧୩୩୪ କୋଟି ଟଙ୍କାରେ ପହଞ୍ଚିପାରିଛି। ସେହିପରି ବ୍ୟାଙ୍କର ମୋଟ୍ ବ୍ୟବସାୟ ଗତବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ୩,୧୨,୭୪୬ କୋଟି ହୋଇଥିବା ବେଳେ ଏହା ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ୩,୩୫,୨୩୮ କୋଟିରେ ପହଞ୍ଚି ଶତକଡା ୭.୨% ଅଭିବୃଦ୍ଧି ହାର ହାସଲ କରିପାରିଛି।

# ଉତ୍କଳ ହସ୍ପିଟାଲରେ ଷ୍ଟ୍ରୋକ୍ ଲାଗି ଅତ୍ୟାଧୁନିକ ଚିକିତ୍ସା




ଭୁବନେଶ୍ୱର,୩୦।୧୦

ଉତ୍କଳ ହସ୍ପିଟାଲ ପକ୍ଷରୁ ଷ୍ଟ୍ରୋକ୍ ରୋଗୀଙ୍କ ଲାଗି ଉତ୍ସର୍ଗୀକୃତ ଅତ୍ୟାଧୁନିକ ଚିକିତ୍ସା ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମଧ୍ୟରେ ଷ୍ଟ୍ରୋକ ହେଲ୍‌ପଲାଇନ, ଷ୍ଟ୍ରୋକ ପାଇଥ୍‌ୱେ ଏବଂ କୋଡ୍ ଷ୍ଟ୍ରୋକର ସାମିଲ ରହିଛି। ବିଶ୍ୱ ଷ୍ଟ୍ରୋକ ଦିବସରେ ଏହି ସୁବିଧା ସବୁକୁ ଆରମ୍ଭ କରାଯାଇଛି। ୪.୫ ଘଣ୍ଟାର ୱିଣ୍ଡୋଜ ସମୟରେ ଷ୍ଟ୍ରୋକ ରୋଗୀଙ୍କୁ ଫଳପ୍ରଦ ସେବା ଯୋଗାଣ ଲାଗି ହସ୍ପିଟାଲ ପ୍ରସ୍ତୁତ ରହିଛି। ଗୋଲ୍ଡେନ ୱିଣ୍ଡୋଜ ସମୟ ମଧ୍ୟରେ ଠିକ୍ ସମୟରେ ଚିକିତ୍ସା ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ହସ୍ପିଟାଲ ୨୪ ଘଣ୍ଟିଆ ଷ୍ଟ୍ରୋକ ହେଲ୍‌ପଲାଇନ ନମ୍ବର ୭୮୯୪୮୬୫୧୮୪ ଜାରି କରାଯାଇଛି। ନୂତନ ଉତ୍ସର୍ଗୀକୃତ ସେବାକୁ ଶୁଭାରମ୍ଭ କରି ଅତ୍ୟନ୍ତ ଖୁସି ବୋଲି ଉତ୍କଳ ହସ୍ପିଟାଲର ନ୍ୟୁରୋଲୋଜି ବିଭାଗ ମୁଖ୍ୟ ଡା.ଅମିତାଭ ରଥ କହିଛନ୍ତି।

ଫୁର୍‌ସତ୍

# ଅଖଣ୍ଡତା ଲାଗି ଏକତା ଜରୁରୀ

**ଜାତୀୟ ଏକତା ଦିବସ**



**ଦେ**ଶର ଅଖଣ୍ଡତା ଲାଗି ଏକତା ଜରୁରୀ। ଏହା ଦ୍ୱାରା ଦେଶବାସୀ ଏକଜୁଟ ହୋଇ ବିଭିନ୍ନ ସମସ୍ୟାର ସଫଳ ସମାଧାନ କରିବାକୁ ସକ୍ଷମ ହୋଇଥା'ନ୍ତି। କରୋନା ମହାମାରୀ ଲଢ଼େଇରେ ଦେଶର ଜନସାଧାରଣଙ୍କ ମଧ୍ୟରେ ଦେଖାଦେଇଥିବା ଏକତାକୁ ବିଶ୍ୱସ୍ତରରେ ପ୍ରଶଂସା କରାଯାଉଛି।

ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିନ ସ୍ମୃତିରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ପାଇଁ ୨୦୧୪ରେ ଭାରତ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସ୍ୱାଧୀନ ଭାରତ ସହିତ ପ୍ରାୟ ୫୬୫ ରାଜରାଜୁଡ଼ା ଅଞ୍ଚଳକୁ ମିଶାଇବାରେ ପଟେଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତର ଏକୀକରଣରେ ପଟେଲ ନୂଆ ଇତିହାସ ସୃଷ୍ଟି କରିଥିଲେ। ସେ ୧୮୭୫ ଅକ୍ଟୋବର ୩୧ରେ ଗୁଜରାଟର ନାଦିଆଦ୍‌ଠାରେ ଜନ୍ମ ଗ୍ରହଣ କରିଥିଲେ। ଅଖଣ୍ଡ ଭାରତ ଗଠନରେ ତାଙ୍କର କାର୍ଯ୍ୟକୁ ମନେରଖିବା ଲାଗି ଦେଶରେ ଅକ୍ଟୋବର ୩୧ରେ ଜାତୀୟ ଏକତା ଦିବସ ପାଳିତ ହେଉଛି। ପଟେଲ ଲୌହ ମାନବ ଭାବେ ବେଶ୍ ଜଣାଶୁଣା।

ଜାତୀୟ ଏକତା ଦିବସ ଏକତା, ଅଖଣ୍ଡତା ଏବଂ ନିରାପତ୍ତା ପ୍ରତି ବିପଦକୁ ପ୍ରତିହତ କରିବା ପାଇଁ ଆମ ଦେଶର ଅନ୍ତର୍ନିହିତ ଶକ୍ତି ଏବଂ ସ୍ଥିରତାକୁ ପୁନଃ ସ୍ଥାପନ କରିବାର ସୁଯୋଗ ପ୍ରଦାନ କରିଥାଏ। ଲୋକଙ୍କ ମଧ୍ୟରେ ଭାଇଚାରାକୁ ସୁଦୃଢ଼ କରିବାରେ ସହାୟକ ହୋଇଥାଏ।

ଏହି ଦିବସ ପାଳନ ଅବସରରେ ଲୋକଙ୍କୁ ଶପଥପାଠ କରାଯାଇଥାଏ। ତାହା ହେଉଛି, ମୁଁ ପ୍ରତିଶ୍ରୁତି ଦେଉଛି ଯେ, ମୁଁ ଦେଶର ଏକତା, ଅଖଣ୍ଡତା ଏବଂ ନିରାପତ୍ତା ରକ୍ଷା ଲାଗି ନିଜକୁ ଉତ୍ସର୍ଗ କରିବି ଏବଂ ମୋର ସାଥୀ ଦେଶବାସୀଙ୍କ ମଧ୍ୟରେ ଏହି ବାର୍ତ୍ତା ପ୍ରସାର କରିବାକୁ ମଧ ଚେଷ୍ଟା କରିବି। ମୁଁ ମୋର ଦେଶର ଏକୀକରଣର ଆତ୍ମା ସହିତ ଏହି ପ୍ରତିଶ୍ରୁତି ଗ୍ରହଣ କରି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦର୍ଶନ ଏବଂ କାର୍ଯ୍ୟକୁ ସଫଳ କରିବାର ପ୍ରୟାସ କରିବି। ମୋ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ମୁଁ ନିଜର ଅବଦାନ ଯୋଗାଇ ଦେବାକୁ ଦୃଢ଼ ଭାବେ ସଂକଳ୍ପବଦ୍ଧ।

ଭାରତ ସରକାରଙ୍କ ପକ୍ଷରୁ ଆଇରନ୍ ମ୍ୟାନ ଅଫ୍ ଇଣ୍ଡିଆଙ୍କ ସ୍ମୃତିରେ ଗୁଜରାଟର ନର୍ମଦା ନଦୀ ନିକଟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଏକ ବିରାଟ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଏହା 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଭାବେ ପରିଚିତି ହାସଲ କରିଛି।

# ସହରୀ ରୂପ ନେଉଛି ଗାଁ

**ବିଶ୍ୱ ସହର ଦିବସ**

**ସ**ଭ୍ୟତାର କ୍ରମବିକାଶ ସହିତ ମଣିଷର ଆବଶ୍ୟକତା ଅନୁସାରେ ବାସସ୍ଥାନରେ ପରିବର୍ତ୍ତନ ହେବାରେ ଲାଗିଛି। ଶିଳ୍ପସଂସ୍ଥା ଏବଂ ସରକାରୀ କାର୍ଯ୍ୟାଳୟ ଥିବା ଅଞ୍ଚଳକୁ ପୂର୍ବରୁ ସହର କୁହାଯାଉଥିଲା। ସାଧାରଣତଃ ସହରରେ ବହୁବିଧ ସୁବିଧା ରହିଥାଏ। ମାତ୍ର ଏବେ ବିକାଶର ଧାରାରେ ଗାଁ ସହର ପାଲଟିବାରେ ଲାଗିଛି। ଏଠାରେ ମୁଖ୍ୟ ଅର୍ଥନୈତିକ ମାଧ୍ୟମ ଚାଷ ରହିଥିଲେ ମଧ୍ୟ ଧୀରେଧୀରେ ଗାଁରେ ମଧ୍ୟ ସହର ଭଳି ବହୁ ସୁବିଧା ସୁଯୋଗ ଉପଲବ୍ଧ ହେଲାଣି। ଏଣୁ ଗାଁ ଏବେ ସହର ପାଲଟୁଛି।

ପୃଥିବୀର ବିଭିନ୍ନ ସହର ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ମିଳିତ ଜାତିସଂଘ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ଜାତିସଂଘର ସାଧାରଣ ସଭାରେ ଜନବସତି କାର୍ଯ୍ୟକ୍ରମ ଅନ୍ତର୍ଗତ ୨୦୧୩ ଡିସେମ୍ବର ୨୭ରେ ବିଶ୍ୱ ସହର ଦିବସ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାପରେ ୨୦୧୪ ଅକ୍ଟୋବର ୩୧ଠାରୁ ବିଶ୍ୱ ସହର ଦିବସ ପାଳିତ ହୋଇଆସୁଛି। ଦିବସର ଲକ୍ଷ୍ୟ ହେଉଛି, ବିଶ୍ୱର ସହରୀକରଣ ଯୋଜନାରେ ଅନ୍ତର୍ଜାତୀୟସ୍ତରରେ ଆଗ୍ରହ ବୃଦ୍ଧି କରିବା, ଆହ୍ୱାନର ମୁକାବିଲା ପାଇଁ ଦେଶ-ଦେଶ ମଧ୍ୟରେ ସହଯୋଗକୁ ଆଗକୁ ବଢ଼ାଇବା ଏବଂ ସହରାଞ୍ଚଳର ବିକାଶରେ ସହାୟକ ହେବା।

ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



ଶିବମ୍ ଶାଶ୍ୱତ ଚୌହାନ
ମରେକେଲ, ସୋହେଲା, ବରଗଡ଼
ଆଜି ତୋର ଜନ୍ମଦିନ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥ, ଯୋଗେଶ୍ୱର ବାବା ଓ ମାଁ ସମଲେଇଙ୍କ ପାଦପଙ୍କଜରେ କୋଟି କୋଟି ପ୍ରଣାମ। ତୋର ସଫଳ ଜୀବନ ପାଇଁ ଶୁଭକାମନା କରିବା ସହ ତୋର ଚଲାପଥକୁ ମହାପ୍ରଭୁ ସଦାସର୍ବଦା କୁସୁମିତ ସହ ଦୀର୍ଘାୟୁ କାମନା କରନ୍ତୁ।
ଶୁଭେଚ୍ଛା ସହ: ମିଲନ, ପ୍ରୀତମ, ଆର୍ଯ୍ୟନ, ସତ୍ୟମ, ବଡ଼ବାପା, ବଡ଼ମାଆ, ବାପା, ମାଆ, କାକା, କାକି, ପିଉସା, ପିଉସୀ, ଜେଜେମାଆ, ଜେଜେବାପା।
ଧ-୨୨୧୧୭

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

# ଜାନୁୟାରୀରେ 'ବଧାଇ ଦୋ'



**ମୁମ୍ବାଇ:** ଆସୁଛି 'ବଧାଇ ଦୋ'। ଆସନ୍ତାବର୍ଷ ଜାନୁୟାରୀରେ ଏହି ଫିଲ୍ମ ରିଲିଜ ହେବ। ହର୍ଷବର୍ଦ୍ଧନ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ମୁକ୍ତିଲାଭ ହେବା ନେଇ ଦିନ ଧାର୍ଯ୍ୟ କରିସାରିଲେଣି। ଫିଲ୍ମରେ ରାଜକୁମାର ରାଓଙ୍କ ସହ ଭୂମି ପେଡ୍‌ନିକରଙ୍କୁ ଦେଖିବାକୁ ମିଳିବ। ଏଥିରେ ସୀମା ପହୱା, ଶିବା ଚଢ଼ା, ଲଭଲିନା ମିଶ୍ରା, ନୀତିଶ ପାଣ୍ଡେ, ଶଶି ଭୂଷଣ ପ୍ରମୁଖ ନଜର ଆସିବେ। ବଧାଇ ହୋ ନୁହେଁ, 'ବଧାଇ ଦୋ'ର ସମୟ ଆସିଛି। ପ୍ରେକ୍ଷାଳୟରେ ଦେଖିବାକୁ ଭୁଲନ୍ତୁ ନାହିଁ ବୋଲି ଅଭିନେତ୍ରୀ ସୋସିଆଲ ମିଡିଆରେ କହିଛନ୍ତି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁନିରଜ କୁମାର ପଟ୍ଟନାୟକ
ସ୍ଥାନ-ହାଟସାହି, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ: ୧୫।୦୭।୧୯୪୬
ତିରୋଧାନ: ୧୦।୧୧।୨୦୨୦
ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଧର୍ମପରାୟଣତା ଆମ୍ଭ ପାଇଁ ଅଭୁଲା ସ୍ମୃତି ହୋଇ ରହିଗଲା। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସାକ୍ଷୀଗୋପାଳଙ୍କଠାରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୨୧୧୪

୭ମ ଶ୍ରାଦ୍ଧବାର୍ଷିକୀ



ଁଭୁବନେଶ୍ୱର ହୋତା (ଶିକ୍ଷକ)
୧୯୩୮ ସାଲ- କମାଶାସନ
କାର୍ତ୍ତିକ କୃଷ୍ଣପକ୍ଷ ଏକାଦଶୀ
କେତେ ସ୍ନେହ ଢାଳୁଥିଲ ଆପଣାଶିରରେ
ସେଥିପାଇଁ ଲୁହ ଝରେ ସବୁରି ଆଖିରେ।
ଅମରାତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ
ଶ୍ରୀଜଗନ୍ନାଥଙ୍କ ପାଖରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
**ଶୋକସନ୍ତପ୍ତ:** ପୁଅ: ଗଦାଧର-ବିଦ୍ୟାଧର, ବୋହୂ: ପ୍ରତିମା, ରୁବି, ଝିଅ: କୁନି, ଜ୍ୱାଇଁ: ଅର୍ଜୁନ, ନାତି-ନାତୁଣୀ: ପୂଜା, ସୋମି, ବୁବୁଲୁ, ରାଜା, ବନ୍ଧୁ ଓ ପରିବାରବର୍ଗ।
Mob: 8598010008
ଧ-୬୮୦୪୯

DIWALI DHAMAKA
AADARSH FINANCE
ଦିପାବଳିର ଶୁଭ ଅବସରରେ ଆଦର୍ଶ ଫାଇନାନ୍ସ୍ ଆପଣଙ୍କୁ ୧ ଲକ୍ଷ ରୁ ୫୦ ଲକ୍ଷ ଲୋନ୍ ଯୋଗାଇଦେଉଛି।
୨% ସୁଧ, ୫୦% ଛାଡ।
ଘରେ ବସି ONLINE ମାଧ୍ୟମରେ ସୁବିଧାରେ ଲୋନ୍‌ର ସୁବିଧା ପାଆନ୍ତୁ।
9432985505, 9471160476
Whatsapp: 8797985140

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

କେମିତି ମଦ ଛାଡ଼ିବେ
ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନ ଆଣି କିମ୍ବା ନ କହି।
ସମୟ ଦିବା ୧୦ଟାରୁ ୨ଟା।
ବାଲେଶ୍ୱର: ପ୍ରତିମାସ ୧ ଓ ୧୫ ତାରିଖ, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁ ଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭ ତାରିଖ, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ ପାଖ, ଯାଜପୁର ରୋଡ୍। କଟକ: ୪ ଓ ୧୮ ତାରିଖ, ହୋଟେଲ ରକ୍ସି, ବାଦାମବାଡ଼ି ବସ୍‌ଷ୍ଟାଣ୍ଡ। ଭୁବନେଶ୍ୱର: ୫ ଓ ୧୯ ତାରିଖ, ହୋଟେଲ ଗ୍ରାଣ୍ଡ ଷ୍ଟେ, ଅଶୋକନଗର। ପୁରୀ: ୬ ଏବଂ ୨୦ ତାରିଖ, ହୋଟେଲ ପାରାଡାଇଜ, ଗ୍ରାଣ୍ଡରୋଡ଼। ବାରିପଦା: ୭ ଏବଂ ୨୧ ତାରିଖ, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ସୁଜାତା, ଭି.ଏସ୍.ଏସ୍.ମାର୍ଗ। ରାଉରକେଲା: ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଶ୍ୟାମ, ବିସ୍ରାରୋଡ଼, ରେଲୱେଷ୍ଟେସନ ପାଖ। ପାରାଦୀପ: ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ଆରିଷ୍ଟୋକ୍ରାଟ। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଗୋଲ୍‌ଡେନ ପ୍ୟାଲେସ୍, ବସ୍‌ଷ୍ଟାଣ୍ଡ ପାଖ। କେନ୍ଦୁଝର: ପ୍ରତିମାସ ୧୦ ଏବଂ ୨୪ ତାରିଖ, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ପାଖ। ଝାରସୁଗୁଡ଼ା: ୧୦ ଏବଂ ୨୪ ତାରିଖ, ହୋଟେଲ ଉପହାର, ଏମ୍.ବି.ରୋଡ଼। ଅନୁଗୁଳ: ୧୧ ଏବଂ ୨୫ ତାରିଖ, ହୋଟେଲ ଶାନ୍ତି ଗେଷ୍ଟ ହାଉସ୍, ବସ୍‌ଷ୍ଟାଣ୍ଡ ପାଖ। ବ୍ରହ୍ମପୁର: ୧୨ ଏବଂ ୨୬ ତାରିଖ, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ୍, ସରକାରୀ ବସ୍‌ଷ୍ଟାଣ୍ଡ ପାଖ। ଭବାନୀପାଟଣା: ୧୩ ଏବଂ ୨୭ ତାରିଖ, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଏବଂ ୨୮ ତାରିଖ, ହୋଟେଲ ଶାରଳା, ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ପାଖ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ।
ପୂଜା ସ୍ୱାସ୍ଥ୍ୟ କେନ୍ଦ୍ର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ଲାଭ ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୩୧ ଅକ୍ଟୋବର, ୨୦୨୧ Sambalpur, Sunday, October 31/2021

# ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ ଆଜି

**ଦୁବାଇ,୩୦।୧୦**

ଟି୨୦ ବିଶ୍ୱକପ୍ ସୁପର ୧୨ ପର୍ଯ୍ୟାୟରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ରବିବାର ନ୍ୟୁଜିଲାଣ୍ଡକୁ ଭେଟିବ। ଗ୍ରୁପ୍-୨ରେ ଖେଳାଯିବାକୁ ଥିବା ଏହି ମୁକାବିଲା ଉଭୟ ଦଳ ପାଇଁ ବିଶେଷ ଭାବେ ଗୁରୁତ୍ୱ ବହନ କରୁଛି। ଏହି ମ୍ୟାଚ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସଦୃଶ ହୋଇଛି। ତେଣୁ ଦୁଇ ଦଳ ପାଇଁ ଏହି ମୁକାବିଲା କର ବା ମର ସ୍ଥିତି ସୃଷ୍ଟି କରିଛି। ଉଭୟ ଦଳ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନଠାରୁ ପରାସ୍ତ ହୋଇଛନ୍ତି। ଭାରତ ଗତ ରବିବାର ପାକିସ୍ତାନଠାରୁ ୧୦ ଉଇକେଟରେ ପରାସ୍ତ ହୋଇଥିଲା। ସେହିପରି ନ୍ୟୁଜିଲାଣ୍ଡ ୫ ଉଇକେଟରେ ପାକିସ୍ତାନଠାରୁ ହାରିଥିଲା। ଉଭୟ ଦଳ ଏହି ପରାଜୟରୁ କିଛି ଶିକ୍ଷାଲାଭ କରିଥିବେ ବୋଲି ଆଶା କରାଯାଉଛି। ପାକିସ୍ତାନ ବିପକ୍ଷ ପରାଜୟ ଭାରତ ପାଇଁ ଏକ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି। ଏହାକୁ ଭୁଲି ଭାରତ ନୂଆ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ଭାରତ ପୁରୁଣା ତ୍ରୁଟି ସୁଧାରି ପଡ଼ିଆକୁ ଓହ୍ଲାଇବ। ନ୍ୟୁଜିଲାଣ୍ଡ ଏକ କ୍ୱାଲିଟି ତଥା ବିଶ୍ୱସ୍ତରୀୟ ଦଳ ହୋଇଥିବାରୁ ଭାରତ କଡ଼ା ପରୀକ୍ଷାର ସମ୍ମୁଖୀନ ହେବ। ନ୍ୟୁଜିଲାଣ୍ଡ ପାଇଁ ମଧ୍ୟ ବିଜୟ ଅପରିହାର୍ଯ୍ୟ ହୋଇପଡ଼ିଛି। ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୋଥି ଓ ଟ୍ରେଣ୍ଟ ବୋଲ୍ଟ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବେ। ତେବେ ତାରକା ବ୍ୟାଟର ତଥା ଅଧିନାୟକ କେନ୍ ୱିଲିୟମସନ ଓ ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ଶତପ୍ରତିଶତ ଫିଟ୍ ନାହାନ୍ତି। ଗୁପ୍ଟିଲ ଫୁଟ୍ ଇଞ୍ଜୁରିର ଶିକାର ହୋଇଛନ୍ତି। ଯୁବ ବ୍ୟାଟର ଡେଭନ କନ୍‌ୱେଙ୍କ ଉପରେ ନଜର ରହିବ। ଭାରତୀୟ ବୋଲରଙ୍କୁ ଦକ୍ଷତା ପ୍ରତିପାଦନ କରିବାକୁ ହେବ। ପାକିସ୍ତାନ ବିପକ୍ଷରେ ଭାରତୀୟ ବୋଲରମାନେ ମାମୁଲି ପ୍ରଦର୍ଶନ କରିଥିଲେ। ଦୁଇଜଣ ଖେଳାଳି ଦଳର ଚିନ୍ତା ବଢ଼ାଇଛନ୍ତି। ସେମାନେ ହେଲେ ହାଫ୍ ଫିଟ୍ ହାର୍ଦ୍ଦିକ ପାଣ୍ଡ୍ୟା ଓ ଆଉଟ୍ ଅଫ୍ ଫର୍ମ ଭୁବନେଶ୍ୱର କୁମାର। ଏହି ଦୁଇ ଖେଳାଳି ଦଳ ପାଇଁ ଏବେ ବୋଝ ସଦୃଶ ହୋଇଛନ୍ତି।

ଟି୨୦ ଅଧିନାୟକ ହିସାବରେ କୋହଲି ତାଙ୍କର ଶେଷ ଟୁର୍ନାମେଣ୍ଟ ଖେଳୁଛନ୍ତି। ତେଣୁ ନେତୃତ୍ୱ ଛାଡିବା ପୂର୍ବରୁ ସେ ଦଳକୁ ଚାମ୍ପିୟନ କରାଇବାକୁ ପ୍ରୟାସ କରିବେ। ସଫଳତାର ଶୀର୍ଷରେ ପହଞ୍ଚିଥିଲେ ମଧ୍ୟ କୋହଲି ଅଧିନାୟକ ଭାବେ କୌଣସି ଆଇସିସି ଟ୍ରଫି ହାସଲ କରିପାରିନାହାନ୍ତି। ଏହି ଟୁର୍ନାମେଣ୍ଟ ତାଙ୍କ ପାଇଁ ଶେଷ ସୁଯୋଗ ସୃଷ୍ଟି କରିଛି। ଯଦି ସେ ଏହି ଟୁର୍ନାମେଣ୍ଟରେ ବିଫଳ ହୁଅନ୍ତି ତେବେ କୋହଲିଙ୍କ ଦିନିକିଆ ନେତୃତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟ ହେବା ସ୍ୱାଭାବିକ। କୋହଲି ଜଣେ ଆକ୍ରମଣାତ୍ମକ ତଥା ଲଢୁଆ ଖେଳାଳି ଭାବେ ଜଣାଶୁଣା। ସବୁପ୍ରକାର ସମାଲୋଚନା ଓ ବିଫଳତାକୁ ପଛରେ ପକାଇ ପ୍ରତ୍ୟାବର୍ତ୍ତନ କରିବାର କଳା ତାଙ୍କୁ ଭଲଭାବେ ଜଣାଅଛି। ଏହି ମ୍ୟାଚ୍ ଏବେ ଭାରତ ଓ କୋହଲିଙ୍କ ପାଇଁ ଅଗ୍ନିପରୀକ୍ଷା ସୃଷ୍ଟି କରିଛି। ଭାରତ ସହଜ ଗ୍ରୁପ୍‌ରେ ସାମିଲ ହୋଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡଠାରୁ ହାରିଲେ ସମସ୍ୟାରେ ପଡ଼ିବ। ଅନ୍ୟ ୩ଟି ଦଳ ଯଥା ଆଫଗାନିସ୍ତାନ, ସ୍କଟଲାଣ୍ଡ ଓ ନାମ୍ବିଆ ଦୁର୍ବଳ ଦଳ ବିବେଚିତ ହେଉଛନ୍ତି ଓ ଭାରତ ଏହି ଦେଶଗୁଡ଼ିକୁ ହରାଇବାର ଯଥେଷ୍ଟ ସମ୍ଭାବନା ରହିଛି। ପାକିସ୍ତାନ ବାକି ଦୁଇଟି ମ୍ୟାଚ୍‌ରେ ନାମ୍ବିଆ ଓ ସ୍କଟଲାଣ୍ଡକୁ ହରାଇ ଶୀର୍ଷରେ ରହିବା ଏକପ୍ରକାର ନିଶ୍ଚିତ ମନେହେଉଛି। ତେଣୁ ଦ୍ୱିତୀୟ ସ୍ଥାନ ପାଇଁ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଲଢ଼େଇ ହେବ। ତେଣୁ ଯେଉଁ ଦଳ ବିଜୟୀ ହେବ ୮ ପଏଣ୍ଟ ପାଇ ଗ୍ରୁପ୍-୨ର ଦ୍ୱିତୀୟ ସ୍ଥାନରେ ରହିବ।

ସନ୍ଧ୍ୟାରେ କାକର ସମସ୍ୟା ରହିବ। ତେଣୁ ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ଓ ମ୍ୟାଚ୍‌ର ଫଳାଫଳ ଟସ୍ ଉପରେ ନିର୍ଭର କରିବ। କୋହଲି ଟସ୍ ଜିତିବାକୁ ଚାହିଁବେ ଓ ରନ ଚେଜ୍ କରିବାକୁ ସହଜ ମନେକରିବେ। ପାକିସ୍ତାନର ଶାହିନ ଶାହା ଆଫ୍ରିଦିଙ୍କ ଭଳି ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ଭାରତକୁ ସମସ୍ୟାରେ ପକାଇବାର ଯଥେଷ୍ଟ ସମ୍ଭାବନା ରହିଛି। କୋହଲି ଏହି ମ୍ୟାଚ୍‌ରେ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବେ। ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଗତ ୧୮ ବର୍ଷ ମଧ୍ୟରେ ଆଇସିସି ଇଭେଣ୍ଟରେ ବିଜୟୀ ହୋଇନାହିଁ। ଦଳରେ ଏକାଧିକ ଅଲରାଉଣ୍ଡର, କ୍ୱାଲିଟି ବୋଲର, ବ୍ୟାଟ୍ସମ୍ୟାନ ରହିଛନ୍ତି। ତେଣ ଏହି ମ୍ୟାଚ୍ ଉଭୟ ଦଳ ପାଇଁ ସୁଯୋଗ ଓ ପରୀକ୍ଷା ସୃଷ୍ଟି କରିଛି।



ଟ୍ରେନିଂ ସେସନ୍‌ରେ ବୋଲିଂ କରୁଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା।

### ଟି୨୦ ବିଶ୍ୱକପ୍
**(ଆଜିର ମ୍ୟାଚ)**

**ଆଫଗାନିସ୍ତାନ ବନାମ ନାମ୍ବିଆ**
ସ୍ଥାନ: ଆବୁଧାବି,
ସମୟ: ଅପରାହ୍ନ ୩ଟା ୩୦

**ଭାରତ ବନାମ ନ୍ୟୁଜିଲାଣ୍ଡ**
ସ୍ଥାନ: ଦୁବାଇ, ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

## ସଂକ୍ଷେପରେ

### ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ ୧ରେ

**ନୂଆଦିଲ୍ଲୀ, ୩୦।୧୦ (ପି.ଟି.):** ନଭେମ୍ବର ୧ରେ ସ୍ଥାନୀୟ ଅଶୋକା ହୋଟେଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗତବର୍ଷର ସମସ୍ତ ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯିବ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ଜଣେ ଅଫିସିଆଲ୍ କହିବା ଅନୁସାରେ ୨୦୨୦ର ସମସ୍ତ ବିଜେତା ଇତିମଧ୍ୟରେ ଆର୍ଥିକ ପୁରସ୍କାର ଗ୍ରହଣ କରିସାରିଛନ୍ତି। ଇଭେଣ୍ଟ ବେଳେ ସେମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ। କୋଭିଡ୍ ଯୋଗୁ ଗତବର୍ଷ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ଭର୍ଚୁଆଲି ଅନୁଷ୍ଠିତ ହୋଇଥିଲା। ମେଜର ଧ୍ୟାନଚାନ୍ଦ ଖେଲରତ୍ନ ପୁରସ୍କାର (ପୂର୍ବରୁ ଏହା ରାଜୀବ ଗାନ୍ଧୀ ଖେଲରତ୍ନ ପୁରସ୍କାର ଭାବେ ପରିଚିତ ଥିଲା), ଅର୍ଜୁନ ପୁରସ୍କାର, ଦ୍ରୋଣାଚାର୍ଯ୍ୟ ପୁରସ୍କାର, ଧ୍ୟାନଚାନ୍ଦ ପୁରସ୍କାର ସମେତ ଅନ୍ୟ ବହୁ ପୁରସ୍କାର ଜାତୀୟ କ୍ରୀଡ଼ା ପୁରସ୍କାରରେ ଅନ୍ତର୍ଭୁକ୍ତ।

### ସେମିରେ ହାରିଲେ ସିନ୍ଧୁ

**ପ୍ୟାରିସ୍,୩୦।୧୦:** ଦୁଇଥର ଅଲିମ୍ପିକ ପଦକ ହାସଲ କରିଥିବା ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସ ଇଭେଣ୍ଟ ସେମିରେ ଜାପାନର ସାୟାକା ଟାକାହାଶି ୨୬ ବର୍ଷୀୟା ସିନ୍ଧୁଙ୍କୁ ୨୧-୧୮, ୧୬-୨୧, ୧୨-୨୧ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସାୟାକା ପୂର୍ବରୁ ୨୦୧୩ ଓ ୨୦୧୪ ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

### କେରଳରେ ହେବ ଜାତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୩୦।୧୦ (ପି.ଟି.):** ଆସନ୍ତା ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍ କେରଳ ଭେନ୍ୟୁ ଭାବେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ଶନିବାର ଅନୁମୋଦନ ଲାଭ କରିଛି। ଟୁର୍ନାମେଣ୍ଟ ନଭେମ୍ବର ୨୫ରୁ ଡିସେମ୍ବର ୯ ପର୍ଯ୍ୟନ୍ତ ହେବ। ଭାରତୀୟ ଫୁଟ୍‌ବଲର ବିକାଶ କ୍ଷେତ୍ରରେ ଅଭୂତପୂର୍ବ ସମର୍ଥନ ପାଇଁ କମିଟି କେରଳ ରାଜ୍ୟ ସରକାରଙ୍କୁ ସମର୍ଥନ ଜଣାଇଛି। ସିନିୟର ମହିଳା ଫୁଟ୍‌ବଲ ତିନୋଟି ଭେନ୍ୟୁ ଓ ୫ଟି ଷ୍ଟାଡିୟମରେ ଖେଳାଯିବ। ଓଡ଼ିଶା ଓ ଝାଡ଼ଖଣ୍ଡର ଉଦ୍ୟମକୁ କାର୍ଯ୍ୟନିର୍ବାହୀ କମିଟି ଉଚ୍ଚ ପ୍ରଶଂସା କରିଛି। ଉଭୟ ରାଜ୍ୟର ଖେଳ ପ୍ରତି ଦୃଷ୍ଟାନ୍ତମୂଳକ ସମର୍ଥନ ରହିଛି।

### ସାଥିୟାଁ-ହରମିତ୍‌ଙ୍କୁ ଟାଇଟଲ

**ଟ୍ୟୁନିସ (ଟ୍ୟୁନିସିଆ), ୩୦।୧୦ (ପି.ଟି.):** ଭାରତୀୟ ଟେବୁଲ ଟେନିସ ଯୋଡ଼ି ଜି. ସାଥିୟାଁ ଓ ହରମିତ୍ ଦେଶାଇ ଫାଇନାଲରେ ଇମାନୁଏଲ ଲେବିସନ ଓ ଆଲେଜାଣ୍ଡ୍ରେ କ୍ୟାସିନ୍‌ଙ୍କ ବିପକ୍ଷରେ ୩-୧ରେ ବିଜୟ ହାସଲ କରି ଏଠାରେ ଚାଲିଥିବା ଡବ୍ଲ୍ୟୁଟିଟି କଣ୍ଟେଣ୍ଡର ଟ୍ୟୁନିସରେ ପୁରୁଷ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ସାଥିୟାଁ ଓ ଦେଶାଇ ଫ୍ରେଞ୍ଚ ଯୋଡ଼ିଙ୍କୁ ୧୧-୯, ୪-୧୧, ୧୧-୯, ୧୧-୬ରେ ପରାସ୍ତ କରିଥିଲେ।

# ‘ଟିମ୍ କଲ୍‌ଟର’

**ଗୌତମ ଗମ୍ଭୀର**

୨୦୧୫ରେ ମୁଁ ଅଷ୍ଟ୍ରେଲିଆର ପର୍ଥ ଗସ୍ତ କରିଥିଲି। ଅଷ୍ଟ୍ରେଲିଆ ଟିମ୍‌ର ବର୍ତ୍ତମାନ କୋଚ୍ ଜଷ୍ଟିନ ଲାଙ୍ଗରଙ୍କଠାରୁ ଜ୍ଞାନ ଆହରଣ କରିବା ମୋର ଉଦ୍ଦେଶ୍ୟ ଥିଲା। ୱେଷ୍ଟର୍ନ ଅଷ୍ଟ୍ରେଲିଆ କ୍ରିକେଟ ଆସୋସିଏଶନ (ୱାକା) ଷ୍ଟାଡିୟମର ଷ୍ଟାଣ୍ଡରେ ରହିଥିବା କ୍ଷମତାଶାଳୀ ଅଫିସ୍‌ରେ ମୋର ତାଙ୍କ ସହିତ ପ୍ରଥମ ଦେଖା ହୋଇଥିଲା। କ୍ଷମତାଶାଳୀ ଶବ୍ଦ ବ୍ୟବହାର କରିବାର ମୋର ଉଦ୍ଦେଶ୍ୟ ହେଲା ଲାଙ୍ଗରଙ୍କ ଅଫିସ ୱେଷ୍ଟର୍ନ ଅଷ୍ଟ୍ରେଲିଆ ଟିମ୍ କଲଚର ପାଇଁ ଏକ ହଟ୍‌ସ୍ପଟ ଭଳି କାର୍ଯ୍ୟ କରିଥାଏ। ଅଷ୍ଟ୍ରେଲିଆର ପୂର୍ବତନ ଓପନର ସବୁବେଳେ ଟିମ୍ ବଣ୍ଡିଂ ଅବା ଦଳୀୟ ବନ୍ଧନ ଉପରେ ଗୁରୁତ୍ୱାରୋପ କରିଥାନ୍ତି। ମୁଁ ପରିବର୍ତ୍ତେ ଆମେ ମନୋଭାବ ନେଇ ଖେଳିବା ପାଇଁ ସେ ସବୁବେଳେ ପରାମର୍ଶ ଦେଇଥାନ୍ତି। ଲାଙ୍ଗର ଓ ତାଙ୍କ ଶିକ୍ଷାର୍ଥୀଙ୍କ ସହ ମୁଁ ଜିମ୍, ୱାକା ଆଉଟଫିଲ ଏବଂ ଅନ୍ୟ ଟ୍ରେନିଂ ଭେନ୍ୟୁଗୁଡ଼ିକରେ କାର୍ଯ୍ୟ କରିଛି। ସମସ୍ତ ସ୍ଥାନରେ ମୂଳମନ୍ତ୍ର ‘ଟିମ୍ କଲ୍‌ଚର’ ଥିବା ଦେଖିବାକୁ ମିଳିଥିଲା। ଷ୍ଟିଭ ୱାଙ୍କ ଡ୍ରେସିଂ ରୁମ୍‌କୁ ଲାଙ୍ଗର ସଜାଡ଼ିଛନ୍ତି। ଦଳର ଭଲ ଓ ମନ୍ଦ ସମୟରେ ଖେଳାଳିମାନେ ପୁରସ୍କାର ଭାବ ବିନିମୟକୁ ସେ ଗୁରୁତ୍ୱ ଦିଅନ୍ତି। ଚଳିତ ଟି୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡକୁ ସାମ୍ନା କରିବା ପୂର୍ବରୁ ଭାରତୀୟ ଦଳକୁ କ’ଣ କରିବାକୁ ହେବ ଏଥିରୁ ବୁଝି ନେବାକୁ ହେବ। ମୋ ମତରେ ବର୍ତ୍ତମାନ ପରିସ୍ଥିତିରେ ମେଣ୍ଟର ଦାୟିତ୍ୱରେ ରହିଥିବା ଅଭିଜ୍ଞ ଏମ୍.ଏସ୍. ଧୋନୀଙ୍କ ଉପରେ ସବୁ ଛାଡ଼ିଦେବା ଉଚିତ। ସଙ୍କଟ ବେଳେ ବିରାଟ କୋହଲିଙ୍କୁ ରବି ଶାସ୍ତ୍ରୀଙ୍କ ତୁଳନାରେ ସେ ଦଳକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇପାରିବେ। କାରଣ ଆଜିକାଲିର ଖେଳକୁ କିପରି ହାତେଇ ହେବ ତାହା ଧୋନୀଙ୍କୁ ଅଧିକ ଜଣା। କମ୍ବିନେଶନ କଥା ଦେଖିବାକୁ ହେଲେ ହାର୍ଦ୍ଦିକ ପାଣ୍ଡ୍ୟା ଯଦି ବୋଲିଂ କରିପାରିବେ ତା ହେଲେ ତାଙ୍କୁ ଦଳରେ ନିଆଯାଇପାରିବ। ତା’ ନ ହେଲେ ତାଙ୍କ ସ୍ଥାନରେ ଇଶାନ୍ କିଶନଙ୍କୁ ନେବା ଉଚିତ। ଭୁବନେଶ୍ୱର କୁମାରଙ୍କ ସ୍ଥାନରେ ଅଶ୍ୱିନଙ୍କୁ ଖେଳାଯାଇପାରେ। ମାତ୍ର ୩ ଜଣ ସ୍ପିନରଙ୍କୁ ଖେଳାଇବା ଏକପ୍ରକାର ବିଳାସ। ଖେଳରେ କାକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେବାକୁ ପଡ଼ିବ। ମୁଁ ଅଧିନାୟକ ଥିଲେ ଯଶପ୍ରୀତ ବୁମ୍‌ରା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ନେଇ ବୋଲିଂ ଓପନ କରିଥାନ୍ତି। ରିଷଭ ପନ୍ତ ଜଣେ ଭଲ ଖେଳାଳି। ହେଲେ ଦଳର ଆବଶ୍ୟକତାକୁ ନେଇ ଖେଳିବାକୁ ହେବ।

**(ଦୀନେଶ ଚୋପ୍ରା ମିଡିଆ/ଗେମ୍‌ପ୍ଲାନ୍)**

OFFICIAL SPONSOR
ICC MEN'S T20 WORLD CUP 2021
SEAGRAM'S
ROYAL STAG
PACKAGED DRINKING WATER
#InItToWinIt

# ଅଙ୍କିତା ଚାମ୍ପିୟନ, ଆରାଧା ରନର୍ସ ଅପ୍



ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ଶନିବାର ଅନୁଷ୍ଠିତ ଏକ ମ୍ୟାଚ୍।

**ଭୁବନେଶ୍ୱର, ୩୦।୧୦(କ୍ରୀଡ଼ା ପ୍ରତିନିଧି)**

କଟକର ଜାବହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ୧୧ ବର୍ଷରୁ କମ୍ ବାଳିକା ବର୍ଗରେ କଟକର ଅଙ୍କିତା କାନୁନ୍‌ଗୋ ଚାମ୍ପିୟନ ଓ ଆରାଧା ସାହୁ ରନର୍ସଅପ୍ ହୋଇଛନ୍ତି। ପ୍ରତିଯୋଗିତାର ସେମିଫାଇନାଲ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଙ୍କିତା ୩-୨ରେ ସ୍ୱେତା ବର୍ମାଙ୍କୁ, ୩-୦ରେ କିରଣଜ୍ୟୋତି ନାୟକ, ୩-୧ରେ ଆରାଧା ସାହୁ, ୩-୦ରେ ଅନୁସ୍କା ମହାନ୍ତିଙ୍କୁ ପରାସ୍ତ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ଆରାଧା ଗ୍ରୁପ୍‌ରେ ୨ଟି ମ୍ୟାଚ ଜିତି ରନର୍ସଅପ୍ ହୋଇଥିଲେ। ୧୫ ବର୍ଷରୁ କମ୍ ବାଳିକା ବର୍ଗରେ ସ୍ୱେତା ପି. ଦଳାଇ, ସାକ୍ଷୀ ଭଗତ, ସ୍ୱସ୍ତିକା ଅଦାବର, ଊର୍ଜା ବର୍ମା ଏବଂ ବାଳକ ବର୍ଗରେ ଜିଜ୍ଞାସୁ ସାହୁ, ଏସ.ଏସ. ଆନନ୍ଦ, ଆୟନ ମୁସ୍ତାକ ଓ ଅର୍ଚ୍ଚିତ ବେହେରା ସେମିଫାଇନାଲରେ ପ୍ରବେଶ କରିଛନ୍ତି।

# ଅଷ୍ଟ୍ରେଲିଆକୁ ହରାଇଲା ଇଂଲଣ୍ଡ

**ଦୁବାଇ, ୩୦।୧୦**

ଟି୨୦ ବିଶ୍ୱକପର ଶନିବାର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଇଂଲଣ୍ଡ ୮ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ି ଅଷ୍ଟ୍ରେଲିଆ ୧୨୫ ରନରେ ଅଲ୍‌ଆଉଟ ହୋଇଥିଲା। ଇଂଲଣ୍ଡ ୧୧.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଜୋଶ୍ ବଟଲର ୭୧(୩୨ ବଲ, ୫ ଚୌକା, ୫ ଛକା) ରନରେ ଅପରାଜିତ ରହି ଇଂଲଣ୍ଡ ବିଜୟକୁ ସହଜ କରିଦେଇଥିଲେ। ଗ୍ରୁପ-୧ରେ ଇଂଲଣ୍ଡ ୩ଟି ଯାକ ମ୍ୟାଚ ଜିତି ଶୀର୍ଷରେ ଅପରିବର୍ତ୍ତିତ ରହିଛି। ଅଷ୍ଟ୍ରେଲିଆ ୩ ମ୍ୟାଚରୁ ପ୍ରଥମ ପରାଜୟ ସହ ୩ୟ ସ୍ଥାନକୁ ଖସିଛି। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି।ଅଷ୍ଟ୍ରେଲିଆ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୧ ରନରେ ୪ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଅଧିନାୟକ ଆରୋନ ଫିଞ୍ଚ୍ ସର୍ବାଧିକ ୪୪ ରନ କରଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଜୋର୍ଡାନ ୧୭ ରନରେ ସର୍ବାଧିକ ୩ଟି, କ୍ରିସ୍ ୱକ୍ସ ଓ ଟାଏମଲ ମିଲ୍ସ ୨ଟି ଲେଖାଏ ଏବଂ ଆଡିଲ ରଶିଦ ଓ ଲିଆମ ଲିଭିଂଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୧୨୫/ଅଲଆଉଟ (ଆରୋନ ଫିଞ୍ଚ୍-୪୪, ଆଷ୍ଟନ ଅଗର-୨୦, କ୍ରିସ୍ ଜୋର୍ଡାନ-୩/୧୭, କ୍ରିସ୍ ୱକ୍ସ-୨/୨୩, ଟାଏମଲ ମିଲ୍ସ-୨/୪୫, ଆଡିଲ ରଶିଦ-୧/୧୯, ଲିଆମ ଲିଭିଂଷ୍ଟୋନ-୧/୧୫)। ଇଂଲଣ୍ଡ ୧୧.୪ ଓଭରରେ ୧୨୬/୨(ଜୋଶ୍ ବଟଲର-୭୧*, ଜାସନ ରୟ-୨୨, ଆଷ୍ଟନ ଅଗର-୧/୧୫, ଆଡାମ ଜାମ୍ପା-୧/୩୭)।

# ଦକ୍ଷିଣ ଆଫ୍ରିକା ଆଶା ଉଜ୍ଜୀବିତ

**ଶାରଜା,୩୦।୧୦**

**ଟାବ୍ରେଜ ସାମ୍‌ସି ପ୍ଲେୟର ଅଫ୍ ଦି ମ୍ୟାଚ୍**

ବିଜୟ ପାଇଁ ଶେଷ ଓଭରରେ ୧୫ ରନ ଆବଶ୍ୟକ ହେଉଥିଲା। ଡେଭିଡ ମିଲର ୨ଟି ବିଶାଳ ଛକା ଓ ଗୋଟିଏ ଚୌକା ମାରି ମୋଟ ୧୮ ରନ କରିବା ସହ ଗୋଟିଏ ବାକି ଥାଇ ଦକ୍ଷିଣ ଆଫ୍ରିକାକୁ ଜିତାଇଛନ୍ତି। ଫଳରେ ଦକ୍ଷିଣ ଆଫ୍ରିକା ନିଜର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି। ଶନିବାର ସ୍ଥାନୀୟ ଶାରଜା ଷ୍ଟାଡିୟମରେ ଟି୨୦ ବିଶ୍ୱକପ୍ ସୁପର ୧୨ ପର୍ଯ୍ୟାୟରେ ଗ୍ରୁପ୍-୧ରେ ଅନୁଷ୍ଠିତ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୪ ଉଇକେଟରେ ଶ୍ରୀଲଙ୍କାକୁ ହରାଇଛି। ଏଥିସହ ଶ୍ରୀଲଙ୍କା ଲେଗ୍ ସ୍ପିନର ୱାନିନ୍ଦୁ ହସରଙ୍ଗାଙ୍କ ହ୍ୟାଟ୍ରିକ ବେକାର ସାବ୍ୟସ୍ତ ହୋଇଛି। ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୨୦ ଓଭରରେ ୧୪୨ ରନକରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୯.୫ ଓଭରରେ ୬ ଉଇକେଟ ହରାଇ ୧୪୬ ରନ କରି ବିଜୟ ହାସଲ କରିଥିଲା। ୪ ଓଭରରେ ୧୭ ରନ ବ୍ୟୟ କରି ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ଦକ୍ଷିଣ ଆଫ୍ରିକା ରିଷ୍ଟ ସ୍ପିନର ଟାବ୍ରେଜ ସାମ୍‌ସି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୨୦ ଓଭରରେ ୧୪୨ ଅଲଆଉଟ (ପଥୁମ ନିଶାଙ୍କା- ୭୨, ଚରିଥ ଅସଲଙ୍କା- ୨୧, ଦସୁନ ସନକା- ୧୧, ତାବରେଜ ସାମସି- ୩/୧୭, ଡ୍ୱେନ ପ୍ରିଟୋରିୟସ- ୩/୧୭, ଅନରିଚ ନୋର୍ଜେ- ୨/୨୭)। ଦକ୍ଷିଣ ଆଫ୍ରିକା ୧୯.୫ ଓଭରରେ ୧୪୬/୬ (ଟେମ୍ବା ବଭୁମା- ୪୬, ଡେଭିଡ ମିଲର- ୨୩*, ଏଡେନ ମାରକ୍ରାମ- ୧୯, ରାସି ଭାନ ଡେର ଡୁସେନ- ୧୬, କାଗିସୋ ରାବାଡ଼ା- ୧୩*, ୱାନିନ୍ଦୁ ହସରଙ୍ଗା- ୩/୨୦, ଦୁଷ୍ମନ୍ତ ଚାମିରା- ୨/୨୭)।

# ପଦ୍ମିନୀଙ୍କ କ୍ରମାଗତ ଦ୍ୱିତୀୟ ବିଜୟ

**ରିଗା (ଲାଟଭିଆ), ୩୦।୧୦(ପି.ଟି.)**

ଫିଡେ ଗ୍ରାଣ୍ଡ ସୁଇସ୍ ଚେସ୍ ଟୁର୍ନାମେଣ୍ଟରେ ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ପଦ୍ମିନୀ ରାଉତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛନ୍ତି। ପ୍ରଥମ ରାଉଣ୍ଡରେ ଚାଇନାର ଝୁ ଜିନେରଙ୍କଠାରୁ ହାରି ଯାଇଥିବା ଏହି ଓଡ଼ିଆ ଚେସ୍ ତାରକା ଦ୍ୱିତୀୟ ରାଉଣ୍ଡରେ ସୁଇଡେନର ପିଆ କ୍ରାମଲିଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ଶନିବାର ତୃତୀୟ ରାଉଣ୍ଡରେ ସେ ନିଜ ଦେଶର ଆର. ବୈଶାଳୀଙ୍କୁ ହରାଇ ୩ ରାଉଣ୍ଡରୁ ୨ ପଏଣ୍ଟ ପାଇଛନ୍ତି। ଭାରତର ଦ୍ରୋଣାଭାଲି ହାରିକା ପୂର୍ବତନ ବିଶ୍ୱ ଚାମ୍ପିୟନ ବୁଲଗେରିଆର ଆଣ୍ଟୋନେଟା ଷ୍ଟିଫାନୋଭାଙ୍କୁ ପରାସ୍ତ କରିଛନ୍ତି। ୩ ରାଉଣ୍ଡ ଶେଷରେ ୯ ଜଣ ଖେଳାଳି ୨.୫ ପଏଣ୍ଟ ଲେଖାଏ ପାଇଛନ୍ତି।




# ୟୁନାଇଟେଡ୍ ସ୍ପୋର୍ଟିଂ କ୍ଲବ ଚାମ୍ପିୟନ

**ଭୁବନେଶ୍ୱର, ୩୦।୧୦(କ୍ରୀଡ଼ା ପ୍ରତିନିଧି)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃଜିଲା ଫୁଟବଲ କ୍ଲବ ଚାମ୍ପିୟନଶିପ୍‌ରେ ବରଗଡ଼ର ୟୁନାଇଟେଡ ସ୍ପୋର୍ଟିଂ କ୍ଲବ ଚାମ୍ପିୟନ ହୋଇଛି। ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ସ୍ପୋର୍ଟିଂ କ୍ଲବ ସଡନ୍‌ଡେଥ୍ ୪-୩ ଗୋଲରେ କଟକ ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ଟାଇଟଲ ହାସଲ କରିଛି। ମ୍ୟାଚଟି ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ଡ୍ର ରହିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ମଧ୍ୟ ସ୍ଥିତି ୩-୩ ଗୋଲରେ ବରାବର ରହିଥିଲା। ଫଳରେ ସଡନ୍‌ଡେଥ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ସ୍ପୋର୍ଟିଂ କ୍ଲବ ଚାମ୍ପିୟନ ଓ ସ୍ପୋର୍ଟ୍ସ ହଷ୍ଟେଲ ରନର୍ସଅପ୍ ହୋଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୫୦,୦୦୦ ଓ ରନର୍ସଅପ୍ ଦଳକୁ ୨୫,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ଶିବଶଙ୍କର ପଣ୍ଡା, ଜ୍ୟୋତି ରଞ୍ଜନ ସ୍ୱାଇଁ, ପ୍ରଦୀପ୍ତ ନାୟକ, ସୁଲତାନା ପରବିନ, ସୁରଜିତ ପାତ୍ର ଅଫିସିଆଲ ଏବଂ ଦୁର୍ଗା ମାଧବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।

ଉଦ୍‌ଯାପନୀ ସମାରୋହରେ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ଓ ଶୈଳେନ୍ଦ୍ର କୁମାର ଜେନା, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ କୋଷାଧ୍ୟକ୍ଷ ଅଧିପ ଦାସ, ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଉପସଭାପତି ବିଜୟ ଦାସ, ଦିଲୀପ କୁମାର ସାହୁ, ହୃଦୟ ରଞ୍ଜନ ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ମହମ୍ମଦ ସହିଦ ଜବାର, ବିଶ୍ୱ ରଞ୍ଜନ ଘଡ଼େଇ, ସଦସ୍ୟ ଅଭୟ ମହାପାତ୍ର, ଧିରେନ ପଲେଇ ଏବଂ ଶୁଭାଶିଷ କର ପ୍ରମୁଖ ଉପସ୍ଥିତ ଥିଲେ। ୧୬ ବର୍ଷରୁ କମ୍ ଭାରତୀୟ କୋଚ୍ ଶୁଭେନ୍ଦୁ ପଣ୍ଡା, ଓଡ଼ିଶା ସିନିୟର ମହିଳା ଫୁଟବଲ ଦଳର କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ମଧ୍ୟ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ସନ୍ତୋଷ ଟ୍ରଫି ପାଇଁ ଚୟନ କମିଟି ସଦସ୍ୟ ସୁରଜିତ ଘୋଷ, ଗଙ୍ଗାଧର ବେହେରା, ପ୍ରଭାତ କୁମାର ମହାପାତ୍ର, ରଞ୍ଜିତ ଟିଗା, ମାନସ ସାମଲ, ପ୍ରଫୁଲ୍ଲ ମିଶ୍ର, ନରେନ୍ଦ୍ର କୁମାର ସାହୁ, ପ୍ରଭାକର ବର୍ଦ୍ଧନ, ସନ୍ତୋଷ ଟ୍ରଫି ମୁଖ୍ୟ କୋଚ୍ ସଲିମ ପଠାନ ପ୍ରମୁଖ ଉପସ୍ଥିତ ଥିଲେ।




ଚାମ୍ପିୟନ ୟୁନାଇଟେଡ୍ ସ୍ପୋର୍ଟିଂ କ୍ଲବର ଖେଳାଳିମାନେ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଇ-ଯାନ ସମ୍ପୂର୍ଣ୍ଣ ଟିକସମୁକ୍ତ

## ୨୬ ଦିନ ପରେ ମୁକୁଳିଲେ ଆର୍ଯ୍ୟନ

**ମୁମ୍ବାଇ, ୩୦।୧୦**

ମୁମ୍ବାଇ ଉପକୂଳରେ ଡ୍ରଗ୍ସ ପାର୍ଟିରୁ ଗିରଫ ହୋଇଥିବା ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍ ୨୬ ଦିନ ପରେ ଶନିବାର ଜେଲରୁ ମୁକୁଳିଛନ୍ତି। ୨୩ ବର୍ଷୀୟ ଆର୍ଯ୍ୟନଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଗତ ୩ ତାରିଖରେ ଗିରଫ କରିଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ ସେ ମୁମ୍ବାଇର ଆର୍ଥର ରୋଡ୍ ଜେଲରୁ ବାହାରିଥିଲେ। ଶାହରୁଖଙ୍କ ପ୍ରଶଂସକ ଏବଂ ଦେଖଣାହାରୀ ଜେଲ ବାହାରେ ଭିଡ଼ ଲଗାଇଥିଲେ। ସେଠାରେ ମୁତୟନ ଥିବା ପୋଲିସ କର୍ମଚାରୀଙ୍କ ସହ ଆର୍ଯ୍ୟନ କଥା ହେଉଥିବା ଦେଖିବାକୁ ମିଳିଥିଲା। ଏକ କାର୍‌ରେ ଶାହରୁଖଙ୍କ ଅଙ୍ଗରକ୍ଷୀ ପୂର୍ବରୁ ଅପେକ୍ଷା କରିଥିଲେ। ସେଥିରେ ବସି ସେ ବାନ୍ଦ୍ରାସ୍ଥିତ ତାଙ୍କ ଘର 'ମନ୍ନତ'କୁ ଯାଇଥିଲେ। ମନ୍ନତ ବାହାରେ ମଧ୍ୟ ଲୋକଙ୍କ ଗହଳି ଜମିଥିଲା।

ଗୁରୁବାର ବମ୍ବେ ହାଇକୋର୍ଟ ୧୪ ସର୍ତ୍ତରେ ଆର୍ଯ୍ୟନଙ୍କ ଜାମିନ ମଞ୍ଜୁର କରିଥିଲେ। ସହ ଅଭିଯୁକ୍ତ ଅରବାଜ୍ ମର୍ଚ୍ଚାଣ୍ଟ, ମୁନ୍‌ମୁନ୍ ଧମେଚାଙ୍କୁ ମଧ୍ୟ ଜାମିନ ପ୍ରଦାନ କରିଥିଲେ। ଏଥିରେ ୧ ଲକ୍ଷ ଟଙ୍କାର



ବ୍ୟକ୍ତିଗତ ମୁଚାଲିକା, ସହଅଭିଯୁକ୍ତଙ୍କ ସହ କୌଣସି ଲିଙ୍କ୍ ନ ରଖିବା, କୋର୍ଟଙ୍କ କାର୍ଯ୍ୟଧାରା କିମ୍ବା ଯାଞ୍ଚକୁ ପ୍ରଭାବିତ କଲା ଭଳି କୌଣସି କାମ ନ କରିବା, ସାକ୍ଷ୍ୟ ପ୍ରମାଣକୁ ପ୍ରଭାବିତ ବା ନଷ୍ଟ ପାଇଁ ଉଦ୍ୟମ ନ କରିବା, ସ୍ୱତନ୍ତ୍ର ଅଦାଲତରେ ତୁରନ୍ତ ପାସ୍‌ପୋର୍ଟ ଜମା କରିବା ଆଦି ସର୍ତ୍ତ ରହିଛି। ଏଥିସହ ସ୍ୱତନ୍ତ୍ର କୋର୍ଟଙ୍କ ଅନୁମତି ବିନା ସେମାନେ ଦେଶ ଛାଡ଼ି ଯାଇପାରିବେନି ଏବଂ ପ୍ରତି ଶୁକ୍ରବାର ଅଦାଲତରେ ହାଜର ହେବେ ବୋଲି ଏନ୍. ଡବ୍ଲ୍ୟୁ. ସାମ୍ବ୍ରେଙ୍କ ଏକକ ଖଣ୍ଡପୀଠ ଜାମିନ ଶୁଣାଣିବେଳେ କହିଥିଲେ। ଶୁକ୍ରବାର ଅଭିନେତ୍ରୀ ଜୁହି ଚାୱଲା ସ୍ୱତନ୍ତ୍ର କୋର୍ଟରେ ଆର୍ଯ୍ୟନଙ୍କ ସିଓରିଟି ଭାବେ ଉପସ୍ଥିତ ହୋଇଥିଲେ।

**ଭୁବନେଶ୍ୱର,୩୦।୧୦(ବ୍ୟୁରୋ)**

ପେଟ୍ରୋଲ ଏବଂ ଡିଜେଲ ଲିଟର ୧୦୦ ଟଙ୍କା ଟପିଥିବାରୁ ଗାଡ଼ି ଚଳାଇବା ଜନସାଧାରଣଙ୍କ ପକ୍ଷେ ଅସହ୍ୟ ହେଲାଣି। ଏଥିସହିତ ଯାନବାହନ ଜନିତ ପ୍ରଦୂଷଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବ୍ୟାଟେରିଚାଳିତ ଇଲେକ୍ଟ୍ରିକ ଯାନ(ଇ-ଭେହିକିଲ)କୁ ପ୍ରୋତ୍ସାହନ ଦେଇଛନ୍ତି। ଏହିକ୍ରମରେ ଇ-ଭେହିକଲ ପ୍ରତି ଲୋକମାନଙ୍କୁ ଆକୃଷ୍ଟ କରିବା ଲାଗି ରାଜ୍ୟ ସରକାର ମୋଟର ଯାନ ଟିକସ ଏବଂ ରେଜିଷ୍ଟ୍ରେଶନ ଫି ସମ୍ପୂର୍ଣ୍ଣ ଛାଡ଼ ଘୋଷଣା କରିଛନ୍ତି। ଓଡ଼ିଶା ମୋଟର ଯାନ ଟିକସ ଆଇନ- ୧୯୭୫ର ଧାରା ୧୫ର ସବ୍‌ସେକ୍ସନ (୧) ଅନୁଯାୟୀ ଏହି ଟିକସ ଛାଡ଼ କରାଯାଇଛି। ଏ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଶୁକ୍ରବାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତଦନୁଯାୟୀ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଯେଉଁମାନେ ବ୍ୟାଟେରି ଚାଳିତ ଯାନ କିଣିବେ ସେମାନଙ୍କୁ ଟିକସ ଦେବାକୁ ପଡ଼ିବ ନାହିଁ।

ପେଟ୍ରୋଲ, ଡିଜେଲ, କୋଇଲା ଭଳି ଇନ୍ଧନ ବ୍ୟବହାରକୁ ହ୍ରାସ କରିବା ଉପରେ ବିଶ୍ୱସ୍ତରରେ ଗୁରୁତ୍ୱ ଦିଆଯାଉଛି। ଭାରତ



ସରକାର ମଧ୍ୟ ଇଲେକ୍ଟ୍ରିକ ଯାନବାହନ ଚଳାଚଳକୁ ପ୍ରୋତ୍ସାହନ ନେଇ ପଦକ୍ଷେପ ଆରମ୍ଭ କରିଛନ୍ତି। ଇତିମଧ୍ୟରେ କେନ୍ଦ୍ର ସରକାର ନ୍ୟାଶନାଲ ଇଲେକ୍ଟ୍ରିକ ମୋବିଲିଟି ପ୍ଲାନ କାର୍ଯ୍ୟକାରୀ କରିଛନ୍ତି। ଏଥିରେ ୨୦୩୦ ସୁଦ୍ଧା ବାୟୁ ପ୍ରଦୂଷଣ ହାର ୩୫% ତଳକୁ ଖସାଇବାକୁ ଯୋଜନା ରଖାଯାଇଛି। ସହରାଞ୍ଚଳ ପ୍ରଦୂଷଣ ରୋକିବାକୁ ନିଜର ଇଲେକ୍ଟ୍ରିକ ପଲିସି କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଅନୁରୋଧ କରିଛନ୍ତି। କର୍ଣ୍ଣାଟକ, ଦିଲ୍ଲୀ, ତାମିଲନାଡୁ, ମହାରାଷ୍ଟ୍ର ଭଳି କେତେକ ରାଜ୍ୟ ସରକାର ଇ-ଯାନ ନୀତି କାର୍ଯ୍ୟକାରୀ କରିଛନ୍ତି। ଓଡ଼ିଶା ସରକାର ମଧ୍ୟ ଯାନବାହନ ପ୍ରଦୂଷଣ ହ୍ରାସ କରିବାକୁ ଇ-ଯାନ ନୀତି(ଇ-ଭେହିକିଲ ପଲିସି)-୨୦୨୧ କାର୍ଯ୍ୟକାରୀ କରିଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ୨୦୨୧ ଅଗଷ୍ଟ ୨୭ରେ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଥିଲା। ଆସନ୍ତା ୪ ବର୍ଷ ମଧ୍ୟରେ ଯେଉଁମାନେ ଇ-ଯାନ କିଣିବେ

- ଦେବାକୁ ପଡ଼ିବନି ରେଜିଷ୍ଟ୍ରେଶନ ଫି
- କିଣିଲେ ମିଳିବ ୧୫% ପ୍ରୋତ୍ସାହନ ରାଶି
- ୨୦୨୫ ସୁଦ୍ଧା ୨୦% ଯାନ ଚଳାଇବା ଲକ୍ଷ୍ୟ

ସେମାନଙ୍କୁ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ। ଅନ୍ୟପକ୍ଷରେ ସରକାର ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରିବେ।

୨୦୨୫ ସୁଦ୍ଧା ରାଜ୍ୟରେ ସମୁଦାୟ ଯାନବାହନ ମଧ୍ୟରୁ ୨୦% ଇ-ଯାନ ପଞ୍ଜୀକୃତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ନୂତନ ନୀତିରେ ଇ-ଯାନ ନିର୍ମାତା ଏବଂ ବ୍ୟାଟେରି ପ୍ରସ୍ତୁତକାରୀ କମ୍ପାନୀକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଏ କ୍ଷେତ୍ରରେ ଗବେଷଣା, ଡ୍ରାଇଭିଂ, ବିକ୍ରି, ସର୍ଭିସିଂ, ମାନୁଫ୍ୟାକ୍ଚରିଂ ଏବଂ ଚାର୍ଜିଂ ଇତ୍ୟାଦିକୁ ମଧ୍ୟ ପ୍ରୋତ୍ସାହିତ କରାଯିବ। କେନ୍ଦ୍ର ସରକାରଙ୍କର ଫେମ୍ ଇଣ୍ଡିଆ ଫେଜ-୨ ଯୋଜନା ଅନୁଯାୟୀ ଆର୍ଥିକ ରିହାତି ପ୍ରଦାନ କରାଯିବ। ଦୁଇଚକିଆ ଯାନ ପାଇଁ ୧୫ ହଜାର, ତିନିଚକିଆ ପାଇଁ ୧୨ ହଜାର ଏବଂ ଚାରିଚକିଆ ଯାନ ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ମିଳିବ। ସରକାରୀ କର୍ମଚାରୀ ଇ-ଯାନ କିଣିରେ ରାଜ୍ୟ ସରକାର ସୁଧବିହୀନ ଋଣ ଯୋଗାଇ ଦେବେ। ସେହିପରି ବସ୍‌ଗୁଡ଼ିକୁ ୧୦% ସବ୍‌ସିଡି ସହିତ ୪ ବର୍ଷ ପର୍ଯ୍ୟନ୍ତ ରୋଡ ଟ୍ୟାକ୍ସ ଓ ପଞ୍ଜୀକରଣ ଫି ଛାଡ଼ କରାଯିବ।

ରାଜ୍ୟରେ ମୋଟ ଯାନ ମଧ୍ୟରୁ ୮୨% ଦୁଇଚକିଆ ଥିବାବେଳେ ହାଲୁକା ଯାନ ୭%, ୩ ଚକିଆ ୩.୦୬%, ମାଲ ପରିବହନକାରୀ ଯାନ ୨.୮୫%, ଟ୍ରାକ୍ଟର ୨.୨୮%, ଟ୍ରେଲର ୧.୭୮%, ବସ୍ ୦.୧୯ %ଏବଂ ଅନ୍ୟାନ୍ୟ ଯାନ ୦.୯୪% ଚଳାଚଳ କରୁଛି। ତୈଳ ଦର ବଢୁଥିବାରୁ ଇ-ଯାନ ପ୍ରତି ଲୋକମାନଙ୍କର ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ରୋଡ୍ ଟ୍ୟାକ୍ସ ଓ ପଞ୍ଜୀକରଣ ସମ୍ପୂର୍ଣ୍ଣ ଛାଡ଼ କରାଯାଇଥିବାବେଳେ ପ୍ରୋତ୍ସାହନ ରାଶି (ଇନ୍‌ସେନ୍‌ଟିଭ) ବାବଦ ଅର୍ଥ ଦେବାକୁ ପରିବହନ ବିଭାଗ ପକ୍ଷରୁ ଅର୍ଥ ବିଭାଗର ଅନୁମତି ଲୋଡ଼ାଯାଇଛି। ଏହି ଅନୁମୋଦନ ମିଳିଲେ ଇ-ଯାନ କ୍ରେତାମାନଙ୍କୁ ରିହାତି ଅର୍ଥ ପ୍ରଦାନ କରାଯିବ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଗରିବ ଦେଶକୁ ଅଧିକ ଟିକା

### ଜି-୨୦ ସମ୍ମିଳନୀରେ ଆହ୍ୱାନ



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**ରୋମ୍, ୩୦।୧୦**

ଇଟାଲୀ ରାଜଧାନୀ ରୋମ୍‌ରେ ଶନିବାର ଜି-୨୦ ସମିଟ୍ ଆରମ୍ଭ ହୋଇଛି। କୋଭିଡ୍-୧୯ ମହାମାରୀ ପରେ ପ୍ରଥମ ଥର ପାଇଁ ବିଶ୍ୱର ବୃହତ୍ ଅର୍ଥନୀତି ରାଷ୍ଟ୍ରଗୁଡ଼ିକର ନେତାମାନେ ପରସ୍ପରକୁ ଭେଟିଛନ୍ତି। ବୈଠକରେ କରୋନା ମହାମାରୀ ପରବର୍ତ୍ତୀ ଅର୍ଥନୀତିକୁ ସୁଧାରିବା, ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ଅନ୍ତର୍ଜାତୀୟ ସ୍ତରରେ ସର୍ବନିମ୍ନ କର୍ପୋରେଟ ଟିକସ ହାର ଉପରେ ଆଲୋଚନା ହେବାକୁ ଥିବାବେଳେ ଗରିବ ରାଷ୍ଟ୍ରଗୁଡ଼ିକୁ ଅଧିକ କୋଭିଡ୍ ଭାକ୍ସିନ୍ ଯୋଗାଇଦେବାକୁ ଆହ୍ୱାନ ଦିଆଯାଇଛି।

ରୋମ୍‌ର ନୁକୋରା କ୍ଲାଉଡ୍ ଭଳି ସମ୍ମିଳନୀ କେନ୍ଦ୍ରରେ ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି ଜି-୨୦ ରାଷ୍ଟ୍ରମୁଖ୍ୟମାନଙ୍କୁ ଆମନ୍ତ୍ରଣ କରିଥିଲେ। ପ୍ରଥମ ଦିନରେ ବିଶ୍ୱ ସ୍ୱାସ୍ଥ୍ୟ ଓ ଅର୍ଥନୀତି ଉପରେ ଗୁରୁତ୍ୱାରୋପ କରାଯାଇଛି। ଉଦ୍‌ଘାଟନୀ ଭାଷଣରେ ଡ୍ରାଘି କହିଥିଲେ, ବିଶ୍ୱର ସବୁଠୁ ଗରିବ ଦେଶଗୁଡ଼ିକୁ ଟିକା ଦେବା ଲାଗି ଦୁଇଗୁଣ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଧନୀ ରାଷ୍ଟ୍ରଗୁଡ଼ିକରେ ୭୦ ପ୍ରତିଶତ ଲୋକ ଟିକା ନେଇଥିବାବେଳେ ଗରିବ ଦେଶରେ ମାତ୍ର ୩ ପ୍ରତିଶତଙ୍କୁ ଏହି ସୁଯୋଗ ମିଳିଛି। ☞ପୃଷ୍ଠା-୬

### ବିଶ୍ୱନେତାଙ୍କୁ ଭେଟିଲେ ମୋଦି

**ରୋମ୍, ୩୦।୧୦:** ଜି-୨୦ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସମେତ ଅନ୍ୟ ବିଶ୍ୱ ନେତାମାନଙ୍କୁ ଭେଟିଛନ୍ତି। ଅନ୍ୟ ନେତାମାନଙ୍କ ମଧ୍ୟରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ ଏବଂ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୁଙ୍କୁ ପ୍ରଧାନମନ୍ତ୍ରୀ ଭେଟି ଉପହାର ଆଦାନପ୍ରଦାନ କରିବା ସହ ଭାଇଚାରା ଭାବନା ପ୍ରଦର୍ଶନ କରିଥିଲେ ଓ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ଲାଞ୍ଚ ମାମଲା: ଏଏସ୍‌ଆଇଙ୍କୁ ୨ବର୍ଷ ଜେଲ

**ବାରିପଦା ଅଫିସ, ୩୦।୧୦**

ଏକ ଲାଞ୍ଚ ମାମଲାର ବିଚାର କରି ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣବ କୁମାର ପାତ୍ର ଶନିବାର ପୋଲିସ ଏଏସ୍‌ଆଇ ମନୋରଞ୍ଜନ ପଣ୍ଡା(୫୨)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨ବର୍ଷ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଲାଗି ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ୩ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ୨୦୧୨ ମାର୍ଚ୍ଚ ୧୨ରେ ରରୁଆଁ ଥାନାରେ କାର୍ଯ୍ୟ କରୁଥିବା ବେଳେ ଏଏସ୍‌ଆଇ ପଣ୍ଡା ଏକ ଯୌତୁକ ଜନିତ ମାମଲାର ତଦନ୍ତ କରୁଥିଲେ। ଉକ୍ତ ମାମଲାରୁ ନାମ କାଟିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାକୁ ନେଇ ଅଭିଯୋଗକାରୀ ବାରିପଦା ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଏଏସ୍‌ଆଇ ପଣ୍ଡା ଟଙ୍କା ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ୫ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ମାମଲାର ରାୟ ପ୍ରକାଶ ପାଇଛି। ଉକ୍ତ ଏଏସ୍‌ଆଇ ଏବେ ବେତନଟୀ ଜେଏମ୍‌ଏଫ୍‌ସି କୋର୍ଟରେ କାର୍ଯ୍ୟରତ ଅଛନ୍ତି। ସରକାରୀ ଓକିଲ ଏସ୍.କେ. ରାୟ ମାମଲା ପରିଚାଳନା କରୁଥିଲେ।

SRADHANJALI

Your Foot prints, your wisdom
will always inspire and guide us.
There's no alternative path to succeed in life without
the ethical standards taught by YOU.



SHRI KAMALJEET SINGH AHLUWALIA
(Chairman, KJS Group)
22.04.1941 - 15.10.2021

You will remain forever in our hearts as a guiding spirit.
May the noble soul of great this visionary
rest in peace in the heavenly abode.

On behalf of All Employees of
M/s. Shri Jagannath Steels & Power Ltd.
M/s. Viraj Steel and Energy Pvt. Ltd.
M/s. Kay Pee Enterprises

## ଚାଇନାରେ ଉଇଗରଙ୍କ ଲିଭର ବିକ୍ରି

*ସଂଖ୍ୟାଲଘୁ ଉଇଗର ମୁସଲମାନଙ୍କ ସହ 'ସ୍କିଡ୍ ଗେମ୍' ଖେଳୁଛି ଚାଇନା। ଏହି ୱେବ୍ ସିରିଜ୍‌ରେ ଦେଖାଯାଇଥିବା ଜଘନ୍ୟ କାର୍ଯ୍ୟକଳାପକୁ ଉଇଗରଙ୍କ କ୍ଷେତ୍ରରେ ପ୍ରୟୋଗ କରୁଛି। ଉକ୍ତ ସମ୍ପ୍ରଦାୟ ପ୍ରତି ବେଜିଂର ବର୍ବରତା ଓ ମାନବାଧିକାର ଉଲ୍ଲଂଘନ ବାବଦରେ ସାରା ବିଶ୍ୱ ଅବଗତ। ହେଲେ ବୈଶ୍ୱିକ ସଙ୍ଗଠନଗୁଡ଼ିକ ସମ୍ମୁଖରେ ସର୍ବଦା ଏହାକୁ ବେଖାତିର କରିଆସିଥିବା ଚାଇନା ମାନବିକତାର ସବୁ ସୀମା ଟପିଛି। ଉଇଗରଙ୍କ ପ୍ରତି ଦମନଲୀଳା ମନୋଭାବ ରଖି ଚାଇନା ଉକ୍ତ ୱେବ୍ ସିରିଜ ଷ୍ଟୋରି ଭଳି ସେମାନଙ୍କ ଅଙ୍ଗ କାଟି ବ୍ଲାକ୍ ମାର୍କେଟରେ ବିକ୍ରି କରୁଛି। ଏଥିରୁ ଚାଇନା ବର୍ଷକୁ ପ୍ରାୟ ୭,୫୦୦ କୋଟି ଟଙ୍କାର କାରବାର କରୁଥିବା ଅଷ୍ଟ୍ରେଲିଆର ଖବରକାଗଜ 'ହେରାଲ୍ଡ ସନ୍' ଏକ ରିପୋର୍ଟ ପ୍ରକାଶ କରିଛି।*

**ବେଜିଂ, ୩୦।୧୦**

ଉଇଗର ମୁସଲମାନଙ୍କ ପ୍ରତି ଚାଇନାର ଅତ୍ୟାଚାର ଏବେ ପୁଣି ସାମ୍ନାକୁ ଆସିଛି। ଅତ୍ୟନ୍ତ ନିର୍ଦ୍ଦୟ ଭାବେ ଚାଇନା ଏହି ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କ ଶରୀରରୁ ଲିଭର ବା ଯକୃତ କାଢ଼ି ବ୍ଲାକ ମାର୍କେଟରେ ବିକ୍ରି କରୁଛି। ନ୍ୟୁଜ୍ ଏଜେନ୍ସି ଏଏନ୍‌ଆଇ ଅନୁସାରେ ଗୋଟିଏ ଲିଭର ୧ କୋଟି ୨୦ ଲକ୍ଷ ଟଙ୍କାରେ ବେଜିଂ ବଜାରରେ ମିଳୁଥିବା ଅଷ୍ଟ୍ରେଲିଆ ମେଲବର୍ନର ଏକ ଖବରକାଗଜ 'ହେରାଲ୍ଡ ସନ୍' ରିପୋର୍ଟ ପ୍ରକାଶ କରିଛି। ଅଙ୍ଗ ଚାଲାଣ କରି ଚାଇନା ବର୍ଷକୁ ଅନ୍ୟୂନ ୭,୫୦୦ କୋଟି ଟଙ୍କାର କାରବାର କରୁଛି। ଏହି ସଙ୍ଗିନ ଅଭିଯୋଗ ସତ ପ୍ରମାଣିତ



- ଗୋଟିଏ ଯକୃତ କୋଟିଏ ୨୦ ଲକ୍ଷ ଟଙ୍କା
- ବର୍ଷକୁ ୭,୫୦୦ କୋଟିର କାରବାର

ହେଲେ ଅନ୍ତର୍ଜାତୀୟ ସମୁଦାୟ ଚାଇନା ଉପରେ ନୂଆ କଟକଣା ଲଗାଇପାରନ୍ତି।

ଚାଇନା ବିରୋଧରେ ଏଭଳି ଅଭିଯୋଗ ନୂଆ ନୁହେଁ। ଚାଇନା ବନ୍ଦୀ ଉଇଗର ମୁସଲମାନଙ୍କ ଅଙ୍ଗ କାଢ଼ି ବିକ୍ରି ବାବଦରେ ପୂର୍ବରୁ ମଧ୍ୟ ଅଭିଯୋଗ ଆସିଛି। ଗତ ଜୁନ୍‌ରେ ଜାତିସଂଘ ମାନବାଧିକାର କମିଶନ (ୟୁଏନ୍‌ଏଚ୍‌ଆର୍‌ସି)ଏ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। କେବଳ ଉଇଗର ନୁହନ୍ତି, ତିବ୍ବତୀୟ, ମୁସଲମାନ, ଖ୍ରୀଷ୍ଟିଆନ, ଫାଲୁନ୍ ଗୋଙ୍ଗ୍ ଆଦି ସମ୍ପ୍ରଦାୟର ଲୋକଙ୍କ ପ୍ରତି ମଧ୍ୟ ଚାଇନା ଏଭଳି ଅମାନବୀୟ ବ୍ୟବହାର ☞ପୃଷ୍ଠା-୬

# ୬ ଜିଲାରେ ଭାଜପାର ବନ୍ଦ ପାଳନ

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

କଳାହାଣ୍ଡି ମହାଲିଙ୍ଗ ଘରୋଇ ସ୍କୁଲ୍ ଅଧକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ଘଟଣାରେ ଗୃହରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବାରୁ ତାଙ୍କୁ ବହିଷ୍କାର ଓ ଗିରଫ ଦାବିରେ ଭାଜପା ରାଜ୍ୟବ୍ୟାପୀ ଆନ୍ଦୋଳନ ଜାରି ରଖିଛି। ଶନିବାର ବୌଦ୍ଧ, ଦେବଗଡ଼, କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ଜଗତ୍‌ସିଂହପୁର ଜିଲାରେ ଭାଜପା ପକ୍ଷରୁ ୧୨ଘଣ୍ଟିଆ(ସକାଳ ୬ରୁ ସନ୍ଧ୍ୟା୬ଟା) ବନ୍ଦ ଡାକରା ଦିଆଯାଇଥିଲା। ଏପରି କି ଭଦ୍ରକ ଜିଲାରେ ଭାଜପା କର୍ମୀମାନେ ୬ଘଣ୍ଟିଆ ବନ୍ଦ ଡାକରା ଦେଇଥିଲେ। ସବୁଠାରେ ଭାଜପା କର୍ମୀମାନେ ପିକେଟିଂ କରି ସହର ମଧ୍ୟରେ ଶୋଭାଯାତ୍ରା କରିଥିଲେ। ଦୋକାନ, ବଜାର ବନ୍ଦ ରହିବା ସହ ଯାନବାହାନ ଚଳାଚଳ ପ୍ରଭାବିତ ହୋଇଥିଲା। ତେବେ ଏହି ବନ୍ଦ ଡାକରାରେ ଆମ୍ବୁଲାନ୍ସ ସେବାକୁ ବାଦ୍ ଦିଆଯାଇଥିଲା। କଟକ ଓ ରାଉରକେଲାରେ ଏସ୍‌ପି ଅଫିସ୍ ସମ୍ମୁଖରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ସରକାରଙ୍କ କଥା ଓ କାର୍ଯ୍ୟରେ ତାଳମେଳ ରହୁନି। ହାତୀ ଯେପରି ଗୋଟିଏ ଦାନ୍ତ ଖାଇବା ଏବଂ ଆଉ ଗୋଟେ ଦେଖାଇବା ପାଇଁ ବ୍ୟବହାର କରିଥାଏ ସେହିପରି ସରକାର ଗୋଟେ କଥା କହୁଛନ୍ତି ଏବଂ ଭିନ୍ନ କଥା କରୁଛନ୍ତି ବୋଲି ବୌଦ୍ଧ ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି କହିଛନ୍ତି। ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଗିରଫ ଦାବିରେ ଜିଲାପାଳଙ୍କୁ ଏକ ଦାବି ପତ୍ର ଦିଆଯାଇଛି ବୋଲି ମହାନ୍ତି କହିଛନ୍ତି। ସେହିପରି ଜଗତ୍‌ସିଂହପୁର ଭାଜପା ସଭାପତି



ମମିତା ମେହେର ହତ୍ୟା ଘଟଣାରେ ନ୍ୟାୟ ପାଇଁ କଟକ ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ କୋକେଇ ଶୋଭାଯାତ୍ରା।

## ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବହିଷ୍କାର ଦାବି

ସତ୍ୟବ୍ରତ ମହାପାତ୍ର କହିଛନ୍ତି ଯେ, ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ସରକାର ଅଭିଯୁକ୍ତ ବୋଲି ସ୍ୱୀକାର କରୁ ନାହାନ୍ତି। ଏପରି କି ଏତେବଡ଼ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଟି ମଧ୍ୟ ଖୋଲୁ ନାହାନ୍ତି। ମମିତାଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଭାଜପା ଏହାର ଆନ୍ଦୋଳନ ଜାରି ରଖିବ ବୋଲି ମହାପାତ୍ର କହିଛନ୍ତି।

ମମତା ମେହେର ଅପହରଣ ଓ ହତ୍ୟା ଘଟଣାରେ ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଭାଜପା ନିଜ ଜିଦ୍‌ରେ ଅଟଳ ରହିଛି। ମମିତା ଅଧକ୍ଷ ଥିବା ସ୍କୁଲରେ ଅଭିଯୁକ୍ତ ଗୋବିନ୍ଦ ସାହୁ ହେଉଛନ୍ତି ପରିଚାଳନା ସଭାପତି। ମମିତାଙ୍କ ଅପହରଣ ଘଟଣାରେ ଗୋବିନ୍ଦଙ୍କୁ ପୋଲିସ ଇତିମଧ୍ୟରେ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ପରେ ପୋଲିସ ମମିତାଙ୍କୁ ହତ୍ୟା କରିଥିବା ମଧ୍ୟ ସ୍ୱୀକାର କରିଛନ୍ତି। ଅପରପକ୍ଷରେ ଗୋବିନ୍ଦଙ୍କ ସହ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଘନିଷ୍ଠ ସମ୍ପର୍କ ରହିଥିବା ଜଣାପଡ଼ିଛି। ଗୋବିନ୍ଦଙ୍କ ସ୍କୁଲକୁ ମନ୍ତ୍ରୀ ବହୁବାର ଯିବା ଆସିବା କରିଥିଲେ। ଏପରି କି ମମିତା ଓ ଗୋବିନ୍ଦଙ୍କ ମଧ୍ୟରେ ଥିବା ବିବାଦକୁ ମନ୍ତ୍ରୀ ତାଙ୍କ ରାୟପୁରସ୍ଥିତ ବାସଭବନରେ ସମାଧାନ କରିବାକୁ ଚେଷ୍ଟା କରିଥିଲେ। ମମିତା ହତ୍ୟା ଘଟଣାରେ ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି ବୋଲି ଖୋଦ୍ ପୀଡ଼ିତାଙ୍କ ପରିବାର ପକ୍ଷରୁ ମଧ୍ୟ ଅଭିଯୋଗ ହୋଇଛି। ଦିବ୍ୟଶଙ୍କର ଗୃହରାଷ୍ଟ୍ର ମନ୍ତ୍ରୀ ଥିବାରୁ ଗୋବିନ୍ଦ ପୋଲିସ ବାରାକ୍‌ରୁ ମଧ୍ୟ ଖସି ପଳାଇବାରେ ସମର୍ଥ ହୋଇଥିଲେ। ତେଣୁ ଦିବ୍ୟଶଙ୍କର ମନ୍ତ୍ରୀ ପଦରୁ ଇସ୍ତଫା କିମ୍ବା ତାଙ୍କୁ ବହିଷ୍କାର କରା ନ ଗଲେ ପୋଲିସ ତଦନ୍ତ ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଭାଜପା ଅଭିଯୋଗ କରି ଆନ୍ଦୋଳନ ଚଳାଇଛି।

# ୨୦୨୪ରେ କଂଗ୍ରେସ ନେତୃତ୍ୱରେ ସରକାର: ସଞ୍ଜୟ ରାଉତ

ପୁଣେ, ୩୦।୧୦



ଶିବସେନା ଏମ୍‌ପି ସଞ୍ଜୟ ରାଉତ ଶାସକ ଭାଜପାକୁ ସମାଲୋଚନା କରିବା ସହ ୨୦୨୪ ସାଧାରଣ ନିର୍ବାଚନ ପରେ କଂଗ୍ରେସ ନେତୃତ୍ୱରେ ମେଣ୍ଟ ସରକାର କ୍ଷମତାକୁ ଆସିବ ବୋଲି କହିଛନ୍ତି। ପୁଣେ ପ୍ରେସ୍ କ୍ଲବ୍ ଦ୍ୱାରା ଆୟୋଜିତ ଜେ.ଏସ୍. କରନ୍ଦିକର ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସଞ୍ଜୟ କହିଥିଲେ, କଂଗ୍ରେସ ବିନା ସରକାର ଗଠନ ହୋଇପାରିବ ନାହିଁ। ଏହା ଦେଶର ସର୍ବବୃହତ ଓ ମଜଭୂତ ସ୍ଥିତିରେ ଥିବା ଦଳ। ଅନ୍ୟମାନେ ଆଞ୍ଚଳିକ ଦଳ ହୋଇଥିବାବେଳେ କଂଗ୍ରେସ ଜାତୀୟ ସ୍ତରର ଦଳ ଓ ମୁଖ୍ୟ ବିରୋଧୀ ଦଳ ବୋଲି ଶିବସେନା ନେତା କହିଛନ୍ତି। ଦୁଇଦିନ ପୂର୍ବରୁ ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର ଭାଜପା ବହୁ ଦଶନ୍ଧି ପର୍ଯ୍ୟନ୍ତ କ୍ଷମତାରେ ରହିବ ବୋଲି କହିଥିବାବେଳେ ସଞ୍ଜୟ ଏଭଳି ଦାବିକୁ ଅଗ୍ରାହ୍ୟ କରିଛନ୍ତି। ଭାଜପା ଭାରତୀୟ ରାଜନୀତିରେ ଏକ ବିରୋଧୀ ଦଳ ହୋଇ ରହିବ ବୋଲି ସେ କହିଛନ୍ତି। ଭାଜପା ନିଜକୁ ବିଶ୍ୱର ସର୍ବବୃହତ ଦଳ ବୋଲି ଦାବି କରୁଛି। ନିର୍ବାଚନ ହାରିବା ପରେ ଏହା ବିରୋଧୀ ଦଳ ହୋଇଯିବ। ମହାରାଷ୍ଟ୍ରରେ ଭାଜପାର ୧୦୫ ବିଧାୟକ ଥିଲେ ମଧ୍ୟ ଏହା ବିରୋଧୀ ଦଳରେ ରହିଛି ବୋଲି ସଞ୍ଜୟ କହିଥିଲେ। ଶିବସେନା ଏବେ ଦାଦ୍ରା, ନଗର ହାଭେଲି, ଗୋଆ ନିର୍ବାଚନ ଉପରେ ଗୁରୁତ୍ୱ ଦେଉଛି। ଉତ୍ତର ପ୍ରଦେଶ ନିର୍ବାଚନରେ ମଧ୍ୟ ଦଳ ପ୍ରାର୍ଥୀ ଦେବ ବୋଲି ଶିବସେନା ଏମ୍‌ପି କହିଛନ୍ତି।

# କଂଗ୍ରେସ ପାଇଁ ମୋଦି ଅଧିକ ପ୍ରଭାବଶାଳୀ ହୋଇଛନ୍ତି: ମମତା

ପଣଜୀ, ୩୦।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ଅଧିକ ପ୍ରଭାବଶାଳୀ ହେବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଂଗ୍ରେସକୁ ଦାୟୀ କରିଛନ୍ତି। ଏହି ଦଳ କେନ୍ଦ୍ର ସରକାର ଓ ଭାଜପାର ପ୍ରଚାର କରୁଛି ଏବଂ ଆଗାମୀ ଗୋଆ ବିଧାନସଭା ନିର୍ବାଚନ ପାଇଁ ମେଣ୍ଟ ଗଠନ ସମ୍ଭାବନାକୁ ସାକାର ହେବାକୁ ଦେଉନାହିଁ ବୋଲି ତୃଣମୂଳ କଂଗ୍ରେସ ନେତ୍ରୀ କହିଛନ୍ତି। ଭାଜପାକୁ ପ୍ରତିହତ କରିବା ସହ ଭାରତର ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେଲେ ଆଞ୍ଚଳିକ ଦଳଗୁଡ଼ିକୁ ଏକାଠି କରିବା ଆବଶ୍ୟକ। ହେଲେ କଂଗ୍ରେସ ଆଞ୍ଚଳିକ ଦଳଗୁଡ଼ିକର ଗୁରୁତ୍ୱକୁ ହେୟଜ୍ଞାନ କରିବା ସହ ସେମାନଙ୍କୁ ଏକାଠି କରିବାରେ ବିଫଳ ହୋଇଛି। କଂଗ୍ରେସ ପାଇଁ ଭାଜପାର ଟିଆର୍‌ପି (ଟେଲିଭିଜନ ରେଟିଂ ପଏଣ୍ଟ) ବଢ଼ିଛି। କଂଗ୍ରେସ ଅନେକ ସୁଯୋଗକୁ ହାତଛଡ଼ା କରିଛି। ଏହି ଦଳ ନିଷ୍ପତ୍ତି ନେଇପାରୁ ନଥିବାରୁ ଦେଶକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଛି ବୋଲି ଟିଏମ୍‌ସି ନେତ୍ରୀ କହିଛନ୍ତି। ଗୋଆରେ ଟିଏମ୍‌ସି ପାଇଁ ପ୍ରଚାର କରିବା ଅବସରରେ ମମତା ସେଠାରେ ବିଜୟ ସରଦେଶାଇଙ୍କ ଗୋଆ ଫରୱାର୍ଡ ପାର୍ଟି ସହ ଆଲୋଚନା କରିଛନ୍ତି।

# ଯୁବ କଂଗ୍ରେସ କର୍ମୀ-ପୋଲିସ ଧସ୍ତାଧସ୍ତି

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

କଳାହାଣ୍ଡି ମହାଲିଙ୍ଗସ୍ଥିତ ସନସାଇନ ପବ୍ଲିକ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ମାମଲାରେ ଗୃହ ରାଷ୍ଟମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଦର୍ଶାଇ ତାଙ୍କୁ ପଦରୁ ବହିଷ୍କାର ଓ ଗିରଫ ଦାବି ଜୋର ଧରିବାରେ ଲାଗିଛି। ଶନିବାର ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଥିଲା। ଏଥିରେ ବାରବାଟୀ ବିଧାୟକ ମହମ୍ମଦ ମୋକିମ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତା ଓ ଯୁବ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ମମିତାଙ୍କୁ ନ୍ୟାୟ ଦେବା ପାଇଁ ସିବିଆଇ ତଦନ୍ତ ସହ ମନ୍ତ୍ରୀ ମିଶ୍ରଙ୍କୁ ବହିଷ୍କାର ଓ ଗିରଫ ଦାବି କରି ଶତାଧିକ ଯୁବ କଂଗ୍ରେସ କର୍ମୀ ମାଷ୍ଟରକ୍ୟାଣ୍ଟିନ ଛକରୁ ନବୀନ ନିବାସ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରରେ ବାହାରିଥିଲେ। ଶିଶୁଭବନ ଛକ ନିକଟରେ ପୋଲିସ ଆନ୍ଦୋଳନକାରୀଙ୍କୁ ଅଟକାଇଥିଲା। ସେଠାରେ ଯୁବ କଂଗ୍ରେସ କର୍ମୀ ପୋଲିସ ବ୍ୟାରିକେଡ୍ ଭାଙ୍ଗି ଭିତରକୁ ପଶିବା ପାଇଁ ଉଦ୍ୟମ କରିବାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ପରେ ପୋଲିସ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନଙ୍କ ସମେତ ବହୁ ଯୁବ କଂଗ୍ରେସ କର୍ମୀଙ୍କୁ ଭ୍ୟାନରେ ଉଠାଇନେଇ ସ୍ଥିତି ନିୟନ୍ତ୍ରଣ କରିଥିଲା।



ନବୀନ ନିବାସ ଘେରାଉ ଉଦ୍ୟମ ବେଳେ ଯୁବ କଂଗ୍ରେସ କର୍ମୀ ପୋଲିସ ବ୍ୟାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି।

**ଯୁବ କଂଗ୍ରେସର ନବୀନ ନିବାସ ଘେରାଉ ଉଦ୍ୟମ**

- ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବହିଷ୍କାର, ଗିରଫ ଦାବି
- ମମିତାଙ୍କ ପରିବାରକୁ ବିପଦ ରହିଛି: ସ୍ମୃତି ରଞ୍ଜନ
- ଜିଲା ଓ ପଞ୍ଚାୟତସ୍ତରରେ ଆନ୍ଦୋଳନ ଜୋରଦାର ହେବ

ଶୋଭାଯାତ୍ରବେଳେ ସ୍ମୃତି ରଞ୍ଜନ ନିଜ ପ୍ରତିକ୍ରିୟାରେ କହିଛନ୍ତି, ମମିତା ହତ୍ୟା ମାମଲାରେ ରାଜ୍ୟ ସରକାର ଏବଂ ପୋଲିସ ପ୍ରଶାସନ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଓ ଘଟଣାର ନିରପେକ୍ଷ ତଦନ୍ତ କରିବାରେ ବିଫଳ ହୋଇଛି। ସବୁ ସାକ୍ଷ୍ୟ ପ୍ରମାଣ ନଷ୍ଟ କରିବାକୁ ସରକାରୀ ସ୍ତରରେ ଷଡଯନ୍ତ୍ର ଚାଲିଛି। ମନ୍ତ୍ରୀଙ୍କୁ ବହିଷ୍କାର ଓ ଗିରଫ କରା ନ ଗଲେ ନିରପେକ୍ଷ ତଦନ୍ତ ହୋଇପାରିବ ନାହିଁ ଓ ମମିତାଙ୍କ ପରିବାର ପ୍ରତି ବିପଦ ଆଶଙ୍କା ରହିଛି। ତୁରନ୍ତ ମନ୍ତ୍ରୀଙ୍କୁ ଗିରଫ ଓ ବହିଷ୍କାର କରା ନ ଗଲେ ଆଗାମୀ ଦିନରେ ଯୁବ କଂଗ୍ରେସ ପକ୍ଷରୁ ପ୍ରତି ଜିଲା ଓ ପଞ୍ଚାୟତସ୍ତରରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସ୍ମୃତିରଞ୍ଜନ ଚେତାବନୀ ଦେଇଛନ୍ତି।

# 'ରାହୁଲ, ମମତା ରାଜନୈତିକ ପର୍ଯ୍ୟଟନରେ ଗୋଆ ଆସିଛନ୍ତି'

**ପଣଜୀ, ୩୦।୧୦:** ଆଗାମୀ ଗୋଆ ବିଧାନସଭା ନିର୍ବାଚନକୁ ଆଖି ଆଗରେ ରଖି କଂଗ୍ରେସ ନେତା ରାହୁଲ ଗାନ୍ଧୀ, ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଆମ୍ ଆଦ୍‌ମୀ ପାର୍ଟିର ନେତାମାନେ ସେଠାରେ ପ୍ରଚାର ଆରମ୍ଭ କରିଥିବାବେଳେ ଭାଜପା ଏମ୍‌ପି ତଥା ଦଳର ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷ ତେଜସ୍ୱୀ ସୂର୍ଯ୍ୟ ଏହାର ସମାଲୋଚନା କରିଛନ୍ତି। ଏହି ନେତାମାନେ ଗୋଆକୁ ରାଜନୈତିକ ପର୍ଯ୍ୟଟନରେ ଆସିଥିବା ସେ କହିଛନ୍ତି। କୋଭିଡ୍ ମହାମାରୀ ଯୋଗୁ ଥାଇଲାଣ୍ଡ ଯାଇପାରୁ ନ ଥିବା ରାହୁଲ ଏହା ପରିବର୍ତ୍ତେ ଗୋଆକୁ ଭ୍ରମଣରେ ଯାଇଛନ୍ତି। ତାଙ୍କ ଗୋଆ ଭ୍ରମଣ ସୁଖକର ହେଉ ବୋଲି ଭାଜପା ନେତା କାମନା କରିଛନ୍ତି। ଗୋଆରେ ଟିଏମ୍‌ସି ଏବଂ ଆମ୍ ଆଦ୍‌ମୀ ପାର୍ଟିର ପ୍ରବେଶ ସତ୍ତ୍ୱେ ଭାଜପା ପରୀକ୍ଷା ହୋଇଥିବା ଏକ ରାଜନୈତିକ ମଡେଲ ଏହା ଗୋଆ ଜନସାଧାରଣ ଜାଣନ୍ତି ବୋଲି ସୂର୍ଯ୍ୟ କହିଛନ୍ତି।




# ବାଲିଗୁଡ଼ା ବିଜେଡିର ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ

## ମନ୍ତ୍ରୀ ପ୍ରତାପ ଜେନାଙ୍କ କନ୍ଧମାଳ ଗସ୍ତ

ଫୁଲବାଣୀ ଅଫିସ/କୋଟଗଡ/ତୁମୁଡ଼ିବନ୍ଧ (ଡି.ଏନ୍.ଏ.), ୩୦।୧୦

ଆଇନ ମନ୍ତ୍ରୀ ପ୍ରତାପ ଜେନା ୨ ଦିନିଆ କନ୍ଧମାଳ ଜିଲା ଗସ୍ତରେ ଆସିଛନ୍ତି । ଶନିବାର ମନ୍ତ୍ରୀ ବାଲିଗୁଡାରେ ପହଞ୍ଚିଲା ବେଳେ ସେଠାରେ ବିଜେଡିର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ବ୍ଲକ ବିଜେଡି ଏବଂ ନଗର ବିଜେଡି ମଧ୍ୟରେ ଏହି ଘଟଣା ଘଟିଛି । ଉଭୟ ପକ୍ଷଙ୍କ ମଧ୍ୟରେ ମନ୍ତ୍ରୀଙ୍କ ଉପସ୍ଥିତିରେ ହାତାହାତି ହୋଇଛି । ବ୍ଲକ ବିଜେଡି ସଭାପତିଙ୍କ ସମର୍ଥକ ନଗର ବିଜେଡି ସଭାପତିଙ୍କୁ ଠେଲାପେଲା କରିବା ସହ ତାଙ୍କ ପୁଅଙ୍କୁ ମାଡ ମାରିଥିବା ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି । ମନ୍ତ୍ରୀ ଜେନା ମଧ୍ୟ ଘଟଣାକୁ ନାପସନ୍ଦ କରିବା ସହ ଏଭଳି ଘଟଣାକୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

ବାଲିଗୁଡ଼ାରେ ବହୁଦିନ ଧରି ବିଜେଡି ମଧ୍ୟରେ କୁହୁଳୁଥିବା ଅସନ୍ତୋଷ ଶେଷରେ ହାତାହାତି ପର୍ଯ୍ୟନ୍ତ ଯାଇଛି । ମନ୍ତ୍ରୀ ଜେନାଙ୍କ କାର୍ଯ୍ୟକ୍ରମ କୋଟଗଡ଼, ତୁମୁଡିବନ୍ଧ ବ୍ଲକରେ ଥିଲା । ବାଲିଗଡ଼ାରେ ମନ୍ତ୍ରୀ ପୂର୍ବାହ୍ନ ୧୦ଟାରେ ପହଞ୍ଚିଥିଲେ। ଏହି ସମୟରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ବାଲିଗୁଡା ବିଜେଡି ନଗର ସଭାପତି ସେକ୍ ସାଦିକ୍, ପୂର୍ବତନ ବ୍ଲକ ଅଧକ୍ଷ ରବିଚନ୍ଦ୍ର ପାଳ, ପୂର୍ବତନ ଏମ୍‌ପିଙ୍କ ପ୍ରତିନିଧି ସତ୍ୟନାରାୟଣ ପାଢୀ, ଗୋପବନ୍ଧୁ ସାହୁ, ସୁବାସ ଦାସ, କ୍ଲେଶ ପ୍ରଧାନ ପ୍ରମୁଖ ଦଣ୍ଡପଦରଠାରେ ମନ୍ତ୍ରୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ । ଏହାପରେ ଏକ ବାଇକ୍ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଏହି ସମୟରେ ବାଲିଗୁଡ଼ା ବ୍ଲକ ବିଜେଡି ସଭାପତି ଟୁନା ଦାସ ଓ ଏନ୍‌ଏସିର ପୂର୍ବତନ ଅଧକ୍ଷ ଲୋକନାଥ ପାଢୀଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ହାତରେ ଦଳୀୟ ପତାକା ଧରି ମନ୍ତ୍ରୀଙ୍କୁ ପାଛୋଟି ନେବା ପାଇଁ ଅପେକ୍ଷା କରିଥିଲେ । ମନ୍ତ୍ରୀ ନିକଟତର ହେବା ବେଳେ କର୍ମୀମାନେ ନାରାବାଜି ଦେଇ ତାଙ୍କ ପାଖକୁ ଯିବା ସମୟରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ଓ ପରେ ଧସ୍ତାଧସ୍ତି ହୋଇଥିଲା । ଏହା ଦେଖି ମନ୍ତ୍ରୀ ବିରକ୍ତିଭାବ ପ୍ରକାଶ କରି ଦାଦାଗିରି ବନ୍ଦ କର ବୋଲି କହିଥିଲେ। ବୁଝାଶୁଝା କରିବା ପରେ ଦଳୀୟ କାର୍ଯ୍ୟାଳୟକୁ ଯାଇ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ । ଏ ନେଇ ଉଭୟଙ୍କ ପକ୍ଷରୁ ଥାନାରେ ଏତଲା ହୋଇଥିବା ବାଲିଗୁଡ଼ା ଥାନାଧିକାରୀ ବାବା ଶଙ୍କର ସରାଫ ସୂଚନା ଦେଇଛନ୍ତି । କିନ୍ତୁ ମାମଲା ରୁଜୁ ହୋଇନାହିଁ ବୋଲି କହିଛନ୍ତି। ହେଲେ ଏହି ଘଟଣାରେ ଉଭୟ ପକ୍ଷ ବ୍ଲକ ବିଜେଡି ସଭାପତି ଟୁନା ଦାସ ଏବଂ ନଗର ବିଜେଡି ସଭାପତି ସେକ୍ ସାଦିକ୍‌ଙ୍କ ମତାମତ ନେବା ସମ୍ଭବ ହୋଇନାହିଁ।



ବାଲିଗୁଡା ବିଜେଡି ଦୁଇଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ସମୟରେ ପୋଲିସ ବୁଝାଶୁଝା କରୁଛି।

## ତେଲ ଟାଙ୍କିରେ ଫୁଟିଲା ବନ୍ଧୁକ, ୨ ଗିରଫ

କପ୍ତିପଦା, (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା କପ୍ତିପଦା ଷ୍ଟେଟ୍‌ବ୍ୟାଙ୍କ ନିକଟରେ ଥିବା ତେଲ ଟାଙ୍କିଠାରେ ଶନିବାର ଅପରାହ୍ଣରେ ପୋଲିସ ଏକ ହାତ ତିଆରି ବନ୍ଧୁକ ଜବତ କରିବା ସହ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ କେ.ସି.ପୁର ପଞ୍ଚାୟତ ବେତକଟା ଗ୍ରାମର ନୀଳକଣ୍ଠ ନାଏକ(୩୦) ଓ ରାଜୁ ମଡ଼େଇ (୩୦)। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା କେ.ସି.ପୁର ଛତ୍ରପୁର ଅଞ୍ଚଳର ୪ଜଣ ଶିକାର ପାଇଁ ପୋଡ଼ାଡିହା ଅଞ୍ଚଳକୁ ଯାଉଥିଲେ। ସେମାନେ ଉକ୍ତ ଟାଙ୍କିରୁ ଗାଡ଼ିରେ ତେଲ ପକାଉଥିବା ବେଳେ ବ୍ୟାଗ୍‌ରେ ଥିବା ବନ୍ଧୁକରୁ ଗୁଳି ଫୁଟିଥିଲା। ଖବର ପାଇ କପ୍ତିପଦା ପୋଲିସ ପହଞ୍ଚି ଦୁଇଜଣଙ୍କୁ ଗିରଫ କରିଥିବା ବେଳେ ଦୁଇଜଣ ଚମ୍ପଟ ମାରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।



### ସଂକ୍ଷେପରେ

## ମୋ ବସ୍ ସେବା ପାଇଁ କ୍ରୁଟ୍‌କୁ ଜାତୀୟ ପୁରସ୍କାର



ଭୁବନେଶ୍ୱର, ୩୦।୧୦(ବ୍ୟୁରୋ): ସଫଳତାର ଆଉଏକ ପାହାଚ ଚଢ଼ିଛି କ୍ରୁଟ୍ (କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ)। କେନ୍ଦ୍ର ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଅର୍ବାନ ମୋବିଲିଟି ଇନିସିଏଟିଭ୍ ସମ୍ମିଳନୀରେ 'ମୋ ବସ୍' ସେବା ପାଇଁ କ୍ରୁଟ୍‌କୁ ପୁରସ୍କୃତ କରାଯାଇଛି। ଗତ ଏକବର୍ଷରେ ସହରାଞ୍ଚଳ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରି କ୍ରୁଟ୍ ଉତ୍କର୍ଷତା ହାସଲ କରି ପାରିଥିବାରୁ ଏହି ଜାତୀୟ ପୁରସ୍କାର ହାସଲ କରିଛି। କରୋନା ମହାମାରୀ ସମୟରେ ମଧ ଜନସାଧାରଣଙ୍କୁ ଯଥାରୀତି ମୋ ବସ୍ ସେବା ଯୋଗାଇ ଦିଆଯାଇଥିଲା। ପୁରସ୍କାର ଗ୍ରହଣ କରି କ୍ରୁଟ୍‌ର ଜେନେରାଲ ମ୍ୟାନେଜର ଦୀପ୍ତି ମହାପାତ୍ର କହିଲେ, କରୋନା ସମୟରେ ମଧ ମୋ ବସ୍ ଦୈନିକ ୧ଲକ୍ଷରୁ ଅଧିକ ଯାତ୍ରୀଙ୍କ ବିଶ୍ୱାସଭାଜନ ହୋଇ ପାରିଛି। ରାଜ୍ୟର ସହରାଞ୍ଚଳ ପରିବହନ କ୍ଷେତ୍ରରେ କ୍ରୁଟ୍ ଅନନ୍ୟ ଭୂମିକା ଗ୍ରହଣ କରିଛି। ସମୟାନୁଯାୟୀ ଯାତ୍ରୀଙ୍କ ଆବଶ୍ୟକତା ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ସେବାକୁ ଆହୁରି ତ୍ୱରାନ୍ୱିତ କରାଯାଉଛି। ସେହିପରି କ୍ରୁଟ୍ ଓଡ଼ିଶାରେ ଇଲେକ୍ଟ୍ରିକ୍ ଯାନ ନୀତିକୁ ଆପଣାଇବା ସହ ଆଗାମୀ କିଛିଦିନ ମଧରେ ଇ-ବସ୍, ଇ-ରିକ୍ସା ଚଳାଚଳ କରିବାକୁ ଯୋଜନା କରିଛି ବୋଲି ସେ କହିଛନ୍ତି।

## ନାବାଳିକା ବଳାତ୍କାର ମାମଲା ଦୋଷୀଙ୍କୁ ୧୦ ବର୍ଷ ଜେଲ

କେନ୍ଦୁଝର, ୩୦।୧୦( ସ୍ୱ.ପ୍ର.): ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି କେନ୍ଦୁଝର ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ଜଜ୍ ଲୋକନାଥ ସାହୁ ଅଭିଯୁକ୍ତ ଯୁବକ ଅନୀଲ ମହାକୁଡ଼ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୧୦ବର୍ଷ ଜେଲ୍ ଓ ୭ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦିଆଯାଇଛି। ଜରିମାନା ଅନାଦେୟ ଆଉ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଉଛି। ଅନୀଲ ଏକ ଢାବାରେ କାମ କରୁଥିଲେ। ଉକ୍ତ ଢାବାରେ କାମ କରୁଥିବା ବେଳେ ପୀଡ଼ିତାଙ୍କ ଭାଇ ସହିତ ଅନୀଲଙ୍କ ବନ୍ଧୁତା ହୋଇଥିଲା। ସେ ତାଙ୍କ ଘରକୁ ଯିବା ଆସିବା କରି ନାବାଳିକା ଭଉଣୀଙ୍କୁ ଧରମ ଭଉଣୀ କରିଥିଲେ। ଦିନେ ନିଜ ଘରକୁ ବୁଲାଇବାକୁ ବାହାନା କରି ଅନୀଲ ନାବାଳିକାଙ୍କୁ ସୁନ୍ଦରଗଡ ଜିଲା କୋଇଡାକୁ ନେଇଯାଇ ସେଠାରେ ରଖି ବଳାତ୍କାର କରିଥିଲେ। କୌଶଳକ୍ରମେ ନାବାଳିକା ସେଠାରୁ ପରିବାର ଲୋକଙ୍କୁ ଖବରଦେଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରିବା ପରେ ପଣ୍ଡାପଡା ଥାନାରେ ୨୦୧୪ ଅଗଷ୍ଟ ୧୪ରେ ଏତଲା ଦେଇଥିଲେ। ପୋଲିସ ଏନେଇ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୪୯/୨୦୧୪) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସମସ୍ତ ପ୍ରମାଣ ଓ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଭେଷ ପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି।

# ବନ୍ୟପ୍ରାଣୀ ଆଇନ ସଂଶୋଧନକୁ ନେଇ ସନ୍ଦେହ

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

ଦିନକୁ ଦିନ ଓଡ଼ିଶା ସମେତ ଦେଶରେ ବନ୍ୟପ୍ରାଣୀ ଅପରାଧ ବଢ଼ିବାରେ ଲାଗିଛି। ଆଇନରେ ଥିବା ଗଳାବାଟରେ ଅପରାଧୀମାନେ ସହଜରେ ଖସିଯାଉଛନ୍ତି। ତେଣୁ ଆଇନକୁ କିପରି କଡ଼ାକଡ଼ି କରାଯାଇପାରିବ ସେନେଇ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିବାବେଳେ ଏବେ କେନ୍ଦ୍ର ସରକାର ସଂସଦରେ ଉପସ୍ଥାପନା କରିବାକୁ ଯାଉଛନ୍ତି ବନ୍ୟଜୀବ (ସଂରକ୍ଷଣ) ସଂଶୋଧନ ଅଧିନିୟମ, ୨୦୨୧ ବିଲ୍। ସଂସଦର ଉଭୟ ସଦନରେ ସରକାରୀ ଦଳ ଭାଜପା ଓ ଏହାର ସହଯୋଗୀଙ୍କ ସଂଖ୍ୟାକୁ ଦେଖିଲେ ଏହି ବିଲ୍ ଯେ ବିନା ବାଧାବିଘ୍ନରେ ପାରିତ ହୋଇଯିବ, ଏଥିରେ କାହାର ସନ୍ଦେହ ନାହିଁ। ହେଲେ ଏହାକୁ ନେଇ ପରିବେଶବିତ ଓ ବନ୍ୟପ୍ରାଣୀପ୍ରେମୀ ସନ୍ଦିହାନ ହୋଇପଡ଼ିଛନ୍ତି। ସାରା ଦେଶରେ ବିଭିନ୍ନ ରାଜ୍ୟରୁ ଏନେଇ ପ୍ରତିବାଦର ସ୍ୱର ମଧ ଉଠିଲାଣି। ବିଶେଷଜ୍ଞଙ୍କ କହିବାନୁସାରେ, ଗତ ୭ବର୍ଷ ଭିତରେ କେନ୍ଦ୍ରୀୟ ୱାଇଲ୍ଡଲାଇଫ୍ ବୋର୍ଡର ଥରେ ହେଲେ ବି ବୈଠକ ବସିନାହିଁ। ବିନା ବୈଠକରେ ବନ୍ୟପ୍ରାଣୀ ଆଇନର ଉଲ୍ଲଂଘନ କରି ଜଙ୍ଗଲ ଜମିରେ

### ଉଠିଲାଣି ବିରୋଧର ସ୍ୱର

ପ୍ରକଳ୍ପ କାମ ପାଇଁ ପରିବେଶ ମଞ୍ଜୁରୀ କରିନେଉଛନ୍ତି। ସଂଶୋଧନ ଅଧିନିୟମ ବିଲ୍‌ରେ କେଉଁ ସିଡ୍ୟୁଲରେ କ'ଣ ରହିବ ତାହା ପ୍ରଥମେ ସାର୍ବଜନୀନ କରିବାର ଥିଲା ବୋଲି ସେମାନେ କହିଛନ୍ତି।

ଏହି ନୂତନ ଅଧିନିୟମରେ ଅନେକ ସଂଶୋଧନ ପ୍ରସ୍ତାବ ରହିଛି। ସେଥିମଧ୍ୟରୁ ଧାରା ୮ରେ ରାଜ୍ୟ ବନ୍ୟଜୀବ ବୋର୍ଡର ଷ୍ଟାଣ୍ଡିଂ କମିଟି ଗଠନ ପ୍ରସ୍ତାବ ରହିଛି। ପୂର୍ବରୁ ଥିବା ରାଜ୍ୟ ବନ୍ୟଜୀବ ବୋର୍ଡ ସହ ଏକ ନୂଆ ଷ୍ଟାଣ୍ଡିଂ କମିଟି ରହିବ। ଏଥିରେ ଭାଇସ ଚେୟାରମ୍ୟାନ, ମେମ୍ବର ସେକ୍ରେଟାରି ଏବଂ ସର୍ବାଧିକ ୧୦ଜଣ ସଦସ୍ୟ ରହିବେ। ସେହିପରି ଧାରା ୩୪କୁ ସଂଶୋଧନ କରାଯାଇ ଅଭୟାରଣ୍ୟର ୧୦ କି.ମି. ପରିସରରେ ରହୁଥିବା ବ୍ୟକ୍ତିଙ୍କ ବନ୍ଧୁକ ଲାଇସେନ୍ସ ଶେଷ ହେବା ପରେ ମୁଖ୍ୟ ବନ୍ୟଜୀବ ତତ୍ତ୍ୱାବଧାରକଙ୍କ ବିନା ଅନୁମତିରେ ନବୀକରଣ କରାଯିବ ନାହିଁ। ଧାରା '୪୨ ଏ' ଏକ ନୂତନ ଧାରା, ଯେଉଁଥିରେ ୪ଟି ଉପନିୟମ ରହିଛି। ଏଥିରେ ଯେଉଁ ବ୍ୟକ୍ତି ବନ୍ୟପ୍ରାଣୀ ବା ବନ୍ୟପ୍ରାଣୀ ଅଙ୍ଗପ୍ରତ୍ୟଙ୍ଗ(ଟ୍ରଫି) ରଖିଥିବେ ସେମାନେ ମୁଖ୍ୟ ବନ୍ୟଜୀବ ତତ୍ତ୍ୱାବଧାରକଙ୍କ ନିକଟରେ ୭ ଦିନର ନୋଟିସ ଦେଇ ତାହାକୁ ସରେଣ୍ଡର କରିପାରିବେ। ତେବେ ଏଥିପାଇଁ କିଛି କ୍ଷତିପୂରଣ ମିଳିବ ନାହିଁ। ସେହିପରି ବନ୍ୟଜୀବମାନଙ୍କର ସିଡ୍ୟୁଲ ତାଲିକାରେ କେନ୍ଦ୍ର ସରକାର ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଆଗରୁ ମୋଟ ୧ ରୁ ୬ ସିଡ୍ୟୁଲରେ ବନ୍ୟପ୍ରାଣୀଙ୍କୁ ବିଭକ୍ତ କରାଯାଇଥିଲା। ୧ ରୁ ୪ ସିଡ୍ୟୁଲରେ ତାଲିକାଭୁକ୍ତ ହୋଇଥିବା ପ୍ରାଣୀମାନଙ୍କୁ ଶିକାର କଲେ ଦଣ୍ଡନୀୟ ଥିଲା। ସିଡ୍ୟୁଲ ୫ରେ ମୂଷା, ବାଦୁଡ଼ି, କାଉ ଆଦି ଜୀବଙ୍କୁ ଭର୍‌ମିନ ତାଲିକାରେ ରଖାଯାଇଥିଲା, ଯାହାଙ୍କୁ ଶିକାର କଲେ ଦଣ୍ଡନୀୟ ନ ଥିଲା। ସେହିପରି ସିଡ୍ୟୁଲ ୬ରେ କିଛି ଉଭିଦଙ୍କୁ ରଖାଯାଇଥିଲା। ରାଜ୍ୟଗୁଡ଼ିକୁ ଦିଆଯାଇଥିବା ଡ୍ରାଫ୍ଟ ଅନୁଯାୟୀ, ନୂତନ ସଂଶୋଧନରେ ମାତ୍ର ୨ଟି ସିଡ୍ୟୁଲରେ ପ୍ରାଣୀମାନଙ୍କୁ ବିଭକ୍ତ କରାଯାଇଛି। ସିଡ୍ୟୁଲ-୩ ରେ ଏଥର ଉଭିଦମାନଙ୍କୁ ରଖିବା ପାଇଁ ବ୍ୟବସ୍ଥା ହେଉଛି। ସିଡ୍ୟୁଲ ୪ରେ ନୂଆ କରି କନ୍‌ଭେନଶନ ଅନ୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଇନ୍ ଏନ୍‌ଡେଞ୍ଜର୍‌ଡ ସ୍ପେସିସ୍ (ସିଆଇଟିଇଏସ୍) ଅନ୍ତର୍ଭୁକ୍ତ ପ୍ରଜାତିମାନଙ୍କୁ ରଖାଯିବ। ଏହି ସିଡ୍ୟୁଲରେ ବିଦେଶୀ ବା ଏକ୍‌ଜୋଟିକ୍ ଜୀବମାନଙ୍କୁ ରଖାଯିବ ବୋଲି ଆପାତତଃ ସ୍ଥିର ହୋଇଛି। କେଉଁ ପ୍ରଜାତିର ଜୀବକୁ କେଉଁ ସିଡ୍ୟୁଲରେ ରଖାଯିବ ଏନେଇ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆକୁ ତର୍ଜମା କରି ତାଲିକା ପ୍ରସ୍ତୁତ କରିବା ପାଇଁ ଦିଆଯାଇଛି।

### ଜେଲ୍ ଦଣ୍ଡ ୧୦ବର୍ଷରୁ ଅଧିକ ରହୁ : ଶୁଭେନ୍ଦୁ

ବନ୍ୟପ୍ରାଣୀ ଅପରାଧ ରୋକିବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିବା ଦଣ୍ଡବିଧାନକୁ ଏହି ନୂତନ ସଂଶୋଧନ ଅଧିନିୟମ ଡ୍ରାଫ୍ଟରେ କେନ୍ଦ୍ର ସରକାର ନ ବଢ଼ାଇବା ନିଶ୍ଚୟ ଚିନ୍ତାର ବିଷୟ ବୋଲି ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ତାଙ୍କ ମତରେ ପୁରୁଣା ଆଇନରେ ସର୍ବାଧିକ ଜେଲ ଦଣ୍ଡ ଯେଉଁ ୭ବର୍ଷ ଥିଲା, ନୂତନ ସଂଶୋଧନ ଅଧିନିୟମ ଡ୍ରାଫ୍ଟରେ ସେୟା ହିଁ ରହିଛି। ଦଣ୍ଡବିଧାନ ଅଧିକ ନ ହେଲେ ଅପରାଧୀମାନେ ଏବେ ଯେମିତି ଅପରାଧ କରି ଜାମିନରେ ଆସିବା ପରେ ପୁଣି ସେହି କାମରେ ଲିପ୍ତ ରହୁଛନ୍ତି, ନୂଆ ଆଇନ ହେଲେ ମଧ ତାଙ୍କ ଉପରେ କିଛି ପ୍ରଭାବ ପଡ଼ିବ ନାହିଁ। ତେଣୁ ଜେଲଦଣ୍ଡ ଅତିକମ୍‌ରେ ୧୦ ବର୍ଷରୁ ଅଧିକ ରହିବା ଆବଶ୍ୟକ ବୋଲି ଶୁଭେନ୍ଦୁ କହିଛନ୍ତି।




ଭୁବନେଶ୍ୱର ପିଏମ୍‌ଜିଠାରେ ଆମ କୋଇଲା ଆମକୁ ଦିଅ ଏବଂ ୧୧ ଦଫା ଦାବି ନେଇ ଶନିବାର ଝାରସୁଗୁଡାର ଆଞ୍ଚଳିକ ଶିଳ୍ପ ବିସ୍ଥାପନ ସଚେତନ ମଞ୍ଚ ପକ୍ଷରୁ ବିକ୍ଷୋଭ।

# ମମିତାଙ୍କ ଅସୁସ୍ଥ ମା' ଚିକିତ୍ସା ପାଇଁ ବିଶାଖାପାଟଣା ଗଲେ

ବଲାଙ୍ଗୀର ଅଫିସ, ୩୦।୧୦



ତୁଳସୀ ମେହେର।

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି। ମମିତାଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ଖବର ମିଳିବା ଦିନଠାରୁ ଅସୁସ୍ଥ ହୋଇପଡ଼ିଥିବା ମମିତାଙ୍କ ମା' ତୁଳସୀ ମେହେରଙ୍କୁ ଶୁକ୍ରବାର ରାତିରେ ଅଧିକ ଚିକିତ୍ସା ପାଇଁ ବିଶାଖାପାଟଣା ନିଆଯାଇଛି। ସେଠାରେ ଏକ ଘରୋଇ ଚିକିତ୍ସାଳୟରେ ତାଙ୍କର ସ୍ୱାସ୍ଥ୍ୟ ଅଧିକ ଯାଞ୍ଚ ସହ ଚିକିତ୍ସା କରାଯିବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି।

ମମିତାଙ୍କ ହତ୍ୟା ଘଟଣା ସମ୍ପର୍କରେ ଜଣାପଡିବା ଦିନଠାରୁ ତୁଳସୀ ଅଚେତ ହୋଇପଡୁଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ପରିବାର ଲୋକେ ଚିନ୍ତିତ ହୋଇପଡିଥିଲେ। କଂଗ୍ରେସ କେନ୍ଦ୍ରୀୟ ପ୍ରତିନିଧିମାନେ ଦିଲ୍ଲୀରେ ତୁଳସୀଙ୍କ ଚିକିତ୍ସା ବ୍ୟବସ୍ଥା ପ୍ରସ୍ତାବ ଦେଇ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି କହିଥିଲେ। ଭାଜପା ତରଫରୁ ମଧ ତାଙ୍କ ଚିକିତ୍ସାକୁ ନେଇ ପ୍ରସ୍ତାବ ଦିଆଯାଇଥିଲା। ଭାଜପାର ତିନିଜଣିଆ କେନ୍ଦ୍ରୀୟ ମହିଳା ଟିମ୍‌ଙ୍କ ଶୁକ୍ରବାର ପରିଦର୍ଶନ ପରେ ତୁଳସୀଙ୍କୁ ଚିକିତ୍ସା ପାଇଁ ରାତିରେ ବିଶାଖାପାଟଣା ନିଆଯାଇଛି।

# ଭବାନୀପାଟଣାରେ ଦିବ୍ୟଶଙ୍କର

ଭବାନୀପାଟଣା,୩୦।୧୦(ସ୍ୱ.ପ୍ର.)

### ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ନେଇ ସମୀକ୍ଷା

ମମିତା ମେହେରଙ୍କ ହତ୍ୟା ଘଟଣା ନେଇ ହୁଲସ୍ଥୂଲ ହେଉଛି ରାଜ୍ୟ ରାଜନୀତି। ଏହି ପରିପ୍ରେକ୍ଷୀରେ ଶନିବାର ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କଳାହାଣ୍ଡି ଗସ୍ତ କରିଛନ୍ତି। ଆସନ୍ତା ନଭେମ୍ବର ଦ୍ୱିତୀୟ ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ପୂର୍ବରୁ ସେ ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ (ଓୟୁଏଟି) ଖେଳ ପଡିଆର ସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡ ହିତାଧିକାରୀଙ୍କୁ ବଣ୍ଟନ କରିବେ। ଏଥିସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିବେ ବୋଲି ଜଣାପଡିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ସଭା ଓ ହେଲିପ୍ୟାଡ୍ ସ୍ଥାନ ଚିହ୍ନଟ କରି ମନ୍ତ୍ରୀ ସମୀକ୍ଷା କରିଥିଲେ। ଏହି ସମୟରେ କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ଏସ୍‌ପି ଡ. ଶ୍ରବଣ ବିବେକ ଏମ୍, ପିଡବ୍ଲୁଡି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ବାବୁ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ମମିତାଙ୍କ ହତ୍ୟା ଘଟଣାକୁ ନେଇ ବିରୋଧୀଙ୍କ ଆନ୍ଦୋଳନ, ବିକ୍ଷୋଭ ଚାଲିଥିବାବେଳେ ଏହାକୁ ଚେକ୍ ଦେବା ପାଇଁ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଆସିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ନନ୍ଦ ସାର୍‌ଙ୍କ ଜୀବନୀ ଉପରେ ଚଳଚ୍ଚିତ୍ର

ଯାଜପୁର ଅଫିସ,୩୦।୧୦

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କନ୍ତିରା ଗ୍ରାମର ଚାଟଶାଳୀ ଶିକ୍ଷକ ତଥା ପଦ୍ମଶ୍ରୀ ନନ୍ଦ ପ୍ରୁଷ୍ଟିଙ୍କ ଜୀବନୀ ଉପରେ ତିଆରି ହେଉଛି ଏକ ଓଡ଼ିଆ ଚଳଚ୍ଚିତ୍ର। ଯାଜପୁର ରୋଡ୍ ଜେମ୍ସ ସ୍କୁଲ ପରିସରରେ ଥିବା ରୋଟାରି ଭବନ ସଭାଗୃହରେ ଏହି ଚଳଚ୍ଚିତ୍ରର ପୋଷ୍ଟର ଶନିବାର ଉନ୍ମୋଚିତ ହୋଇଛି। ୧୦୪ ବର୍ଷୀୟ ନନ୍ଦ ପ୍ରୁଷ୍ଟି ୮୨ ବର୍ଷ ଧରି ମାଗଣାରେ ଶିକ୍ଷାଦାନ କରୁଥିବା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାର ପଦ୍ମଶ୍ରୀ ପାଇଁ ସୁପାରିସ କରିଥିଲେ। ଏହା ଉପରେ ବିଚାର କରି କେନ୍ଦ୍ର ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିବାକୁ ଘୋଷଣା କରିଥିଲେ। ଆସନ୍ତା ନଭେମ୍ବର ୯ରେ ଦିଲ୍ଲୀଠାରେ ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ବର୍ଦ୍ଧିତ କରାଯିବ। ଶିକ୍ଷାଦାନ କରି ନନ୍ଦ ସାର୍ ସମାଜରେ ଏକ ଅନନ୍ୟ ଉଦାହରଣ ପାଲଟିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ତାଙ୍କୁ ୧୦୪ ବର୍ଷ ବୟସ ହୋଇଥିଲେ ମଧ ସେ ଶିକ୍ଷାଦାନ ନିଶାକୁ ଛାଡ଼ିନାହାନ୍ତି। ନନ୍ଦ ସାର୍‌ଙ୍କ ଜୀବନୀକୁ ନେଇ ଅଭିସ୍ମିତା ଫିଲ୍ମ ପ୍ରାୟୋଜିତ, ଦେବପ୍ରଭା ପ୍ରଡକ୍ସନ ଏବଂ ଷ୍ଟୁଡିଓୱାଲା ପ୍ରଡକ୍ସନ ନିବେଦିତ 'ନନ୍ଦ ମାଷ୍ଟ୍ରଙ୍କ ଚାଟଶାଳୀ' ନାମରେ ଏହି ଫିଲ୍ମ ନିର୍ମାଣ କରାଯାଇଛି। ଓଟିଟି ଫର୍ମାଟରେ କରାଯାଇଥିବା ଏହି ଫିଲ୍ମକୁ ଅନ୍ତର୍ଜାତୀୟ ନିର୍ଦ୍ଦେଶକ ପ୍ରଣବ ଆଇଚ ନିର୍ଦ୍ଦେଶନା ଦେଉଥିବାବେଳେ ଅଭୟ ପତି ଓ ଅଭିନେତ୍ରୀ ନୈନା ଦାଶ ପ୍ରଯୋଜକ ଅଛନ୍ତି। ଅସ୍ମିତା ପତି ଏହାର କାହାଣୀକୁ ଲେଖିଥିବାବେଳେ ଯାଜପୁର ଜିଲା ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାର ଶୁଟିଂ କରାଯାଇଛି। ଶେଷ ପର୍ଯ୍ୟାୟ ଶୁଟିଂ ପଦ୍ମଶ୍ରୀ ସମ୍ମାନ ଆଣିବା ପାଇଁ ଦିଲ୍ଲୀ ଯିବାବେଳେ କରାଯିବ ଏବଂ ଆସନ୍ତା ମାର୍ଚ୍ଚରେ ଏହାର ରିଲିଜ କରାଯିବ ବୋଲି ପ୍ରଯୋଜକ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଫିଲ୍ମ ମାଧ୍ୟମରେ ପଦ୍ମଶ୍ରୀ ନନ୍ଦ ପ୍ରୁଷ୍ଟି ଭାରତର ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ନିଜର ଇଚ୍ଛା ପ୍ରକାଶ କରିଥିବା ଜଣାପଡ଼ିଛି।



# ବିବାହ, ବ୍ରତ, ଶୁଦ୍ଧିରେ ୨୫୦ ଲୋକ

ଭୁବନେଶ୍ୱର, ୩୦।୧୦ (ବ୍ୟୁରୋ)

### କଟକଣା କୋହଳ କଲା ବିଏମ୍‌ସି

ରାଜଧାନୀ ଭୁବନେଶ୍ୱରରେ ବିବାହ, ବ୍ରତ, ଶୁଦ୍ଧିକ୍ରିୟା ଆଦିରେ ଅଧିକ ଲୋକ ସାମିଲ ନ ହେବା ପାଇଁ ବିଏମ୍‌ସି ଲଗାଇଥିବା କଟକଣା କୋହଳ କରିଛି। ଏନେଇ ଶନିବାର ବିଏମ୍‌ସି ପକ୍ଷରୁ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି। ପାର୍ବଣକୁ ଦୃଷ୍ଟିରେ ରଖି ଅକ୍ଟୋବର ପ୍ରଥମ ସପ୍ତାହରେ କୋଭିଡ୍ କଟକଣାକୁ ବଢ଼ାଇ ଦିଆଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକରେ ସର୍ବାଧିକ ୫୦ଜଣ ଲୋକଙ୍କୁ ଯୋଗଦେବା ପାଇଁ ଅନୁମତି ଦିଆଯାଇଥିଲା। ତେବେ ଏଣିକି ସରକାରଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟକ୍ରମରେ ସର୍ବାଧିକ ୨୫୦ଜଣ ଲୋକ ଯୋଗଦେଇ ପାରିବେ। ବିବାହ, ବ୍ରତ, ଶୁଦ୍ଧିକ୍ରିୟା ଆଦିରେ ଲୋକମାନେ ସାମାଜିକ ଦୂରତା ବଜାୟ ରଖିବା ସହ, ମାସ୍କ ପିନ୍ଧିବା ଏବଂ ସ୍କ୍ରିନିଂକୁ ବାଧ୍ୟତାମୂଳକ କରାଯାଇଛି। ପାର୍ବଣ ଋତୁ ଚାଲିଯାଇଥିଲେ ମଧ ଆଗକୁ ଶୀତଦିନ ଆସୁଥିବାରୁ ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଏହାକୁ ଲକ୍ଷ୍ୟ ରଖି ଗାଇଡ୍‌ଲାଇନ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଶୀତଦିନ ପାଇଁ ଗତ ୪ ତାରିଖରେ ବିଏମ୍‌ସି ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା। ବିବାହ, ବ୍ରତ ଓ ଶୁଦ୍ଧିକ୍ରିୟା ଭଳି କାର୍ଯ୍ୟକ୍ରମରେ ସର୍ବାଧିକ ୫୦ଜଣ ଲୋକ ସାମିଲ ହୋଇ ପାରିବେ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ବୟସ୍କ ବ୍ୟକ୍ତି, ଗର୍ଭବତୀ, ୧୦ବର୍ଷରୁ କମ୍ ବୟସ୍କ ଶିଶୁ ଓ ଅନ୍ୟ ଗମ୍ଭୀର ଶାରୀରିକ ସମସ୍ୟା ଥିବା ଲୋକଙ୍କୁ ମଧ କାର୍ଯ୍ୟକ୍ରମରେ ସାମିଲ ହେବାକୁ ବାରଣ କରାଯାଇଥିଲା। ତେବେ ଏହି ନିର୍ଦ୍ଦେଶନାମାକୁ କ୍ୟାଟରିଂ ସଂଘ ତୀବ୍ର ବିରୋଧ କରିବା ସହ ବିଏମ୍‌ସି ଅଫିସ ଘେରାଉ କରିଥିଲା। ପରେ ବିଏମ୍‌ସି ନିଜ ନିର୍ଦ୍ଦେଶନାମାରେ ସଂଶୋଧନ ଆଣିଥିଲା। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ହୋଇଥିବା ଏହି ନିର୍ଦ୍ଦେଶନାମା ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୂଚନା ଦିଆଯାଇଥିଲା।

# ରାୟଗଡ଼ା, କନ୍ଧମାଳ ଜିଲାପାଳଙ୍କୁ ରିପୋର୍ଟ ତଲବ

କଟକ ଅଫିସ,୩୦।୧୦

### ସ୍ୱେରେଜ ଟାଙ୍କିରେ ଶ୍ରମିକ ମୃତ୍ୟୁ ଘଟଣା

■ଡିସେମ୍ବର ୪ରେ ପରବର୍ତ୍ତୀ ଶୁଣାଣି



ସ୍ୱେରେଜ ଟାଙ୍କିରେ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ହାଇକୋର୍ଟ ରାୟଗଡ଼ା ଓ କନ୍ଧମାଳ ଜିଲାପାଳଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭୁବନେଶ୍ୱର ଶ୍ରମିକ ମୃତ୍ୟୁ ଘଟଣାରେ ଠିକା କନ୍‌ଷ୍ଟ୍ରକ୍ସନ କମ୍ପାନୀ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ନିକଟରେ ଦାଖଲ କରିଥିବା କ୍ଷତିପୂରଣ ରାଶିକୁ ମୃତ ଶ୍ରମିକଙ୍କ ପରିବାରଙ୍କୁ ପ୍ରଦାନ କରିବାକୁ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କ ମିଳିତ ଖଣ୍ଡପୀଠ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ, ସ୍ୱେରେଜ ଟାଙ୍କିରେ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ଏସଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର)କୁ କିପରି ପାଳନ କରାଯାଉଛି, ସେନେଇ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜବାବ ଦାଖଲ କରାଯାଇଛି। ଆମିକସ କ୍ୟୁରିଭାବେ ନିଯୁକ୍ତ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ଓ ପମି ରଥ ଉପସ୍ଥିତ ଥିଲେ। ଆସନ୍ତା ଡିସେମ୍ବର ୪ରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୦ରେ ଭୁବନେଶ୍ୱରର ବ୍ରହ୍ମେଶ୍ୱର ବାଗ୍ ଅଞ୍ଚଳର ନୂଆ ସ୍ୱେରେଜ ଲାଇନରେ କାମ ଚାଲିଥିବାବେଳେ ମ୍ୟାନହୋଲରେ ଶ୍ୱାସରୁଦ୍ଧହୋଇ ୨ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଉଭୟେ ଲକ୍ଷ୍ମୀ କନ୍‌ଷ୍ଟ୍ରକ୍ସନ ନାମକ ଏକ ଠିକା କମ୍ପାନୀ ଅଧୀନରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। ଗତ ଏପ୍ରିଲ ୧୫ରେ କଟକ ସିଡିଏ-୧୦ ଅଞ୍ଚଳର ମ୍ୟାନ୍‌ହୋଲରେ ଶ୍ୱାସରୁଦ୍ଧ ହୋଇ ୨ଜଣ ଶ୍ରମିକଙ୍କ ମଧ ମୃତ୍ୟୁ ଘଟିଥିଲା। ସେହିପରି ସ୍ୱେରେଜ ଟାଙ୍କିରେ ଗତ ୨୦ତାରିଖରେ ରାୟଗଡ଼ା ଜିଲାର ୩ଜଣ ଓ ଜୁଲାଇ ମାସରେ କନ୍ଧମାଳ ଜିଲାର ୩ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହି ସମସ୍ତ ଘଟଣାରେ ହାଇକୋର୍ଟ ନିଜ ତରଫରୁ ମାମଲା ରୁଜୁ କରିଥିଲେ। ଭୁବନେଶ୍ୱର ଘଟଣାରେ ମୃତ ଶ୍ରମିକଙ୍କୁ ବୀମା କମ୍ପାନୀ ତରଫରୁ ଗତ ଅଗଷ୍ଟ ମାସରେ ୨୧ ଲକ୍ଷ ୬୨ ହଜାର ଟଙ୍କା କ୍ଷତିପୂରଣ ରାଶି ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ନିକଟରେ ଦାଖଲ କରାଯାଇଥିବାବେଳେ ମୃତକଙ୍କ ପରିବାରକୁ ପ୍ରଦାନ କରାଯାଉ ନଥିଲା। ଏନେଇ ହାଇକୋର୍ଟ କ୍ଷୁବ୍ଧ ହେବା ସହ ଶୀଘ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# କୋଇଲା ଯୋଗାଣରେ ନୂଆ ରେକର୍ଡ

ତାଳଚେର, ୩୦।୧୦(ନି.ପ୍ର.)

ଦେଶର ଶକ୍ତିକ୍ଷେତ୍ରରେ କୋଇଲା ସଙ୍କଟ ସମୟରେ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଉତ୍ତମ ପ୍ରଦର୍ଶନ ଜାରି ରଖିଛି। ଗୁରୁବାର ରେକର୍ଡ ପରିମାଣର ୬.୪ ଲକ୍ଷ ଟନ୍ କୋଇଲା ଉପଭୋକ୍ତାଙ୍କୁ ପ୍ରେରଣ କରି କମ୍ପାନୀ ନୂତନ ଇତିହାସ ସୃଷ୍ଟି କରିଛି। ଏଭଳି ପ୍ରଦର୍ଶନକୁ କେନ୍ଦ୍ର କୋଇଲାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ କୋଇଲା ରାଷ୍ଟ୍ରମନ୍ତ୍ରୀ ରାଓସାହେବ ପାଟିଲ ଦାନ୍‌ଭେ ଉଚ୍ଚ ପ୍ରଶଂସା କରିବା ସହ ଏମ୍‌ସିଏଲ୍‌ର ସିଏମ୍‌ଡି ଏବଂ ନିର୍ଦ୍ଦେଶକ ମଣ୍ଡଳୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ରେଲୱେ, କୋଇଲା ଖଣି କର୍ମଚାରୀ, ଚୁକ୍ତିଭିତ୍ତିକ ଶ୍ରମିକ, ଶ୍ରମିକ ସଙ୍ଗଠନର କାର୍ଯ୍ୟକର୍ତ୍ତା, ସ୍ଥାନୀୟ ପ୍ରଶାସନର ସମନ୍ୱୟରେ ଏହା ସମ୍ଭବ ହୋଇପାରିଛି।




ଏମ୍‌ସିଏଲ୍ ସିଏମ୍‌ଡି ପି.କେ. ସିହ୍ନାଙ୍କୁ କୃତଜ୍ଞତା ପତ୍ର ପ୍ରଦାନ ଅବସରରେ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ରାଓସାହେବ ପାଟିଲ ଦାନ୍‌ଭେ ଏବଂ ରାଜ୍ୟ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ।

ଦୈନିକ ୫.୨୫ ଲକ୍ଷ ଟନ୍ କୋଇଲା ଯୋଗାଉଥିବା ଏମସିଏଲ୍ ପୂର୍ବ ରେକର୍ଡ ଭାଙ୍ଗିପାରିଛି। ନର୍ଦ୍ଦନ କୋଲ୍‌ଫିଲ୍ଡ ଲିମିଟେଡ୍ (ଏନ୍‌ସିଏଲ୍) ସିଏମ୍‌ଡି ଦାୟିତ୍ୱରେ ଥିବା ପି.କେ. ସିହ୍ନା ଏମ୍‌ସିଏଲ୍‌ର ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କ ବଳିଷ୍ଠ ନେତୃତ୍ୱରେ ଉଭୟ ଆନୁଷଙ୍ଗିକ କମ୍ପାନୀ ୧ ମିଲିୟନ ଟନ୍ କୋଇଲା ପ୍ରେରଣ କରିବା ଆକଳନକୁ ନିଶ୍ଚିତ କରିଛନ୍ତି। ଶକ୍ତି ଚାହିଦା ବଢ଼ିବା ସହିତ ଶୁଖିଲା ଇନ୍ଧନର ଚାହିଦା

### ଏମ୍‌ସିଏଲ୍ ପ୍ରଦର୍ଶନକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା

ବୃଦ୍ଧି ପାଇଛି। ଏହାକୁ ପୂରଣ କରିବା ଲାଗି ଏମ୍‌ସିଏଲ୍ ଏବଂ ଏନ୍‌ସିଏଲ୍ ନିଜକୁ ପ୍ରସ୍ତୁତ କରିଛନ୍ତି। ଏହାକୁ କୋଇଲା ମନ୍ତ୍ରଣାଳୟ ସ୍ୱୀକାର କରିଛି। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କୃତଜ୍ଞତା ସ୍ୱରୂପ ଏମ୍‌ସିଏଲ୍ ଏବଂ ଏନ୍‌ସିଏଲ୍‌ର କାର୍ଯକାରୀ ନିର୍ଦ୍ଦେଶକଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ସମେତ ରାଜ୍ୟ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚଳିତ ଆର୍ଥିକବର୍ଷରେ ଏମ୍‌ସିଏଲ ଏହାର ଉପଭୋକ୍ତାଙ୍କୁ ୯୫.୭ ନିୟୁତ ଟନରୁ ଊର୍ଦ୍ଧ୍ୱ ଶୁଷ୍କ ଇନ୍ଧନ ଯୋଗାଇ ଦେଇଛି, ଯାହା ଗତବର୍ଷ ତୁଳନାରେ ପ୍ରାୟ ୨୧% ଅଭିବୃଦ୍ଧି ଭାବେ ପଞ୍ଜୀକୃତ ହୋଇଛି।

## ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତି ବିଭାଗ ପକ୍ଷରୁ ଶନିବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଜିଲାପାଳଙ୍କ ଅଫିସ ପରିସରରୁ ସଞ୍ଚୟ ରଥକୁ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ସହର କରିକ୍ରମା କରିବା ଅବସରରେ ଜେଲଛକ, ଧନକଉଡା, ରେମେଡ ଅଞ୍ଚଳରେ ମିତବ୍ୟୟିତା ବାର୍ତ୍ତା ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ବିଭିନ୍ନ ଗ୍ରାମାଞ୍ଚଳରେ ମଧ୍ୟ ପ୍ରଚାର ପତ୍ର ବଣ୍ଟାଯିବ ବୋଲି ବିଭାଗ ପକ୍ଷରୁ ସୂଚିତ କରାଯାଇଛି। ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତି ଅଧିକାରୀ ନୀଳାଞ୍ଚଳ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଫିସର କନିଷ୍ଠ ରାଜସ୍ୱ ସହାୟକ ମିହିର ରଞ୍ଜନ ମହାନ୍ତି, କୃଷ୍ଣଚନ୍ଦ୍ର ସାହୁ ସହଯୋଗ କରିଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାମାନେ ଉପସ୍ଥିତ ଥିଲେ।

### ଆଜି କ'ଣ କେଉଁଠି

ସମ୍ବଲପୁର

- ରାଷ୍ଟ୍ରୀୟ ଏକତା ଦିବସ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜୁନିୟର ବାଳକ କବାଡ଼ି ଚାମ୍ପିୟନଶିପ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ସାଢେ ୩ଟା।

### ସଂକ୍ଷେପରେ

## ୨ଲକ୍ଷ ଠକେଇ ଅଭିଯୋଗ

ବଡ଼ଗାଁ,୩୦।୧୦(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ପାମରା ଗ୍ରାମର ଜଣେ ଯୁବକଙ୍କ କାରଖାନାରେ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଆର୍ଥିକ ସହାୟତା କରାଇ ଦେବାକୁ କହି ତଲସରା ଥାନା କୁରମକେଲ ଗ୍ରାମର ଜଣେ ବ୍ୟକ୍ତି ୨ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଅଭିଯୋଗକାରୀ ପାମରା ଗ୍ରାମର ଦୁବରାଜ ଟପ୍ପୋଙ୍କ ସାନଭାଇ ଜଗଦୀଶ ଗତ ଜାନୁୟାରୀ ୧୨ ତାରିଖରେ ରାଏଗଡ଼ର ଏକ ଫ୍ୟାକ୍ଟ୍ରିରେ କାମ କରୁଥିବା ବେଳେ ଦୁର୍ଘଟଣା ଘଟି ତାଙ୍କର ମୃତ୍ୟୁ ହୋଇଥିଲା। ରାଏଗଡ଼ ଲେବର କୋର୍ଟରେ ରିପୋର୍ଟ କରିବା ପାଇଁ କୁରୁମକେଲ ଗାଁର ଜଣେ ବ୍ୟକ୍ତି ମଧ୍ୟସ୍ଥି ସାଜିଥିଲେ। ପ୍ରଥମ ପର୍ଯ୍ୟାୟରେ କେସ ବାବଦରେ ୬୫ହଜାର ଆବଶ୍ୟକ କହି ନେଲା ପରେ ସୁନ୍ଦରଗଡ଼ ଏକ୍ସିସ୍ ବ୍ୟାଙ୍କରେ ଖାତା ଖୋଲାଇ ୨ଟି ଖାଲି ଚେକ୍‌ରେ ଦସ୍ତଖତ ନେଇଥିଲେ। ପରେ ଗତ ଅଗଷ୍ଟ ୧୬ତାରିଖରେ ଅଭିଯୋଗକାରୀଙ୍କ ମା'ଙ୍କ ଠାରୁ ୧ଲକ୍ଷ ଓ ସେହିମାସ ୧୭ତାରିଖରେ ପୁଣି ୧ଲକ୍ଷ ନେଇଥିଲେ। ଏହାପରେ ଆର୍ଥିକ ସହାୟତା ୩୦ଲକ୍ଷ କରାଇ ଦେବାକୁ କହି ୮୦ହଜାର ଟଙ୍କା ଦିଅ ନଚେତ୍ ତମ ନାଁରେ କେଶ ହେବ କହି ଚିଠି ପଠାଇଥିଲେ। ଏହାକୁ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

## ଆଇନ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୩୦।୧୦(ବ୍ୟୁରୋ): ସମ୍ବଲପୁର ଜିଲା ତପସ୍ୱିନୀ ପ୍ରେକ୍ଷାଳୟରେ ଶନିବାର ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କମିଶନ ଓ ଜିଲା ସାମାଜିକ ମଙ୍ଗଳ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତି ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଏଡିଏମ୍ ପଦ୍ମନାଭ ବେହେରା, ଡିଏସଡବ୍ଲ୍ୟୁଓ ଗୀତାଞ୍ଜଳି ମହାପାତ୍ର, ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟସ୍ଥଳରେ ମହିଳାମାନେ ଶାରୀରିକ ମାନସିକ ନିର୍ଯାତନା ପାଉଛନ୍ତି। ଏ ନେଇ ଅଭିଯୋଗ ମଧ ହେଉଛି। ପାରିବାରିକ ଅଭିଯୋଗରେ ଆପୋସ ବୁଝାମଣା ହୋଇ ସମାଧାନ କରାଯାଇଥାଏ। ତେଣୁ ମହିଳାମାନେ ଭୟଭୀତ ନ ହୋଇ ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ମତପ୍ରକାଶ ପାଇଥିଲା। ପରେ ଅଧକ୍ଷା ବେହେରା ସଖି ସେଣ୍ଟର, ଧନକଉଡା ବାଳ ସୁଧାର ଗୃହ, ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ।

## ଜିଲା ଇପିଏଫ୍ ପେନ୍‌ସନର୍ସ ସଂଘ ବୈଠକ

ଝାରସୁଗୁଡ଼ା ଅଫିସ,୩୦।୧୦: ରାଜ୍ୟ ଇପିଏଫ୍ ପେନ୍‌ସନ୍ ସଂଘ ସହବନ୍ଧିତ ଝାରସୁଗୁଡ଼ା ଜିଲା ଇପିଏଫ୍ ଶାଖା ତରଫରୁ ସ୍ଥାନୀୟ ପୁରୁଣାବସ୍ତି ନବଯୁବକ ସଂଘ କାର୍ଯ୍ୟାଳୟରେ ଶନିବାର ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁଗ୍ମ ସମ୍ପାଦକ ଶରତ କୁମାର ପାଣି, ଝାରସୁଗୁଡ଼ା ଓ ସମ୍ବଲପୁର ଦାୟିତ୍ୱରେ ଥିବା ଜିଲା ସଂଯୋଜକ କୃଷ୍ଣଚନ୍ଦ୍ର ସାହୁ ସଂଯୋଜନା କରିଥିଲେ। ଏଥିରେ ସର୍ବନିମ୍ନ ପେନ୍‌ସନ୍ ୯ହଜାର ଟଙ୍କା, ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ, ସାମାଜିକ ସୁରକ୍ଷା ଆଦି ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ଦାବି ହୋଇଥିଲା। ଏ ସମ୍ପର୍କରେ ଆସନ୍ତା ୧୬ ତାରିଖରେ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ୨୦୨୧ ଓ ୨୨ମସିହା ପାଇଁ ଜିଲା ସଂଘର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ଏଥିରେ ସଭାପତି ଅଶୋକ କୁମାର ମହାପାତ୍ର, ଉପସଭାପତି ପ୍ରଦୀପ କୁମାର ମେହେର, ସମ୍ପାଦକ ଜିତେନ୍ଦ୍ର ବେହେରା, ସହସମ୍ପାଦକ ଦେବେନ୍ଦ୍ର ମୋହନ ପଣ୍ଡା ଓ ନିତ୍ୟାନନ୍ଦ ସାହୁ, କୋଷାଧ୍ୟକ୍ଷ ଜଗଦୀଶ ପ୍ରସାଦ ନାୟକ, କାର୍ଯ୍ୟକାରୀ ସଦସ୍ୟ ଭାବେ ଉମାକାନ୍ତ ସରାଫ, ଅନିଲ କୁମାର ପ୍ରମୁଖ ରହିଛନ୍ତି।

# ଜାନୁୟାରୀ ୯ରେ ଝୁମ୍ ସମ୍ବଲପୁର ଝୁମ୍

ସମ୍ବଲପୁର,୩୦।୧୦(ବ୍ୟୁରୋ)

ରିଆଲିଟି ନୃତ୍ୟ ପ୍ରତିଯୋଗିତା ଝୁମ୍ ସମ୍ବଲପୁର ଝୁମ୍ ସିଜନ୍-୨ ଆସନ୍ତା ଜାନୁୟାରୀ ୯ ତାରିଖରେ ଅନୁଷ୍ଠିତ ହେବ। ସମ୍ବଲପୁର ଭାଲୁପାଲି ନିକଟ ରୟାଲ ରିଟ୍ରିଟଠାରେ ଜୁନିୟର ଓ ସିନିୟର ଦୁଇଟି ବିଭାଗରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ହେବ। ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଜୁନିୟର ଓ ଏକାଦଶରୁ ତଦୂର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସିନିୟର ବିଭାଗରେ ରଖାଯାଇଛି। ସିନିୟର ବିଭାଗରେ ଇଞ୍ଜିନିୟରିଂ ଓ ଡାକ୍ତରୀ ଛାତ୍ରୀଛାତ୍ର ମଧ ଭାଗ ନେଇପାରିବେ। ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ଦେବଗଡ଼, ବଲାଙ୍ଗୀର, ସୋନପୁର, ସୁନ୍ଦରଗଡ଼ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ର ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଚାରକ ଯୋଗଦେବେ। ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ମାର୍ଗସ୍ଥିତ ଏକ ହୋଟେଲରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ଅନୁଷ୍ଠାନ ମନଜିରା ଗ୍ରୁପ



କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଉଛନ୍ତି ଡି. ମୁରଲୀକ୍ରିଷ୍ଣା।

### ଦୁଇଟି ବିଭାଗରେ ହେବ ରିଆଲିଟି ନୃତ୍ୟ ପ୍ରତିଯୋଗିତା

କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ସେମାନେ ଆହୁରି କହିଥିଲେ ଯେ, ଡିସେମ୍ବର ୧୮ ଓ ୧୯ରେ ସମ୍ବଲପୁର ରେଲୱେ କମ୍ୟୁନିଟି ହଲଠାରେ ଅଡିଶନ ହେବ। ସେହିପରି ରୟାଲ ରିଟ୍ରିଟଠାରେ ଜାନୁୟାରୀ ୮ରେ ସେମିଫାଇନାଲ ଓ ୯ରେ ଫାଇନାଲ ରାଉଣ୍ଡ ନୃତ୍ୟ ପ୍ରତିଯୋଗିତା ହେବ। ବିକାଶ ସମୂହ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଡି. ମୁରଲୀକ୍ରିଷ୍ଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଝୁମ୍ ସମ୍ବଲପୁର ଝୁମ୍ ପୋଷ୍ଟର ଉନ୍ମୋଚନ କରିଥିଲେ। କରୋନା ମହାମାରୀ ଯୋଗୁ ଛାତ୍ରୀଛାତ୍ର ଘରେ ରହି ଅନ୍‌ଲାଇନରେ ପାଠ ପଢୁଛନ୍ତି। ସେମାନଙ୍କ ମଧ୍ୟରେ ସ୍ଫୂର୍ତ୍ତି ଆଣିବା ଲକ୍ଷ୍ୟ ନେଇ ଏହି ରିଆଲିଟି ନୃତ୍ୟ ପ୍ରତିଯୋଗିତା କରାଯାଉଛି ବୋଲି ମୁରଲୀକ୍ରିଷ୍ଣା ବକ୍ତବ୍ୟରେ କହିଥିଲେ। ଖବରଦାତା ସମ୍ମିଳନୀରେ ମନଜିରା ଗ୍ରୁପ ସଭାପତି ଉଦୟକୁମାର ତିୱାରୀ, ନୃତ୍ୟ ନିର୍ଦ୍ଦେଶକ ଅସିମ କୁମାର ପ୍ରଧାନ, ସଭ୍ୟା ସୁସ୍ମିତା ପଟ୍ଟନାୟକ, ମଣ୍ଟୁ ପାଣିଗ୍ରାହୀ, ବଳରାମ ଝା, ପଙ୍କଜ ରାମ, ଶଙ୍କର ଶର୍ମା, ଜନ୍ମେଜୟ ପୁଞ୍ଜି ଉପସ୍ଥିତ ରହି କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।

## ବିଶ୍ୱ ମିତବ୍ୟୟିତା ଦିବସରେ ଗଡ଼ିଲା ସଞ୍ଚୟ ରଥ

ଝାରସୁଗୁଡ଼ା ଅଫିସ,୩୦।୧୦

ବିଶ୍ୱ ମିତବ୍ୟୟିତା ଦିବସ ଅବସରରେ ଶନିବାର ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ସଞ୍ଚୟ ରଥ ଜିଲା ପରିକ୍ରମାରେ ବାହାରିଛି। ଏହି ରଥକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଯୋଗେନ୍ଦ୍ର ମାଝି, ସତ୍ୟଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରଥ ପରିକ୍ରମା ସମୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସାଧାରଣଙ୍କୁ ସ୍ୱଳ୍ପ ସଞ୍ଚୟ ଓ ବିତ୍ତୀୟ ସାକ୍ଷରତା ସମ୍ପର୍କରେ ସଚେତନ କରାଇଥିଲା। ଜିଲା ସ୍ୱଳ୍ପ ସଞ୍ଚୟ ଓ ଅର୍ଥନୈତିକ ଅନ୍ତର୍ଭୁକ୍ତିକରଣ ଅଧିକାରୀ ରଞ୍ଜିତା ପଣ୍ଡା ସୁରକ୍ଷିତ ସଞ୍ଚୟ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ପୋଷ୍ଟ ଅଫିସ ଓ ବ୍ୟାଙ୍କରେ ନିଜ କଷ୍ଟ ଉପାର୍ଜିତ ଧନକୁ କିଭଳି ବିନିଯୋଗ କରିବେ ଏ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏ ନେଇ ଲୋକଙ୍କୁ ପୁସ୍ତିକା ବଣ୍ଟନ କରାଯାଇଥିଲା। ସଚେତନତା ରଥ ଅମଲିପାଲି, ସାଲେଟିକ୍ରା, ପଞ୍ଚପଡା, ଝରିଆନାଳ, କାପୁମାଲ, କଟାପାଲି ଆଦି ଅଞ୍ଚଳ ପରିକ୍ରମା କରିଥିଲା। ସ୍ୱଳ୍ପ ସଞ୍ଚୟ ଏଜେଣ୍ଟ ଅଜିତ ମିଶ୍ର, ଅନିତା ଶାରଦା, ଜଗନ୍ନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।




ସଞ୍ଚୟ ରଥ ଉଦ୍‌ଘାଟନ କରୁଛନ୍ତି ଅତିରିକ୍ତ ଜିଲାପାଳ।

## ଭାଜପା ଘେରିଲା ଏସ୍‌ପି ଅଫିସ୍



ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଉରକେଲା ଅଫିସ,୩୦।୧୦

ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଓ ଉକ୍ତ ଘଟଣାର ସିବିଆଇ ତଦନ୍ତ ଦାବିରେ ଶନିବାର ରାଉରକେଲା ଭାଜପା ଯୁବମୋର୍ଚ୍ଚା ସଭାପତି ଅଙ୍କୁଶ ବର୍ମାଙ୍କ ନେତୃତ୍ୱରେ ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ଶତାଧିକ ଭାଜପା କର୍ମୀ ଉଦିତନଗର ପରେଡ଼ ପଡ଼ିଆରୁ ଏକ ରାଲିରେ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପୋଲିସ ସମସ୍ତ କର୍ମୀଙ୍କୁ ଗିରଫ କରିଥିଲା। ଏହି ବିକ୍ଷୋଭରେ ଭାଜପା ମହିଳା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ମୁଖ୍ୟପାତ୍ର ଧୀରେନ ସେନାପତି, ନିହାର ରାୟ, ଜଗବନ୍ଧୁ ବେହେରା, ଦିଲୀପ ଦାସ, ପ୍ରମିଳା ସୁନା, ତପନ ସ୍ୱାଇଁ, ଗଙ୍ଗାଧର ଦାସଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଥାନା ଆଗରେ ଏସ୍‌ଏଚ୍‌ଜି ମହିଳାଙ୍କ ଧାରଣା

ଝାରସୁଗୁଡ଼ା ଅଫିସ,୩୦।୧୦

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା କୁରେମାଲ ଗ୍ରାମର କାର୍ତ୍ତିକ ରାଉତ (୨୬) ଓରଫ କାଳିଆଙ୍କ ମୃତ୍ୟୁ ଘଟଣାରେ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ଗ୍ରାମର ଏସ୍‌ଏଚ୍‌ଜି ଗ୍ରୁପ୍‌ର ଶତାଧିକ ମହିଳା ଶନିବାର ଥାନା ଆଗରେ ଧାରଣା ଦେଇଥିଲେ। ସେମାନଙ୍କ ସହ ଥାନା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ଆଲୋଚନା କରି ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ୍ ଟିମ୍ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲେ। ଏଥିପାଇଁ ପୋଲିସ ୧୫ଦିନ ସମୟ ନେଇଛି।

ସୂଚନାଯୋଗ୍ୟ ଗତ ସୋମବାର କୁରେମାଲ ଗ୍ରାମର ଦେବ ରାଉତଙ୍କ ପୁଅ କାର୍ତ୍ତିକଙ୍କ ମୃତଦେହକୁ ପୋଲିସ ପଡୋଶୀ ବିଜୁ ଧରେଇଙ୍କ ଘରୁ ଝୁଲନ୍ତା ଅବସ୍ଥାରେ ଜବତ କରିଥିଲା। କାର୍ତ୍ତିକ ବେକରେ ଶାଢି ଲଗାଇ ଝୁଲୁଥିଲେ। ଏହି ଶାଢିଟି ଘର ମାଲିକ ବିଜୁଙ୍କ ସ୍ତ୍ରୀଙ୍କର ରହିଥିଲା। ମୃତଦେହ ଝୁଲୁଥିବାବେଳେ ତାଙ୍କ ଗୋଡ



ରେଙ୍ଗାଲି ଥାନା ପରିସରରେ ମହିଳାଙ୍କ ଧାରଣା।

### ଯୁବକଙ୍କ ମୃତ୍ୟୁ ଘଟଣା

୨ଟି ସମ୍ପୂର୍ଣ୍ଣ ତଳେ ଲାଗିଥିଲା। ତେଣୁ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ମୃତକଙ୍କ ବାପା ପୋଲିସରେ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯଦି ପୁଅ ଆତ୍ମହତ୍ୟା କଲା ତା'ହେଲେ ବାହାର ସ୍ଥାନରେ କରିପାରିଥାନ୍ତା। ଅନ୍ୟଜଣଙ୍କ ଘର ଭିତରେ ପୁଣି ଘର ମାଲିକଙ୍କ ସ୍ତ୍ରୀଙ୍କ ଶାଢିରେ କେମିତି ଆତ୍ମହତ୍ୟା କଲେ। ଏହି ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ୨୬/୨୧) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ପଡୋଶୀ ଦମ୍ପତିଙ୍କୁ ଥାନାକୁ ଡାକି ପଚରାଉଚରା କରୁଛି।

## ପ୍ରତିଷେଧକ ସତର୍କତା ତାଲିମ ଶିବିର ଆରମ୍ଭ

ରାଉରକେଲା ଅଫିସ,୩୦।୧୦

ରାଉରକେଲା ଇସ୍ପାତ କାରଖାନାରେ ସର୍ତକତା ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଏଚ୍‌ଆରଡ଼ି କେନ୍ଦ୍ରଠାରେ ପ୍ରତିଷେଧକ ସର୍ତକତା ସଚେତନତା ଉପରେ ୨ ଦିନିଆ ତାଲିମ କାର୍ଯ୍ୟକ୍ରମ ଶନିବାର ଆରମ୍ଭ ହୋଇଛି। ଏଥିରେ କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଚ୍‌ଆରଡ଼ି ବିଭାଗର ସିଜିଏମ୍ ରାଜଶ୍ରୀ ବାନାର୍ଜୀ, ଏମ୍. କେ ଗୁପ୍ତା ମଞ୍ଚାସୀନ ଥିଲେ। ଆରଏସ୍‌ପିର ବିଭିନ୍ନ ବିଭାଗର ୫୬ ଜଣ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରତିଷେଧକ ସଚେତନତା ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏଚ୍‌ଆରଡ଼ି ବିଭାଗର ମ୍ୟାନେଜର ଏଲ. ମାରାଣ୍ଡି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁଶ୍ରୀ ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଚ୍‌ଆରଡ଼ି ବିଭାଗର ଜିଏମ୍ ଏନ. ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତରକୁ ବିରୋଧ



ଉପଜିଲାପାଳ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୩୦।୧୦

ଝାରସୁଗୁଡ଼ା ଜିଲା ରାଜପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପ୍ରଶାସନ ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଛନ୍ତି। ଶନିବାର ଉପଜିଲାପାଳ ଶିବ ଟପ୍ପୋ, ରାଜସ୍ୱ ସୁପରଭାଇଜର ସୁମନ ମାର୍କି, ଆର୍‌ଆଇ ରଶ୍ମିତା ଟପ୍ପୋ ପ୍ରମୁଖ ରାଜପୁରରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ। ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ୟତ୍ର ସ୍ଥାନାନ୍ତର ହେଲେ ଅଞ୍ଚଳବାସୀଙ୍କ ପାଇଁ ଯାତାୟାତରେ ସମସ୍ୟା ହେବ। ସେମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବେ ଦର୍ଶାଇ ସ୍ଥାନୀୟ ବାସିନ୍ଦା ରାଜପୁର ଗ୍ରାମରେ ଥିବା ଏକ ଜମିକୁ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଉଦ୍ଦେଶ୍ୟରେ ଦେଖାଇଥିଲେ। ଏହି ଜମିକୁ ରାଜସ୍ୱ ବିଭାଗ ତରଫରୁ ଦେଖିଲା ପରେ ଏଠାରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯିବ ବୋଲି ଉପଜିଲାପାଳ ଟପ୍ପୋ କହିଥିଲେ।

## ବାଳକ ଜୁନିୟର କବାଡ଼ି ଚାମ୍ପିୟନଶିପ ଉଦ୍‌ଘାଟିତ

ସମ୍ବଲପୁର,୩୦।୧୦(ବ୍ୟୁରୋ)

ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ଆନ୍ତଃ କ୍ଲବ ଜୁନିୟର ବାଳକ କବାଡ଼ି ଚାମ୍ପିୟନଶିପ ଶନିବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କବାଡି ଖେଳ ଶରୀରର ପ୍ରତ୍ୟେକ ଧମନୀକୁ କ୍ରିୟାଶିଳ କରିଥାଏ। ତେଣୁ ଏହି ଖେଳକୁ ଅଲମ୍ପିକରେ ସ୍ଥାନିତ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଦିବାରାତ୍ର ଟୁର୍ନାମେଣ୍ଟରେ ୧୧ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଏଆରସି କ୍ଲବ ବନାମ ହିନ୍ଦ କ୍ଲବ ମଧ୍ୟରେ ହୋଇଥିଲା। ୩୮-୨୫ ପଏଣ୍ଟରେ ଏଆରସି କ୍ଲବ ବିଜୟୀ ହୋଇଛି। ରେଫରି ଦିଲିପ ସାହୁ, ଅମ୍ପାୟାର ରାଜେଶ ସେଟ ଓ ସରସ୍ୱତୀ ସେଠୀ ମ୍ୟାଚ ପରିଚାଳନା କରିଥିଲେ। ଧନକଉଡା ବିଡିଓ ବସନ୍ତ ହାତୀ, କ୍ରୀଡା ସଙ୍ଗଠକ ବିଶ୍ୱମ୍ବର ବହିଦାର, ବିଜେଡି ରାଜ୍ୟ ଯୁବ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରୀଡା ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ସୂଚନା ଦେଇଥିବାବେଳେ ଉପସଭାପତି ଦିଲିପ କୁମାର ବିଶି ସ୍ୱାଗତ ଭାଷଣ ଦେଇଥିଲେ। କାଉନସିଲ ସଭ୍ୟ ସୁନିଲ ସାହୁ ଓ ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫାର ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଷ୍ଟାଡିୟମ ପରିସରରେ ମହିଳା ଜିମ୍ ଓ କବାଡି ପଡିଆକୁ ଶୁଭାରମ୍ଭ କରିଥିଲେ।



ବାଳକ କବାଡି ଚାମ୍ପିୟନଶିପ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟଅତିଥି।

## ମୁଖ୍ୟମନ୍ତ୍ରୀଙ୍କ କୁଚିଣ୍ଡା ଗସ୍ତକୁ ନେଇ ପ୍ରଶାସନ ତତ୍ପର

କୁଚିଣ୍ଡା, ୩୦।୧୦(ଡି.ଏନ.ଏ.)

ଆସନ୍ତା ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଚିଣ୍ଡା ଗସ୍ତ କାର୍ଯ୍ୟକ୍ରମ ଥିବାରୁ ପ୍ରଶାସନ ତତ୍ପର ହୋଇଉଠିଛି। ସମ୍ବଲପୁର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ କୁଚିଣ୍ଡା ଗସ୍ତ କରି ସଭାସ୍ଥଳ, ହେଲିପ୍ୟାଡ ଯାଞ୍ଚ କରି ସ୍ଥାନୀୟ ପ୍ରଶାସନ ସହ ଉଦ୍‌ଘାଟିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଛନ୍ତି। ଶନିବାର ସନ୍ଧ୍ୟାରେ ଶ୍ରମମନ୍ତ୍ରୀଙ୍କ ଦ୍ୱିତୀୟ ଥର କୁଚିଣ୍ଡା ଆଗମନ ବିଜେଡି ଶିବିରରେ ଉତ୍ସାହ ଆଣିଦେଇଛି। ରବିବାର ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମଧ୍ୟ କୁଚିଣ୍ଡା ଆସିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। କୁଚିଣ୍ଡା ପୂର୍ତ୍ତ ବିଭାଗ ବଙ୍ଗଳାରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ କୁଚିଣ୍ଡାର ଏକ ଯୁବଗୋଷ୍ଠୀ ବିଜେଡିରେ ଯୋଗଦାନ କରିଥିବା ଜଣାଯାଇଛି।

## ଭାଜପା ପକ୍ଷରୁ ମହୁଲପାଲି ଥାନା ଘେରାଉ

କୁଚିଣ୍ଡା, ୩୦।୧୦(ଡି.ଏନ.ଏ.)

ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ ଓ ବହିଷ୍କାର ସହ ସିବିଆଇ ତଦନ୍ତ ଦାବିରେ ଶନିବାର ଭାଜପାର କୁଚିଣ୍ଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେଶାଇବାହାଲ ମଣ୍ଡଳ ପକ୍ଷରୁ ମହୁଲପାଲି ଥାନା ଘେରାଉ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଥାନା ଅଧିକାରୀଙ୍କୁ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିରୋଧରେ ଏକ ଏତଲା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକ, ଜିଲା ପରିଷଦ ଉପାଧକ୍ଷା ପୁଷ୍ପାଞ୍ଜଳି ଧୁରୁଆ, କେଶାଇବାହାଲ ମଣ୍ଡଳ ସଭାପତି ସୁନୀଲ ଦାସ, କେଶାଇବାହାଲ ସମିତି ସଭ୍ୟ ପଦ୍ମଚରଣ ଗୁରୁ, ମହେଶ ରାୟ, ପ୍ରାଣବନ୍ଧୁ ନାଥ, ସୁଶାନ୍ତ କେର୍କେଟା, ଜଗଦୀଶ ନାଏକ ପ୍ରମୁଖ ଯୋଗଦେଇଥିଲେ।



ଥାନା ଆଗରେ ଭାଜପା କର୍ମକର୍ତ୍ତାଙ୍କ ବିକ୍ଷୋଭ।

## କାରଖାନାରେ ଦୁର୍ଘଟଣା ରୋକିବା ଦାବିରେ ବିକ୍ଷୋଭ

ରାଉରକେଲା ଅଫିସ,୩୦।୧୦

ସୁନ୍ଦରଗଡ଼ ଜିଲାରେ ଥିବା କଳକାରଖାନାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ଓ ଦୁର୍ଘଟଣା ରୋକିବାକୁ ଦାବି କରିଛି ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ(ସିମୁ)। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଶନିବାର ରାଉରକେଲା ସ୍ଥିତ ଫ୍ୟାକ୍ଟ୍ରି ଆଣ୍ଡ ବଏଲର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିଆଇଟିୟୁର କେନ୍ଦ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ସିମୁର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ, ସମ୍ପାଦକ ଯଯାତି କେଶରୀ ସାହୁ ପ୍ରମୁଖ ବିକ୍ଷୋଭ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

ସୁନ୍ଦରଗଡ଼ ଜିଲାରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର କାର୍ଯ୍ୟାଳୟ ଅଧୀନରେ ୩ଟି ଜୋନ ରହିଛି। ଜୋନ-୧ରେ ଆରଏସ୍‌ପି ସହ ୧୨ଟି, ଜୋନ୍-୨ରେ ୨୬୯ ଏବଂ ଜୋନ୍-୩ରେ ୧୫୬ଟି ଛୋଟ ଓ ମଧ୍ୟମ ଧରଣର କାରଖାନା ରହିଛି। ଏସବୁ କାରଖାନାରେ ଦୁର୍ଘଟଣା ଘଟି ୨୦୧୭ରେ ୧୦ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ୫ଜଣ ଅକ୍ଷମ ହୋଇଥିଲେ। ସେହିପରି ୨୦୧୮ରେ ୯ ଜଣ ଶ୍ରମିକଙ୍କ ମୃତ୍ୟୁ ଓ ୪ଜଣ ଅକ୍ଷମ, ୨୦୧୯ରେ ୭ ଜଣ ମୃତ ଓ ୭ଜଣ ଅକ୍ଷମ, ୨୦୨୦ରେ ୧୧ ଜଣ ମୃତ ଓ ୬ଜଣ ଅକ୍ଷମ ହୋଇଥିବା ବେଳେ ୨୦୨୧ ଅକ୍ଟୋବର ସୁଦ୍ଧା ୫ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ୪ ବର୍ଷ ଭିତରେ ମୋଟ୍ ୪୧ ଜଣଙ୍କ ଜୀବନ ଯାଇଛି। ଅଧିକାଂଶ ସମୟରେ ବିଭିନ୍ନ କାରଖାନାରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ କାରଖାନା ମାଲିକ ଓ ଫ୍ୟାକ୍ଟ୍ରି ଆଣ୍ଡ ବଏଲର କାର୍ଯ୍ୟାଳୟ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ବିଷ୍ଣୁ ମହାନ୍ତି କହିଛନ୍ତି। ଏହି ପରିପ୍ରେକ୍ଷୀରେ ସିମୁ ପକ୍ଷରୁ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ଅଫିସ୍‌ର ଉପନିର୍ଦ୍ଦେଶକ ବିଭୁ ପ୍ରସାଦଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ଅଜିତ ଏକ୍କା, କ୍ଷୀରୋଦ ବେହେରା, ରଞ୍ଜନ ବେହେରା, ଶୁଭ୍ରାଂଶୁ ଜେନା, ଅନୀଲ ସା, ଭିକାରୀ ପ୍ରଧାନ, ଡି. ଦିବାକର ରାଓ, ଭାଗୀରଥି ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରେଳ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,୩୦।୧୦(ବ୍ୟୁରୋ)

ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ସମ୍ବଲପୁର ରେଳ ମଣ୍ଡଳର ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ଶନିବାର ପୁରସ୍କୃତ କରାଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଯୋଗଦେଇ ସଙ୍କେତ ଓ ଦୂରସଞ୍ଚାର, ନିରାପତ୍ତା ପରାମର୍ଶଦାତା ଲାଲ ବାହାଦୁର ଏବଂ ସହାୟକ ଲୋକୋ ପାଇଲଟ ଆଲୋକ କୁମାରଙ୍କୁ ସାର୍ଟିଫିକେଟ ଓ ଅର୍ଥରାଶି ପ୍ରଦାନ କରିଥିଲେ। ପରିଚାଳନା ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ ଧୀରେନ୍ଦ୍ର ସିଂ ଓ ଭାରପ୍ରାପ୍ତ ମଣ୍ଡଳ ନିରାପତ୍ତା ଯନ୍ତ୍ରୀ ସନ୍ତୋଷ କୁମାର ଦେବାଙ୍ଗନ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

ବଡ଼ଗାଁ,୩୦।୧୦(ଡି.ଏନ.ଏ.): ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଜରଙ୍ଗଲୋଇ ଗ୍ରାମର ଦିଲୀପ ସେନାପତିଙ୍କୁ ଗିରଫ କରିଛି । ପ୍ରକାଶ ଯେ, ଦିଲୀପ ଉକ୍ତ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିବେ ବୋଲି କହିଥିଲେ । ଦୁହିଁଙ୍କ ଭିତରେ ସମ୍ପର୍କ ଗଢି ଉଠିବା ପରେ ଗତ ମାର୍ଚ୍ଚ ମାସ ୩୦ ତାରିଖରେ ଯୁବତୀଙ୍କୁ ପ୍ରଥମେ ଭୁବନେଶ୍ୱରକୁ ନେଇଥିଲେ । ପରବର୍ତ୍ତୀ ସମୟରେ ଝାରସୁଗୁଡ଼ା ଓ ବଡ଼ଗାଁ ଥାନା ଅଧୀନ ଦୁଇଟି ସ୍ଥାନରେ ତାଙ୍କ ସହ ରହିଥିଲେ । ତେବେ ଯୁବତୀ ଜଣକ କୌଣସି କାମରେ ନିଜ ଘରକୁ ଆସିବା ପରେ ଦିଲୀପ ତାଙ୍କୁ ନେବାକୁ ଆସି ନ ଥିଲେ। ଏପରି କି ବିବାହ କରିବାକୁ ଧରାଛୁଆଁ ଦେଇ ନ ଥିଲେ । ଏହାପରେ ପୀଡ଼ିତା ଏ ନେଇ ଗତମାସରେ ଥାନାରେ ଲିଖିତ ଭାବେ ଜଣାଇଥିଲେ। ପୋଲିସ ତଦନ୍ତ କରିବା ପରେ ଶୁକ୍ରବାର ସନ୍ଧ୍ୟାରେ ଦିଲୀପଙ୍କୁ ଗିରଫ କରିଛି । କେସ୍ ନଂ ୧୮୦/୨୧। ଆଇପିସିର ଦଫା ୩୬୩/୩୬୬/୩୭୬ ୨ଏନ୍ ୨୯୪/୩୨୭/୫୦୯ରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଦିଲୀପ ଜଣେ ଯୁବନେତା ବୋଲି ଜାଣିବାକୁ ମିଳିଛି ।

### ବନ୍ଧୁକ ଦେଖାଇ ବିଦେଶୀ ମଦ ଦୋକାନରୁ ଲୁଟ୍

ଲହୁଣୀପଡ଼ା,୩୦।୧୦(ଡି.ଏନ.ଏ.)- ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବଡ ପୁରୁଣାପାଣି ସମରଦରିଠାରେ ଥିବା ଏକ ବିଦେଶୀ ମଦ ଦୋକାନରୁ ଦୁର୍ବୃତ୍ତମାନେ ଦିନ ଦ୍ୱି ପ୍ରହରରେ ବନ୍ଧୁକ ଦେଖାଇ ଟଙ୍କା, ମଦ ବୋତଲ ଓ ମୋବାଇଲ ଲୁଟ ନେଇଛନ୍ତି । ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଶନିବାର ତିନିଜଣ ବ୍ୟକ୍ତି ଉକ୍ତ ଦୋକାନକୁ ଆସି ଏକ ପେଟିରେ ୧୨ ବୋତଲ ବିୟର ଭର୍ତ୍ତି କରି ଦେବା ପାଇଁ କହିଥିଲେ। ଏହି ସମୟରେ ସେମାନେ ହଠାତ୍ ବନ୍ଧୁକ ବାହାର କରି ମଦ ଦୋକାନର ୩ ଜଣ କର୍ମଚାରୀଙ୍କୁ ଭୟଭୀତ କରିଥିଲେ । ସେମାନଙ୍କ ମଧ୍ୟରୁ ସନ୍ତୋଷ ବସନ୍ତିଆଙ୍କୁ ଏକ ରୁମ୍ ଭିତରେ ପୁରାଇ କବାଟ ବନ୍ଦ କରି ଦେଇଥିଲେ। ଅନ୍ୟ ଦୁଇଜଣ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦେଇଥିବାରୁ ଭୟଭୀତ ଅବସ୍ଥାରେ ସେମାନେ ଛିଡା ହୋଇଥିଲେ । ଏହାର ସୁଯୋଗ ନେଇ ଦୁଇଜଣ ଦୁର୍ବୃତ୍ତ ଡ୍ରୟାରରେ ଥିବା ୧୫ରୁ ୨୦ ହଜାର ଟଙ୍କା , ୪ଟି ମୋବାଇଲ ଫୋନ ଓ ତିନୋଟି ମଦ ବୋତଲ ନେଇ ବାଇକ୍‌ରେ ଖଣ୍ଡାଧାର ପେଟ୍ରୋଲ ପମ୍ପ ପଛପଟ ଦେଇ ଫେରାର ହୋଇ ଯାଇଥିଲେ। କଳା ଓ ନାଲି ରଙ୍ଗର ଦୁଇଟି ବାଇକ୍‌ରେ ପାଞ୍ଚ ଜଣ ଆସିଥିବା ବେଳେ ସମସ୍ତେ ମୁହଁରେ ରୁମାଲ ବାନ୍ଧିବା ସହ ହେଲେମେଟ ପିନ୍ଧିଥିଲେ ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି । ଖବର ପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ଦୁର୍ବୃତ୍ତମାନଙ୍କ ପତ୍ତା ମିଳିନାହିଁ ।

# ପାଚିକା ସହାୟିକାଙ୍କୁ ସରକାରୀ ମାନ୍ୟତା ଦାବି

ସୁନ୍ଦରଗଡ,୩୦।୧୦ (ଡି.ଏନ୍.ଏ.)


ଏଆଇଟିୟୁସିର ରାଜ୍ୟ ସଭାପତି ଅଶୋକ କୁମାର ଦାଶ ଉଦ୍‌ବୋଧନ ଦେଉଛନ୍ତି ।

ପାଚିକା ସହାୟିକାମାନଙ୍କୁ ସରକାରୀ ମାନ୍ୟତା, ସାମାଜିକ ସୁରକ୍ଷା, ସର୍ବନିମ୍ନ ମଜୁରି ୧୮ହଜାର ଟଙ୍କା, ୧୦ମାସ ବଦଳରେ ୧୨ ମାସର ଦରମା ଦାବିରେ ନିଖିଳ ଓଡିଶା ଏମଡିଏମ ପାଚିକା ସହାୟିକା ସଂଘର ତୃତୀୟ ସୁନ୍ଦରଗଡ ଜିଲା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୌରପାଳିକା ସଭାଗୃହରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ଏଆଇଟିୟୁସିର ରାଜ୍ୟ ସଭାପତି ଅଶୋକ କୁମାର ଦାଶ ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଦାଶ ଅଣସଂଗଠିତ କ୍ଷେତ୍ରରେ ପ୍ରତିଦିନ କାର୍ଯ୍ୟ କରୁଥିବା ସ୍କିମ ଓାର୍କରମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ। ପାଚିକା ସହାୟିକାମାନଙ୍କ ସମସ୍ୟା ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ଅବହେଳା ପ୍ରଦର୍ଶନ କରୁଥିବା ସେ ଅଭିଯୋଗ କରିଥିଲେ। ମୁଖ୍ୟବକ୍ତା ଭାବେ ପାଚିକା ସହାୟିକା ସଂଘର ରାଜ୍ୟ ସଭାପତି ଦେବାଶିଷ ବୋଷ ଯୋଗ ଦେଇଥିଲେ। ଅତିଥି ଭାବେ ଏଆଇଟିୟୁସି ରାଜ୍ୟ ସଂପାଦକ ପ୍ରଦୋଷ ମହାନ୍ତି, ଜିଲା ସଂପାଦକ ସଦାନନ୍ଦ ସାହୁ, ପାଚିକା ସହାୟିକା ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି କମଳ ଷଣ୍ଢ, ରାଜ୍ୟ ଯୁଗ୍ମ ସଂପାଦିକା ମାଧବୀ କୁଲତା, ଜିଲା ଉପଦେଷ୍ଟା ଧନଞ୍ଜୟ ନାଏକ ପ୍ରମୁଖ ଯୋଗଦେଇ ଦାବି ପୂରଣ ପାଇଁ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରିବାକୁ ଆହ୍ୱାନ କରିଥିଲେ । ସଂଘର ସାବିତ୍ରୀ ପଟେଲ, ରୋମାଞ୍ଚ ନାଏକ, ପ୍ରଭାତୀ ନାଏକ ଯୋଗ ଦେଇଥିଲେ। ସମ୍ମିଳନୀରେ ଜିଲାର ବିଭିନ୍ନ ବ୍ଲକରୁ ୨୧୫ଜଣ ପ୍ରତିନିଧି ଯୋଗ ଦେଇଥିଲେ। ସାବିତ୍ରୀ ପଟେଲ ସଂପାଦକୀୟ ବିବରଣୀ ପାଠ କରିଥିଲେ। ୩୨ଜଣ ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରି ସଂଗଠନକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବା ପାଇଁ ପ୍ରସ୍ତାବ ଦେଇଥିଲେ।

# ଜମି ଚିହ୍ନଟକୁ ବିରୋଧ କରି ରାସ୍ତାରୋକୋ

କୁତ୍ରା,୩୦।୧୦(ଡି.ଏନ.ଏ.)

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ବିରିଙ୍ଗାଟୋଲି ପଞ୍ଚାୟତର ନକଟିସାନ ଗ୍ରାମରେ ଶନିବାର ଦିନ ଜିଲା ପୋଲିସ ଓ ତହସିଲ ପ୍ରଶାସନ ତରଫରୁ ଓପିଟିସିଏଲ ପାଇଁ ଜମି ଚିହ୍ନଟକୁ ଗ୍ରାମବାସୀ ବିରୋଧ କରିବା ସହିତ ରାସ୍ତା ଅବରୋଧ କରିଥିଲେ। ପରେ ପୋଲିସ ଓ ପ୍ରଶାସନ ଲୋକଙ୍କୁ ବୁଝାଶୁଝା କରିବାରେ ସକ୍ଷମ ହୋଇ ୧୧ ଏକର ଅନାବାଦୀ ଜମିକୁ ଓପିଟିସିଏଲ ବିଦ୍ୟୁତ୍ ସବ୍‌ଷ୍ଟେସନ ବସାଇବା ପାଇଁ ଚିହ୍ନଟ କରିଥିବା ଜଣାଯାଇଛି । ତେବେ ଗ୍ରାମବାସୀ ଓ ପ୍ରଶାସନର ମିଳିତ ଆଲୋଚନା ନ ହେବା ପର୍ଯ୍ୟନ୍ତ ଏଠାରେ କୌଣସି ନିର୍ମାଣ କାର୍ଯ୍ୟ ନ କରିବା ପାଇଁ ଗ୍ରାମବାସୀ ଉଭୟ ପୋଲିସ ଓ ପ୍ରଶାସନକୁ ନିବେଦନ କରିଛନ୍ତି। ଏହି ଜମି ଚିହ୍ନଟ ବେଳେ କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀ, ଅତିରିକ୍ତ ତହସିଲଦାର ହାବିଲ ଖାଖା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ମାଝୀ, ରାଜଗାଙ୍ଗପୁର ଏସଡିପିଓ ଶଶାଙ୍କ ଶେଖର ବେଉରା, କୁତ୍ରା ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡାଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲା।


ପ୍ରଶାସନ ଗ୍ରାମବାସୀ ମୁହାଁମୁହିଁ।

# ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଖାଦ୍ୟକୁ ଲୋକପ୍ରିୟ କରିବାକୁ ଲକ୍ଷ୍ୟ

ସୁନ୍ଦରଗଡ଼, ୩୦।୧୦(ଡି.ଏନ୍.ଏ.)


ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଅନ୍ୟମାନେ ।

ସୁନ୍ଦରଗଡ଼ ଜିଲାରେ ଖୋଲିଲା ପ୍ରଥମ ମିଲେଟ୍ ଶକ୍ତି ଟିଫିନ୍ ସେଣ୍ଟର। ଓଡ଼ିଶା ପୁଷ୍ଟିଶସ୍ୟ ମିଶନ ଏବଂ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ରାଜଗାଙ୍ଗପୁରଠାରେ ଶନିବାର ଦିନ ଏହିଟିଫିନ୍ ସେଣ୍ଟର ଖୋଲିଛି। ସ୍ଥାନୀୟ ଡାକୁଆ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି। ମିଶନଶକ୍ତି ମା'ମାନେ ପୁଷ୍ଟିଶସ୍ୟରୁ ବିଭିନ୍ନ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରିବା ସହ ଏହାକୁ ବିକ୍ରି କରି ଭଲ ରୋଜଗାର କରିପାରିବେ। ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ପୁଷ୍ଟିଶସ୍ୟରୁ ଇଡ୍‌ଲି, ବରା, ପକଡ଼ି, ପୁରି, ମିଠା, ପିଠା ଆଦି ଖାଦ୍ୟ ପ୍ରସ୍ତୁତ କରିଥିଲେ। ରାଜଗାଙ୍ଗପୁର ଭଳି ଜିଲାର ବିଭିନ୍ନ ସ୍ଥାନରେ ୮୧ଟି ମିଲେଟ୍ ଶକ୍ତି ଟିଫିନ୍ ସେଣ୍ଟର ଏବଂ ମିଲେଟ୍ ଆଉଟଲେଟ୍ ଖୋଲିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି। ଏହାର ପରିଚାଳନା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଆବଶ୍ୟକ ତାଲିମ ଦିଆଯାଉଛି। ପୁଷ୍ଟିଶସ୍ୟରୁ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରିବା ସମ୍ପର୍କରେ ଆମକୁ ତାଲିମ ଦିଆଯାଇଥିଲା। ଆମ ଗୋଷ୍ଠୀର ୧୩ ଜଣ ସଦସ୍ୟ ତାଲିମ ନେଇଥିଲୁ। ଏବେ ଏଥିରୁ ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରିବୁ। ଏଥିରୁ ଯାହା ରୋଜଗାର ହେବ ସେଥିରେ ଆମେ ଆମ ଘର ଚଳାଇବୁ ବୋଲି କହିଛନ୍ତି ଡାକୁଆ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ଚିତ୍ରଲେଖା ଗୌଡ଼। ଓଡ଼ିଶା ପୁଷ୍ଟିଶସ୍ୟ ମିଶନର ଆଞ୍ଚଳିକ ସଂଯୋଜକ ରାମଚନ୍ଦ୍ର ଡୁଷ କହିଛନ୍ତି ଯେ, ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ହେଉଥିବା ଖାଦ୍ୟର ଚାହିଦା ବଢ଼ିବାରେ ଲାଗିଛି। ଏହିସବୁ ଖାଦ୍ୟକୁ ଲୋକପ୍ରିୟ କରିବା ଏବଂ ପୁଷ୍ଟିକର ଗୁଣ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଲାଗି ଟିଫିନ୍ ସେଣ୍ଟର ଖୋଲାଯାଉଛି। ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଏଭଳି ସେଣ୍ଟର ଖୋଲାଯିବ। ରାଉରକେଲାରେ ଏକ ମିଲେଟ୍ କାଫେ ଖୋଲିବାକୁ ଯୋଜନା ରହିଛି। ରାଜଗାଙ୍ଗପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରମଣୀ ରଞ୍ଜନ ନାୟକ, ଝାଡ଼ଖଣ୍ଡ ରାଜ୍ୟ ଜୀବିକା ପ୍ରକଳ୍ପ ଅଧିକାରୀ ଶୁଭକାନ୍ତ ନାୟକ, ବ୍ଲକ କୃଷି ଅଧିକାରୀ ହେମନ୍ତ କୁମାର ଜେନା, ବ୍ଲକ ଉପ କୃଷି ଅଧିକାରୀ ଆଶିଷ ଦାସ, ଓଡ଼ିଶା ପୁଷ୍ଟିଶସ୍ୟ ମିଶନର ଜିଲାସଂଯୋଜକ ପ୍ରଣମେଶ କର ପ୍ରମୁଖ ଉପସ୍ଥିତ ଥିଲେ।

**OFFICE OF THE REGULATED MARKET COMMITTEE, BALASORE**
At: Bamapada, P.O.- Chhanpur, Via: Kuruda, Dist.- Balasore, PIN - 756056 Email ID: rmcbalasore123@gmail.com, Ph.: 06782-255605
Quotation No. 550 Date: 29.10.2021
**QUOTATION CALL NOTICE**
Quotation Call Notice for procurement of grading equipments required for the R.M.C., Balasore & R.M.C., Jaleswar i.e. Electronic Weighing Scale of 300 Kg. capacity, Digital Moisture Meter, Analysis Kit Box, Sample Divider, Set of Sieves & Parkhee etc. for use in paddy procurement operation. The further details of the Quotation Call Notice can be seen from the official website of Balasore District **https://baleshwar.nic.in**.
Sd./- Sub-Collector, Balasore-cum-Chairman, RMC, Balasore & Jaleswar

# ୧୨ ଘଣ୍ଟା ଦେବଗଡ଼ ବନ୍ଦ

ଦେବଗଡ଼, ୩୦।୧୦(ଡି.ଏନ.ଏ)

କଳାହାଣ୍ଡି ଜିଲା ମହାଲିଙ୍ଗ ସ୍ଥିତ ଏକ ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡ ଘଟଣାର ସିବିଆଇ ତଦନ୍ତ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ଭାଜପା ପକ୍ଷରୁ ଶନିବାର ୧୨ ଘଣ୍ଟିଆ ଦେବଗଡ଼ ବନ୍ଦ ପାଳିତ ହୋଇଯାଇଛି। ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଏନ୍‌ଏଚ୍-୪୯ରେ ପିକେଟିଂ କରିବା ସହ ଦେବଗଡ ସହରର ସମସ୍ତ ଦୋକାନ ବଜାର ବନ୍ଦ କରିଥିଲେ। ପରେ ସେମାନେ ସମସ୍ତ ସରକାରୀ ଓ ବେସରକାରୀ, ସ୍କୁଲ, କଲେଜ ବନ୍ଦ କରିଥିଲେ। ବନ୍ଦ ଯୋଗୁ ବସ୍‌ସେବା ବାଧାପ୍ରାପ୍ତ ହୋଇଥିଲା। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସନ୍ଧ୍ୟାରେ ବିଧାୟକ ପାଣିଗ୍ରାହୀଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ସ୍ଥାନୀୟ ଟ୍ରାଫିକ ଛକଠାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏଥିରେ ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ସତ୍ୟ ନାରାୟଣ ପାଣି, ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ପ୍ରଜିତ ଭୋଜ, ନଗର ମଣ୍ଡଳ ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ମିଡିଆ ସେଲ ସଂଯୋଜକ ସୁଧୀର ପାତ୍ର, ନଗର ଯୁବମୋର୍ଚ୍ଚା ସଭାପତି ଚନ୍ଦ୍ର ଶେଖର ମହାପାତ୍ର, ନଗର ସାଧାରଣ ସମ୍ପାଦକ ରମଣୀ ରଞ୍ଜନ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ସରୋଜ ପାଢୀ, ସୁରଜ ଘଡେଇ, ସନ୍ତୋଷ ଭୂତିଆ, ପ୍ରତାପ ପଣ୍ଡାଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ। ରିଆମାଳ ବ୍ଲକରେ ଜିଲା ଭାଜପା ତରଫରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲ୍ଲା ସାଧାରଣ ସମ୍ପାଦକ ସମୀର ସାହୁ, ଜିଲା ଉପସଭାପତି ନିରଞ୍ଜନ ବେହେରା, ମଣ୍ଡଳ ସଭାପତି ସଞ୍ଜୀବ ବେହେରା, ସମ୍ପାଦକ ବିରେନ ପ୍ରଧାନ, ନରେଶ ନାଥ, ପର୍ଶୁରାମ ଗଡନାୟକ, ପୂର୍ବତନ ବ୍ଲକ ସଭାପତି ରାକେଶ ଦାଶଙ୍କ ସମେତ ବହୁ କର୍ମୀ ଏହି ବନ୍ଦରେ ସାମିଲ ହୋଇଥିଲେ। ସେହିପରି ବାରକୋଟ ବ୍ଲକର କଲାଠାରେ ଭାଜପା ପକ୍ଷରୁ ୪୯ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିରେ ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ସାହୁ, ଜିଲା ଭାଜପା ଉପସଭାପତି ଭାରତ ଭୂଷଣ ପ୍ରଧାନ, କଲା ମଣ୍ଡଳ ସଭାପତି ମିତ୍ରଭାନୁ ସାହୁଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ। ତିଳେଇବଣି ବ୍ଲକରେ ଭାଜପା କର୍ମୀମାନେ ୪୯ ଓ ୫୩ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ମୋଟାମୋଟି ଭାବେ ଦେବଗଡ଼ରେ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ରହିଥିଲା ।

## ବିଜ୍ଞପ୍ତି ନଂ. – ୦୧
ତା.୨୬।୧୦।୨୦୨୧

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉକ୍ତ ବିଜ୍ଞପ୍ତି ଜାରି କରାଯାଉଛି ଯେ, ମିଳିତ କୋଇଲା ଟ୍ରକ୍ ମାଲିକ ସଂଘ (UCTOA), ସୁନ୍ଦରଗଡ଼ର ସର୍ବସମ୍ମତ ନିଷ୍ପତ୍ତି କ୍ରମେ BS-6 ନୂତନ ଗାଡ଼ି କ୍ରୟ ନ କରିବାକୁ ଅନୁରୋଧ। ବାର ଚକିଆ ଓ ଚଉଦ ଚକିଆ ଗାଡ଼ି ମାଲିକମାନଙ୍କ ସାମୂହିକ ସମସ୍ୟାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଏ ନିଷ୍ପତ୍ତି ତା୨୬।୧୦।୨୦୨୧ (Cut off date) ଭାବେ ଲାଗୁ କରାଯିବ। ଉକ୍ତ ତାରିଖପରେ ଯେଉଁମାନେ ନୂତନ ଭାବେ ଗାଡ଼ି କ୍ରୟ କରିବେ, ସେହି ଗାଡ଼ିଗୁଡ଼ିକୁ ଲୋଡିଂ ପାଇଁ ଏଣ୍ଟ୍ରି ପାସ୍ ଦିଆଯିବ ନାହିଁ। କେବଳ ବିସ୍ଥାପିତ ଖଣି ଅଞ୍ଚଳର ନୂତନ ଗାଡ଼ି ମାଲିକ ସୃଷ୍ଟି ସକାଶେ ଜଣକା ୫ ଖଣ୍ଡ ଗାଡ଼ିରୁ ଅଧିକ ଗାଡ଼ି କ୍ରୟ କରିପାରିବେ ନାହିଁ। ବର୍ତ୍ତମାନର ଗାଡ଼ି ମାଲିକ ଓ ଗାଡ଼ି ପରିସ୍ଥିତିକୁ ଅନୁଧ୍ୟାନ କରି ଏଭଳି ନିଷ୍ପତ୍ତି ଅସ୍ଥାୟୀ ଭାବେ ନିଆଗଲା।

## ବିଜ୍ଞପ୍ତି ନଂ. – ୦୨
ତା୨୬।୧୦।୨୦୨୧

ଏତଦ୍ୱାରା ସମସ୍ତ ଟ୍ରକ୍ ମାଲିକ ସଂଘ, ସମସ୍ତ ପରିବହନ ସଂସ୍ଥା ଓ ବସୁନ୍ଧରା କ୍ଷେତ୍ରର ସମସ୍ତ ଗାଡ଼ି ମାଲିକମାନଙ୍କୁ ଜଣାଇ ଦିଆଯାଉଛି ଯେ, ମିଳିତ କୋଇଲା ଟ୍ରକ୍ ସଂଘ ସୁନ୍ଦରଗଡ଼ଙ୍କ ସର୍ବସମ୍ମତ ନିଷ୍ପତ୍ତି କ୍ରମେ ନୂତନ ରେଟ୍ ଓ କ୍ରମାନ୍ୱୟରେ ଗାଡ଼ି ଏଣ୍ଟ୍ରି ଆସନ୍ତା ୧ ନଭେମ୍ବର ଦିନଠାରୁ ଲାଗୁ ହେବ।

(ବଟ କିଶୋର ମିଶ୍ର)
ସଂଯୋଜକ
ମିଳିତ କୋଇଲା ଟ୍ରକ୍ ସଂଘ, ସୁନ୍ଦରଗଡ଼

# ଜିଲାସ୍ତରୀୟ କବାଡ଼ି ଚୟନ ଶିବିର ଉଦ୍‌ଘାଟିତ

ସୁନ୍ଦରଗଡ଼,୩୦।୧୦(ଡି.ଏନ.ଏ.)


କବାଡ଼ି ଚୟନ ଶିବିରରେ ଯୋଗ ଦେଇଥିବା ଖେଳାଳି ।

ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ବ୍ଲକସ୍ଥିତ ନରେନ୍ଦ୍ର ଖେଳ ପଡ଼ିଆରେ ଦୁଇଦିନିଆ ଜିଲାସ୍ତରୀୟ କବାଡି ଚୟନ ପ୍ରକ୍ରିୟା ଶନିବାର ଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଶିବିରରେ ପ୍ରଥମ ଦିନରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଣାଇର ପୂର୍ବତନ ବିଧାୟକ ଭୀମ ଚୌଧୁରୀ ମୁଖ୍ୟଅତିଥି ଏବଂ ନରେନ୍ଦ୍ର ପଞ୍ଚାୟତର ସମିତି ସଭ୍ୟ ଭାରତ କୁମୁରା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି କବାଡି ଖେଳାଳି ଚୟନ ପ୍ରକ୍ରିୟା ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ନରେନ୍ଦ୍ରସ୍ଥିତ ପ୍ରଗତି ତରୁଣ ଯୁଥ କ୍ଲବର ସହଯୋଗରେ ଆୟୋଜିତ ହୋଇଛି । ଚୟନ ଶିବିରରେ ପ୍ରଫୁଲ୍ଲ ସାହୁ, ରାମଚନ୍ଦ୍ର ବିଶାଳ, ଗଗନ ବିହାରୀ ନାୟକ, ଦୁର୍ଯ୍ୟୋଧନ ମହନ୍ତ, ନେତ୍ରାନନ୍ଦ ମହନ୍ତ, ପ୍ରଭାତ କୁମାର ସ୍ୱାଇଁ, ଭବାନୀ ଶଙ୍କର ରଣା, ଶକ୍ତି ପ୍ରସାଦ ପ୍ରଧାନ, ଗିରିଶ ଚନ୍ଦ୍ର ସାହୁ ଏବଂ ରସାନନ୍ଦ ସାହୁ ପ୍ରମୁଖ ରେଫରି ଭାବରେ ଖେଳ ପରିଚାଳନା କରିଥିଲେ। ଜିଲା କ୍ରୀଡ଼ା ସଂସଦର କବାଡି ସଂପାଦକ ପ୍ରଶାନ୍ତ କୁମାର ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରରେ ସଂସଦ ସଦସ୍ୟ ପ୍ରସାଦ ନାଏକ ଉପସ୍ଥିତ ରହି ସହଯୋଗ କରୁଛନ୍ତି। ଜିଲା କ୍ରୀଡ଼ା ସଂସଦର ସାଧାରଣ ସଂପାଦକ ପ୍ରଭାତ କୁମାର ଭୋଳ ତାଙ୍କ ବକ୍ତବ୍ୟରେ ଏଭଳି ଶିବିର ଆୟୋଜନ କରି ଜିଲାରେ ଲୁକ୍କାୟିତ ଥିବା ପ୍ରତିଭାକୁ ଚିହ୍ନଟ କରାଯାଇ ଏକ ସୁଦୃଢ ଦଳ ଗଠନ କରିବା ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ । ଏଥିସହିତ ଶିବିରରେ ଜିଲାରୁ ଚିହ୍ନଟ ଖେଳାଳି ଆସନ୍ତା ନଭେମ୍ବର ୨୬ରୁ ୨୮ ପର୍ଯ୍ୟନ୍ତ ସୁନ୍ଦରଗଡ଼ରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଥିବା ୬୯ ତମ ରାଜ୍ୟସ୍ତରୀୟ ଆନ୍ତଃ ଜିଲା କବାଡି ପ୍ରତିଯୋଗିତାରେ ଜିଲା ପାଇଁ ଖେଳିବାର ସୁଯୋଗ ପାଇବେ ବୋଲି ମତବ୍ୟକ୍ତ କରିଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ସଂଖ୍ୟା: ୪୫୭ ତାରିଖ: ୨୯।୧୦।୨୦୨୧

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଏକ ପରିତ୍ୟକ୍ତ ଶିଶୁକୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଝାରସୁଗୁଡ଼ାଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ବିଜ୍ଞାପନ ପ୍ରକାଶନଠାରୁ ୩୦ ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ ଏହି ଶିଶୁଟିର ପିତାମାତା/ଅଭିଭାବକ ବା ଆଇନସିଦ୍ଧ ଦାବିଦାର ନ ମିଳନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଓ ପୋଷ୍ୟ ସନ୍ତାନ ବ୍ୟବସ୍ଥା ନିୟମାବଳୀ ୨୦୧୭ ଅନୁଯାୟୀ ପୋଷ୍ୟଯୋଗ୍ୟ ବୋଲି ବିବେଚିତ କରାଯିବ।

**ଯୋଗାଯୋଗ କରିବାର ଠିକଣା:**
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା, ଫୋନ୍: ୦୬୬୪୫-୨୭୦୫୭୦ କିମ୍ବା ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ଝାରସୁଗୁଡ଼ା, ଫୋନ୍: ୯୪୩୭୧୫୮୬୦୭ କିମ୍ବା ରଞ୍ଜିତା ତନ୍ତି, ମ୍ୟାନେଜର, ମର୍ସି ମେମୋରିଆଲ ଶିଶୁ ଗୃହ (ଡାନିଏଲସ୍) ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବ୍ରଜରାଜନଗର, ଝାରସୁଗୁଡ଼ା, ଫୋନ୍: ୭୯୭୮୬୨୩୩୫୨/୯୧୭୮୭୫୩୩୪୪।

| ଦିଆଯାଇ ଥିବା ନାମ | ଲିଙ୍ଗ/ ବୟସ | ଶିଶୁ ମଙ୍ଗଳ କମିଟି କେସ୍ ନଂ./ ଆଦେଶ ନଂ. | ଉଦ୍ଧାର ସ୍ଥାନ, ତାରିଖ | ଅବସ୍ଥାନ କରୁଥିବା ଅନୁଷ୍ଠାନ | ଫଟୋ |
|---|---|---|---|---|---|
| ସମ୍ଭବ | ପୁଅ (ପ୍ରାୟତଃ ୧ ମାସ) | ୧୧୦୩/୨୦୨୧ ୨୨।୧୦।୨୦୨୧ | ପୋଷ୍ୟ ସନ୍ତାନ କେନ୍ଦ୍ର, ଝାରସୁଗୁଡ଼ା ଶିଶୁ ଝୁଲଣା ତା୨୨।୧୦।୨୦୨୧ | ମର୍ସି ମେମୋରିଆଲ ଶିଶୁ ଗୃହ (ଡାନିଏଲସ) ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବ୍ରଜରାଜନଗର, ଝାରସୁଗୁଡ଼ା |  |

ଜିଲ୍ଲାପାଳ, ଝାରସୁଗୁଡ଼ା




ଆଉ ମାତ୍ର ତିନି ଦିନ ପରେ ଆଲୋକର ପର୍ବ ଦୀପାବଳି। ଘରକୁ ରଙ୍ଗିନ ଆଲୋକରେ ସଜାଇବାଠାରୁ ଆରମ୍ଭ କରି ଭଳିକିଭଳି ପୋଷାକ ପିନ୍ଧି ଏହି ପର୍ବର ଆନନ୍ଦ ନେବା ଲାଗି ଅନେକେ ଆରମ୍ଭ କରିସାରିଛନ୍ତି ପ୍ରାକ୍ ପ୍ରସ୍ତୁତି। ତେବେ କରୋନା ଲାଗି ବର୍ତ୍ତମାନ ବାଣଫୁଟା ଉପରେ ସରକାରୀ ଅଙ୍କୁଶ ଲଗାଯାଇଥିଲେ ହେଁ, ଦୀପ ଆଉ ବିଭିନ୍ନ ଲାଇଟ୍‌ରେ ଫଟୋ, ଭିଡିଓ ଉଠାଇ ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରିବାକୁ ନେଇ ଯୁବପିଢ଼ିଙ୍କ ଉତ୍କଣ୍ଠା କହିଲେ ନ ସରେ। ତେବେ ନିଆଁ ସହ ମସ୍ତି ଯେପରି କୌଣସି ଦୁର୍ଘଟଣାର କାରଣ ନ ସାଜେ, ସୁରକ୍ଷା ଦୃଷ୍ଟିରୁ ସେଥିପ୍ରତି ସତର୍କ ରହିବା ଗୁରୁତ୍ୱପୂର୍ଣ୍ଣ...

# ପ୍ରଥମେ ସୁରକ୍ଷା

ସୋସିଆଲ୍ ସାଇଟ୍‌ରେ ଅପ୍‌ଡେଟ୍ ରହି ଅଧିକ ଲୋକପ୍ରିୟତା ସାଉଁଟିବାର କ୍ରେଜ୍ ଯୁବପିଢ଼ିଙ୍କଠାରେ କେତେ ଅଧିକ ତାହା କେବଳ କହିବାବାହୁଲ୍ୟ। ଏଥିପାଇଁ ସେମାନେ ପ୍ରତିଟି ଅବସର ଅନୁସାରେ ଗେଟ୍‌ଅପ୍ ନେବା ସହ ବିଭିନ୍ନ ପୋଜ୍‌ରେ ଫଟୋ ଏବଂ ଭିଡିଓ ନେବାକୁ ପଛାଉନାହାନ୍ତି। ଆଗକୁ ଆସୁଛି ଆଲୋକର ପର୍ବ ଦୀପାବଳି। ଯେଉଁଥିରେ ଦୀପ ସହ ହେଉ କିମ୍ବା ବିଭିନ୍ନ ରଙ୍ଗୋଲୀ ଓ ଭଳିକି ଭଳି ଆଲୋକ ମାଳା ମଧ୍ୟରେ ଫଟୋ ଉଠାଇବା କିମ୍ବା ଭିଡିଓ ରେକର୍ଡ କରିବାକୁ ଅପେକ୍ଷା କରି ରହିଛନ୍ତି ସେମାନେ। ତେବେ ଏ ସମୟରେ ସାମାନ୍ୟ ଅସାବଧାନତା ଯେପରି କୌଣସି ବଡ଼ ବିପଦର କାରଣ ନ ସାଜେ, ସେଥିପ୍ରତି ସତର୍କ ରହିବା ଆବଶ୍ୟକ...

**ଦୀପ ସହ ସେଲ୍‌ଫି ବିପଦପୂର୍ଣ୍ଣ:** ଏଭଳି ଫଟୋ ନିଶ୍ଚିତ ଭାବେ ଆକର୍ଷଣୀୟ। ହେଲେ ଗୋଟିଏ ହାତରେ ଦୀପ କିମ୍ବା କ୍ୟାଣ୍ଡେଲ୍ ଏବଂ ଅନ୍ୟ ହାତରେ ମୋବାଇଲ୍ ଧରି ଫଟୋ ଉଠାଇବା ବେଳେ ଓଢ଼ଣି, ଡ୍ରେସ୍ କିମ୍ବା କେଶ ନିଆଁ ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଯଦି ଏଭଳି ଫଟୋ ଉଠାଇବାକୁ ଇଚ୍ଛା, ତେବେ ନିଜେ ନ ଉଠାଇ ଅନ୍ୟର ସାହାଯ୍ୟ ନିଅନ୍ତୁ ଏବଂ ଯଥାସମ୍ଭବ ନିଆଁଠାରୁ ଦୂରରେ ରୁହନ୍ତୁ।

## କ'ଣ କୁହନ୍ତି ଏମାନେ...

### ଅନ୍ୟମନସ୍କତା ସାଜିପାରେ ଅଘଟଣର କାରଣ

**ପ୍ରମୋଦ କୁମାର ସାହୁ** (ସମ୍ବଲପୁର)– ଦୀପାବଳି ପାଖେଇ ଆସିଲେ ମୋ ଖୁସିର ସୀମା କହିଲେ ନ ସରେ। ପରିବାର ସହ ମିଶି ଘର ସଜାଇବା, ବିଭିନ୍ନ ରକମର ପିଠା ଖାଇବାଠାରୁ ଆରମ୍ଭ କରି ଦୀପ ଧରି ଫଟୋ ଉଠାଇବା ପର୍ଯ୍ୟନ୍ତ ସବୁର ଭରପୂର ଆନନ୍ଦ ନିଏ। ପିଲାବେଳେ ତ ଫୋନ୍ ନ ଥିଲା, ସେଥିପାଇଁ ବାପା ଆମର ଦୀପ ଧରି ଛିଡ଼ା ହେବା ସମୟରେ କ୍ୟାମେରାରେ ଫଟୋ ଉଠାଇ ଦିଅନ୍ତି। ହେଲେ, ଏବେ ଦୀପାବଳି ଆସିଲେ କେବଳ ଲିଚୁ ଲାଇଟ୍ ସହ ସେଲ୍‌ଫି ନିଏ। କାରଣ ସାମାନ୍ୟ ଅନ୍ୟମନସ୍କ ହେଲେ ଅଘଟଣ ଘଟିବାର ଆଶଙ୍କା ଥିବାରୁ ଗୋଟିଏ ହାତରେ ଦୀପ ଧରି ଅନ୍ୟ ହାତରେ ସେଲ୍‌ଫି ନେବାକୁ ଡର ଲାଗେ।

### ସତର୍କତାର ସହ ଫଟୋ ଉଠାଏ

**ସ୍ୱରାଞ୍ଜଳି ଜେନା** ( ବି.ଇଡି. ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର)– ନିଜ ଫଟୋ ଉଠାଇବାକୁ ମୋତେ ବହୁତ ଭଲ ଲାଗେ। ଖାସ୍ କରି ଯେବେ କୌଣସି ପର୍ବପର୍ବାଣି ଆସେ, ସେହି ଗେଟ୍‌ଅପ୍‌ରେ ସେଲ୍‌ଫି ନେବାର ମଜା ଅଲଗା। ଆଉ ଦୀପାବଳି ଆସିଲେ ତ ସାଲ୍‌ୱାର୍–ସୁଟ୍ ପିନ୍ଧି ସାଙ୍ଗମାନଙ୍କ ସହ ଫଟୋ ଉଠାଇବାକୁ ପ୍ରସ୍ତୁତ ହୋଇଯାଏ। ରାତିରେ କ୍ୟାଣ୍ଡେଲ୍, ଦୀପ, ଲାଇଟ୍ ଆଦି ହାତରେ ଧରି ମନଭରି ସେଲ୍‌ଫି ନିଏ। ବାଣ ଫୁଟାଇବା ବେଳେ ବି ୨–୪ଟା ସେଲ୍‌ଫି ନେଇଯାଏ। ହେଲେ, ଏ ସବୁକୁ ମୁଁ ସତର୍କତାର ସହ କରିଥାଏ, ଯେମିତି ଏଥିରେ ନିଜର କିମ୍ବା ଆଉ କାହାର କ୍ଷତି ନ ହେବ। ଘରେ ଛୋଟ ଛୁଆ ଥିବାରୁ ସେମାନଙ୍କଠାରୁ ବାଣକୁ ଯଥାସମ୍ଭବ ଦୂରେଇ ରଖେ।

### ଏଥର କେବଳ ଆଲୋକରେ ଘର ସଜାହେବ

**ହରେନ୍ଦ୍ର ମହାନ୍ତି** (ବାଲେଶ୍ୱର)– ୨ ବର୍ଷ ପୂର୍ବରୁ କୁମ୍ଭି ବାଣରେ ନିଆଁ ଲଗାଇ ପାଖରେ ଥାଇ ଫଟୋ ଉଠାଉଥିବା ବେଳେ ତାହା ନ ଜଳି ସେଇଠି ଫାଟିଗଲା। ଆଉ ମୋ ଦେହର ବିଭିନ୍ନ ସ୍ଥାନରେ ତା'ର ଗରମ ମାଟି ଖଣ୍ଡ ଛିଟିକି ପଡ଼ି ଫୋଟକା ହୋଇଗଲା। ଭଲ ହେବା ପାଇଁ ବହୁତ ସମୟ ଲାଗିଗଲା। ଏବର୍ଷ ବାଣ ଫୁଟାଇବା ବ୍ୟାନ୍ ହୋଇଥିବାରୁ ସରକାରଙ୍କ ଗାଇଡ୍ ଲାଇନ୍ ମାନିବି। ଦୀପାବଳିରେ ବାଣଫୁଟା ବଦଳରେ କେବଳ ଘରକୁ ଲିଚୁ ଲାଇଟ୍ ଓ ଦୀପରେ ସଜାଇବି। ନିଜେ ଫଟୋ ଉଠାଇବା ବେଳେ ସତର୍କ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ଏଥିପ୍ରତି ସଜାଗ ରହିବାକୁ ଅନୁରୋଧ କରିବି।


ପ୍ରମୋଦ


ସ୍ୱରାଞ୍ଜଳି


ହରେନ୍ଦ୍ର




**ବାଣଠୁ ରଖନ୍ତୁ ଦୂରତା:** ବାଣ ଫୁଟାଇବା ସମୟରେ ବି ଫଟୋ ଉଠାଇବା ବିପଦପୂର୍ଣ୍ଣ। ଫଟୋ ଭଲ ଆସିବା ଲାଗି ଅନେକେ ଚକ୍ରି, ଝରଝରୀ, କୁମ୍ଭି, ସ୍କାଏ ଲାମ୍ପ୍ ଆଦି ବାଣ ଫୁଟାଇ ଫଟୋ ଉଠାଇବାକୁ ଗୁରୁତ୍ୱ ଦେଇଥା'ନ୍ତି। ହେଲେ ଏଭଳି ବାଣରୁ ବାହାରୁଥିବା ନିଆଁ ଛିଟିକି ପଡ଼ିବା ଯୋଗୁ ପୋଷାକରେ ନିଆଁ ଲାଗି ଅନେକଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରିଥିବାର ନଜିର ରହିଛି।

**ଲିଚୁ ଧରି ଉଠାନ୍ତୁନି ଫଟୋ:** ବର୍ତ୍ତମାନ ଦୀପାବଳି ପାଇଁ କେବଳ ଭଳିକି ଭଳି ଲିଚୁ ଲାଇଟ୍ ନୁହେଁ, ବରଂ ବିଭିନ୍ନ ପ୍ରକାରର କଲରଫୁଲ୍ ଡେକୋରେଟିଭ୍ ଲାଇଟ୍ ମାର୍କେଟ୍‌ରେ ମିଳୁଛି। ଆଉ ଏହାକୁ ବ୍ୟବହାର କରି ଘର ସଜାଇବା ସହ ଫଟୋ ଉଠାଇବାର ଚାର୍ମ ଅଲଗା। ହେଲେ ମନେରଖନ୍ତୁ, ଏହାକୁ ଲଗାଇବା ପରେ ଫଟୋ ଉଠାଇବା ନିଶାରେ ତୁରନ୍ତ ଏହାକୁ ଧରି ପକାଇବାର ଭୁଲ ଆଦୌ କରନ୍ତୁ ନାହିଁ। ନଚେତ୍ ଶର୍ଟସର୍କିଟ୍ ହୋଇ କରେଣ୍ଟ ଲାଗିବାର ଆଶଙ୍କା ରହିଛି। କେହି କେହି ଦେହରେ ଲିଚୁ ଗୁଡ଼ାଇ କିମ୍ବା ହାତରେ ଡେକୋରେଟିଭ୍ ଲାଇଟ୍ ଧରି ଫଟୋ ନେଉଥିବାର ଦେଖିବାକୁ ମିଳେ। ହେଲେ ଏଥିରେ ମଧ୍ୟ କରେଣ୍ଟ ଲାଗିବାର ଆଶଙ୍କା ରହିଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଲିଚୁ କିମ୍ବା ଅନ୍ୟ ଇଲେକ୍ଟ୍ରିକ ଲାଇଟ୍ ପାଖରେ ଦୀପ କିମ୍ବା କ୍ୟାଣ୍ଡେଲ୍ ଲଗାନ୍ତୁ ନାହିଁ। ନଚେତ୍ ଏହା ନିଆଁ ସଂସ୍ପର୍ଶରେ ଆସି ଅଗ୍ନିକାଣ୍ଡ ଘଟିବାର ଆଶଙ୍କା ରହିଛି।

**ଫନି ଭିଡିଓ ପଡ଼ିପାରେ ଭାରି:** ବର୍ତ୍ତମାନ ଶର୍ଟ ଭିଡିଓ ବା ରିଲ୍ସ ଟ୍ରେଣ୍ଡ ଚାଲିଛି। ଯେଉଁଥିରେ ଫନି ଭିଡିଓର ଡିମାଣ୍ଡ ବେଶି। ଏମିତି ଫନି ଭିଡିଓ ଶୁଟ୍ କରିବା ନିଶାରେ ଅନେକେ ଅନ୍ୟକୁ ଡରାଇବା ଲାଗି ପାଖକୁ ବାଣ ଫିଙ୍ଗିଥା'ନ୍ତି, ହେଲେ ଏଥିରେ ଅନ୍ୟର ଜୀବନ ପ୍ରତି ବିପଦ ରହିଛି। କେହି କେହି ଭିଡ଼ିଓ ନିଶାରେ କୁକୁର, ଗାଈ ଗୃହପାଳିତ ପ୍ରାଣୀଙ୍କ ଉପରକୁ ମଧ୍ୟ ବାଣ ଫିଙ୍ଗିବାକୁ ପଛାଇ ନ ଥା'ନ୍ତି। ହେଲେ ଏପରି କରିବା ଆଦୌ ଠିକ୍ ନୁହେଁ।



## ଯୁଥ୍ ଫ୍ୟାଶନ

# ୱାକ୍ସିଂ କରୁଥିଲେ

ଆଜିର ଯୁବପିଢ଼ି ଗୋରା ଓ ଚିକ୍କଣ ଲୁକ୍ ପାଇବା ପାଇଁ ଶରୀରର ବିଭିନ୍ନ ସ୍ଥାନରେ ଥିବା ଲୋମ ସଫା କରିବା ବା ୱାକ୍ସିଂ କରୁଥିବା ଦେଖିବାକୁ ମିଳୁଛି। ହେଲେ ଆପଣ ଜାଣନ୍ତି କି, ସୌନ୍ଦର୍ଯ୍ୟ ଆଳରେ କରାଉଥିବା ଏହି ୱାକ୍ସିଂ ଅପରପକ୍ଷେ ତ୍ୱଚା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ୱାକ୍ସିଂ କରାଉଥିଲେ କେତେକ ଦିଗ ପ୍ରତି ସତର୍କ କରିବା ଆବଶ୍ୟକ...

- ବ୍ୟୁଟିପାର୍ଲର ହେଉ ଅବା ଘରେ ୱାକ୍ସିଂ କରିବା ଲାଗି ବ୍ୟବହାର କରୁଥିବା ଅନେକ ୱାକ୍ସିଂ ପ୍ରଡକ୍ଟ କେମିକାଲ୍‌ଯୁକ୍ତ, ଯାହାକି ତ୍ୱଚାକୁ ଡ୍ରାଏ କରିବା ସହ ଆଲର୍ଜି ଭଳି ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ। ତା'ଛଡ଼ା ତ୍ୱଚାକୁ ସୁରକ୍ଷା ଦେବା ଲାଗି ଥିବା ଲୋମକୁ ସୌନ୍ଦର୍ଯ୍ୟ ବୃଦ୍ଧି ଆଳରେ ଉପାଡିଦେବା ଦ୍ୱାରା ଏହାର କୁପ୍ରଭାବ ଶରୀର ଉପରେ ପଡ଼ିଥାଏ।
- ୱାକ୍ସିଂ କରିବାପରେ ଅନେକ ସମୟରେ ଉକ୍ତ ସ୍ଥାନ ଲାଲ୍ ପଡ଼ିଯାଇଥାଏ। ଏହାକୁ ରୋକିବା ଲାଗି ଆଲୋଭେରା ଜେଲ୍ ଲଗେଇ ପାରିବେ। ଯଦି ଗଛ ଉପଲବ୍ଧ ନାହିଁ, ତେବେ ଡାକ୍ତରଙ୍କ ପରାମର୍ଶ ନେଇ ଆଲ୍‌କହଲ୍ ଫ୍ରି ଆଲୋଭେରା ପ୍ରଡକ୍ଟ ଆଣି ବ୍ୟବହାର କଲେ ମଧ୍ୟ ଯନ୍ତ୍ରଣାରୁ ଉପଶମ ପାଇପାରିବେ।
- ୱାକ୍ସିଂ ପରେ ଜଳାପୋଡ଼ା ହେଲେ ତୁରନ୍ତ ଥଣ୍ଡା ପାଣିରେ ଧୁଅନ୍ତୁ କିମ୍ବା ୨୦ମିନିଟ୍ ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖନ୍ତୁ। ତଥାପି ନ କମିଲେ ଆଣ୍ଟିବ୍ୟାକ୍ଟେରିଆ ଅଏଣ୍ଟମେଣ୍ଟ ଲଗେଇ ପାରିବେ।



- ୱାକ୍ସିଂ କରିବା ପରେ ଅନେକଙ୍କଠାରେ କୁଣ୍ଡେଇ ହେବା ସମସ୍ୟା ଦେଖାଦିଏ। ଯଦି ଏହା ୨୪ ଘଣ୍ଟାରୁ ଅଧିକ ସମୟ ହୁଏ, ତେବେ ଉକ୍ତ ସ୍ଥାନରେ ମଶ୍ଚରାଇଜର୍ କିମ୍ବା ଡାକ୍ତରଙ୍କ ପରାମର୍ଶକ୍ରମେ ମେଡିସିନ୍ ଲଗାନ୍ତୁ।
- ଆମ ଶରୀରର ଉପର ଚର୍ମ ବା ଏପିଡର୍ମାଲ୍ ଲେୟାର୍ ବହୁତ ପତଳା ଏବଂ ସମ୍ବେଦନଶୀଳ। ତେଣୁ ୱାକ୍ସିଂ କରିବା ବେଳେ ଯଦି ଏହାର କିଛି ଅଂଶ ଉଠିଯାଏ, ଯାହାକି ଖରା ସଂସ୍ପର୍ଶରେ ଆସିଲେ ଖୁବ୍ ପୋଡ଼ାଜଳା ହୋଇଥାଏ। ତେଣୁ ୱାକ୍ସିଂ କରିବା ପରେ ଖରାରେ ବୁଲନ୍ତୁ ନାହିଁ।
- ଅଧିକାଂଶ ୱାକ୍ସିଂ କ୍ରିମ୍‌ରେ ରାସାୟନିକ ଉପାଦାନ ମିଶିଥାଏ, ଯାହାର ପାର୍ଶ୍ୱ ପ୍ରତିକ୍ରିୟାରେ ଆଲର୍ଜି ହୋଇ ଲାଲ୍ ପଡ଼ିବା, ଫଳିଯିବା, କୁଣ୍ଡେଇ ହେବା, ଜଳାପୋଡା ହେବା ଭଳି ସମସ୍ୟା ଉପୁଜିଥାଏ। ତେଣୁ କେମିକାଲ ଫ୍ରି ପ୍ରଡକ୍ଟ ବ୍ୟବହାର କରନ୍ତୁ।
- ୱାକ୍ସିଂ ପରେ ସେହି ସ୍ଥାନକୁ ଫେସ୍‌ୱାଶ୍ କିମ୍ବା ସାବୁନ ଲଗାଇ ନଖଉଷୁମ ପାଣିରେ ଧୋଇଦିଅନ୍ତୁ। ଯଦି ବ୍ରଣ କିମ୍ବା ଏଜିଙ୍ଗ୍ ବ୍ୟବହାର କରଥିଲେ ତେବେ ୱାକ୍ସିଂ କରିବାର ୫–୬ ଦିନ ପୂର୍ବରୁ ଏହାକୁ ବ୍ୟବହାର କରିବା ବନ୍ଦ କରିଦିଅନ୍ତୁ।

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ଅଭିନେତା .........ଙ୍କୁ ୫୧ତମ ଦାଦାସାହେବ ଫାଲ୍‌କେ ପୁରସ୍କାର ପ୍ରାପ୍ତ ହୋଇଛି ?

୨– ........... ଏୟାରଲାଇନ୍ସ ପକ୍ଷରୁ ଶ୍ରୀନଗରରୁ ଶାର୍‌ଜାହ ପର୍ଯ୍ୟନ୍ତ ଡାଇରେକ୍ଟ ଫ୍ଲାଇଟ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି ?

୩– ଭାରତରେ ପ୍ରଥମ ଥର ପାଇଁ ............ ସହରରେ ନ୍ୟାଶନାଲ୍ ଇଣ୍ଟର– ରିଲିଜିଅସ୍ କନ୍‌ଫରେନ୍ସ ଅନୁଷ୍ଠିତ ହୋଇଯାଇଛି ?

୪– ଅକ୍ଷରଧାମ ମନ୍ଦିରରେ .......... ଦେବତା ପୂଜା ପାଆନ୍ତି ?

୫– ଡିଫେନ୍ସ ଏକ୍ସପୋ ବା ଡିଫ୍ ଏକ୍ସପୋ–୨୦୨୨......... ଠାରେ ଆୟୋଜନ କରାଯିବ ?

## ଗତ ଥରର ଉତ୍ତର

୧ ଅରୁଣାଚଳ ପ୍ରଦେଶ

୨ ଢୋଲେ

୩ ନୂଆଦିଲ୍ଲୀ

୪ ସାମୁଦ୍ରିକ ଗେଣ୍ଡା

୫ ତେଲଙ୍ଗାନା

## ଉତ୍ତରଦାତା


ସ୍ନେହଲତା ପଟ୍ଟନାୟକ, ଭୁବନେଶ୍ୱର


ସ୍ୱସ୍ତିକ ଷଡ଼ଙ୍ଗୀ, ଭୁବନେଶ୍ୱର


ରମେଶ ମେହେର, ବରଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଦାମୀ ଫିଲ୍ମ ପ୍ରଡକ୍ସନ ହାଉସ

୧– ୟୁନିଭର୍ସାଲ୍ ପିକ୍‌ଚର୍ସ............... ୟୁନିଭର୍ସାଲ ସିଟି, କାଲିଫର୍ନିଆ, ଆମେରିକା
୨– ୱରନର ବ୍ରୋଜ୍.......................... ବର୍‌ବ୍ୟାଙ୍କ୍, କାଲିଫର୍ନିଆ, ଆମେରିକା
୩– କଲମ୍ବିଆ ପିକ୍ଚର୍ସ..................... ଲସ୍ ଏଞ୍ଜେଲ୍ସ, କାଲିଫର୍ନିଆ, ଆମେରିକା
୪– ୱାଲ୍ଟ ଡିଜ୍‌ନୀ ପିକ୍ଚର୍ସ...................... ବର୍‌ବ୍ୟାଙ୍କ୍, କାଲିଫର୍ନିଆ, ଆମେରିକା
୫– ମାର୍ଭେଲ୍ ଷ୍ଟୁଡିଓସ୍.......................... ବର୍‌ବ୍ୟାଙ୍କ୍, କାଲିଫର୍ନିଆ, ଆମେରିକା
୬– ପାରାମାଉଣ୍ଟ ପିକ୍ଚର୍ସ...................... ହଲିଉଡ୍, କାଲିଫର୍ନିଆ, ଆମେରିକା
୭– ୨୦ଶ ସେଞ୍ଚୁରୀ ଷ୍ଟୁଡିଓସ୍............. ଲସ୍ ଏଞ୍ଜେଲ୍ସ, କାଲିଫର୍ନିଆ, ଆମେରିକା
୮–ର୍‍ୟାଟ୍‌ପ୍ୟାକ୍–ଡ୍ୟୁନ୍ ଏଣ୍ଟରଟେନ୍‌ମେଣ୍ଟ... ଲସ୍ ଏଞ୍ଜେଲ୍ସ, କାଲିଫର୍ନିଆ, ଆମେରିକା
୯– ଲେଜେଣ୍ଡାରୀ ଏଣ୍ଟରଟେନ୍‌ମେଣ୍ଟ......... ବର୍‌ବ୍ୟାଙ୍କ୍, କାଲିଫର୍ନିଆ, ଆମେରିକା
୧୦– ରିଲେଟିଭିଟି ମିଡିଆ................ବେଭର୍ଲି ହିଲ୍ସ, କାଲିଫର୍ନିଆ, ଆମେରିକା

# ଅଜବ ଜଙ୍ଗଲ

ପୃଥିବୀରେ ଏମିତି ବି କେତେକ ଜଙ୍ଗଲ ରହିଛି, ଯାହା ବିଷୟରେ ଜାଣିଲେ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ। ଜାଣିବା ଏଭଳି କିଛି ଅଜବ ଜଙ୍ଗଲ ସମ୍ପର୍କରେ...

**ବିର୍‌ଚି ଫରେଷ୍ଟ:** ସୁଇଡେନ୍ ଦେଶରେ ଅବସ୍ଥିତ ବିର୍‌ଚି ଫରେଷ୍ଟ ଅନ୍ୟ ଜଙ୍ଗଲଠାରୁ ସମ୍ପୂର୍ଣ୍ଣ ଭିନ୍ନ। କାରଣ ସାଧାରଣତଃ ଜଙ୍ଗଲଗୁଡ଼ିକ ସବୁଜ ରଙ୍ଗର ଦେଖାଯାଉଥିବା ବେଳେ ଏହି ଜଙ୍ଗଲ କିନ୍ତୁ ଦେଖାଯାଏ ସିଲଭର୍ ଭଳି। ତେବେ ଏଠାରେ ଥିବା ସମସ୍ତ ଗଛର ଗଣ୍ଡି ରୁପେଲି–ଧଳା ରଙ୍ଗର ହୋଇଥିବାରୁ ଜଙ୍ଗଲ ଏପରି ଦେଖାଯାଇଥାଏ। ରଙ୍ଗ ଭିନ୍ନ ହୋଇଥିଲେ ବି ଏହି ଗଛ ପରିବେଶ ପାଇଁ ବେଶ୍ ଉପଯୋଗୀ। ଉକ୍ତ ଜଙ୍ଗଲରୁ ବାହାରୁଥିବା ବିଭିନ୍ନ ପଦାର୍ଥ ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ୟୁରୋପ ଆଦି ବାହାର ଦେଶଗୁଡ଼ିକୁ ବିକ୍ରି କରାଯାଏ। ଜାଳେଣି ପାଇଁ ଏହି ଜଙ୍ଗଲର କାଠକୁ ମଧ୍ୟ ବହୁଳ ବ୍ୟବହାର କରାଯାଏ। ଏହି ଜଙ୍ଗଲରେ ଅନେକ ଜୀବଜନ୍ତୁ ଯଥା ଲାଇକେନ୍ ଏବଂ ଫଙ୍ଗି, ମୋସେ, ଲ୍ୟାମ୍ବ, ବାଦାମୀ ଭାଲୁ, କୋକିଶିଆଳି ଆଦି ରହିଥାନ୍ତି। ଫିନ୍‌ଲ୍ୟାଣ୍ଡ ଓ ନର୍‌ୱେ ଦେଶରେ ମଧ୍ୟ ଏହି ଜଙ୍ଗଲ କିଛି ପରିମାଣରେ ଦେଖାଯାଏ।

**ଆଭେନ୍ୟୁ ଅଫ୍ ବାଓବାବ୍ :** ମାଡାଗାସ୍କାରରେ ଥିବା ଏହି ଜଙ୍ଗଲରେ ରହିଛି ଆଡାନସୋନିଆ ପ୍ରଜାତିର ଆଠଟି ପ୍ରଜାତି ମଧ୍ୟରୁ ସବୁଠୁ ବଡ଼ ଗଛ ବାଓବାବ୍। ଏହି ଗଛର ସର୍ବାଧିକ ଉଚ୍ଚତା ୮୦ ଫୁଟ୍ ହୋଇଥିବା ବେଳେ ଏହାର ବୟସ ୮୦୦ ବର୍ଷରୁ ଊର୍ଦ୍ଧ୍ୱ ବୋଲି ଅନୁମାନ କରାଯାଏ। ଏହି ଗଛର ଶାଖା ବ୍ୟାରେଲ୍ ଆକୃତିର ଓ ବ୍ୟାସ ୫ ମିଟରରୁ ଅଧିକ। ଏହାର ଫଳ ଖାଇବାଯୋଗ୍ୟ। ଏହାର ମଞ୍ଜି ଭିଟାମିନ୍ ସି, ପୋଟାସିୟମ ଓ ଫସ୍‌ଫରସ୍‌ର ଏକ ଉତ୍ତମ ଉତ୍ସ। ଏହାର ନାଲି ରଙ୍ଗର ଚେରକୁ ଟୋକେଇ ଓ ଦଉଡ଼ି ତିଆରି କରିବା ପାଇଁ ବ୍ୟବହାର କରାଯାଇଥାଏ। ଏଭଳି ଗଛ ଅଷ୍ଟ୍ରେଲିଆ, ଆଫ୍ରିକା ଏବଂ ଏସିଆର କେତେକ ଅଞ୍ଚଳରେ ବି ଦେଖିବାକୁ ମିଳିଥାଏ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ଆଇନ ସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ

ଉଲୁଣ୍ଡା,(ଡି.ଏନ.ଏ.): ଉଲୁଣ୍ଡା ବ୍ଲକ ମୁଣ୍ଡଘାଟ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶନିବାର ଅଖିଳ ଭାରତୀୟ ସଚେତନତା ଏବଂ ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ଅରୁଣ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଣ୍ଡଘାଟ ପଞ୍ଚାୟତର ହିକୁଡି, ବିଜେପୁର, ମୁଣ୍ଡଘାଟ, ଲଙ୍କାବାହାଲ, ଭଜବଲପୁର, ପତ୍ରାପାଲି, ଲେହେଡି ଓ ସଉରିପାଲି ଗ୍ରାମକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସସ୍ମିତା ମିଶ୍ର ଯାଇ ବରିଷ୍ଠ ନାଗରିକ ଆଇନ ଉପରେ ଜନସାଧାରଣଙ୍କୁ ସଚେତନ କରିଥିଲେ । ଏହାସହ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ଯୋଗାଯୋଗ କରି ଏହାର ଲାଭ ଉଠାଇବା ପାଇଁ ପରାମର୍ଶ କରିଥିଲେ।

## ସଂକ୍ଷେପରେ

### ଝରଣାଙ୍କ ଚିକିତ୍ସା ପାଇଁ ଟଙ୍କା ନାହିଁ



ବିନିକା, ୩୦।୧୦(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ମନୋହରୀପଡାର ୧୮ବର୍ଷୀୟା ଝରଣା ରକ୍ତହୀନତା ରୋଗରେ ଛଟପଟ ହେଉଛନ୍ତି। ଝିଅର ଚିକିତ୍ସା ପାଇଁ ବାପ ଗୋପାଳ ମଲ୍ଲିକଙ୍କ ପାଖରେ ଟଙ୍କା ନାହିଁ। ଚାରି ଝିଅଙ୍କ ବିବାହ ପରେ ସ୍ତ୍ରୀ ସନ୍ଧ୍ୟା, ଦୁଇଝିଅ ଝରଣା ଏବଂ ଟିଟି(୧୩)ଙ୍କୁ ନେଇ ଗୋପାଳ ସୁଖଦୁଃଖରେ ଚଳାଇଥିଲେ ପରିବାର। ଗୋପାଳ ଓ ସନ୍ଧ୍ୟା ଦୁହେଁ ମନୋହରୀ ସାମଗ୍ରୀ ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ଏମିତି ହସଖୁସିରେ ପରିବାର ଚାଲିଥିବା ବେଳେ ୩ମାସ ତଳେ ଝରଣାଙ୍କର ଝାଡାବାନ୍ତି ହେଲା। ପରିବାର ଲୋକେ ତାଙ୍କୁ ବିନିକା ଡାକ୍ତରଖାନାରେ ଭର୍ତ୍ତି କଲେ। ସେଠାରୁ ସୋନପୁର ମେଡିକାଲ ଓ ପରେ ବୁର୍ଲାରେ ଝରଣାଙ୍କ ଚିକିତ୍ସା କରାଗଲା। ପରୀକ୍ଷା ନିରୀକ୍ଷା ପରେ ଝରଣା ରକ୍ତହୀନତା ରୋଗରେ ପୀଡିତ ଥିବା ଜଣା ପଡିଲା। ଘରେ ଯାହା କିଛି ସଞ୍ଚିତ ଥିଲା ଇତିମଧ୍ୟରେ ସବୁକିଛି ସରି ଯାଇଛି। ସରକାରୀ ଯୋଜନା କହିଲେ କେବଳ ଗୋପାଳଙ୍କ ପରିବାରକୁ ଅନ୍ତୋଦ୍ୟୟ ଯୋଜନାରେ ମିଳୁଛି ୩୫କେଜି ଚାଉଳ। ଏହି ପରିସ୍ଥିତିରେ ଗୋପଳଙ୍କ ପରିବାରକୁ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ଲଖିମରାରେ ରେଡକ୍ରସ୍ ତାଲିମ ଶିବିର

ପଦ୍ମପୁର ୩୦।୧୦(ଡିଏନଏ): ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଲଖମରା ମାଧମିକ ଉଚ୍ଚ ବିଦ୍ୟାଳୟରେ ଶନିବାର କ୍ଲଷ୍ଟର ସ୍ତରୀୟ ରେଡକ୍ରସ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଅଧକ୍ଷ ବିଜୟ ମିଶ୍ର ପ୍ରଦୀପ ପ୍ରଜ୍ଜଳନ କରି ଏହାକୁ ଉଦଘାଟନ କରିଥିଲେ। ପ୍ରଥମ ଅଧିବେଶନରେ ମହିଳା ମାଧମିକ ଉଚ୍ଚ ବିଦ୍ୟାଳୟର ଯୁବ ରେଡକ୍ରସ କାଉନସେଲର ଅଧାପିକା ଦିପ୍ତୀ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଡା. ଭାରତୀ ଗିରି ପ୍ରାଥମିକ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅଧାପକ ଡ. ସୁରେଶ ତ୍ରିପାଠୀ, ଅଧାପକ ଭୂପତି କାଲୋ ଯୋଗଦାନ କରି ଏଚଆଇଭି ଏଡ୍ସ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ତୃତୀୟ ଅଧିବେଶନରେ ଅଧାପକ ରାଜେଶ ଥନାପତି ସଭାପତିତ୍ୱ କରିଥିଲେ। ଜଗଦଲପୁର ଥାନା ଅଧିକାରୀ ବୀରବର ଭଗତ, ଅଧାପକ ଗୋପାଳ କୃଷ୍ଣ ପଟେଲ, ଅଧାପକ ଶରତ ପ୍ରଧାନ ଟ୍ରାଫିକ ନିୟମ ଓ ସଡ଼କ ସଚେତନତା ସମ୍ବନ୍ଧରେ ଆଲୋଚନା କରିଥିଲେ।

# ବୌଦ୍ଧରେ ୧୨ ଘଣ୍ଟିଆ ବନ୍ଦ

## ମମିତା ମେହେର ହତ୍ୟା ଘଟଣା

ବୌଦ୍ଧ,୩୦।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗର ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ମାମଲାର ସବିଆଇ ତଦନ୍ତ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବା ଦାବିରେ ଶନିବାର ଦିନ ବୌଦ୍ଧ ଜିଲା ଭାଜପା ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସକାଳ ୬ଟାରୁ ଦଳର ନେତା ଓ କର୍ମୀମାନେ ସହରର ବ୍ରିଜ ଛକ, ଜାମୁ ଛକ, ଏନଏସି ଛକ ଉପରେ ଠିଆହୋଇ ବିଭିନ୍ନ ନାରାବାଜି ଦେବା ସହ ଗାଡି ଚଳାଚଳକୁ ବନ୍ଦ କରିଥିଲେ । ଏହି ବନ୍ଦ ଡାକରାରେ ଜିଲାର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ଯାନାବାହାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ବ୍ୟାଙ୍କ ଓ ଡାକଘର ଆଦି ବନ୍ଦ ରହିଥିଲା। ପୂର୍ବାହ୍ନ ୧୦ଟା ସମୟରେ ଦଳର ନେତା ଓ କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ, ଜିଲା ଦୌରାଜଜ୍ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ବିଚାରପତିମାନେ କୋର୍ଟକୁ ଯାଇ ନ ପାରି ଫେରି ଯାଇଥିଲେ । ବୌଦ୍ଧ ସହରରେ ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି, ଯୁବ ମୋର୍ଚ୍ଚା ସଭାପତି ଅଟଳ କୁମାର ପ୍ରଧାନ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମିନାରାଣୀ ମିଶ୍ର ଓ ଉପସଭାନେତ୍ରୀ ନମିତାରାଣୀ ଦାଶଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇ ବନ୍ଦ ପାଳନ କରିଥିଲେ।



ଭାଜପା ନେତା ଓ କର୍ମୀମାନେ ବିଚାରପତିଙ୍କୁ କୋର୍ଟକୁ ନ ଯିବାକୁ ଅନୁରୋଧ କରୁଛନ୍ତି ।

### ପୁରୁଣାକଟକରେ ଗଣ୍ଡଗୋଳ

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲା ନେଇ ଶନିବାର ଜିଲା ଭାଜପା ପକ୍ଷରୁ ବନ୍ଦ ପାଳନ ବେଳେ ପୁରୁଣାକଟକରେ ଗଣ୍ଡଗୋଳ ହୋଇଥିବା ଜଣାପଡିଛି। ପୁରୁଣାକଟକଠାରେ ଜଣେ ବ୍ୟବସାୟୀ ଦୋକାନ ଖୋଲିଥିବା ବେଳେ ଦଳୀୟ ନେତା ଓ କର୍ମୀମାନେ ବନ୍ଦ କରିବାକୁ କହିଥିଲେ। କିନ୍ତୁ ବ୍ୟବସାୟୀ ଜଣକ ମନା କରିବାରୁ କର୍ମୀମାନେ କୁଆଡେ ଦୋକାନର କିଛି ଜିନିଷପତ୍ର ଫିଙ୍ଗି ଦେଇଥିଲେ। ଏହାକୁ ନେଇ ବ୍ୟବସାୟୀ ଓ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଖବରପାଇ ପୁରୁଣାକଟକ ପୋଲିସ ପହଞ୍ଚି ଘଟଣାରେ ହସ୍ତକ୍ଷେପ କରିବା ପରେ ପରିସ୍ଥିତ ଶାନ୍ତ ପଡିଥିଲା। ଏନେଇ ପୁରୁଣାକଟକ ଥାନା ଅଧିକାରୀ ଜ୍ୟୋସ୍ନା କାଉଁରୀଙ୍କୁ ପଚାରିବାରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏନେଇ ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି।

ସେହିପରି କନ୍ଧମାଳ ବ୍ଲକରେ ବରିଷ୍ଠ ନେତା କହ୍ନାଇଁ ଚରଣ ଡାଙ୍ଗ ଓ ହରଭଙ୍ଗା ବ୍ଲକରେ ସୁଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା ।

- ସିବିଆଇ ତଦନ୍ତ ଓ ମନ୍ତ୍ରୀଙ୍କୁ ବହିଷ୍କାର ଦାବି
- ଚକ ଅଖ ଠପ୍, ସରକାରୀ କାର୍ଯ୍ୟାଳୟ ବନ୍ଦ

ସମସ୍ତ ମଣ୍ଡଳ ସଭାପତି, ବିଭିନ୍ନ ମୋର୍ଚ୍ଚାର ସଭାପତି ଓ ଦଳୀୟ କାର୍ଯ୍ୟକର୍ତ୍ତା ନିଜ ନିଜ ଅଞ୍ଚଳରେ ବନ୍ଦକୁ ସଫଳ କରିଥିଲେ। ଜିଲା ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ, ରାଜ୍ୟ ସଂଯୋଜକ ମନୋରଞ୍ଜନ ଦାଶ, ବରିଷ୍ଠ ନେତା ମାଗୁଣି ଗାଇଗୌରିଆ, ସୌମିତ୍ରୀ କୁମାର ନାୟକ, ସତ୍ୟାନନ୍ଦ ପାଣ୍ଡେ, ଚିତ୍ତର ପାଣିଗ୍ରାହୀ, ସୁଶାନ୍ତ କୁମାର ବାଘ, ବନମାଳୀ ରଣା, ବୈକୁଣ୍ଠନାଥ ପ୍ରଧାନ,ରବି କୁମାର ଦେଓ,ସ୍ୱର୍ଣ୍ଣମୟୀ ପ୍ରଧାନ, ନିବେଦିତା ମହାକୁଡ, ବିକାଶ ମହାକୁଡ, ,ନିରଞ୍ଜନ ଦାନ, କୁନା ମହାର, ସୁନୀଲ କ୍ଷେତି, ସୁଦାମ ମେଣ୍ଡେଲି ଓ ତାପସ ପଟ୍ଟନାୟକ ପ୍ରମୁଖ ବନ୍ଦରେ ସକ୍ରିୟ ସହଯୋଗ କରିଥିଲେ।

### ବାଉଁଶୁଣୀରେ ବନ୍ଦ ପାଳନ

ବାଉଁଶୁଣୀ,୩୦।୧୦(ଡି.ଏନ.ଏ)

ମମିତା ମେହେର ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଓ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଶନିବାର ଭାଜପା ପକ୍ଷରୁ ୧୨ ଘଣ୍ଟିଆ ବୌଦ୍ଧ ଜିଲା ବନ୍ଦ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବୌଦ୍ଧ ବ୍ଲକ ବାଉଁଶୁଣୀ ଅଞ୍ଚଳରେ ଦୋକାନ ବଜାର ବନ୍ଦ ଥିବା ବେଳେ ଯାନବାହାନ ଚଳାଚଳ ଠପ୍ ହୋଇ ଯାଇଥିଲା। ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ ବାଘଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ତ୍ରିବିକ୍ରମ ମହାକୁଳ, ତୋଶିତ କୁମାର ଡାଙ୍ଗ, ଅଜିତ ମହାକୁଳ, ଶମ୍ଭୁ ଗାଇଗୈରିଆ, ହିମାଂଶୁ ଜାଲ, ପଞ୍ଚାନନ ଜଗଦଲା, ସରୋଜ ମେହେର, କିଶୋର ସିଂହ, ଧର୍ମେନ୍ଦ୍ର ଉର୍ମାଙ୍କ ସମେତ ବହୁ ଦଳୀୟ କର୍ମୀ ବନ୍ଦ ପାଳନ ରେ ସାମିଲ ଥିଲେ।

### ବିଜେଡିର ସାଙ୍ଗଠନିକ ବୈଠକ

ବାଉଁଶୁଣୀ,୩୦।୧୦(ଡି.ଏନ.ଏ.)

ବୌଦ୍ଧ ସଦର ବ୍ଲକ ମୁଣ୍ଡାପଡା ପଞ୍ଚାୟତ ପରିସରରେ ଜିଲା ବିଜୁ ମହିଳା ଜନତା ଦଳ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସଭାନେତ୍ରୀ ଜସ୍ମିନ ପ୍ରଧାନ ଅଧକ୍ଷତା କରିଥିବା ବେଳେ ଜିଲା ବିଜୁ ମହିଳା ଦଳ ପର୍ଯ୍ୟବେକ୍ଷିକା ସିପ୍ରା ମହାନ୍ତି ଯୋଗଦେଇ ମହିଳା ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ କରିବା ପାଇଁ ଉପସ୍ଥିତ କର୍ମକର୍ତ୍ତା ଓ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ମହୀଧର ରଣା ଯୋଗଦେଇ ଉପସ୍ଥିତ ମହିଳାମାନଙ୍କୁ ଆଗାମୀ ଦିନରେ ଏକଜୁଟ ହୋଇ ପରିବାରର ଆର୍ଥିକ ଅବସ୍ଥା ସୁଦୃଢ କରିବା ସହିତ ପଞ୍ଚାୟତ ଓ ଗ୍ରାମର ଉନ୍ନତି ନିମନ୍ତେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ମହିଳାମାନେ ବାଲ୍ୟବିବାହ ପ୍ରଥାକୁ ବନ୍ଦ କରିବା ପାଇଁ ମୁଖ୍ୟ ଭୂମିକା ନିଭାଇବାକୁ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜୁ ମହିଳା ଜନତା ଦଳର ଉପସଭାନେତ୍ରୀ କବିତା ପଟ୍ଟନାୟକ,୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ମମତା ପ୍ରଧାନ, ପୂର୍ବ ବ୍ଲକ ଅଧକ୍ଷା ରୀତା ବେହେରା, ସରପଞ୍ଚ ରଶ୍ମିତା ମହାକୁଡ଼, ରିତାଞ୍ଜଳୀ ମହାକୁଡ଼, ସୁଷମା ବାଘ, ଭି.ସାହୁ, ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ଜିଲା ସରପଞ୍ଚ ସଂଘ ସଭାପତି ତଥା ମୁଣ୍ଡପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁ ଯୋଗ ଦେଇଥିଷଲ । ଏହି ଅବସରରେ ପୂର୍ବରୁ ଗାନ୍ଧୀ ଜୟନ୍ତୀ ସେବା ସପ୍ତାହ ଉପଲକ୍ଷେ ରକ୍ତଦାନ କରିଥିବା ୧୧ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଭାତ ଚନ୍ଦ୍ର ପ୍ରଧାନ, ଗୟାଧର ମହାକୁଡ଼, ପ୍ରଫୁଲ୍ଲ ପଟ୍ଟନାୟକ, ସୁମନ୍ତ କୁମାର ନାଏକ, ନିର୍ଗୁଣ ମହାକୁଡ଼, ମାନଗୋବିନ୍ଦ ପ୍ରଧାନ, ରାମ ପ୍ରଧାନ, ବିପ୍ଳବ ମହାକୁଡ଼, ବୀରେନ୍ଦ୍ର ଝାଙ୍କର ପ୍ରମୁଖ ସହଯୋଗ କରିଥିଲେ।

# ୨୭ଲକ୍ଷ ଟଙ୍କାରେ ହେବ କଭର ସେଡ୍

ବରଗଡ଼ ଅଫିସ୍,୩୦।୧୦

ବରଗଡ଼ ବ୍ଲକ ବରଗାଁଠାରେ ଶନିବାର ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଧାନ ସଂଗ୍ରହ କେନ୍ଦ୍ର କଭର ସେଡ୍ ନିର୍ମାଣ ପାଇଁ ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ୨୭ଲକ୍ଷ ୮ହଜାର ୭୭୪ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା କଭର ସେଡ୍ ଧାନ ସଂଗ୍ରହ ସମୟରେ ସହାୟକ ହେବ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ସେହିପରି ଅତିରିକ୍ତ ଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ମିର୍ଦ୍ଧା ଟପ୍ପୋ ନିର୍ମାଣ ହେବାକୁ ଥିବା କଭର ସେଡ୍ ଦ୍ୱାରା ଚାଷୀଙ୍କ ଧାନ ସୁରକ୍ଷିତ ରହି ପାରିବ ବୋଲି କହିଥିଲେ। ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀବୃନ୍ଦ ସହଯୋଗ କରିଥିଲେ।



ଧାନ ସଂଗ୍ରହ କଭର ସେଡ୍‌ର ଶିଳାନ୍ୟାସ କରାଯାଉଛି ।

# ପୁଣି ତେଜିଲା ଆନ୍ଦୋଳନ

ବରଗଡ଼ ଅଫିସ୍,୩୦।୧୦

ପୋଲିସ ହେପାଜତରେ ଥିବାବେଳେ ବରଗଡ଼ ସହର ଉପକଣ୍ଠ ତୋରା ଗ୍ରାମର ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଘଟଣାକୁ ନେଇ ପୁଣି ଆନ୍ଦୋଳନ ତେଜି ଉଠିଛି। ଏହି ଘଟଣାକୁ ନେଇ ବିକ୍ଷୋଭ ଶୋଭାଯାତ୍ରାରେ ଯାଇ ଶନିବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ ସ୍ମାରକପତ୍ର ଗ୍ରହଣ କରିଥିଲେ।

ମୃତକଙ୍କ ସ୍ତ୍ରୀ ରୁବି ଥାନାରେ ଦେଇଥିବା ଏତଲାକୁ ଭିତ୍ତି କରି ମାମଲା ରୁଜୁ, ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ମୃତକଙ୍କ ପରିବାର ଲୋକଙ୍କୁ ସରକାରୀ ଚାକିରି, ଆର୍ଥିକ ସହାୟତା ସହିତ ସନ୍ତାନଙ୍କ ଶିକ୍ଷାଦାନର ବ୍ୟବସ୍ଥା କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ସେହିପରି କଳାହାଣ୍ଡି ଜିଲା



ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳ ଅଫିସକୁ ଯାଉଛନ୍ତି।

### ପୋଲିସ ହେପାଜତରେ ମୃତ୍ୟୁ ଘଟଣା

ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ମମିତା ମେହେର ହତ୍ୟା ମାମଲାର ସିବିଆଇ ତଦନ୍ତ କରିବାକୁ କଂଗ୍ରେସ ଦାବି କରିଛି। ଜିଲା କଂଗ୍ରେସ ଉପସଭାପତି ପାଣ୍ଡବ କର୍ଣ୍ଣଙ୍କ ନେତୃତ୍ୱରେ ଆସି ମୃତକଙ୍କ ସ୍ତ୍ରୀ ଏବଂ ପଡ଼ାବାସୀ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନ୍ୟପଟେ ଏହି ଦାବି ନେଇ ଶୁକ୍ରବାର ଜିଲା କଂଗ୍ରେସ ସ୍ଥାନୀୟ ଗାନ୍ଧୀଛକରେ ରାସ୍ତାରୋକ କରିଥିବାବେଳେ ରାତି ଅଧରେ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା। ସେହିପରି କୋସଲ ସେନା ପକ୍ଷରୁ ଗାନ୍ଧୀଛକରେ ଚାଲିଥିବା ଅନଶନସ୍ଥଳକୁ ଶନିବାର ଅପରାହ୍ନ ପ୍ରାୟ ୩ଟାରେ ପୋଲିସ ପହଞ୍ଚି ଅନଶନକାରୀଙ୍କୁ ଉଠାଇ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ଛାଡ଼ି ଦେଇଥିବା ସୂଚନା ମିଳିଛି ।

### ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଦିବସ

ସୋନପୁର,୩୦।୧୦(ନି.ପ୍ର.)

ଜାତୀୟ ସେବା ସଂଗଠନ ଓ ଯୁବ ରେଡକ୍ରସ ପକ୍ଷରୁ ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ରୀତାରାଣୀ ପୂଝାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ। ଓଡିଶାବାସୀ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ମରୁଡି ଓ ଜଙ୍ଗଲରେ ନିଆଁ ଲାଗିବା ଭଳି ପ୍ରାକୃତିକ ବିପର୍ଯ୍ୟୟ ଉପରେ ଆଲୋଚନା ହୋଇଥିଲା। ୧୯୯୯ ଅକ୍ଟୋବର ୨୯ ତାରିଖରେ ହୋଇଥିବା ମହାବାତ୍ୟାର କରାଳ ରୂପ, ଧନଜୀବନ କ୍ଷତି ତଥା ଏହାର ବିଭୀଷିକା ଉପରେ ଅଧାପିକା ଓ ଅଧାପକ ମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନ ବିଜ୍ଞାନ କାରିଗରୀ କୌଶଳର ଉନ୍ନତି ଯୋଗୁଁ ଆମେ ଆଗୁଆ ସୂଚନା ପାଇପାରୁଛୁ। ଏହାଦ୍ୱାରା ଧନଜୀବନର ସୁରକ୍ଷା ତଥା ଅନ୍ୟାନ୍ୟ କ୍ଷୟକ୍ଷତିକୁ କମ୍ କରା ଯାଇପାରୁଛି ବୋଲି ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୂର୍ଣ୍ଣିମା ମିଶ୍ର, ସଞ୍ଜୁରାଣୀ ସିଂ, ପ୍ରଭାସିନୀ ରଥ, ମଦନ ସୁନ୍ଦର କ୍ଷେତି, ଦୁଃଖିଶ୍ୟାମ ମେହେର, ମଦନମୋହନ ପଣ୍ଡା, ଅନ୍ତର୍ଯ୍ୟାମୀ ମିଶ୍ର ଓ ଆଶୁତୋଷ ପର୍ଡିଆ ତଥା ମହାବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# କଂଗ୍ରେସର ଚୂଡ଼ାନ୍ତ ପଞ୍ଚାୟତ ଇସ୍ତାହାର ପ୍ରସ୍ତୁତି

ସୋନପୁର,୩୦।୧୦(ନି.ପ୍ର.)

ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଓ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ଇସ୍ତାହାର ପ୍ରକାଶ ପାଇବ। ଏଥିସକାଶେ ଚୂଡ଼ାନ୍ତ ପଞ୍ଚାୟତ ଇସ୍ତାହାର କମିଟି ପ୍ରସ୍ତୁତି ବୈଠକ ଏନଜିଓସିସି ସଭାଗୃହଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ କଂଗ୍ରେସ ନେତା ତଥା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଜ୍ୟ ସଭାପତି ସୁଦର୍ଶନ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଦଳର ସୁବର୍ଣ୍ଣପୁର ଜିଲା ପ୍ରଭାରୀ ସମରେନ୍ଦ୍ର ମିଶ୍ର, ଜିଲା କଂଗ୍ରେସ କମିଟି ସଭାପତି ଗୌରିଶ୍ୟାମ ପଣ୍ଡା, ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିଲା ପଞ୍ଚାୟତି ରାଜ ସଂଗଠନର ଲବ କୁମାର ସାହୁ, ଚିତ୍ତରଞ୍ଜନ ମିଶ୍ର, ସୁଧୀର କୁମାର ପଣ୍ଡା, ଅଜୟ ବାଲି, ଜିଲା ମହିଳା କଂଗ୍ରେସ କମିଟିର ସଭାନେତ୍ରୀ ସୂର୍ଯ୍ୟକାନ୍ତି ବାଘ, ଜିଲା ଯୁବ କଂଗ୍ରେସ କମିଟି ସଭାପତି ପ୍ରିୟବ୍ରତ ସାହୁ, ଜିଲା କିଷାନ କଂଗ୍ରେସ ସଭ୍ରପତି ନରେନ୍ଦ୍ର ପଣ୍ଡା, ଅଶ୍ୱିନୀ ଶତପଥୀ, ପ୍ରଦୀପ ସେଠୀ, ରାଜଗୋପାଳ ପାଣିଗ୍ରାହୀ ଓ ସପ୍ନେଶ୍ୱର ପୃଷ୍ଟି ପ୍ରମୁଖ ଯୋଗ ଦେଇ ଦଳୀୟ ଇସ୍ତାହାର ପାଇଁ ନିଜ ନିଜର ମତ ଉପସ୍ଥାପନ କରିଥିଲେ।



ବୈଠକରେ ମଞ୍ଚାସୀନ କଂଗ୍ରେସ ଦଳର ନେତୃବୃନ୍ଦ।

# ଆର୍ଥିକ ବିକାଶ ପାଇଁ ମିତବ୍ୟୟିତା ଜରୁରୀ

ସୋନପୁର,୩୦।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ବିଶ୍ୱ ମିତବ୍ୟୟିତା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଜନସାଧାରଣଙ୍କ ମଧ୍ୟରେ ସଞ୍ଚୟ ମନୋବୃତ୍ତି ଜାଗ୍ରତ କରିବା ଏବଂ ଡାକଘର ମାଧମରେ ନିଜର ସଞ୍ଚୟକୁ ସୁରକ୍ଷିତ ରଖିବା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରଥ ବାହାରିଥିଲା। ଜିଲାପାଳ ଅବୋଲି ସୁନିଲ ନରୱଣେ ଜିଲାପାଳଙ୍କ ଅଫିସ ପରିସରରେ ସବୁଜ ପତାକା ଦେଖାଇ ଏହି ଜନସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲା ପରିକ୍ରମା କରି ଲୋକଙ୍କୁ ଭବିଷ୍ୟତ ପାଇଁ ସଞ୍ଚୟ କରିବାକୁ ସଚେତନ କରିବ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଡେପୁଟି କଲେକ୍ଟର ମୁକ୍ତେଶ୍ୱର ପାଣିଗ୍ରାହୀ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରିଚରଣ ମିଶ୍ର ସରକାରଙ୍କ ସ୍ୱଳ୍ପ ସଞ୍ଚୟ ଯୋଜନା ବିଷୟରେ ବକ୍ତବ୍ୟ ରଖିବା ସହ ବ୍ୟକ୍ତିର ଆର୍ଥିକ ବିକାଶ ପାଇଁ ମିତବ୍ୟୟିତା ଜରୁରି। ଅନାବଶ୍ୟକ ଖର୍ଚ୍ଚକୁ ଯଥା ସମ୍ଭବ କମାଇ ବଳକା ଅର୍ଥକୁ ସୁରକ୍ଷିତ ଭାବେ ସଞ୍ଚୟ କଲେ ତାହା ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ ବୋଲି କହିଥିଲେ। ଜିଲାର ବିଭିନ୍ନ ଡାକଘର ସଞ୍ଚୟ ଏଜେଣ୍ଟ, ଜିଲା ସ୍ୱଳ୍ପ ସଞ୍ଚୟ କାର୍ଯ୍ୟାଳୟର କର୍ମଚାରୀ ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ଡିସେମ୍ବର ୬ରୁ ଖରିଫ ଧାନ ସଂଗ୍ରହ

ସୋନପୁର, ୩୦।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଡିସେମ୍ବର ୬ରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ରବିବାର ବ୍ୟତୀତ ସପ୍ତାହକୁ ୬ଦିନ ମଣ୍ଡି ଖୋଲା ରହିବ। ସକାଳ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଷୀଙ୍କ ଧାନ ସଂଗ୍ରହ ଏବଂ ଅପରାହ୍ନ ଅଢେଇଟାରୁ ଉଠାଣ ଆରମ୍ଭ ହେବ। ଚଳିତଥର ଟାର୍ଗେଟ୍ ଆସ ନ ଥିଲେ ହେଁ. ପୂର୍ବଭଳି ଟୋକନ ମାଧ୍ୟମରେ ଚାଷୀଙ୍କ ଧାନ କିଣାଯିବ। ଟୋକନ ୩୦ଦିନ ପର୍ଯ୍ୟନ୍ତ ବୈଧ ରହିବ ଓ ମୋବାଇଲରେ ୭ଦିନ ଅନ୍ତରରେ ଚାଷୀଙ୍କୁ ସୂଚନା ଦିଆଯିବ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ପ୍ରସ୍ତୁତି ବୈଠକରେ ଏହି ସୂଚନା ଦିଆଯାଇଛି। ଏଥର ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୯୪୦ଟଙ୍କା ଦରରେ ଚାଷୀଙ୍କଠାରୁ ଧାନ କିଣାଯିବ।

ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ବୈଠକରେ ଅଧ୍ୟକ୍ଷତା କରିଥିଲେ। ୬୨ଟି ପ୍ୟାକ୍ସ ଓ ୨୯ଟି ଏସ୍ଏଚ୍ଜି ଜରିଆରେ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଜିଲାର ଚାଷୀଙ୍କ ଧାନ କ୍ରୟ କରିବ। ଗତ ଖରିଫରେ ଜିଲାର ୪୧ଟି ଓ ବାହାର ଜିଲାର ୧୧ ମିଲର୍ସ ଅଂଶଗ୍ରହଣ କରିଥିଲେ। ଏଥର ଅକ୍ଟୋବର ୩୧ ତାରିଖ ସୁଦ୍ଧା ୧୦୦ପ୍ରତିଶତ କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ପ୍ରଦାନ କରିଥିବା ମିଲର୍ସଙ୍କୁ ହିଁ ସୁଯୋଗ ମିଳିବ ବୋଲି ସୂଚନା ଦିଆଯାଇଛି।

ଧାନ କ୍ରୟ ପାଇଁ ଜିଲାରେ ୧୦୩ଟି ମଣ୍ଡି ଖୋଲାଯିବ। ଧାନ ବିକ୍ରି କରିବା ପାଇଁ ଚଳିତ ଥର ୬୪ହଜାର ୫୬୭ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି ଯାହାକି ଗତବର୍ଷଠାରୁ ୮ହଜାର ୮୬୫ଜଣ ଅଧିକ। ସେଥିମଧ୍ୟରୁ ସମବାୟ ବିଭାଗ ପକ୍ଷରୁ ୬୩ହଜାର ୮୫୮ଜଣ ଚାଷୀଙ୍କ କାଗଜାତ ବିଧିସିଦ୍ଧ ହୋଇଛି। ବୈଠକରେ ବୀରମହାରାଜପୁର ବିଧାୟକ ତଥା ରାଜ୍ୟ ଯୋଜନା ଓ ପରିବହନ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ ଗତ ରବିରତୁ ଧାନ କିଣାରେ ଯେଉଁ ବିଶୃଙ୍ଖଳା ହୋଇଥିଲା ତାର ପୁନରାବୃତ୍ତି ଯେପରି ନ ହୁଏ ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଧାନ ସଂଗ୍ରହ ସମୟରେ ନୋଡାଲ ଅଫିସରମାନେ ମଣ୍ଡି ବୁଲିବାକୁ ମନ୍ତ୍ରୀ ବେହେରା ପରାମର୍ଶ ଦେଇଥିଲେ। ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ ଧାନ କ୍ରୟ ପ୍ରକ୍ରିୟାକୁ ଜିଲାସ୍ତରରେ ନିୟନ୍ତ୍ରିତ କରିବା ଓ ଚାଷୀଙ୍କ ସୁବିଧା ପାଇଁ ଟୋକନ ପ୍ରକ୍ରିୟା ସରଳୀକରଣ କରିବାକୁ ଦାବି କରିଥିଲେ। ବଲାଙ୍ଗୀର ଏମ୍‌ପି ପ୍ରତିନିଧି ଶରତ କୁମାର ଶତପଥୀ ମିଲର୍ସ ନ ଆସିଲେ ମଣ୍ଡିରୁ ଧାନ ଉଠୁ ନ ଥିବା, ଧାନର ମାନ ଠିକ୍ ନ ଥିବା ଆଳରେ କଟ୍‌ନି ଛଟ୍‌ନି କରା ଯାଉଥିବା ଓ ମଣ୍ଡି ହ୍ୟାଣ୍ଡଲିଂ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ କରିଥିଲେ। ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଜିଲା ଯୋଗାଣ ଅଧିକାରୀ ପବିତ୍ର ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ଚାଷୀ ପ୍ରତିନିଧି ସଜନ କୁମାର ପଣ୍ଡା, ଜିଲା କୃଷକ ସଂଗଠନ ସଭାପତି ବୈକୁଣ୍ଠନାଥ ଶତପଥୀ, ରାଜେନ୍ଦ୍ର ପ୍ରଧାନ, ଏଫସିଆଇର ଡିଭିଜନାଲ ମ୍ୟାନେଜର ବି. ଚନ୍ଦ୍ରମୋହନ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ମିଲର୍ସ ପ୍ରତିନିଧି ବୈଠକରେ ଉପସ୍ଥିତି ଥିଲେ।



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

### ସୁବର୍ଣ୍ଣପୁର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

- ପ୍ୟାକ୍ସ, ମହିଳା ଏସ୍ଏଚ୍ଜି ଧାନ କିଣିବେ
- ଧାନ କୁଇଣ୍ଟାଲ ପ୍ରତି ୧୯୪୦ଟଙ୍କା ଦରରେ କିଣାଯିବ
- ଚାଷୀଙ୍କ ଟୋକନ ୩୦ଦିନ ପର୍ଯ୍ୟନ୍ତ ବୈଧ ରହିବ

## ସିବିଆଇ ତଦନ୍ତ ଦାବିରେ ଥାନା ଘେରିଲା ଭାଜପା

ଅମରପାଲି,(ଡି.ଏନ.ଏ.): ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ଶନିବାର ଭାଜପା କର୍ମକର୍ତ୍ତାମାନେ ବୀରମହାରାଜପୁର ଓ ସୁବଳୟା ଥାନା ଘେରାଉ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉଭୟ ଥାନାଅଧିକାରୀଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ, ଭାଜପା ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାଶ, ଦଳ ଉପସଭାପତି ନଳିନୀ ପଣ୍ଡା, ବରିଷ୍ଠ ନେତା ରଘୁନାଥ ଜଗଦଲା, କିଶୋର ହୋତା, ସୁମନ୍ତ ଜଗଦଲା,ରଶ୍ମିତା ଷଡଙ୍ଗୀ, ରାଧାକାନ୍ତ ପଣ୍ଡାଙ୍କ ସହିତ ଉଭୟ ସୁବଳୟା ଓ ବୀରମହାରାଜପୁର ମଣ୍ଡଳ ଭାଜପା କର୍ମୀମାନେ ଥାନା ଘେରାଉ କରିଥିଲେ।

## ସଂକ୍ଷେପରେ

### ମନମୁଣ୍ଡା ଶ୍ରୀଜଗନ୍ନାଥ ମନ୍ଦିର ପୂଜକ ଗୋପୀନାଥ ହୋତାଙ୍କ ପରଲୋକ

ବାଉଁଶୁଣୀ,୩୦।୧୦(ଡି.ଏନ.ଏ.): ବୌଦ୍ଧ ଦେବୋତ୍ତର ବିଭାଗ ପରିଚାଳିତ କନ୍ଧମାଳ ବ୍ଲକ ମନମୁଣ୍ଡା ଶ୍ରୀଜଗନ୍ନାଥଙ୍କ ମନ୍ଦିରର ପୂଜକ ଗୋପୀନାଥ ହୋତା (୭୭)ଙ୍କ ଶନିବାର ସକାଳେ ପରଲୋକ ଘଟିଛି । ଉକ୍ତ ମନ୍ଦିରର ପୂଜକ ଭାବେ ସେ ୨୦୦୬ ମସିହାରୁ କାର୍ଯ୍ୟ କରି ଆସୁଥିଲେ । ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ ସ୍ୱାଧୀନ, ଆଶୁତୋଷ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତାଙ୍କ ସେ ବଡ ଭାଇ ଅଟନ୍ତି । ଜଗନ୍ନାଥ ମନ୍ଦିରର ଉନ୍ନତୀକରଣ ଓ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସ୍ୱର୍ଗତ ହୋତା ସବୁବେଳେ ଉଦ୍ୟମ ଜାରି ରଖିଥିଲେ । ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ଲରମ୍ଭା କଲେଜରେ କରୋନା ସଚେତନତା

ଅତାବିରା,୩୦।୧୦(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା କଲେଜରେ ଶନିବାର କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନ କଲ୍ୟାଣ ସେବା ଟ୍ରଷ୍ଟ ଏବଂ ଯୁବ ରେଡ୍‌କ୍ରସ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାସ୍କ ବ୍ୟବହାର, କୋଭିଡ୍ କଟକଣା ମାନିବା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ସେହିପରି ଯୁବ ରେଡ୍‌କ୍ରସ୍ ସହଯୋଗୀମାନଙ୍କୁ ମାସ୍କ, ସାନିଟାଇଜର ବଣ୍ଟନ କରାଯାଇଥିଲା। ଟ୍ରଷ୍ଟ ସଭାପତି ମୁକୁନ୍ଦ ଦାଶ, ଅଧ୍ୟାପକ ଡଃ ଅଜିତ କୁମାର ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ ଦାବି

ବରଗଡ଼ ଅଫିସ୍,୩୦।୧୦: ବରଗଡ଼ ପୁରୁଣା ଚିକିତ୍ସାଳୟକୁ ୨୪ଘଣ୍ଟା ବିଦ୍ୟୁତ ସେବା ଯୋଗାଇବା ଲକ୍ଷ୍ୟ ନେଇ ସ୍ଥାପିତ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମରକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି। ଏହି ଦାବି ନେଇ ଶୁକ୍ରବାର ଆମ ଆଦମୀ ପାର୍ଟି(ଆପ୍)ର ଏକ ପ୍ରତିନିଧି ଦଳ ବିଦ୍ୟୁତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ହୋତାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶ ଯେ, ୨କୋଟି ଟଙ୍କା ବ୍ୟୟ ଅଟକଳରେ ଉକ୍ତ ଗ୍ରୀଡ୍ ଟ୍ରାନ୍ସଫର୍ମର ୨୦୧୩ରେ ଉଦ୍‌ଘାଟିତ ହୋଇଥିଲା। ପ୍ରଧାନପାଲି ଗ୍ରୀଡ୍ ସହିତ ସଂଯୋଗ କରି ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ୨୪ଘଣ୍ଟିଆ ବିଦ୍ୟୁତ ସେବା ଯୋଗାଇବା ଏହାର ଲକ୍ଷ୍ୟ ରହିଥିଲା। କିନ୍ତୁ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ଅନ୍ୟପଟେ ଡାକ୍ତରଖାନା ପରିସରରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଉପରେ ଡାକ୍ତରଖାନା ନିର୍ଭର କରୁଛି ଏବଂ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଯୋଗୁ ରୋଗୀଙ୍କୁ ହଟହଟା ହେବାକୁ ପଡୁଛି। ଫଳରେ ଡାକ୍ତରଖାନା ପାଇଁ ଉଦ୍ଦିଷ୍ଟ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ କରିବାକୁ ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ମେରିୟମ ବାର୍ଲା, ସ୍ୱରୂପ ଭୋଇ, ସାମାଜିକ କର୍ମୀ ଶିବାନନ୍ଦ ମଟାରୀ ପ୍ରମୁଖ ଦାବି କରିଛନ୍ତି।

### ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ



ପାଇକମାଳ, ୩୦।୧୦(ଡି.ଏନ.ଏ.): ବରଗଡ ଜିଲା ପାଇକମାଳ ବ୍ଲକ ବରତୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ପାଇକମାଳ ସିଆରସିସି ମହାଦେବ ବେହେରା ସଭା ସଞ୍ଚାଳନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଶିକ୍ଷାଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମାର୍ଗଦର୍ଶନ କରିଥିଲେ। ଏବିଇଓ ଶିବପ୍ରସାଦ ଯୋଶୀ ଓ ପ୍ରେମାନନ୍ଦ ବାରିକ, ଅବସରପ୍ରାପ୍ତ ଏବିଓ କୁବେର ରଣା, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ସାହୁ, ସିଆରସିସି ଅଶୋକ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଆସିଆ ବିବିଙ୍କ ଶିକ୍ଷାଦାନ ଉପରେ ଆଲୋକପାତ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଉମାକାନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ନଭେମ୍ବର ୨୫ରୁ ଖରିଫ ଧାନକିଣା

ବରଗଡ଼ ଅଫିସ୍,୩୦।୧୦



ଧାନ ସଂଗ୍ରହ କମିଟି ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

**ବରଗଡ଼ ଜିଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

- ବିନା ପ୍ରତିନିଧିରେ ବୈଠକ ହେଲା
- ଭର୍ଚୁଆଲ ମୋଡ୍ ବୈଠକକୁ ଚାଷୀ ପ୍ରତିନିଧିଙ୍କ ବର୍ଜନ
- ଜଣାପଡ଼ିନି ଟୋକନ କଟକଣା, ଅବଧି

ବରଗଡ଼ ଜିଲାରେ ନଭେମ୍ବର ୨୫ରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ନଭେମ୍ବର ୨୫ରେ ଜିଲାର ଅତାବିରା, ଭେଡ଼େନ ବ୍ଲକ, ୨୮ରେ ବରଗଡ଼ ବ୍ଲକ ଏବଂ ଡିସେମ୍ବର ୧ରୁ ଅନ୍ୟ ବ୍ଲକ ଗୁଡ଼ିକରେ ଏହି ପ୍ରକ୍ରିୟା ଚାଲିବ। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଜିଲାପାଳ ଅଫିସ ପରିସର ଓସୱାନ ହଲରେ ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଜିଲାପାଳ ମୋନିଷା ବାନାର୍ଜୀ କହିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀମାନେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ, ତାକୁ ଧ୍ୟାନ ଦିଆଯାଇଛି। ସମସ୍ତଙ୍କ ସହଯୋଗରେ ଏହି ପ୍ରକ୍ରିୟା ସୁରୁଖୁରୁରେ ସମ୍ପାଦନ ହେବ ବୋଲି ଜିଲାପାଳ ବାନାର୍ଜୀ ଆଶାବ୍ୟକ୍ତ କରିଛନ୍ତି।

ଜିଲାରେ ଏଥର ସମୁଦାୟ ୧୯୩ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିବ। ସେଥିମଧ୍ୟରୁ ସିଂହେନପାଲି, ଡାଙ୍ଗପାଲି, ତେଜାଗୋଲା, ବରା, ସମଲେଇପଦର, ସତୀଭଟା, କନସିଂହା, ସରେଇକେଲା ନୂତନ ମଣ୍ଡି ରହିଛି। ଜିଲାର ୧୧୩ ମିଲର୍ସଙ୍କୁ ଯୋଗ୍ୟତା ଭିତ୍ତିରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯିବ ଏବଂ ୫୮ପ୍ରାଥମିକ କୃଷି ସମବାୟ ସମିତି ଏବଂ ୨୭ ଏସ୍ଏଚ୍‌ଜି ଜରିଆରେ ଯୋଗାଣ ନିଗମ ଧାନ କିଣିବ । ଏଥର ସାଧାରଣ ଧାନ ଦର କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ଏବଂ ଗ୍ରେଡ୍-ଏ ଧାନ ଦର କୁଇଣ୍ଟାଲ ପ୍ରତି ୧୯୬୦ ଟଙ୍କା ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଏଥର ମଧ୍ୟ ଟୋକନ କଟକଣାକୁ ବାଧ୍ୟତାମୂଳକ କରାଯାଇଛି। ତେବେ ଟୋକନ ଅବଧି କେତେଦିନ ରହିବ ଏବଂ ଚାଷୀମାନେ ଏକର ପ୍ରତି କେତେ ଧାନ ବିକ୍ରି କରି ପାରିବେ, ତାହା ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ନିଷ୍ପତ୍ତି ନେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ତେବେ ଚାଷୀମାନେ ଧାନବିକ୍ରି ନେଇ ଯେଭଳି ସହଜରେ ସୂଚନା ପାଇ ପାରିବେ, ସେ ନେଇ ଏଥର ପ୍ରଥମଥର ପାଇଁ ଇଣ୍ଟରଆକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ(ଆଇଭିଆରଏସ୍) ଆପ୍ ଚାଲୁ ହେବ ଏବଂ ନିଜ ମୋବାଇଲରେ ଚାଷୀଙ୍କୁ ସୂଚନା ଦିଆଯିବା ବ୍ୟବସ୍ଥା ରହିଥିବା ବିଭାଗୀୟ ଅଧିକାରୀ କହିଥିଲେ। ମଣ୍ଡି ଗୁଡ଼ିକ ସପ୍ତାହକୁ ୬ଦିନ ଖୋଲା ରହିବ ଏବଂ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ସୁଦ୍ଧା ଧାନ ସଂଗ୍ରହ ହେବ। ସେହିପରି ଦିନ ୧ଟାରୁ ଧାନ ଉଠାଣ ହେବ ଏବଂ ଚାଷୀମାନେ ଧାନ ବିକ୍ରିହେବାର ୨୪ରୁ ୪୮ଘଣ୍ଟା ମଧ୍ୟରେ ପି-ପାସ୍ ମାଧ୍ୟମରେ ସେମାନଙ୍କ ବିକ୍ରିଧାନର ପ୍ରାପ୍ୟ ପାଇ ପାରିବେ ବୋଲି ସୂଚନା ଦିଆଯାଇଛି ।

ବୈଠକରେ ଜିଲାପାଳଙ୍କ ସମେତ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଅତିରିକ୍ତ ଜିଲାପାଳ ମିର୍ଜ୍ଧା ଟପ୍ପୋ, ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଭର୍ଚୁଆଲ ମୋଡ଼ରେ ହୋଇଥିବା ଏହି ବୈଠକକୁ ଚାଷୀ ପ୍ରତିନିଧିମାନେ ବର୍ଜନ କରିଥିଲେ। ଏ ସମ୍ପର୍କରେ ଜିଲାପାଳ ବାନାର୍ଜୀଙ୍କୁ ପଚାରିବାରୁ କହିଛନ୍ତି, ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ୫ଜଣ ଚାଷୀ ପ୍ରତିନିଧି ଅଛନ୍ତି ଏବଂ ସେମାନେ ଏହି ବୈଠକ ନେଇ ଚିଠି ଗ୍ରହଣ କରିଛନ୍ତି। ଆଜି ସେମାନେ ଅନୁପସ୍ଥିତ ଥିବାରୁ ସେହି ଚାଷୀ ପ୍ରତିନିଧିଙ୍କୁ ନେଇ ଆସନ୍ତା ମଙ୍ଗଳବାର ପୁଣି ଏକ ବୈଠକ ହେବ ଏବଂ ସେମାନଙ୍କ ପ୍ରସ୍ତାବକୁ ବିଚାରକୁ ନିଆଯିବ ବୋଲି ଜିଲାପାଳ ବାନାର୍ଜୀ କହିଥିଲେ ।

## କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି ଦାବି ନେଇ ଦାବିପତ୍ର



କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କର୍ଲାମୁଣ୍ଡା,୩୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଶନିବାର ବେଲଖଣ୍ଡି ଶିବ ମନ୍ଦିରଠାରେ ପ୍ରଥମେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିଷ୍ପତ୍ତିକ୍ରମେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷିକେଶ ଗହୀରଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି, ୨୦୧୩ ଚୁକ୍ତି ଭିତ୍ତିକ ନିୟମରେ ଅର୍ନ୍ତଭୁକ୍ତ କରିବା ସହ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ (ତାଲିମ ପ୍ରାପ୍ତ ହୋଇଥିବାରୁ) ଦରମା ସର୍ବନିମ୍ନ ୧୬୦୦୦ କରିବା ଓ ୨୦୧୬ ମସିହାରୁ ଏହା ଲାଗୁ କରିବା ଆଦି ଦାବି ରହିଛି। କର୍ଲାମୁଣ୍ଡା ବ୍ଲକ କନିଷ୍ଠ ଶିକ୍ଷକ ସଂଘ ସଭାପତି ମନୋଜ କୁମାର ଦାସ, ସମ୍ପାଦକ ଟର୍ଚ୍ଛଲ ସାହୁଙ୍କ ନେତୃତ୍ୱରେ ଉପସଭାପତି ସର୍ସ୍ମିତା ସାହୁ, ସହସମ୍ପାଦକ ହିମାଂଶୁ ଶେଖର ଦାସ, ଉପଦେଷ୍ଟା ପ୍ରଶନ୍ନ କୁମାର ସାହୁ, ପ୍ରତାପ ପ୍ରଧାନ, ସର୍ମିଷ୍ଠା ପାଣିଗ୍ରାହୀ, ଅଞ୍ଜଳୀ ସାହୁ, ତୃପ୍ତୀ ରଞ୍ଜନ ନାଥ, ଦୋଳଗୋବିନ୍ଦ ସାହୁ, ସୁନୀତା ସ୍ୱାଇଁ, ରୋଜିସ୍ମିତା ସାହୁ, ପ୍ରଧାନ ଜ୍ୟୋତି, ପ୍ରଜ୍ଞାପରମିତା ପାଶା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଛାତ୍ର କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

ଭବାନୀପାଟଣା,୩୦।୧୦(ସ୍ୱ.ପ୍ର.)




ଭବାନୀପାଟଣାରେ ଛାତ୍ର କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

ମମିତା ମେହେର ହତ୍ୟା ଘଟଣା ନେଇ ଶନିବାର ସନ୍ଧ୍ୟାରେ ଭବାନୀପାଟଣାରେ ଛାତ୍ର କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଶୋଭାଯାତ୍ରା କଲେଜ ଛକରୁ ବାହାରି ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ଯାଇଥିଲା। ଦୋଷୀଙ୍କୁ ସହଯୋଗ କରୁଥିବା ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ବରଖାସ୍ତ ଓ ଗିରଫ ଦାବି କରାଯାଇଥିଲା। ଏହି ଘଟଣାରେ ନିରପେକ୍ଷ ତଦନ୍ତ ସହ ଦୋଷୀମାନଙ୍କୁ ଫାଶୀ ଖୁଣ୍ଟରେ ଝୁଲେଇ ମମିତାଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଜିଲା ଛାତ୍ର କଂଗ୍ରେସ ସଭାପତି ସୁଶାନ୍ତ ପ୍ରଧାନୀଙ୍କ ନେତୃତ୍ୱରେ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଉପସଭାପତି ପରମାନନ୍ଦ ପୂଝାରୀ, ଧନୁ ଗହୀର, ବରିଷ୍ଠ କଂଗ୍ରେସ ନେତା ଉତ୍ସବ ସାହୁ, ସୁବାଷ ପ୍ରଧାନ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ମହମ୍ମଦ ସାହେବ, ନଗର କାର୍ଯ୍ୟକାରୀ ସଭାପତି ସରୋଜ ବାଗ, ବରିଷ୍ଠ ନେତ୍ରୀ ମାଣିକ୍ୟ ସୁନାନୀ, ଜିଲା ଯୁବ କଂଗ୍ରେସ ଉପସଭାନେତ୍ରୀ ମନ୍ଦାକିନୀ ବାଣୁଆ ପ୍ରମୁଖଙ୍କ ସହ ୨ଶହରୁ ଉର୍ଦ୍ଧ୍ୱ ଛାତ୍ର କଂଗ୍ରେସ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପୌରସଂସ୍ଥା ଓ ଆଇଟିଆଇ ମଧ୍ୟରେ ଏମ୍ଓୟୁ

ଭବାନୀପାଟଣା,୩୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲାର ୪ଟି ପୌରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ସମସ୍ତ ପୌରସଂସ୍ଥା ଏବଂ ଭବାନୀପାଟଣା ଆଇଟିଆଇ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଭବାନୀପାଟଣା ମ୍ୟୁନିସିପାଲିଟି ସମେତ କେସିଙ୍ଗା, ଜୁନାଗଡ ଓ ଧର୍ମଗଡ ଏନ୍ଏସି ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ସମ୍ପଦ କେନ୍ଦ୍ର ଏବଂ ଜୈବିକ ଖତ କେନ୍ଦ୍ରଗୁଡିକରେ ବ୍ୟବହୃତ ସରଞ୍ଜାମଗୁଡିକ ରକ୍ଷଣାବେକ୍ଷଣ ଓ ମରାମତି ସହ ନିରନ୍ତର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉକ୍ତ ପୌରସଂସ୍ଥା ଏବଂ ସ୍ଥାନୀୟ ସରକାରୀ ଆଇଟିଆଇ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର ହୋଇଛି। ଏହି ସବୁ କେନ୍ଦ୍ରର ସୁପରିଚାଳନା ପାଇଁ ବ୍ୟାଟେରି ଚାଳିତ ଗାଡି ଓ ଅନ୍ୟାନ୍ୟ ଯନ୍ତ୍ରପାତି ରହିଛି। ସେହିସବୁର ନିୟମିତ ରକ୍ଷଣାବେକ୍ଷଣ ସହଜ କରିବା ପାଇଁ ସହମତି ହୋଇଛି। ଏହାଦ୍ୱାରା ନିଜସ୍ୱ ଉପଲବ୍ଧ ସମ୍ବଳରେ ବ୍ୟବସ୍ଥା ରହିବା ସହ ଆଇଟିଆଇଗୁଡିକର ସ୍ଥାୟୀ ଆର୍ଥିକ ଆୟ ହୋଇପାରିବ। ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ସୁଧାର ଆସିପାରିବ ବୋଲି ଜଣାଯାଇଛି।

## ଜୁନାଗଡ଼ରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଜୁନାଗଡ,୩୦।୧୦(ଡି.ଏନ.ଏ.)



ଜୁନାଗଡରେ ମହିଳାମାନେ ମନ୍ତ୍ରୀ ମିଶ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଉଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଶନିବାର ଅପରାହ୍ନରେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ସ୍ଥାନୀୟ ଶତାଧିକା ମହିଳା ଭବ୍ୟ ସମ୍ବର୍ଦ୍ଧନାରେ ସ୍ୱାଗତ କରିଛନ୍ତି। ମନ୍ତ୍ରୀ ମିଶ୍ର ସେଠାରେ ଯୋଗଦେଇ ଲଙ୍କେଶ୍ୱରୀ ମହିଳା ଓ ଶିଶୁ ଉଦ୍ୟାନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ମହେଶ ସାହୁ, ସୁଧାଂଶୁ ବରାଡ, ମହିଚଲା ସରପଞ୍ଚ ଅଜୟ ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ନଗର ସଭାନେତ୍ରୀ ମନୋରମା ମହାଲିକ, ପୂର୍ବତନ କାଉନସିଲର ଗାୟତ୍ରୀ ପ୍ରଧାନୀ, ନାରୀନେତ୍ରୀ ସଂଯୁକ୍ତା ଚନ୍ଦନ, ମୀନା ବାଗ, ଯନ୍ତ୍ରୀ ଅରୁଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅବ୍ୟବସ୍ଥାରେ ଚାଲିଛି ରକ୍ତ ସଂରକ୍ଷଣ କେନ୍ଦ୍ର

ଅମରପାଲି, ୩୦।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡୀୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ସଂରକ୍ଷଣ କେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେଇଛି। ଜିଲା ରକ୍ତଦାତା ମହାସଂଘ ସଦସ୍ୟମାନେ ଏ ନେଇ ଶନିବାର ଦାବିପତ୍ର ସ୍ଥାନୀୟ ଉପଖଣ୍ଡୀୟ ଚିକିତ୍ସା ଅଧିକାରୀ ଦିଲୀପ କୁମାର ପଣ୍ଡା(ଏସ୍‌ଡିଏମଓ)ଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗମତେ ରକ୍ତ ସଂରକ୍ଷଣ କେନ୍ଦ୍ର ଅପରିଷ୍କାର ହୋଇ ପଡିଛି। କେନ୍ଦ୍ରରେ ଆଲୁଅର ବ୍ୟବସ୍ଥା ନାହିଁ।

**OFFICE OF THE REGULATED MARKET COMMITTEE, BALASORE**

At: Bamapada, P.O.- Chhanpur, Via: Kuruda, Dist.- Balasore, PIN - 756056 Email ID: rmcbalasore123@gmail.com, Ph.: 06782-255605

Quotation No. 550 Date: 29.10.2021

**QUOTATION CALL NOTICE**

Quotation Call Notice for procurement of grading equipments required for the R.M.C., Balasore & R.M.C., Jaleswar i.e. Electronic Weighing Scale of 300 Kg. capacity, Digital Moisture Meter, Analysis Kit Box, Sample Divider, Set of Sieves & Parkhee etc. for use in paddy procurement operation. The further details of the Quotation Call Notice can be seen from the official website of Balasore District **https://baleshwar.nic.in**.

Sd./- Sub-Collector, Balasore-cum-
Chairman, RMC, Balasore & Jaleswar

**ବିଜ୍ଞପ୍ତି ନଂ. – ୦୧**

ତା.୨୬।୧୦।୨୦୨୧

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉକ୍ତ ବିଜ୍ଞପ୍ତି ଜାରି କରାଯାଉଛି ଯେ, ମିଳିତ କୋଇଲା ଟ୍ରକ୍ ମାଲିକ ସଂଘ (UCTOA), ସୁନ୍ଦରଗଡ଼ର ସର୍ବସମ୍ମତ ନିଷ୍ପତ୍ତି କ୍ରମେ BS-6 ନୂତନ ଗାଡ଼ି କ୍ରୟ ନ କରିବାକୁ ଅନୁରୋଧ। ବାର ଚକିଆ ଓ ଚଉଦ ଚକିଆ ଗାଡ଼ି ମାଲିକମାନଙ୍କ ସାମୂହିକ ସମସ୍ୟାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଏ ନିଷ୍ପତ୍ତି ତା୨୬।୧୦।୨୦୨୧ (Cut off date) ଭାବେ ଲାଗୁ କରାଯିବ। ଉକ୍ତ ତାରିଖପରେ ଯେଉଁମାନେ ନୂତନ ଭାବେ ଗାଡ଼ି କ୍ରୟ କରିବେ, ସେହି ଗାଡ଼ିଗୁଡ଼ିକୁ ଲୋଡିଂ ପାଇଁ ଏଣ୍ଟ୍ରି ପାସ୍ ଦିଆଯିବ ନାହିଁ। କେବଳ ବିସ୍ଥାପିତ ଖଣି ଅଞ୍ଚଳର ନୂତନ ଗାଡ଼ି ମାଲିକ ସୃଷ୍ଟି ସକାଶେ ଜଣକା ୫ ଖଣ୍ଡ ଗାଡ଼ିରୁ ଅଧିକ ଗାଡ଼ି କ୍ରୟ କରିପାରିବେ ନାହିଁ। ବର୍ତ୍ତମାନର ଗାଡ଼ି ମାଲିକ ଓ ଗାଡ଼ି ପରିସ୍ଥିତିକୁ ଅନୁଧାନ କରି ଏଭଳି ନିଷ୍ପତ୍ତି ଅସ୍ଥାୟୀ ଭାବେ ନିଆଗଲା।

**ବିଜ୍ଞପ୍ତି ନଂ. – ୦୨**

ତା୨୬।୧୦।୨୦୨୧

ଏତଦ୍ଦ୍ୱାରା ସମସ୍ତ ଟ୍ରକ୍ ମାଲିକ ସଂଘ, ସମସ୍ତ ପରିବହନ ସଂସ୍ଥା ଓ ବସୁନ୍ଧରା କ୍ଷେତ୍ରର ସମସ୍ତ ଗାଡ଼ି ମାଲିକମାନଙ୍କୁ ଜଣାଇ ଦିଆଯାଉଛି ଯେ, ମିଳିତ କୋଇଲା ଟ୍ରକ୍ ସଂଘ ସୁନ୍ଦରଗଡ଼ଙ୍କ ସର୍ବସମ୍ମତ ନିଷ୍ପତ୍ତି କ୍ରମେ ନୂତନ ରେଟ୍ ଓ କ୍ରମାନ୍ୱୟରେ ଗାଡ଼ି ଏଣ୍ଟ୍ରି ଆସନ୍ତା ୧ ନଭେମ୍ବର ଦିନଠାରୁ ଲାଗୁ ହେବ।

(ବଟ କିଶୋର ମିଶ୍ର)
ସଂଯୋଜକ
ମିଳିତ କୋଇଲା ଟ୍ରକ୍ ସଂଘ, ସୁନ୍ଦରଗଡ଼

## କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜୁନାଗଡ,୩୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀ (ବିଇଓ) ବିଜୟ କୁମାର ସେନାପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କନିଷ୍ଠ ଶିକ୍ଷକମାନଙ୍କ ପାରିଶ୍ରମିକ ବୃଦ୍ଧି ଓ ୨୦୧୩ ଚୁକ୍ତିଭିତ୍ତିକ ନିୟମରେ ଅର୍ନ୍ତଭୁକ୍ତ କରିବା ପାଇଁ ଦାବି କରାଯାଇଛି। ସେହିପରି କନିଷ୍ଠ ଶିକ୍ଷୟତ୍ରୀ/ଶିକ୍ଷକମାନେ ତାଲିମପ୍ରାପ୍ତ ହୋଇଥିବାରୁ ସର୍ବନିମ୍ନ ଦରମା ୧୬ ହଜାର କରିବା ସହ ଏହାକୁ ଗତ ୨୦୧୬ରୁ ଲାଗୁ କରିବା ପାଇଁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି କାଲୁ ଚରଣ ମହାରଣା, ଉପସଭାପତି ବବିସ୍ମିତା ମିଶ୍ର, ଆଶୁତୋଷ ନନ୍ଦ, ସମ୍ପାଦକ ପିତବାସ ପୁହାନ, ଯୁଗ୍ମ ସମ୍ପାଦକ ନିର୍ମଳ ଖଟୁଆ, ଅନୀଲ କୁମାର ଜେନା, ଉପଦେଷ୍ଟା ସରୋଜ କୁମାର ପଣ୍ଡା, ଲଳିତ ମୋହନ ନେଗୀ ପ୍ରମୁଖ ଉପସ୍ଥିତ ଥିଲେ।



କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କୁ ଦାବିପତ୍ର ଦିଆଯାଉଛି।

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା**

(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ସଂଖ୍ୟା: ୪୫୭ ତାରିଖ: ୨୯।୧୦।୨୦୨୧

**ବିଜ୍ଞାପନ**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଏକ ପରିତ୍ୟକ୍ତ ଶିଶୁକୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଝାରସୁଗୁଡ଼ାଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ବିଜ୍ଞାପନ ପ୍ରକାଶନଠାରୁ ୩୦ ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ ଏହି ଶିଶୁଟିର ପିତାମାତା/ଅଭିଭାବକ ବା ଆଇନସିଦ୍ଧ ଦାବିଦାର ନ ମିଳନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଓ ପୋଷ୍ୟ ସନ୍ତାନ ବ୍ୟବସ୍ଥା ନିୟମାବଳୀ ୨୦୧୭ ଅନୁଯାୟୀ ପୋଷ୍ୟଯୋଗ୍ୟ ବୋଲି ବିବେଚିତ କରାଯିବ।

**ଯୋଗାଯୋଗ କରିବାର ଠିକଣା:**

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା, ଫୋନ୍: ୦୬୬୪୫-୨୭୦୫୭୦ କିମ୍ବା ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ଝାରସୁଗୁଡ଼ା, ଫୋନ୍: ୯୪୩୭୧୫୮୬୦୭ କିମ୍ବା ରଞ୍ଜିତା ତନ୍ତି, ମ୍ୟାନେଜର, ମର୍ସି ମେମୋରିଆଲ ଶିଶୁ ଗୃହ (ଡାନିଏଲସ) ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବ୍ରଜରାଜନଗର, ଝାରସୁଗୁଡ଼ା, ଫୋନ୍: ୭୯୭୮୬୨୩୩୫୨/୯୧୭୮୭୫୩୩୪୪।

| ଦିଆଯାଇଥିବା ନାମ | ଲିଙ୍ଗ/ ବୟସ | ଶିଶୁ ମଙ୍ଗଳ କମିଟି କେସ୍ ନଂ./ ଆଦେଶ ନଂ. | ଉଦ୍ଧାର ସ୍ଥାନ, ତାରିଖ | ଅବସ୍ଥାନ କରୁଥିବା ଅନୁଷ୍ଠାନ | ଫଟୋ |
|---|---|---|---|---|---|
| ସମ୍ଭବ | ପୁଅ (ପ୍ରାୟତଃ ୧ ମାସ) | ୧୧୦୩/୨୦୨୧ ୨୨।୧୦।୨୦୨୧ | ପୋଷ୍ୟ ସନ୍ତାନ କେନ୍ଦ୍ର, ଝାରସୁଗୁଡ଼ା ଶିଶୁ ଝୁଲଣା ତା୨୨।୧୦।୨୦୨୧ | ମର୍ସି ମେମୋରିଆଲ ଶିଶୁ ଗୃହ (ଡାନିଏଲସ) ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବ୍ରଜରାଜନଗର, ଝାରସୁଗୁଡ଼ା |  |

ଜିଲ୍ଲାପାଳ, ଝାରସୁଗୁଡ଼ା

## ସଂକ୍ଷେପରେ

### ମନମୁଣ୍ଡା ଶ୍ରୀଜଗନ୍ନାଥ ମନ୍ଦିର ପୂଜକ ଗୋପୀନାଥ ହୋତାଙ୍କ ପରଲୋକ

ବାଉଁଶୁଣୀ,୩୦।୧୦(ଡି.ଏନ.ଏ.): ବୌଦ୍ଧ ଦେବୋତ୍ତର ବିଭାଗ ପରିଚାଳିତ କନ୍ଧମାଳ ବ୍ଲକ ମନମୁଣ୍ଡା ଶ୍ରୀଜଗନ୍ନାଥଙ୍କ ମନ୍ଦିରର ପୂଜକ ଗୋପୀନାଥ ହୋତା (୭୭)ଙ୍କ ଶନିବାର ସକାଳେ ପରଲୋକ ଘଟିଛି । ଉକ୍ତ ମନ୍ଦିରର ପୂଜକ ଭାବେ ସେ ୨୦୦୬ ମସିହାରୁ କାର୍ଯ୍ୟ କରି ଆସୁଥିଲେ । ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ ସ୍ୱାଧୀନ, ଆଶୁତୋଷ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତାଙ୍କ ସେ ବଡ ଭାଇ ଅଟନ୍ତି । ଜଗନ୍ନାଥ ମନ୍ଦିରର ଉନ୍ନତୀକରଣ ଓ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସ୍ୱର୍ଗତ ହୋତା ସବୁବେଳେ ଉଦ୍ୟମ ଜାରି ରଖିଥିଲେ । ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ଲରମ୍ଭା କଲେଜରେ କରୋନା ସଚେତନତା

ଅତାବିରା,୩୦।୧୦(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା କଲେଜରେ ଶନିବାର କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନ କଲ୍ୟାଣ ସେବା ଟ୍ରଷ୍ଟ ଏବଂ ଯୁବ ରେଡ଼କ୍ରସ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାସ୍କ ବ୍ୟବହାର, କୋଭିଡ୍ କଟକଣା ମାନିବା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ସେହିପରି ଯୁବ ରେଡ଼କ୍ରସ୍ ସହଯୋଗୀମାନଙ୍କୁ ମାସ୍କ, ସାନିଟାଇଜର ବଣ୍ଟନ କରାଯାଇଥିଲା। ଟ୍ରଷ୍ଟ ସଭାପତି ମୁକୁନ୍ଦ ଦାଶ, ଅଧ୍ୟାପକ ଡଃ ଅଜିତ କୁମାର ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ ଦାବି

ବରଗଡ଼ ଅଫିସ୍,୩୦।୧୦: ବରଗଡ଼ ପୁରୁଣା ଚିକିତ୍ସାଳୟକୁ ୨୪ଘଣ୍ଟା ବିଦ୍ୟୁତ ସେବା ଯୋଗାଇବା ଲକ୍ଷ୍ୟ ନେଇ ସ୍ଥାପିତ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମରକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି। ଏହି ଦାବି ନେଇ ଶୁକ୍ରବାର ଆମ ଆଦମୀ ପାର୍ଟି(ଆପ୍)ର ଏକ ପ୍ରତିନିଧି ଦଳ ବିଦ୍ୟୁତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ହୋତାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶ ଯେ, ୨କୋଟି ଟଙ୍କା ବ୍ୟୟ ଅଟକଳରେ ଉକ୍ତ ଗ୍ରୀଡ଼ ଟ୍ରାନ୍ସଫର୍ମର ୨୦୧୩ରେ ଉଦ୍‌ଘାଟିତ ହୋଇଥିଲା। ପ୍ରଧାନପାଲି ଗ୍ରୀଡ୍ ସହିତ ସଂଯୋଗ କରି ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ୨୪ଘଣ୍ଟିଆ ବିଦ୍ୟୁତ ସେବା ଯୋଗାଇବା ଏହାର ଲକ୍ଷ୍ୟ ରହିଥିଲା। କିନ୍ତୁ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ଅନ୍ୟପଟେ ଡାକ୍ତରଖାନା ପରିସରରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଉପରେ ଡାକ୍ତରଖାନା ନିର୍ଭର କରୁଛି ଏବଂ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଯୋଗୁ ରୋଗୀଙ୍କୁ ହଟହଟା ହେବାକୁ ପଡୁଛି। ଫଳରେ ଡାକ୍ତରଖାନା ପାଇଁ ଉଦ୍ଦିଷ୍ଟ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ କରିବାକୁ ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ମେରିୟମ ବାର୍ଲା, ସ୍ୱରୂପ ଭୋଇ, ସାମାଜିକ କର୍ମୀ ଶିବାନନ୍ଦ ମଟାରୀ ପ୍ରମୁଖ ଦାବି କରିଛନ୍ତି।

### ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ



ପାଇକମାଳ, ୩୦।୧୦(ଡି.ଏନ.ଏ.): ବରଗଡ ଜିଲା ପାଇକମାଳ ବ୍ଲକ ବରତୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ପାଇକମାଳ ସିଆରସିସି ମହାଦେବ ବେହେରା ସଭା ସଞ୍ଚାଳନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଶିକ୍ଷାଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମାର୍ଗଦର୍ଶନ କରିଥିଲେ। ଏବିଇଓ ଶିବପ୍ରସାଦ ଯୋଶୀ ଓ ପ୍ରେମାନନ୍ଦ ବାରିକ, ଅବସରପ୍ରାପ୍ତ ଏବିଓ କୁବେର ରଣା, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ସାହୁ, ସିଆରସିସି ଅଶୋକ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଆସିଆ ବିବିଙ୍କ ଶିକ୍ଷାଦାନ ଉପରେ ଆଲୋକପାତ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଉମାକାନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୫ରୁ ଖରିଫ ଧାନକିଣା ଆରମ୍ଭ

ବରଗଡ଼ ଅଫିସ୍,୩୦।୧୦

ବରଗଡ଼ ଜିଲାରେ ନଭେମ୍ବର ୨୫ରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ନଭେମ୍ବର ୨୫ରେ ଜିଲାର ଅତାବିରା, ଭେଡ଼େନ ବ୍ଲକ, ୨୮ରେ ବରଗଡ଼ ବ୍ଲକ ଏବଂ ଡିସେମ୍ବର ୧ରୁ ଅନ୍ୟ ବ୍ଲକ ଗୁଡ଼ିକରେ ଏହି ପ୍ରକ୍ରିୟା ଚାଲିବ। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଜିଲାପାଳ ଅଫିସ ପରିସର ଓସୱାନ ହଲରେ ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଜିଲାପାଳ ମୋନିଷା ବାନାର୍ଜୀ କହିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀମାନେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ, ତାକୁ ଧ୍ୟାନ ଦିଆଯାଇଛି । ସମସ୍ତଙ୍କ ସହଯୋଗରେ ଏହି ପ୍ରକ୍ରିୟା ସୁରୁଖୁରୁରେ ସମ୍ପାଦନ ହେବ ବୋଲି ଜିଲାପାଳ ବାନାର୍ଜୀ ଆଶାବ୍ୟକ୍ତ କରିଛନ୍ତି।

ଜିଲାରେ ଏଥର ସମୁଦାୟ ୧୯୩ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିବ। ସେଥିମଧ୍ୟରୁ ସିଂହେନପାଲି, ଡାଙ୍ଗପାଲି, ତେଜାଗୋଲା, ବରା, ସମଲେଇପଦର, ସତୀଭଟା, କନସିଂହା, ସରେଇକେଲା ନୂତନ ମଣ୍ଡି ରହିଛି। ଜିଲାର ୧୧୩ ମିଲର୍ସଙ୍କୁ ଯୋଗ୍ୟତା ଭିତ୍ତିରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯିବ




ଧାନ ସଂଗ୍ରହ କମିଟି ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

ଏବଂ ୫୮ପ୍ରାଥମିକ କୃଷି ସମବାୟ ସମିତି ଏବଂ ୨୭ ଏସ୍‌ଏଚ୍‌ଜି ଜରିଆରେ ଯୋଗାଣ ନିଗମ ଧାନ କିଣିବ । ଏଥର ସାଧାରଣ ଧାନ ଦର କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ଏବଂ ଗ୍ରେଡ୍-ଏ ଧାନ ଦର କୁଇଣ୍ଟାଲ ପ୍ରତି ୧୯୬୦ ଟଙ୍କା ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଏଥର ମଧ୍ୟ ଟୋକନ କଟକଣାକୁ ବାଧ୍ୟତାମୂଳକ କରାଯାଇଛି । ତେବେ ଟୋକନ ଅବଧି କେତେଦିନ ରହିବ ଏବଂ ଚାଷୀମାନେ ଏକର ପ୍ରତି କେତେ ଧାନ ବିକ୍ରି କରି ପାରିବେ, ତାହା ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ନିଷ୍ପତ୍ତି ନେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ତେବେ ଚାଷୀମାନେ ଧାନବିକ୍ରି ନେଇ ଯେଭଳି ସହଜରେ ସୂଚନା ପାଇ ପାରିବେ, ସେ ନେଇ ଏଥର ପ୍ରଥମଥର ପାଇଁ ଇଣ୍ଟରଆକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ(ଆଇଭିଆରଏସ୍) ଆପ୍ ଚାଲୁ ହେବ ଏବଂ ନିଜ ମୋବାଇଲରେ ଚାଷୀଙ୍କୁ ସୂଚନା ଦିଆଯିବା ବ୍ୟବସ୍ଥା ରହିଥିବା ବିଭାଗୀୟ ଅଧିକାରୀ କହିଥିଲେ। ମଣ୍ଡି ଗୁଡ଼ିକ ସପ୍ତାହକୁ ୬ଦିନ ଖୋଲା ରହିବ ଏବଂ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ସୁଦ୍ଧା ଧାନ ସଂଗ୍ରହ ହେବ । ସେହିପରି ଦିନ ୧ଟାରୁ ଧାନ ଉଠାଣ ହେବ ଏବଂ ଚାଷୀମାନେ ଧାନ ବିକ୍ରିହେବାର ୨୪ରୁ ୪୮ଘଣ୍ଟା ମଧ୍ୟରେ ପି-ପାସ୍ ମାଧ୍ୟମରେ ସେମାନଙ୍କ ବିକ୍ରିଧାନର ପ୍ରାପ୍ୟ ପାଇ ପାରିବେ ବୋଲି ସୂଚନା ଦିଆଯାଇଛି ।

ବୈଠକରେ ଜିଲାପାଳଙ୍କ ସମେତ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଭର୍ଚୁଆଲ ମୋଡ଼ରେ ହୋଇଥିବା ଏହି ବୈଠକକୁ ଚାଷୀ ପ୍ରତିନିଧିମାନେ ବର୍ଜନ କରିଥିଲେ। ଏ ସମ୍ପର୍କରେ ଜିଲାପାଳ ବାନାର୍ଜୀଙ୍କୁ ପଚାରିବାରୁ କହିଛନ୍ତି, ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ୫ଜଣ ଚାଷୀ ପ୍ରତିନିଧି ଅଛନ୍ତି ଏବଂ ସେମାନେ ଏହି ବୈଠକ ନେଇ ଚିଠି ଗ୍ରହଣ କରିଛନ୍ତି। ଆଜି ସେମାନେ ଅନୁପସ୍ଥିତ ଥିବାରୁ ସେହି ଚାଷୀ ପ୍ରତିନିଧିଙ୍କୁ ନେଇ ଆସନ୍ତା ମଙ୍ଗଳବାର ପୁଣି ଏକ ବୈଠକ ହେବ ଏବଂ ସେମାନଙ୍କ ପ୍ରସ୍ତାବକୁ ବିଚାରକୁ ନିଆଯିବ ବୋଲି ଜିଲାପାଳ ବାନାର୍ଜୀ କହିଥିଲେ ।

**ବରଗଡ଼ ଜିଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

- ବିନା ପ୍ରତିନିଧିରେ ବୈଠକ ହେଲା
- ଭର୍ଚୁଆଲ ମୋଡ୍ ବୈଠକକୁ ଚାଷୀ ପ୍ରତିନିଧିଙ୍କ ବର୍ଜନ
- ଜଣାପଡ଼ିନି ଟୋକନ କଟକଣା, ଅବଧି

### ଅବ୍ୟବସ୍ଥାରେ ଚାଲିଛି ରକ୍ତ ସଂରକ୍ଷଣ କେନ୍ଦ୍ର

**ଏସ୍‌ଡିଏମ୍‌ଓଙ୍କୁ ରକ୍ତଦାତା ମହାସଂଘର ଦାବିପତ୍ର**



ଅମରପାଲି, ୩୦।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡୀୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ସଂରକ୍ଷଣ କେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେଇଛି। ଜିଲା ରକ୍ତଦାତା ମହାସଂଘ ସଦସ୍ୟମାନେ ଏ ନେଇ ଶନିବାର ଏକ ଦାବିପତ୍ର ସ୍ଥାନୀୟ ଉପଖଣ୍ଡୀୟ ଚିକିତ୍ସା ଅଧିକାରୀ ଦିଲୀପ କୁମାର ପଣ୍ଡା(ଏସ୍‌ଡିଏମଓ)ଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗମତେ ରକ୍ତ ସଂରକ୍ଷଣ କେନ୍ଦ୍ର ଅପରିଷ୍କାର ହୋଇ ପଡିଛି। କେନ୍ଦ୍ରରେ ଆଲୁଅର ବ୍ୟବସ୍ଥା ନାହିଁ। କେଉଁ ବର୍ଗର କେତେ ରକ୍ତ ସଂରକ୍ଷଣ ହୋଇଛି ତାହାର ବିବରଣୀ, କେନ୍ଦ୍ର କର୍ମଚାରୀଙ୍କ ଫୋନ ନମ୍ବର ସୂଚନା ଫଳକରେ ମଧ ପ୍ରଦାନ କରାଯାଇ ନାହିଁ। ଦାବିପତ୍ର ପ୍ରଦାନ ସମୟରେ ସୁବର୍ଣ୍ଣପୁର ରକ୍ତଦାତା ମହାସଂଘ ସଭାପତି ଶିବ ଶଙ୍କର ନାଏକ, ଦୁର୍ଯ୍ୟୋଧନ ମେହେର, ସୁଶାନ୍ତ ଭୋଇ, କୁଶ ବଘାର, ଦିଲୀପ ପଧାନ, ଅରୁଣ ମେହେର, ଦୟାନିଧି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସରଜମିନ ତଦନ୍ତ କଲେ ତହସିଲଦାର

ବିନିକା,୩୦।୧୦(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ସିନ୍ଧୁରପୁର ଆର୍‌ଆଇ ସର୍କଲ ଅଧୀନ ସର୍ଗୁଣା ମୌଜାରେ ଥିବା ସଂରକ୍ଷିତ ସରକାରୀ ଜମି ଜବରଦଖଲକୁ ଚାଲି ଯାଇଛି। ଉକ୍ ଜବରଦଖଲ ଜମିରେ ଛୋଟ ବଡ କାରଖାନା ଗଢି ଉଠିଛି। ଏ ନେଇ ସର୍ଗୁଣା ଗ୍ରାମବାସୀ ଗତ ତା୨।୯।୨୦୨୧ରିଖରେ ଜିଲାପାଳ ଓ ଗତ ଅକ୍ଟୋବର ୨୩ ତାରିଖରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଏବଂ ତହସିଲଦାର ଅଲେଖ ଘୁଟାଙ୍କୁ ଭେଟି ବିହିତ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ଏହି ଅଭିଯୋଗର ସରଜମିନ ତଦନ୍ତ ପାଇଁ ଶନିବାର ତହସିଲଦାର ଅଲେଖ ଘୁଟା, ବିନିକା ରାଜସ୍ୱ ବିଭାଗ ସୁପରଭାଇଜର ନୀଳମଣି କୁଅଁର, ସିନ୍ଧୁରପୁର ରାଜସ୍ୱ ନିରୀକ୍ଷକ ବିବେକା ତ୍ରିପାଠୀ ଓ ବିନିକା କୋର୍ଟ ଅମିନ ଜବରଦଖଲ ହୋଇଥିବା ସରକାରୀ ଜମି ପ୍ଲଟ ନଂ-୭୨୪ ଓ ପ୍ଲଟ ନଂ.୭୨୫ର ମାପଚୁପ କରିଥିଲେ। ତଦନ୍ତରୁ ଜଣାପଡିଥିଲା ଯେ, ପ୍ଲଟ ନଂ-୭୨୪ର କିସମ ହେଉଛି ଯାତାୟତ ରାସ୍ତା। ରାସ୍ତାର ଅର୍ଦ୍ଧାଧିକ ଅଂଶରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ଆମ୍ବଗଛ ଆଦି ରୋପଣ କରି ଅକ୍ତିଆର କରିଛନ୍ତି। ଫଳରେ ଯାତାୟାତରେ ସମସ୍ୟା ହେଉଛି। ଏଥିସହିତ ଜବରଦଖଲ ଅଭିଯୋଗ ହୋଇଥିବା ପ୍ଲଟ ନଂ-୭୨୫ର ବିସରଜମିନ ତଦନ୍ତ କରାଯାଇଥିଲା। ସାତଦିନ ପରେ ତହସିଲ ପକ୍ଷରୁ ପୁଣି ଥରେ ସରଜମିନ ତଦନ୍ତ କରାଯିବ ବୋଲି କୁହାଯାଇଛି। ଏ ନେଇ ତହସିଲଦାର ଘୁଟାଙ୍କୁ ପଚାରିବାରୁ ଅଭିଯୋଗ ଆଧାରରେ ସର୍ଗୁଣା ମୌଜାର ସରକାରୀ ଜମି ଜବରଦଖଲ ହୋଇଥିବା ଜମିର ସରଜମିନ ତଦନ୍ତ କରାଯାଇଛି । ଖୁବଶୀଘ୍ର ଜବରଦଖଲ ହୋଇଥିବା ଜମି ଚିହ୍ନଟ କରାଯିବ ବୋଲି କହିଛନ୍ତି।



ସରଜମିନ ତଦନ୍ତ ସ୍ଥଳରେ ରାଜସ୍ୱ ବିଭାଗ ଓ ଗ୍ରାମବାସୀ ।

**ସଂରକ୍ଷିତ ସରକାରୀ ଜମି ଜବରଦଖଲ ଘଟଣା**

### ଯୁବ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର

ଅମରପାଲି,୩୦।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜଲା ବୀରମହାରାଜପୁର ବ୍ଲକ ସୁବଳୟା କଲେଜରେ ତିନିଦିନ ଧରି ଚାଲିଥିବା ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ପୂର୍ବତନ ଉଚ୍ଚଶିକ୍ଷା ପରାମର୍ଶଦାତା ଡ.ପ୍ରଫୁଲ୍ଲ କୁମାର ରଥ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କଲେଜ ଅଧକ୍ଷ ଭୋଲାନାଥ କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଯୁବ ରେଡକ୍ରସ ପରାମର୍ଶଦାତା ବିଜୟ ପୁରୋହିତ ଉଦଯାପନୀ ସଙ୍ଗୀତ ଗାନ କରିଥିଲେ। ଶିବିରରେ ବିଭିନ୍ନ କଲେଜର ପ୍ରାୟ ୨୫ଜଣ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ସ୍ୱେଚ୍ଛାସେବୀଙ୍କୁ ମୁଖ୍ୟଅତିଥି ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ବିପର୍ଯ୍ୟୟ ପରିଚାଳନା ପାଇଁ ଡ.ସତ୍ୟନାରାୟଣ ହୋତା, ରକ୍ତଦାନ ଓ ଏଡସ ସଚେତନତା ପାଇଁ ଡ.ଆନନ୍ଦ କୁମାର ସାହୁ, ରେଡକ୍ରସର ଇତିହାସ ବିଷୟରେ ଆଧାପକ ରମାକାନ୍ତ ନାଗ ଏବଂ ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରାଥମିକ ସହାୟକ ପ୍ରଶିକ୍ଷକ ଉଦ୍ଧବ ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ଆଶୁତୋଷ ହୋତା, ସୟିତ ତଫିସୁର ରହମାନ, କିଶୋର ସାହୁ ଓ ସୁଦାମ ମହାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**OFFICE OF THE REGULATED MARKET COMMITTEE, BALASORE**

At: Bamapada, P.O.- Chhanpur, Via: Kuruda, Dist.- Balasore, PIN - 756056 Email ID: rmcbalasore123@gmail.com, Ph.: 06782-255605

Quotation No. 550 Date: 29.10.2021

**QUOTATION CALL NOTICE**

Quotation Call Notice for procurement of grading equipments required for the R.M.C., Balasore & R.M.C., Jaleswar i.e. Electronic Weighing Scale of 300 Kg. capacity, Digital Moisture Meter, Analysis Kit Box, Sample Divider, Set of Sieves & Parkhee etc. for use in paddy procurement operation. The further details of the Quotation Call Notice can be seen from the official website of Balasore District **https://baleshwar.nic.in**.

Sd./- Sub-Collector, Balasore-cum-Chairman, RMC, Balasore & Jaleswar

**ବିଜ୍ଞପ୍ତି ନଂ. – ୦୧**

ତା.୨୬।୧୦।୨୦୨୧

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉକ୍ତ ବିଜ୍ଞପ୍ତି ଜାରି କରାଯାଉଛି ଯେ, ମିଳିତ କୋଇଲା ଟ୍ରକ୍ ମାଲିକ ସଂଘ (UCTOA), ସୁନ୍ଦରଗଡ଼ର ସର୍ବସମ୍ମତ ନିଷ୍ପତ୍ତି କ୍ରମେ BS-6 ନୂତନ ଗାଡ଼ି କ୍ରୟ ନ କରିବାକୁ ଅନୁରୋଧ । ବାର ଚକିଆ ଓ ଚଉଦ ଚକିଆ ଗାଡ଼ି ମାଲିକମାନଙ୍କ ସାମୂହିକ ସମସ୍ୟାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି । ଏ ନିଷ୍ପତ୍ତି ତା୨୬।୧୦।୨୦୨୧ (Cut off date) ଭାବେ ଲାଗୁ କରାଯିବ । ଉକ୍ତ ତାରିଖପରେ ଯେଉଁମାନେ ନୂତନ ଭାବେ ଗାଡ଼ି କ୍ରୟ କରିବେ, ସେହି ଗାଡ଼ିଗୁଡ଼ିକୁ ଲୋଡିଂ ପାଇଁ ଏଣ୍ଟ୍ରି ପାସ୍ ଦିଆଯିବ ନାହିଁ । କେବଳ ବିସ୍ଥାପିତ ଖଣି ଅଞ୍ଚଳର ନୂତନ ଗାଡ଼ି ମାଲିକ ସୃଷ୍ଟି ସକାଶେ ଜଣକା ୫ ଖଣ୍ଡ ଗାଡ଼ିରୁ ଅଧିକ ଗାଡ଼ି କ୍ରୟ କରିପାରିବେ ନାହିଁ । ବର୍ତ୍ତମାନର ଗାଡ଼ି ମାଲିକ ଓ ଗାଡ଼ି ପରିସ୍ଥିତିକୁ ଅନୁଧ୍ୟାନ କରି ଏଭଳି ନିଷ୍ପତ୍ତି ଅସ୍ଥାୟୀ ଭାବେ ନିଆଗଲା ।

**ବିଜ୍ଞପ୍ତି ନଂ. – ୦୨**

ତା୨୬।୧୦।୨୦୨୧

ଏତଦ୍ଦ୍ୱାରା ସମସ୍ତ ଟ୍ରକ୍ ମାଲିକ ସଂଘ, ସମସ୍ତ ପରିବହନ ସଂସ୍ଥା ଓ ବସୁନ୍ଧରା କ୍ଷେତ୍ରର ସମସ୍ତ ଗାଡ଼ି ମାଲିକମାନଙ୍କୁ ଜଣାଇ ଦିଆଯାଉଛି ଯେ, ମିଳିତ କୋଇଲା ଟ୍ରକ୍ ସଂଘ ସୁନ୍ଦରଗଡ଼ଙ୍କ ସର୍ବସମ୍ମତ ନିଷ୍ପତ୍ତି କ୍ରମେ ନୂତନ ରେଟ୍ ଓ କ୍ରମାନ୍ୱୟରେ ଗାଡ଼ି ଏଣ୍ଟ୍ରି ଆସନ୍ତା ୧ ନଭେମ୍ବର ଦିନଠାରୁ ଲାଗୁ ହେବ ।

(ବଟ କିଶୋର ମିଶ୍ର)
ସଂଯୋଜକ
ମିଳିତ କୋଇଲା ଟ୍ରକ୍ ସଂଘ, ସୁନ୍ଦରଗଡ଼

# ପେନ୍‌ଚାକ୍ ସିଲାଟ ଚାମ୍ପିୟନଶିପ୍-୨୦୨୧ ଉଦ୍‌ଘାଟିତ

ବରଗଡ଼ ଅଫିସ୍,୩୦।୧୦

ବରଗଡ଼ କଲ୍ୟାଣ ମଣ୍ଡପରେ ରାଜ୍ୟସ୍ତରୀୟ ପେନଚାକ୍ ସିଲାଟ ଚାମ୍ପିୟନଶିପ୍-୨୦୨୧ ଶନିବାର ଉଦ୍‌ଘାଟିତ ହୋଇଛି। ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଏବଂ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ କିଶୋର ମିଶ୍ର, ଜାପାନ ମହାପାତ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୫ ଜିଲାର ୨୦୦ ପ୍ରତିଯୋଗୀ ଭାଗନେବା କାର୍ଯ୍ୟକ୍ରମ ରହିଛି। ରାଜ୍ୟ ପେନଚାକ୍ ସିଲାଟ ଆଥଲେଟିକ ଆସୋସିଏଶନର ସଭାପତି ତାପସ ରାୟ ଚୌଧୁରୀ, ସାଧାରଣ ସମ୍ପାଦକ ପ୍ରେମ ସିଂ ଥାପା, ବରଗଡ଼ ଜିଲା ପେନଚାକ୍ ଆଥଲେଟିକ ଆସୋସିଏଶନ ସଭାପତି ଅଭିରାମ ନାୟକ, ସାଧାରଣ ସମ୍ପାଦକ ଆଶୁତୋଷ ନାୟକ ପ୍ରମୁଖ ଉପସ୍ଥିତ ରହି ଉଦଘାଟନୀ ସମାରୋହ ପରିଚାଳନା କରିଥିଲେ। ରୂପଶ୍ରୀ ପଣ୍ଡା, ପ୍ରଶାନ୍ତ କୁମାର ତ୍ରିପାଠୀ, କ୍ଷୀରୋଦ୍ର ଶତପଥି, ନିହାର ରଞ୍ଜନ ପଣ୍ଡା, ଏସ୍. ରାଜନ, ମନୋରଞ୍ଜନ ମେହେର, ଶିଖା ତ୍ରିପାଠୀ, ବିନ୍ଦୁ ରାଜନ, ସୁଜାତା ଦାଶ, ନିରୁପମା ଦାଶ ସହଯୋଗ କରିଥିଲେ।

# ସିବିଆଇ ତଦନ୍ତ ଦାବିରେ ଥାନା ଘେରାଉ

ଅମରପାଲି,୩୦।୧୦(ଡି.ଏନ.ଏ.)

ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ଶନିବାର ଭାଜପା କର୍ମକର୍ତ୍ତାମାନେ ବୀରମହାରାଜପୁର ଓ ସୁବଳୟା ଥାନା ଘେରାଉ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉଭୟ ଥାନାଅଧିକାରୀଙ୍କ ମାଧମରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ହତ୍ୟାକାଣ୍ଡର ଅଭିଯୁକ୍ତ ଗୋବିନ୍ଦ ସାହୁ ଫାଶି ଦେବା ସହିତ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ଏହା ସହିତ ଉକ୍ତ ଘଟଣାରେ ସମ୍ପୃକ୍ତି ଅଭିଯୋଗ ହେଉଥିବାରୁ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ, ଭାଜପା ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାଶ, ଦଳ ଉପସଭାପତି ନଳିନୀ ପଣ୍ଡା, ବରିଷ୍ଠ ନେତା ରଘୁନାଥ ଜଗଦଲା, କିଶୋର ହୋତା, ସୁମନ୍ତ ଜଗଦଲା,ରଶ୍ମିତା ଷଡଙ୍ଗୀ, ରାଧାକାନ୍ତ ପଣ୍ଡାଙ୍କ ସହିତ ସୁବଳୟା ଓ ବୀରମହାରାଜପୁର ମଣ୍ଡଳ ଭାଜପା କର୍ମୀ ଯୋଗଦେଇ ଥାନା ଘେରାଉ କରିଥିଲେ।

**ମମିତା ମେହେର ହତ୍ୟାକାଣ୍ଡ**



ବୀରମହାରାଜପୁର ଥାନାରେ ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା**

(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ସଂଖ୍ୟା: ୪୫୭ ତାରିଖ: ୨୯।୧୦।୨୦୨୧

**ବିଜ୍ଞାପନ**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଏକ ପରିତ୍ୟକ୍ତ ଶିଶୁକୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଝାରସୁଗୁଡ଼ାଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଛି । ଉକ୍ତ ଶିଶୁଟିର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ବିଜ୍ଞାପନ ପ୍ରକାଶନଠାରୁ ୩୦ ଦିନ ମଧରେ ନିମ୍ନ ଠିକଣାରେ ଯୋଗାଯୋଗ କରିବା ପାଇଁ ଅନୁରୋଧ । ଯଦି ଉପରୋକ୍ତ ସମୟସୀମା ମଧ୍ୟରେ ଏହି ଶିଶୁଟିର ପିତାମାତା/ଅଭିଭାବକ ବା ଆଇନସିଦ୍ଧ ଦାବିଦାର ନ ମିଳନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଓ ପୋଷ୍ୟ ସନ୍ତାନ ବ୍ୟବସ୍ଥା ନିୟମାବଳୀ ୨୦୧୭ ଅନୁଯାୟୀ ପୋଷ୍ୟଯୋଗ୍ୟ ବୋଲି ବିବେଚିତ କରାଯିବ ।

**ଯୋଗାଯୋଗ କରିବାର ଠିକଣା:**

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା, ଫୋନ୍: ୦୬୬୪୫-୨୭୦୫୭୦ କିମ୍ବା ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ଝାରସୁଗୁଡ଼ା, ଫୋନ୍: ୯୪୩୭୧୫୮୬୦୭ କିମ୍ବା ରଞ୍ଜିତା ତନ୍ତି, ମ୍ୟାନେଜର, ମର୍ସି ମେମୋରିଆଲ ଶିଶୁ ଗୃହ (ଡାନିଏଲସ୍) ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବ୍ରଜରାଜନଗର, ଝାରସୁଗୁଡ଼ା, ଫୋନ୍: ୭୯୭୮୬୨୩୩୫୨/୯୧୭୮୭୫୩୩୪୪ ।

| ଦିଆଯାଇ ଥିବା ନାମ | ଲିଙ୍ଗ/ ବୟସ | ଶିଶୁ ମଙ୍ଗଳ କମିଟି କେସ୍ ନଂ./ ଆଦେଶ ନଂ. | ଉଦ୍ଧାର ସ୍ଥାନ, ତାରିଖ | ଅବସ୍ଥାନ କରୁଥିବା ଅନୁଷ୍ଠାନ | ଫଟୋ |
|---|---|---|---|---|---|
| ସମ୍ଭବ | ପୁଅ (ପ୍ରାୟତଃ ୧ ମାସ) | ୧୧୦୩/୨୦୨୧ ୨୨।୧୦।୨୦୨୧ | ପୋଷ୍ୟ ସନ୍ତାନ କେନ୍ଦ୍ର, ଝାରସୁଗୁଡ଼ା ଶିଶୁ ଝୁଲଣା ତା୨୨।୧୦।୨୦୨୧ | ମର୍ସି ମେମୋରିଆଲ ଶିଶୁ ଗୃହ (ଡାନିଏଲସ) ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବ୍ରଜରାଜନଗର, ଝାରସୁଗୁଡ଼ା |  |

ଜିଲ୍ଲାପାଳ, ଝାରସୁଗୁଡ଼ା